


**ଦିବ୍ୟା ମହିଳା ଚେସ୍ ବିଶ୍ୱକପ୍ ଚାମ୍ପିଅନ୍**

▶କ୍ରୀଡ଼ା ପୃଷ୍ଠାରେ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
# THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-35 ◆TUESDAY ◆29 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୫ ◆ମଙ୍ଗଳବାର ◆୨୯ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


**ସାହାରା ଇଣ୍ଡିଆ ଜମି ଦୁର୍ନୀତି**

## ୧୦୦୦ କୋଟିର ଜମିକୁ ୧୨୦ କୋଟିରେ ବିକିଦେଲେ

■ **ଭୋପାଳ,୨୮ ।୭ (ଏଜେନ୍ସି):** ମଧ୍ୟପ୍ରଦେଶରେ ସାହାରା ଇଣ୍ଡିଆର ଜମି ବିକ୍ରି କ୍ଷେତ୍ରରେ ହୋଇଛି ବଡ଼ ଧରଣର ଦୁର୍ନୀତି । ଏଥିରେ ସାହାରାର ୫୦୦ ଏକର ଜମିରେ ୭୩ କୋଟି ଟଙ୍କାର ଠକେଇ ମାମଲା ସାମ୍ନାକୁ ଆସିଛି । ଏହି ମାମଲାରେ, ଇଓଡବ୍ଲ୍ୟୁ ସାହାରାର ପୂର୍ବତନ ମୁଖ୍ୟ ସୁବ୍ରତ ରୟଙ୍କ ପୁଅ ସୀମାନ୍ତ ରୟଙ୍କ ବିରୋଧରେ ମାମଲା ରୁଜୁ କରିଛି । ଏଥିରେ ସାହାରା ପରିଚାଳନାର ଅନେକ ବରିଷ୍ଠ ଅଧିକାରୀଙ୍କୁ ମଧ ଅଭିଯୁକ୍ତ ଭାବେ ଦର୍ଶାଯାଇଛି । କୁହାଯାଉଛି ଯେ ଏଥିରେ ପାଖାପାଖି ୧୦୦୦ କୋଟି ଟଙ୍କା ମୂଲ୍ୟର ଜମିକୁ

**ସୁବ୍ରତ ରୟଙ୍କ ପୁଅ ବିରୋଧରେ ମାମଲା ରୁଜୁ କଲା ଇଓଡବ୍ଲ୍ୟୁ**

୧୨୦ କୋଟି ଟଙ୍କାରେ ବିକ୍ରି କରିଦିଆଯାଇଛି । ଏହି ଜମି ବିକ୍ରି ଭୋପାଳ, ଜବଲପୁର, କଟନୀ, ସାଗର ଏବଂ ଗ୍ୱାଲିଅରରେ ହୋଇଛି । ଜମି ବିକ୍ରି ବାବଦ ଅର୍ଥକୁ ସାହାରା ଗ୍ରୁପର ବିଭିନ୍ନ ସହଯୋଗୀ କମ୍ପାନୀର ଆକାଉଣ୍ଟକୁ ସ୍ଥାନାନ୍ତର କରାଯାଇଥିବା ଅଭିଯୋଗ ହୋଇଛି ।

ଏହି ଘଟଣାରେ ଆଇପିସିର ଧାରା ୪୨୦ ଏବଂ ୧୨୦ବି ଅଧୀନରେ ସାହାରା ଇଣ୍ଡିଆ, ସାହାରା ପ୍ରାଇମ୍ ସିଟି ଲିମିଟେଡ୍, ସୀମାନ୍ତୋ ରୟ (କର୍ପୋରେଟ୍ କେଣ୍ଟ୍ରାଲ ମ୍ୟାନେଜମେଣ୍ଟ), ଜେବି ରୟ(ଡିଜିଏମ୍-ଡିଏମ୍ଡବ୍ଲ୍ୟୁ) ଓପି ଶ୍ରୀବାସ୍ତବ (ଡେପୁଟି ମ୍ୟାନେଜିଂ ୱାର୍କର) ଏବଂ ▶ପୃଷ୍ଠା-୭

**ଅପରେସନ ମହାଦେବ**

## ପହଲଗାମ ଆକ୍ରମଣର ମାଷ୍ଟରମାଇଣ୍ଡ ମୁସା ନିହତ

■ **ଶ୍ରୀନଗର, ୨୮ ।୭ (ଏଜେନ୍ସି):** ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେଇଛି ଭାରତୀୟ ସେନା । ଶ୍ରୀନଗର ଲିଡବାସ ଅଞ୍ଚଳରେ ଲୁଚିଥିବା ୩ ପାକିସ୍ତାନୀ ଆତଙ୍କବାଦୀଙ୍କୁ ନିପାତ କରାଯାଇଛି । ମୃତ ଆତଙ୍କବାଦୀଙ୍କ ମଧ୍ୟରେ ପହଲଗାମ ଆକ୍ରମଣର ମାଷ୍ଟରମାଇଣ୍ଡ ସୁଲେମାନ ଶାହା ଓରଫ ହାସିମ ମୁସା ସାମିଲ ରହିଛି । 'ଅପରେସନ ମହାଦେବ' ଜରିଆ।ରେ ଭାରତୀୟ ସେନାକୁ ଏହି ସଫଳତା ମିଳିଛି ବୋଲି ସେନା ଅଧିକାରୀମାନେ କହିଛନ୍ତି । ଅନ୍ୟ ଆତଙ୍କବାଦୀଙ୍କୁ ଚିହ୍ନଟ ପାଇଁ ପ୍ରୟାସ କରାଯାଉଛି । ଜଣେ ଆତଙ୍କବାଦୀ ୨୦୨୪ର ସୋନମାର୍ଗ ସୁଡ଼ଙ୍ଗ ପ୍ରକଳ୍ପ ଉପରେ ହୋଇଥିବା ଆକ୍ରମଣରେ ସାମିଲ ଥିବା କୁହାଯାଉଛି । ଆତଙ୍କବାଦୀଙ୍କ ନିକଟରୁ ଆମେରିକାର ଏମ୍-୪ କାର୍ବାଇନ, ଏକେ-୪୭, ୧୭ ରାଇଫଲ ଏବଂ ଗ୍ରେନେଡ ମିଳିଛି । ଆଉ କିଛି ସନ୍ଦେହଜନକ ସାମଗ୍ରୀ ମଧ ଜବତ କରାଯାଇଛି । ସୁଲେମାନ ଶାହା ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବାର ସଦସ୍ୟ ଥିଲା । ସେ ପାକିସ୍ତାନ ସେନାର ଏଲିଟ ୟୁନିଟ ସ୍ପେସିଆଲ ସର୍ଭିସ ଗ୍ରୁପ ▶ପୃଷ୍ଠା-୭



**ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ମାମଲା**

# ଇସିଙ୍କ ଉପରେ ସୁପ୍ରିମକୋର୍ଟ କ୍ଷୁବ୍ଧ

### ଆଧାର କାର୍ଡ, ଭୋଟର ପରିଚୟପତ୍ରକୁ ପ୍ରମାଣ ରୂପେ ଗ୍ରହଣ କରିବାକୁ ନିର୍ଦ୍ଦେଶ

■ **ନୂଆଦିଲ୍ଲୀ, ୨୮ ।୭ (ଏଜେନ୍ସି):** ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ସ୍ପେସିଆଲ ଇଣ୍ଟେନସିଭ୍ ରିଭିଜନ (ଏସଆଇଆର)କୁ ନେଇ ବିବାଦ ଥମିବାର ନାଁ ଧରୁନାହିଁ । ସଂସଦରେ ଏହାକୁ ନେଇ ଅଚଳାବସ୍ଥା ଲାଗି ରହିଥିବା ବେଳେ ଏହି ମାମଲା ଉପରେ ଆଜି ସୁପ୍ରିମ କୋର୍ଟରେ ଶୁଣାଣି ହୋଇଛି । ନିର୍ବାଚନ କମିସନ ଚଳାଇଥିବା ଏହି ପ୍ରକ୍ରିୟା ଉପରେ ରୋକ୍ ଲଗାଇବାକୁ ସର୍ବୋଚ୍ଚ ଅଦାଲତ ମନା କରିଦେଇଛନ୍ତି । ତେବେ ସଂଶୋଧନ ପ୍ରକ୍ରିୟାରେ ଆଧାର କାର୍ଡ, ଭୋଟର ଆଇଡି ଏବଂ ରାସନ କାର୍ଡକୁ ପ୍ରମାଣପତ୍ର ରୂପେ ଗ୍ରହଣ କରିବା ଲାଗି କମିସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କମିସନଙ୍କ ଆଭିମୁଖ୍ୟରେ ଉଦ୍‌ବେଗ ପ୍ରକାଶ କରି କୋର୍ଟ କହିଛନ୍ତି ଯେ ଏହି ପ୍ରକ୍ରିୟାରେ



**ଜାଲିଆତି ସଂପର୍କରେ ନିର୍ବାଚନ କମିସନଙ୍କ ଯୁକ୍ତି ଅଗ୍ରାହ୍ୟ**

**ଭୋଟର ତାଲିକା ସଂଶୋଧନକୁ ବି ରଦ୍ଦ କରିପାରିବେ କୋର୍ଟ**

ଭୋଟରଙ୍କୁ କାଟିବା ଅପେକ୍ଷା ଅଧିକ ଭୋଟରଙ୍କୁ ସାମିଲ କରାଯିବା ଉଚିତ ।

ଆଜି ଶୁଣାଣି ବେଳେ କୋର୍ଟ ପ୍ରଶ୍ନ କରିଥିଲେ ଯେ ଭୋଟରଙ୍କୁ ଚିହ୍ନଟ କରିବା ପାଇଁ ଏହାର ଉତ୍ତର ଦେଇ ନିର୍ବାଚନ କମିସନଙ୍କ ପକ୍ଷରୁ କୁହାଯାଇଥିଲା ଯେ ରାସନ କାର୍ଡ ଉପରେ ବିଚାର କରାଯାଇପାରିବ ନାହିଁ । କାରଣ ବହୁସଂଖ୍ୟାରେ ରାସନ କାର୍ଡ ରହିଛି । ଏହାର ଜାଲିଆତି ହେବାର ସମ୍ଭାବନା ଅଧିକ । ମାମଲାର ଶୁଣାଣି କରୁଥିବା ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କମିସନଙ୍କ ଏଭଳି ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇ କହିଲେ ଯେ ବିଶ୍ୱରେ ଏମିତି କୌଣସି ପ୍ରମାଣପତ୍ର ନାହିଁ ଯାହାର ନକଲ ହୋଇପାରିବନାହିଁ । ଏପରି ସ୍ଥଳେ ୧୧ ପ୍ରମାଣପତ୍ରକୁ ତାଲିକାଭୁକ୍ତ କରିବାର ଆଧାର କ'ଣ ବୋଲି ସେ ପଚାରିଥିଲେ । ଆଧାର କାର୍ଡ ଏବଂ ଭୋଟର ଆଇଡି କାର୍ଡ (ଇପିଆଇସି)କୁ ବୈଧ ପ୍ରମାଣପତ୍ର ଭାବେ ଅନୁମତି ଦେବାର ଆବଶ୍ୟକତା ରହିଥିବା କୋର୍ଟ କହିଛନ୍ତି । ଏ ନେଇ ବିଚାର କରିବାକୁ ଇସିଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହା ଉପରେ ମଙ୍ଗଳବାର ୧୦.୩୦ ସୁଦ୍ଧା ନିଷ୍ପତ୍ତି ଜଣାଇବାକୁ କହିଛନ୍ତି । କୋର୍ଟ କହିଥିଲେ ଯେ ଭୋଟର ପରିଚୟ ପତ୍ର ସ୍ୱୟଂ କମିସନ ଜାରି କରିଛନ୍ତି । ଏହା କେମିତି ଜାଲ୍ ହୋଇପାରିବ ?

ଶୁଣାଣି ସମୟରେ କମିସନଙ୍କ ପକ୍ଷରୁ ଯୁକ୍ତି କରାଯାଇଥିଲା ଯେ ଆଧାର କାର୍ଡ ନାଗରିକତାର ପ୍ରମାଣ ନୁହେଁ । ଜାଲ୍ ରାସନ କାର୍ଡ କଥା ମଧ ଉଠାଇଥିଲେ । ତେବେ ଆଧାରକୁ ପରିଚୟ ପ୍ରମାଣପତ୍ର ଭାବେ ବ୍ୟବହାର କରିହେବ ବୋଲି କହିଥିଲା । ଏହି ନମ୍ବର ପଞ୍ଜୀକରଣ ଫର୍ମରେ ଥିବା ଦର୍ଶାଇଥିଲେ । ଏହି ଯୁକ୍ତିରେ ବିସଙ୍ଗତି ଦର୍ଶାଇ ସୁପ୍ରିମକୋର୍ଟ କହିଥିଲେ ଯେ ଯଦି କମିସନଙ୍କ ନିଜସ୍ୱ ତାଲିକାରେ ଥିବା କୌଣସି ▶ପୃଷ୍ଠା-୭

**ଲୋକସଭାରେ ପହଲଗାମ, ଅପରେସନ ସିନ୍ଦୂର ବିତର୍କ**

# ବିରୋଧୀ-ଶାସକ ମୁହାଁମୁହିଁ

■ **ନୂଆଦିଲ୍ଲୀ, ୨୮ ।୭:** ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଏବଂ ଏହାର ଜବାବରେ ପାକିସ୍ତାନ ବିରୋଧରେ ହୋଇଥିବା ଅପରେସନ ସିନ୍ଦୂର ଉପରେ ଆଜି ଲୋକସଭାରେ ୧୬ ଘଣ୍ଟିଆ ସ୍ୱତନ୍ତ୍ର ଆଲୋଚନା ଆରମ୍ଭ ହୋଇଛି । ଆଲୋଚନା ବେଳେ ସରକାର ଓ ବିରୋଧୀ ଦଳ ମୁହାଁମୁହିଁ ହୋଇଛନ୍ତି । ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ଅପରେସନ ସିନ୍ଦୂର ସଫଳ ହୋଇଛି ଏବଂ କାହାରି ଚାପରେ ଏହାକୁ ବନ୍ଦ କରାଯାଇ ନାହିଁ । ଅନ୍ୟପକ୍ଷରେ ସରକାରଙ୍କୁ ଟାର୍ଗେଟ କରି ବିରୋଧୀ ପହଲଗାମ ଆକ୍ରମଣ ପାଇଁ ସରକାରଙ୍କୁ ଦାୟୀ କରିଛନ୍ତି ।



**ଗୃହରେ ୧୬ ଘଣ୍ଟିଆ ଆଲୋଚନା ଆରମ୍ଭ**

**୨୨ ମିନିଟରେ ସଫଳତା ମିଳିଲା: ରାଜନାଥ**

**ମୋଦୀ-ଟ୍ରମ୍ପ ଆଲୋଚନା ହୋଇନି: ଜୟଶଙ୍କର**

**ଆକ୍ରମଣ ରୋକିବାରେ ସରକାର ବିଫଳ ହେଲେ କାହିଁକି: ଗୋଗୋଇ**

ଆଲୋଚନା ଆରମ୍ଭ କରି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଲେ ଯେ ମେ ୭ ତାରିଖରେ ପାକିସ୍ତାନ ବିରୋଧରେ ଅପରେସନ ସିନ୍ଦୂର ନାମରେ ହୋଇଥିଲା ସାମରିକ କାର୍ଯ୍ୟାନୁଷ୍ଠାନ । ୨୨ ମିନିଟ ମଧ୍ୟରେ ଭାରତୀୟ ସେନାକୁ ମିଳିଥିଲା ସଫଳତା । ପାକିସ୍ତାନରେ ଥିବା ୯ଟି ଆତଙ୍କବାଦୀ ▶ପୃଷ୍ଠା-୭

**ମୁଖ୍ୟମନ୍ତ୍ରୀଙ୍କୁ ଉପବାଚସ୍ପତିଙ୍କ ଚିଠି**

## ରାଜ୍ୟରେ ବଢୁଛି ସଂଗଠିତ ଅପରାଧ

■ **ଭୁବନେଶ୍ୱର,୨୮ ।୭ (ସମିସ):** ରାଜ୍ୟରେ ବଢୁଥିବା ସଂଗଠିତ ଅପରାଧକୁ ନେଇ ବିଧାନସଭା ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଚିନ୍ତା ପ୍ରକଟ କରିଛନ୍ତି । ଜମି ହଡ଼ପ, ଚାନ୍ଦା ଆଦାୟ, ସୁପାରୀ ହତ୍ୟା, ବେଆଇନ ଖଣି କାରବାର, ନିଶାଦ୍ରବ୍ୟ ଚାଲାଣ ଭଳି ଅପରାଧକୁ ରୋକିବା ପାଇଁ

**ଜମି ହଡ଼ପ, ଚାନ୍ଦା ଆଦାୟ, ସୁପାରୀ ହତ୍ୟା, ବେଆଇନ ଖଣି କାରବାର, ନିଶାଦ୍ରବ୍ୟ ଚାଲାଣ ବଢୁଛି**

**ଉତ୍ତର ପ୍ରଦେଶ, ମହାରାଷ୍ଟ୍ର ପରି ଗ୍ୟାଙ୍ଗଷ୍ଟର୍ ନିରୋଧ ଭଳି ଆଇନ ଆଣିବାକୁ ଦେଲେ ଲିଖିତ ପ୍ରସ୍ତାବ**



ରାଜ୍ୟରେ ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ର ଭଳି ଗ୍ୟାଙ୍ଗଷ୍ଟର୍ ନିରୋଧ ଆଇନ ଆଣିବା ପାଇଁ ଶ୍ରୀ ଭୋଇ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଛନ୍ତି । ▶ପୃଷ୍ଠା-୭

## ଖସୁଛି ପାଣି; ବଢୁଛି ଦୁର୍ଦ୍ଦଶା

■ **ଭୁବନେଶ୍ୱର, ୨୮ ।୭ (ସମିସ):** ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ସୁବର୍ଣ୍ଣରେଖା, ବୈତରଣୀ ଓ ଜଳକା ନଦୀରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି । ଫଳରେ ଉତ୍ତର ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପ୍ରଭାବିତ ହୋଇଛି । ତେବେ ଦୁଇ ଦିନ ହେବ ରାଜ୍ୟରେ ବର୍ଷା କମିବା ଯୋଗୁଁ ନଦୀରେ ଜଳସ୍ତର କମୁଥିଲେ

**ଖସୁଛି ସବୁ ନଦୀର ଜଳସ୍ତର**

**ଗାଁରୁ ସମ୍ପୂର୍ଣ୍ଣ ପାଣି ଛାଡ଼ିବାକୁ ଆହୁରି ୪୮ ଘଣ୍ଟା ଲାଗିବ**

**ପାଣି ଛାଡ଼ିବା ପରେ କ୍ଷୟକ୍ଷତି ଆକଳନ: ରାଜସ୍ୱ ମନ୍ତ୍ରୀ**

ମଧ ବଢ଼ିପାଣି ଯୋଗୁଁ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି । ସୁବର୍ଣ୍ଣରେଖା ନଦୀରେ ବନ୍ୟା ଯୋଗୁଁ ମୁଖ୍ୟତଃ ▶ପୃଷ୍ଠା-୭

## ଉଚ୍ଚଶିକ୍ଷା ବିଭାଗରେ ହ୍ୟାକର୍ ଆତଙ୍କ

### ରେଭେନ୍ସା ପରେ ବିଭାଗର ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ ହ୍ୟାକ୍

■ **ଭୁବନେଶ୍ୱର, ୨୮ ।୭ (ସମିସ):** ଉଚ୍ଚଶିକ୍ଷା ବିଭାଗକୁ ଘାରିଛି ହ୍ୟାକର୍ ଆତଙ୍କ । ରବିବାର ଐତିହାସିକ ରେଭେନ୍ସା ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍ ହ୍ୟାକ୍ ହୋଇଥିବାବେଳେ ସୋମବାର ଉଚ୍ଚଶିକ୍ଷା ବିଭାଗର ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟକୁ ହ୍ୟାକ୍ କରି ଏକାଧିକ ଅଶ୍ଳୀଳ ଓ ବେଟିଂ ଭିଡିଓ ପୋଷ୍ଟ କରିବାରେ ସଫଳ ହୋଇଛନ୍ତି ହ୍ୟାକର୍ । ତେବେ ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଇ ପୋଷ୍ଟଗୁଡ଼ିକୁ ଡିଲିଟ୍ କରାଯାଇଛି ।



ବିଭିନ୍ନ ସମୟରେ ୱେବସାଇଟ୍ ଓ ବିଭିନ୍ନ ସାମାଜିକ ଗଣମାଧ୍ୟମ ସାଇଟ୍ ହ୍ୟାକ୍ ହେଉଥିବାରୁ ଛାତ୍ରଛାତ୍ରୀଙ୍କ ତଥ୍ୟ କେତେ ସୁରକ୍ଷିତ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ସୋମବାର ସକାଳ ପ୍ରାୟ ୬.୩୦ରେ ବିଭାଗର ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଏକ ଅଶ୍ଳୀଳ ଭିଡିଓ ସହ ବେଟିଂ ସାଇଟ୍ ଭିଡିଓ ପୋଷ୍ଟ ହୋଇଥିଲା । ଏହାର ୫ମିନିଟ୍ ମଧ୍ୟରେ ମୋଟ୍ ୪ଟି ବେଟିଂ ସାଇଟ୍ ପ୍ରୋମୋସନ୍ ▶ପୃଷ୍ଠା-୭

## ଅଗ୍ନିକାଣ୍ଡରେ ଜିଅନ୍ତା ଜଳିଗଲେ ଯୁବକ

■ **ଅନୁଗୋଳ,୨୮ ।୭ (ସମିସ):** ଅନୁଗୋଳ ଟାଉନ୍ ଥାନା ଅନ୍ତର୍ଗତ ଗୀତା ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ ଘଟି ଜଣେ ଯୁବକ ଜିଅନ୍ତା ଜଳିଯାଇଛନ୍ତି । ମୃତକ ହେଲେ, ଜୟପୁର ଅଞ୍ଚଳର ରାଧାମୋହନ ସାହୁଙ୍କ ପୁଅ ସରୋଜ ସାହୁ(୩୫) । ସୂଚନାନୁଯାୟୀ, ରବିବାର ସରୋଜ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା । ସରୋଜ ଘରେ ଏକାକୀ ଥିବା ବେଳେ ଛୁଆକୁ ନେଇ ସ୍ତ୍ରୀ କେଉଁଆଡ଼େ ଚାଲିଯାଇଥିଲେ । ସୋମବାର ଭୋର୍ ୪ଟାରେ ସରୋଜଙ୍କ ଘରେ ନିଆଁ ଲାଗିଥିବା ଦେଖି ପଡ଼ୋଶୀଘର ଲୋକେ ପୁଲିସ ଏବଂ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ସାଢ଼େ ୪ଟାରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରି ସରୋଜଙ୍କୁ ଉଦ୍ଧାର କରିଥିଲା । ତେବେ ସେତେବେଳକୁ ସରୋଜଙ୍କ ମୃତ୍ୟୁ ହୋଇସାରିଥିଲା । ତେବେ କେଉଁ ପରିସ୍ଥିତିରେ ସରୋଜଙ୍କ ମୃତ୍ୟୁ ଘଟିଲା ତାହା ଜଣାପଡ଼ିନାହିଁ । ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

## ଏସିଡ୍ ଆକ୍ରମଣରେ ଜୀବନ ହାରିଲା ଗାଈ

■ **ବ୍ରହ୍ମପୁର, ୨୮ ।୭ (ସମିସ):** ଏସିଡ୍ ଆକ୍ରମଣରେ ଆହତ ଗାଈ ଶେଷରେ ଛଟପଟ ହୋଇ ଜୀବନ ହାରିଛି । ଏନେଇ ମୃତ ଗାଈର ମାଲିକ ଟାଉନ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ବିଜିପୁର କେନାଲ ସାହିର ରୁନୁ ସେଠୀ ନିଜ ଫାର୍ମରେ କିଛି ଗାଈଙ୍କୁ ପାଳିଛନ୍ତି । କିଛି ଦିନ ପୂର୍ବରୁ ରୁନୁ ସେଠୀଙ୍କ ଗୋଟିଏ ଗାଈ ଓ ଏମ.ରାମକ୍ରିଷ୍ଣାଙ୍କ ୪ଟି ଗାଈ ମାରୁତିବିହାର ଅଞ୍ଚଳରେ ଚରୁଥିବା ବେଳେ ରାକେଶ କୁମାର ପଣ୍ଡାଙ୍କ ବାଡ଼ି ଭିତରେ ପଶିଯାଇଥିଲେ । ଏଥିରେ ରାଗିଯାଇ ରାକେଶ ଗାଈମାନଙ୍କ ଉପରେ ଏସିଡ୍ ଫୋପାଡ଼ି ଦେଇଥିଲେ । ଆକ୍ରମଣରେ ୫ଟି ଗାଈଙ୍କ ଶରୀରରେ ଗଭୀର କ୍ଷତ ହୋଇଥିଲା । ଉଭୟ ଗାଈ ▶ପୃଷ୍ଠା-୭

**ମାଲିକ ଥାନାର ଦ୍ୱାରସ୍ଥ**




## ଜିଲ୍ଲା ଅଲ୍ ବ୍ୟାଙ୍କ୍ ଗୋଲ୍ଡ ଅପ୍ରାଇଜର ୟୁନିଅନର ବୈଠକ



କୁଜଙ୍ଗ,୨୮।୭(ସମିସ): ଜିଲ୍ଲା ଅଲ୍ ବ୍ୟାଙ୍କ୍ ଗୋଲ୍ଡ ଅପ୍ରାଇଜର ୟୁନିଅନ୍, ଓଡ଼ିଶା ସ୍ୱର୍ଣ୍ଣକାର ସମାଜ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଗଣେଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ରାଜ୍ୟର ବିଭିନ୍ନ ଜିଲ୍ଲାର ଗୋଲ୍ଡ ଅପ୍ରାଇଜର ଓ ସ୍ୱର୍ଣ୍ଣକାର ବ୍ୟବସାୟୀ ଯୋଗଦେଇ ସ୍ୱର୍ଣ୍ଣକାର ପରିବାର ଓ ବ୍ୟାଙ୍କରେ ସୁନା ଗହଣା ମୂଲ୍ୟ ନିର୍ଦ୍ଧାରଣକାରୀଙ୍କ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଆଲୋକପାତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀବତ୍ସ ସାହୁ, ପ୍ରଦୀପ୍ତ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ନିରଞ୍ଜନ ସାହୁ, ସୁଦାମ ସାହୁ, ଦେବେନ୍ଦ୍ର ସାହୁ, ତପନ ସାହୁ, ରାମଚନ୍ଦ୍ର ସାହୁ, ବିଜୟ ସାହୁ, ଆଲୋକ ସାହୁ, ପ୍ରକାଶ ସାହୁ ଅଂଶଗ୍ରହଣ କରି ନିଜ ନିଜର ମତ ଦେଇଥିଲେ। ସାଧାରଣ ସମ୍ପାଦକ ଗୀତସ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ସମସ୍ତ ଜିଲ୍ଲାର ଅଳଙ୍କାର ବ୍ୟବସାୟୀ ଅଂଶଗ୍ରହଣ କରିଥିଲେ।

## ଭାରତୀୟ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରତିଯୋଗିତା ପାଇଁ ଆବେଦନ ଆହ୍ୱାନ

ଜଗତସିଂହପୁର, ୨୮।୭(ସମିସ): ଜାତୀୟ ମାନବାଧିକାର ଆୟୋଗଙ୍କ ପକ୍ଷରୁ ୨୦୧୫ରେ ମାନବାଧିକାର ଉପରେ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରତିଯୋଗିତା ଆରମ୍ଭ କରାଯାଇଥିଲା। ଚଳିତ ବର୍ଷ ଏହି ପ୍ରତିଯୋଗିତାର ୧୧ତମ ସଂସ୍କରଣ ପାଇଁ ଆୟୋଗ ପକ୍ଷରୁ ଯେକୌଣସି ବୟସ, ଗୋଷ୍ଠୀ ନିର୍ବିଶେଷରେ ଦେଶର ନାଗରିକଙ୍କଠାରୁ ଅନଲାଇନରେ ଆବେଦନ ଆହ୍ୱାନ କରାଯାଇଛି। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଷ୍ଠ ଚଳଚ୍ଚିତ୍ର ପାଇଁ ପୁରସ୍କାର ରାଶି ଯଥାକ୍ରମେ ୨ ଲକ୍ଷ, ୧ ଲକ୍ଷ ୫୦ ହଜାର ଓ ୧ ଲକ୍ଷ ଟଙ୍କା ରଖାଯାଇଛି। ଜୁରୀଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ଅଧିକ ତିନୋଟି ନଗଦ ପୁରସ୍କାର, ପ୍ରମାଣପତ୍ର ଓ ଟ୍ରଫି ସହିତ ସର୍ବାଧିକ ୪ଟି ଚଳଚ୍ଚିତ୍ରକୁ ୫୦ ହଜାର ଟଙ୍କା ନଗଦ ପୁରସ୍କାର ସହିତ ବିଶେଷ ଉଲ୍ଲେଖ ପ୍ରମାଣପତ୍ର ପ୍ରଦାନ କରିବାକୁ ମଧ୍ୟ ବିଚାର କରିପାରିବେ। ମାନବାଧିକାର ସଂସ୍କୃତି ଓ ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ସର୍ବନିମ୍ନ ୩ ମିନିଟ ଓ ସର୍ବାଧିକ ୧୦ ମିନିଟ ମଧ୍ୟରେ କ୍ଷୁଦ୍ର ଚଳଚ୍ଚିତ୍ର ଦେବା ଆବଶ୍ୟକ। ଏହି ନାଗରିକ କେନ୍ଦ୍ରିକ ପଦକ୍ଷେପରେ ଲୋକଙ୍କ ସର୍ବାଧିକ ଅଂଶ ଗ୍ରହଣକୁ ଏହାଦ୍ୱାରା ଉତ୍ସାହିତ କରାଯାଇପାରିବ। ଚଳଚ୍ଚିତ୍ର ହିନ୍ଦୀ, ଇଂରାଜୀ କିମ୍ବା ଯେକୌଣସି ଭାରତୀୟ ଭାଷାରେ ହୋଇପାରେ। ଆବେଦନର ଶେଷ ଦିବସ ଅଗଷ୍ଟ ୩୧ ତାରିଖ ରଖାଯାଇଛି। ଜିଲ୍ଲାର ଆଗ୍ରହୀ ବିଭିନ୍ନ ଅନୁଷ୍ଠାନ, ମହାବିଦ୍ୟାଳୟ, ନାଗରିକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ପଞ୍ଚାୟତ ଗୁଡ଼ିକ ପୋର୍ଟାଲ ବ୍ୟବହାର କରି ପ୍ରବେଶଗୁଡ଼ିକ ଅନଲାଇନରେ ପଠାଇ ପାରିବେ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ସର୍ବଭାରତୀୟ ପ୍ରତିଯୋଗିତାରେ ପାରାଦୀପ ଗଲ୍ଫ କ୍ଲବର ସଫଳତା



ପାରାଦୀପ,୨୮।୭(ସମିସ): ଚେନ୍ନାଇର ନଇଭେଲିଠାରେ ଚଳିତ ମାସ ୧୯ ଓ ୨୦ ତାରିଖ ଦୁଇଦିନ ଧରି ଆୟୋଜିତ ସର୍ବଭାରତୀୟ ଆମନ୍ତ୍ରଣୀୟ ଗଲ୍ଫ ପ୍ରତିଯୋଗିତା ସିଏମଡି ଟ୍ରଫି-୨୦୨୫ରେ ପାରାଦୀପ ବନ୍ଦର ଗଲ୍ଫ କ୍ଲବ (ପିଜିସି) ସଫଳତା ହାସଲ କରିଛି। ମନୋଜ ମହନ୍ତ, ଦୀପକ ଷଡଙ୍ଗୀ, ଦିଲ୍ଲୀପ ବେହେରା ଓ ରଞ୍ଜିତ ବୋମାଲି ଦଳଗତ ଭାବେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ଧର୍ମେନ୍ଦ୍ର ଦାସ ବ୍ୟକ୍ତିଗତ ଇଭେଣ୍ଟରେ ଦ୍ୱିତୀୟ ସ୍ଥାନ ବଜାୟ ରଖିଛନ୍ତି। ସର୍ବଭାରତୀୟ ପ୍ରତିଯୋଗିତାରେ ପାରାଦୀପ ଗଲ୍ଫ କ୍ଲବ୍‌ର ଏହା ପ୍ରଥମ ଦଳଗତ ସଫଳତା।

## ନଦୀକୁ ଡେଇଁ ଯୁବକ ନିଖୋଜ



ରାଜନଗର,୨୮।୭(ସମିସ): ଆଜି ରାତି ପ୍ରାୟ ୯ ଘଟିକା ସମୟରେ ନଦୀକୁ ଡେଇଁ ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ଘାଟ ନିକଟରେ ଗାଁର ଅନ୍ୟ ଲୋକମାନେ ବସିଥିବାବେଳେ ଚାଲି ଚାଲି ଆସି ଯୁବକ ଜଣଙ୍କ ନଦୀକୁ ଡେଇଁ ପଡ଼ିଥିଲେ। ସ୍ଥାନୀୟ ଲୋକେ ଓ ପୁଲିସ ବୋଟ୍ ମାଧ୍ୟମରେ ଖୋଜା ଖୋଜି କରିଥିଲେ ମଧ୍ୟ ତାଙ୍କୁ ଠାବ କରାଯାଇପାରିନାହିଁ। ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ନଳିତାପାଟିଆ ଗାଁର ବନମାଳୀ ନାୟକଙ୍କ ପୁଅ ଚୈତନ୍ୟ ନାୟକ (୩୨ ବର୍ଷ ) ରାଜ୍ୟ ବାହାରେ କାମ କରନ୍ତି। ୧୮ ଦିନ ପୂର୍ବେ ତାଙ୍କ ପରିବାରର ସ୍ୱାମୀସ୍ତ୍ରୀ ବନ୍ଦ ଘରେ ଆତ୍ମହତ୍ୟା କରିଥିବାରୁ ଶୁଦ୍ଧି ହେବାକୁ ଗାଁକୁ ଆସିଥିଲେ। ଆଜି ରାତି ପ୍ରାୟ ୯ ଘଟିକା ସମୟରେ ଗାଁ ନିକଟରେ ବହିଯାଇଥିବା ବୈତରଣୀ ନଦୀ ନିକଟକୁ ଚାଲି ଚାଲି ଆସିଥିଲେ। ନଳିତାପାଟିଆ ଘାଟ ନିକଟରେ ନଦୀକୁ ଡେଇଁଥିଲେ। ନଦୀରେ ସ୍ରୋତ ଥିବାରୁ ସେ ଭାସିଯାଇଥିଲେ। ସ୍ଥାନୀୟ ଲୋକେ ଓ ତାଳଚୁଆ ସାମୁଦ୍ରିକ ଥାନା ପୁଲିସ ବୋଟ ମାଧ୍ୟମରେ ଖୋଜା ଖୋଜି ଜାରି ରଖିଛନ୍ତି। ଅନ୍ଧାର ଏଥିରେ ପ୍ରତିବନ୍ଧକ ସୃଷ୍ଟି କରୁଛି।

## ମହାନଦୀରୁ ପାଣି ଉଠାଇ ବିଭିନ୍ନ ଶୈବପୀଠରେ ଜଳଲାଗି କଲେ ୧୦ ହଜାରରୁ ଊର୍ଦ୍ଧ୍ୱ କାଉଡ଼ିଆ

ମଣିଜଙ୍ଗା, ୨୮।୭(ସମିସ): ଶ୍ରାବଣ ମାସର ତୃତୀୟ ସୋମବାରରେ ପାଣିଲାଗି କରିବାକୁ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତାର୍ତ୍ତୋଲ ଓ ମଣିଜଙ୍ଗା ମହାନଦୀ ଘାଟରୁ ୧୦ ହଜାରରୁ ଊର୍ଦ୍ଧ୍ୱ କାଉଡିଆ ପାଣି ଉଠାଇ ଗୋରେଖନାଥ ପୀଠ, ପିପ୍ପଳମାଧବର ଧର୍ମେଶ୍ୱର ମହାଦେବ ପୀଠ, ପଞ୍ଚପଲ୍ଲୀ ଗ୍ରାମେଶ୍ୱର ମନ୍ଦିର, ପଶ୍ଚିମେଶ୍ୱର ଆଦି ମନ୍ଦିରକୁ ଯାଉଥିବା ଦେଖିବାକୁ ମିଳିଛି। କାଉଡ଼ିଆଙ୍କ ପାଇଁ ବିଭିନ୍ନ ସ୍ଥାନରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଖାଦ୍ୟର ବ୍ୟବସ୍ଥା କରାଯାଇଛି।

### ପାରାଦୀପରେ 'ସକାଳ' ଓ 'ନନ୍ଦିଘୋଷ' ପରିବାର ପକ୍ଷରୁ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳିତ

# 'ବୃକ୍ଷରୋପଣ ହିଁ ପରିବେଶକୁ ସନ୍ତୁଳିତ କରିପାରିବ'

ପାରାଦୀପ, ୨୮।୭(ସମିସ)





ଆଜି ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ। ପ୍ରକୃତିସଂରକ୍ଷଣର ଏକମାତ୍ର ମାଧ୍ୟମ ହେଉଛି ବୃକ୍ଷ। ବୃକ୍ଷରୋପଣ ଦ୍ୱାରା ହିଁ ପ୍ରକୃତି କ୍ଷୟକୁ ପ୍ରତିହତ କରିବା ସହିତ ପରିବେଶରେ ସନ୍ତୁଳନ ରକ୍ଷା କରାଯାଇପାରିବ ବୋଲି ଓଡ଼ିଶାର ଲୋକପ୍ରିୟ ଟିଭି ଚ୍ୟାନେଲ 'ନନ୍ଦିଘୋଷ' ଟିଭି ଓ ଦୈନିକ ଖବରକାଗଜ 'ସକାଳ' ପକ୍ଷରୁ ଆୟୋଜିତ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

'ସକାଳ' ଓ 'ନନ୍ଦିଘୋଷ' ପରିବାର ପକ୍ଷରୁ ପ୍ରକୃତି, ପରିବେଶ, ପ୍ରକୃତି ଓ ଭୂମିରେ ଜଳର ଆର୍ଦ୍ରତା ବଜାୟ ରଖିବା ପାଇଁ ସ୍ୱତନ୍ତ୍ର ପ୍ରୟାସ କରାଯାଇଛି। ଆଜି ଦିନ ୧୦ଟା ସମୟରେ ପାରାଦୀପ କଲେଜ ପରିସରରେ ୧୦୦ରୁ ଊର୍ଦ୍ଧ୍ୱ ଫଳ ଗଛ ଚାରା ରୋପଣ କରାଯାଇଛି। ପାରାଦୀପର 'ସକାଳ' ଖବରକାଗଜ ପ୍ରତିନିଧି ସୁରେନ୍ଦ୍ର କୁମାର ବିଶ୍ୱାଳ ଓ 'ନନ୍ଦିଘୋଷ' ଟିଭି ରିପୋର୍ଟର ଅରୁଣ କୁମାର ଓଝାଙ୍କ ନେତୃତ୍ୱରେ ଏହି ମେଗା ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପାରାଦୀପ କଲେଜର ଅଧକ୍ଷା ସସ୍ମିତା ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିସହିତ ପାରାଦୀପର ଦୁଇଟି ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ନୀଳଚକ୍ର ୟୁଥ୍ କ୍ଲବ୍ ଓ କଳିଙ୍ଗ ମହିଳା ସଂଗଠନର ସଦସ୍ୟସଦସ୍ୟାଙ୍କ ସହିତ ପାରାଦୀପ କଲେଜ ଛାତ୍ରଛାତ୍ରୀ ଓ ପାରାଦୀପର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇ ସହଯୋଗ କରିବା ସହ ବୃକ୍ଷରୋପଣ କରିଥିଲେ। 'ସକାଳ' ଓ 'ନନ୍ଦିଘୋଷ' ଟିଭିର ଏହି ପ୍ରୟାସକୁ ଉଭୟ ସଂଗଠନ ପ୍ରଶଂସା କରିଛନ୍ତି। ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ପାରାଦୀପ ମହାବିଦ୍ୟାଳୟ ଅଧକ୍ଷା ଡଃ ସସ୍ମିତା ଶତପଥୀ, ଅଧ୍ୟାପକ ଗଣେଶ୍ୱର ପାତ୍ର ଓ ଅକ୍ଷୟ ମିଶ୍ର, କଳିଙ୍ଗ ମହିଳା ଶକ୍ତି ସଭାପତି ମନୋରମା ଖାଟୁଆ, ସାଧାରଣ ସମ୍ପାଦିକା କମଳା ଓଝା, କୋଷାଧ୍ୟକ୍ଷ ରବୀନ୍ଦ୍ର ମଲ୍ଲିକ, ପ୍ରମିଳା ଗୋଚ୍ଛାୟତ, ଲକ୍ଷ୍ମୀପ୍ରିୟା ପାଲ, କଲ୍ୟାଣୀ ସ୍ୱାଇଁ, ସରୋଜିନୀ ସ୍ୱାଇଁ, ମୀନା କୁମାରୀ, ନୀଳଚକ୍ର ୟୁଥ କ୍ଲବ ସଭାପତି ଦେବ ମଣ୍ଡଳଙ୍କ ସହିତ ସଂଗଠନର ଅନ୍ୟ ସଦସ୍ୟ ଲକ୍ଷ୍ମଣ ପରିଡା, ଚନ୍ଦନ ଗାୟନ ଓ ରାକେଶ ସାହୁ, ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ଅଜିତ ଦାସ, ପ୍ରଭାତ ମହାପାତ୍ର, ହରିଶ୍ଚନ୍ଦ୍ର ଲେଙ୍କା, ସୁଦର୍ଶନ ବିଶ୍ୱାଳ, ପ୍ରଶାନ୍ତ ରାଉତ, ବିରଜା ସେଠୀ, ପୁରୁଷୋତ୍ତମ ଶତପଥୀ, ମନୋଜ ସାହୁ ଓ ପରିବେଶ ପାଇଁ କାମ କରୁଥିବା ବାପି ଗୋଚ୍ଛାୟତଙ୍କ ସମେତ ପାରାଦୀପ ମହାବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

### 'ସ୍ମୃତି ମୋ ମାଟିର' ୪୫ତମ ଅର୍ଘ୍ୟରେ ସମାଜସେବୀ ଅନ୍ତର୍ଯ୍ୟାମୀ ପଟ୍ଟନାୟକ

## 'ମାଟିର ଋଣ ପରିଶୋଧ ପାଇଁ ପ୍ରୟାସ କରିବା ପ୍ରତ୍ୟେକ ବ୍ୟକ୍ତିର କର୍ତ୍ତବ୍ୟ'

ଜଗତସିଂହପୁର,୨୮।୭(ସମିସ): ମାଟିର ସଫଳ ବ୍ୟକ୍ତିଙ୍କ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତିରେ ଭାଗିଦାରୀ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଶିକ୍ଷାବିତ ଦେବେନ୍ଦ୍ର ନାଥ ରାଉତଙ୍କ ଆବାହକତ୍ୱରେ କରୋନ ମହାମାରୀ କାଳରୁ ଆୟୋଜିତ ହୋଇଆସୁଥିବା ମାସିକ ଯୁବ ବୁଦ୍ଧିଜୀବୀ ସଂଗୋଷ୍ଠୀ "ସ୍ମୃତି ମୋ ମାଟିର' କାର୍ଯ୍ୟକ୍ରମର ୪୫ତମ ଅର୍ଘ୍ୟରେ ଜିଲ୍ଲାର ବିଶିଷ୍ଟ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ଓ ସମର୍ପିତ ସମାଜସେବୀ ଅନ୍ତର୍ଯ୍ୟାମୀ ପଟ୍ଟନାୟକ ଯୋଗଦେଇ ନିଜ ଜୀବନର ଅନୁଭୂତି ବର୍ଣ୍ଣନା କରିଥିଲେ। ସେ କହିଥିଲେ, ମାଟିର ଋଣ ପରିଶୋଧ ପାଇଁ ପ୍ରୟାସ କରିବା ପ୍ରତ୍ୟେକ ବ୍ୟକ୍ତିର କର୍ତ୍ତବ୍ୟ ଅଟେ। ଯେଉଁ ମାଟି ଆମକୁ ଦୁର୍ବଳରୁ ସବଳ କରିଛି, ତାହା ପ୍ରତି କର୍ତ୍ତବ୍ୟ ନିର୍ବାହ କରିବା ପ୍ରତ୍ୟେକ ମଣିଷର ଦାୟିତ୍ୱ। ଓଡ଼ିଶା ସତ୍ୟସାଇ ସଂଗଠନର ପୂର୍ବତନ ଟ୍ରଷ୍ଟି ତଥା ପାରାଦୀପର ବିଶିଷ୍ଟ ଉଦ୍ୟୋଗପତି ଶ୍ରୀ ପଟ୍ଟନାୟକ ତାଙ୍କ ଯୁବକ ସମୟରୁ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ଓ ସଂସ୍କୃତି ପାଇଁ ଅନବରତ କାର୍ଯ୍ୟ କରିଆସୁଛନ୍ତି। ନିଜର ଅନନ୍ୟ ସେବା ଓ ସମର୍ପଣ ପାଇଁ ସେ ଓଡ଼ିଶା ଓ ଓଡ଼ିଶା ବାହାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଜଗତସିଂହପୁର ବିକାଶ ମଞ୍ଚ, ମହାତ୍ମା ଗାନ୍ଧୀ ସର୍ବସାଧାରଣ ଜ୍ଞାନକେନ୍ଦ୍ର ଓ ନୂଆଦିଲ୍ଲୀ ଓଡିଆ ବୁଦ୍ଧିଜୀବୀ ଫୋରମ ଦି ଇଣ୍ଟେଲେକ୍ଟସର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରୁଥିବା ଆବାହକ ଶ୍ରୀ ରାଉତ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତଙ୍କୁ ମିଳିତ ଭାବେ ପ୍ରୟାସ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଲେଖିକା ବିଜୟଲକ୍ଷ୍ମୀ ପଟ୍ଟନାୟକ, ସାଇ ଆଶ୍ରିତ ବସନ୍ତ ଲେଙ୍କା, ସମାଜସେବୀ ସ୍ନେହମୟୀ ଆଚାର୍ଯ୍ୟ, ଶିକ୍ଷାବିତ ଡଃ ଜ୍ୟୋତିର୍ମୟୀ ମହାନ୍ତି, ଶିକ୍ଷାବିତ ରୁନୁବାଳା ମଲ୍ଲିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷାବିତ ସିଦ୍ଧେଶ୍ୱର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଓଁକାର ଧ୍ୱନି ପଣ୍ଡିତ ପ୍ରଦୀପ୍ତ ଶତପଥୀ କରିଥିଲେ। ସଂଯୋଜକ ନଗେନ୍ଦ୍ର ନାଥ ସ୍ୱାଇଁ ଅତିଥିଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଯୁବ କବି ସୀତାଂଶୁ ଜେନାଙ୍କ ସଂଯୋଜନାରେ କବିତା ଆସର ଆୟୋଜିତ ହୋଇଥିଲା। କବି ମହମ୍ମଦ ମନସୁର ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ।

### ● ବାସୁଦେବ ବିଦ୍ୟାଳୟରେ ଶିକ୍ଷକ ଅଭାବ

## ଶିକ୍ଷକ ନିଯୁକ୍ତି ଦାବିରେ ଛାତ୍ରଛାତ୍ରୀଙ୍କ ଧାରଣା



ନାଉଗାଁ, ୨୮।୭(ସମିସ): ପାଖେଇ ଆସୁଛି ଦଶମ ବୋର୍ଡ ପରୀକ୍ଷା। ସେଥିରେ ପୁଣି ସରକାର ଘୋଷଣା କଲେଣି ଏହି ଶ୍ରେଣୀରେ ଦୁଇଥର ହେବ ବୋର୍ଡ ପରୀକ୍ଷା। ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନ ଥିବାରୁ ପାଠପଢ଼ାରେ ସମସ୍ୟା ଉପୁଜୁଛି। ଏଭଳି ସମସ୍ୟା ଦେଖିବାକୁ ମିଳିଛି ନାଉଗାଁ ବ୍ଲକ ଅନ୍ତର୍ଗତ ଘୋଡାଂଶ ପଞ୍ଚାୟତର ବାସୁଦେବ ସରକାରୀ ଉଚ୍ଚ ବିଦ୍ୟାଳୟରେ। ଫଳରେ ଶିକ୍ଷକ ନିଯୁକ୍ତି ଦାବିରେ ଛାତ୍ରଛାତ୍ରୀ ଧାରଣା ଦେଇଛନ୍ତି। ଉକ୍ତ ବିଦ୍ୟାଳୟର ଅଷ୍ଟମ, ନବମ ଓ ଦଶମ ଶ୍ରେଣୀରେ ୮୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ପ୍ରଧାନଶିକ୍ଷକଙ୍କ ସମେତ ତିନିଜଣ ଶିକ୍ଷକ ଅଛନ୍ତି। ୬ ମାସ ଧରି ଗଣିତ ଶିକ୍ଷୟିତ୍ରୀ ଛୁଟିରେ ଥିବାବେଳେ ଏକ ବର୍ଷ ଧରି ବିଜ୍ଞାନ, ହିନ୍ଦୀ, ସଂସ୍କୃତ, ଖେଳ ଶିକ୍ଷକଙ୍କ ପଦବୀ ଖାଲି। ଏଭଳି ସ୍ଥିତିରେ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଛାତ୍ରଛାତ୍ରୀ ଅଧ୍ୟୟନ କ୍ଷେତ୍ରରେ ବିଭିନ୍ନ ପ୍ରକାର ସମସ୍ୟା ଭୋଗୁଥିବା ଅଭିଭାବକ ଅଭିଯୋଗ କରୁଛନ୍ତି। ବାରମ୍ବାର ଅଭିଯୋଗ ପରେ କୌଣସି ସୁଫଳ ମିଳୁ ନ ଥିବାରୁ ଆଜି ଏହି ବିଦ୍ୟାଳୟରେ ଅଭିଭାବକଙ୍କ ସହିତ ଛାତ୍ରଛାତ୍ରୀ ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ବାହାରେ ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା। ଛାତ୍ରଛାତ୍ରୀ ନାଉଗାଁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଭିମୁଖେ ଚାଲିଚାଲି ରାସ୍ତାରେ ଯିବାବେଳେ ନାଉଗାଁ ଥାନା ଅଧିକାରୀ ପ୍ରଦୀପ୍ତ କାନୁନଗୋ ପହଞ୍ଚି ବୁଝାସୁଝା କରିବା ପରେ ଘଟଣା ଥମିଥିଲା। ଯଥାଶୀଘ୍ର ଏହି ସମସ୍ୟାର ସମାଧାନ କରା ନ ଗଲେ ଆଗାମୀ ଦିନରେ ଛାତ୍ରଛାତ୍ରୀଙ୍କ ସହିତ ଅଭିଭାବକ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ନାଉଗାଁ ବ୍ଲକ ଶିକ୍ଷାଧିକାରୀଙ୍କୁ ପଚାରିବାରୁ ସେ ଏ ନେଇ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରିଛନ୍ତି। ଏଥିପ୍ରତି ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ପାରାଦୀପ ବନ୍ଦରର ରେକର୍ଡ ୫୦ ମିଲିୟନ୍ ମେଟ୍ରିକ୍ ଟନ୍ କାର୍ଗୋ ପରିବହନ

ପାରାଦୀପ, ୨୮।୭(ସମିସ): ଚଳିତ ଆର୍ଥିକ ବର୍ଷର ପ୍ରଥମ ଚାରିମାସ ପୂରା ହେବାକୁ ୪ ଦିନ ବାକି ରହିଥିବାବେଳେ ପାରାଦୀପ ବନ୍ଦର ୫୦ ମିଲିୟନ୍ ମେଟ୍ରିକ୍ ଟନ୍ (ଏମଏମଟି) କାର୍ଗୋ ପରିବହନ କରି ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି। ଯାହାକି ପାରାଦୀପ ବନ୍ଦର ଇତିହାସରେ ସଫଳତାର ନୂଆ ଫର୍ଦ୍ଦ ଯୋଡ଼ିଛି। ପାରାଦୀପ ବନ୍ଦର ଅଧିକାରୀ, କର୍ମଚାରୀ, ଶ୍ରମିକଙ୍କ ଦଳଗତ କାର୍ଯ୍ୟ ଯୋଗୁଁ ଏହି ସଫଳତା ମିଳିଥିବା ନେଇ ପାରାଦୀପ ବନ୍ଦର ପକ୍ଷରୁ କୁହାଯାଇଛି। କୋଇଲା ପରିବହନରେ ୨୨.୦୬ ଏମଏମଟି, କନେର କାର୍ଗୋ ପରିବହନରେ ୨୭.୮୦ ପ୍ରତିଶତ ଅଭିବୃଦ୍ଧି ହୋଇଥିବାବେଳେ ଅଶୋଧିତ ତୈଳ ପରିବହନ କ୍ଷେତ୍ରରେ ୧୧.୩୬ ଏମଏମଟି ପଣ୍ୟ ପରିବହନ କରି ୧୪.୯୭ ପ୍ରତିଶତ ଅଭିବୃଦ୍ଧି ଘଟିଥିବାବେଳେ ଫର୍ଟିଲାଇଜର ପରିବହନରେ ୮.୪୧ ପ୍ରତିଶତ ବୃଦ୍ଧି ପାଇଛି। ଏହି ସଫଳତା ହାସଲ ପରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଦ କେନ୍ଦ୍ର ବନ୍ଦର, ଜହାଜ ଚଳାଚଳ ଓ ଜଳମାର୍ଗ ବିଭାଗ ମନ୍ତ୍ରୀଙ୍କ ନେତୃତ୍ୱ ଓ ମାର୍ଗଦର୍ଶନରେ ଏହି ସଫଳତା ମିଳିଥିବା କହିଛନ୍ତି। ଏହି ସଫଳତା ସମଗ୍ର ଦେଶର ବନ୍ଦର ମଧ୍ୟରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିବା ସହିତ ନୌବାଣିଜ୍ୟ କ୍ଷେତ୍ରରେ ଏହା ଏକ ନୂଆ ଇତିହାସ ରଚନା କରିବ।

## ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

କୁଜଙ୍ଗ,୨୮।୭(ସମିସ): କଟକ-ପାରାଦୀପ ରାସ୍ତାର କୁଜଙ୍ଗ-ଭୂତମୁଣ୍ଡାଇ ମଧ୍ୟଭାଗ ୧୬ନଂ ଛକ ନିକଟରେ ଆଜି ସିରିଜ ଦୁର୍ଘଟଣା ଘଟିଛି। ଏକ ବାଇକ୍‌କୁ ପଛରୁ କାର୍ ଧକ୍କା ଦେଇଥିବାବେଳେ ବୁଲେଟ୍‌କୁ ଟ୍ରକ୍ ଧକ୍କା ଦେଇଥିଲା। ବାଇକ୍ ଚାଳକ ଗୁରୁତର ହୋଇଥିବାବେଳେ ଦୁର୍ଘଟଣା ଘଟାଇଥିବା କାର୍ ଓ ବାଇକ କ୍ଷତିଗ୍ରସ୍ତ ହୋଇଛି। ଗୁରୁତରଙ୍କୁ କୁଜଙ୍ଗ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ଉତ୍ୟକ୍ତ ଲୋକେ ଟ୍ରକ ଡ୍ରାଇଭରକୁ ମାଡ଼ ମାରିଥିଲେ। ପୁଲିସ ପହଞ୍ଚିବାରୁ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। କାର୍ ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁଁ ଗୁରୁତର ଆହତ ହେଇଥିବା ସ୍ଥାନୀୟ ଝିମାଣି ଅଞ୍ଚଳର ଯୁବକ ତଥା ବାଇକ୍ ଆରୋହୀ ଅରକ୍ଷିତ ବାରିକ କୁଜଙ୍ଗ ଥାନାରେ ଅଭିଯୋଗ କରିଛନ୍ତି।

## ୯୦ ପ୍ରତିଶତ ଭିନ୍ନକ୍ଷମଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ ଦାବି



କୁଜଙ୍ଗ,୨୮।୭(ସମିସ): ଶରୀରର ୯୦ ପ୍ରତିଶତ ଭିନ୍ନକ୍ଷମ। ତେବେ ନୂଆ ସରକାରଙ୍କ ନୂଆ ଯୋଜନାରେ ୩ ହଜାର ୫ ଶହ ଟଙ୍କା ଭତ୍ତା ଏଯାବତ୍ ମିଳୁନାହିଁ। କୁଜଙ୍ଗ ଥାନା ଚଟୁଆ ପଞ୍ଚାୟତ ଅନ୍ତର୍ଗତ ଜନାର୍ଦ୍ଦନପୁର ଗ୍ରାମର ରାଜେନ୍ଦ୍ର କୁମାର ପାତ୍ରଙ୍କ ପୁଅ ଅମିତ୍ କୁମାର ପାତ୍ର (୧୧) ୯୦ ପ୍ରତିଶତ ଭିନ୍ନକ୍ଷମ। ସେ ଦୀର୍ଘ କିଛିବର୍ଷ ଧରି ହଜାର ଟଙ୍କା ଭିନ୍ନକ୍ଷମ ଭତ୍ତା ପାଇଆସୁଛନ୍ତି। ନୂଆ ସରକାରଙ୍କ ନୂଆ ଯୋଜନାରେ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମଙ୍କୁ ୩ ହଜାର ୫ ଶହ ଟଙ୍କା ଭତ୍ତା ଯୋଜନାରେ ଅମିତଙ୍କୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ଏଥିପାଇଁ ତାଙ୍କ ବାପା ପଞ୍ଚାୟତ ଓ ବ୍ଲକ୍ କାର୍ଯ୍ୟାଳୟକୁ ଯାଇ ଏ ସମ୍ପର୍କିତ ଅଭିଯୋଗ କରିଥିଲେ ମଧ୍ୟ ତାଙ୍କ କଥା କେହି ଶୁଣୁ ନ ଥିବା ପ୍ରକାଶ କରିଛନ୍ତି। ତେବେ ଅମିତଙ୍କୁ ସରକାର ୩ ହଜାର ୫ ଶହ ଟଙ୍କା ଭିନ୍ନକ୍ଷମ ଭତ୍ତା ଯୋଗାଇ ଦେବା ସହିତ କୌଣସି ସଂସ୍ଥା କିମ୍ବା ବଦାନ୍ୟ ବ୍ୟକ୍ତି ସାହାଯ୍ୟ କରିବାକୁ ଜନାର୍ଦ୍ଦନପୁର ଗ୍ରାମବାସୀ ଦାବି କରିଛନ୍ତି।

### ● ଶିକ୍ଷକଙ୍କ ଡେପୁଟେସନ ବାତିଲ ଦାବି

## ସ୍କୁଲ ଫାଟକରେ ତାଲା ପକାଇ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଧାରଣା



କୁଜଙ୍ଗ,୨୮।୭(ସମିସ): କୁଜଙ୍ଗ ବ୍ଲକ୍ ବଗଦିଆ ପଞ୍ଚାୟତର ଝିମୀଣୀସ୍ଥ ଜନତା ବିଦ୍ୟାପୀଠରେ ଆଜି ଛାତ୍ରଛାତ୍ରୀ ଓ ଅଭିଭାବକ ୨ ଜଣ ଶିକ୍ଷକଙ୍କ ଡେପୁଟେସନ ବାତିଲ ଦାବିରେ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ବିଦ୍ୟାଳୟର ବିଜ୍ଞାନ ଓ କଳା ଶିକ୍ଷକଙ୍କୁ ଅନ୍ୟତ୍ର ଡେପୁଟେସନରେ ପଠାଯାଇଥିବା ସୂଚନା ପାଇବା ପରେ ଏହି ଧାରଣା ଦିଆଯାଇଥିବା ଜଣାପଡ଼ିଛି। ତିନି ଘଣ୍ଟା ପରେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରଧାନଶିକ୍ଷକ ଜାନକୀ ବଲ୍ଲଭ ମହାନ୍ତିଙ୍କ ଜରିଆରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟକୁ ଦାବିପତ୍ର ପଠାଇଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ଏହି ଦାବିକୁ ବିଚାର କରି ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଜନତା ବିଦ୍ୟାପୀଠରେ କାର୍ଯ୍ୟରତ ବିଜ୍ଞାନନ ଶିକ୍ଷକ ଉପାନନ୍ଦ ମହାନ୍ତି ଓ କଳା ଶିକ୍ଷକ ୬୦ ପ୍ରତିଶତ ଭିନ୍ନକ୍ଷମ ଆଶୁତୋଷ ମୁଦୁଲୀଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ଅନ୍ୟତ୍ର ଡେପୁଟେସନରେ ପଠାଇଛନ୍ତି। ଛାତ୍ରଛାତ୍ରୀଙ୍କ ତୁଳନାରେ ଶିକ୍ଷକଙ୍କ ସଂଖ୍ୟା କମ୍ ଥିବାରୁ ଅଭିଭାବକ, ଛାତ୍ରଛାତ୍ରୀ ବିରୋଧ କରିଥିଲେ। ସ୍କୁଲ ଖୋଲିବା ପୂର୍ବରୁ ଛାତ୍ରଛାତ୍ରୀ ଧାରଣାରେ ବସିଥିଲେ।

## ଶାରଳା ମନ୍ଦିର ନୂତନ ପରିଚାଳନା କମିଟି ଗଠିତ

ପାରାଦୀପ, ୨୮।୭ (ସମିସ): ବନ୍ଦର ସହରରେ ଥିବା ମା' ଶାରଳା ମନ୍ଦିରର ନୂତନ ପରିଚାଳନା କମିଟି ଗଠନ କରାଯାଇଛି। ମନ୍ଦିର ପରିସରରେ ବୈଠକ ବସିଥିଲା। ପରିଚାଳନା କମିଟିର ସଦସ୍ୟ ହରେକୃଷ୍ଣ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ବୈଠକକୁ ବହୁ ପୁରୁଣା ସଦସ୍ୟଙ୍କ ସମେତ କେତେକ ନୂତନ ସଦସ୍ୟଙ୍କୁ ନିମନ୍ତ୍ରଣ କରାଯାଇଥିଲା। ନୂତନ ପରିଚାଳନା କମିଟିରେ ସଭାପତି ଭାବେ ଅମରେଶ ରାଉତରାୟ, ଉପସଭାପତି ଭାବେ ଅରୁଣ ଲେଙ୍କା, ମନୋଜ ମହାନ୍ତି, ସାଧାରଣ ସମ୍ପାଦକ ଭାବେ ସରୋଜ ନାଥ, ସହସମ୍ପାଦକ ରଣଜିତ ସାହୁ, କୋଷାଧ୍ୟକ୍ଷ ଭାବେ ସବ୍ୟସାଚୀ ମହାପାତ୍ର ମନୋନୀତ ହୋଇଛନ୍ତି। କାର୍ଯ୍ୟକାରିଣୀ କମିଟି ସଦସ୍ୟ ଭାବେ ମାନସ ବିଶ୍ୱାଳ, ଆଡଭୋକେଟ ସଂଜୟ ମିଶ୍ର, ନିରଞ୍ଜନ ପାତ୍ର, କୃଷ୍ଣଚରଣ ବିଶ୍ୱାଳ, ତାପସ ପରିଜା, ରତ୍ନାକର ସ୍ୱାଇଁ ଓ ଧୂଳେଶ୍ୱର ମଲ୍ଲିକ ପ୍ରମୁଖଙ୍କୁ ମନୋନୀତ କରାଯାଇଛି। ଉପଦେଷ୍ଟା ଭାବେ ଅର୍ନ୍ତଯ୍ୟାମୀ ସାହୁ, ପ୍ରହଲ୍ଲାଦ ସାହୁ, ନରେନ୍ଦ୍ର ପରିଡା, ଗଗନ ସାହୁ, ଆଡଭୋକେଟ୍ କୈଳାସ ସାହୁ, ଅୟସକାନ୍ତ ସାମଲ, ଶଶାଙ୍କ ଶେଖର ଆଚାର୍ଯ୍ୟ, ପ୍ରଭାସ ଦାସ, ସଦାନନ୍ଦ ମଲ୍ଲିକ, ସନ୍ତୋଷ ଭାରତୀ, ମୁରଲୀଧର ବେହେରା ପ୍ରମୁଖ ରହିଛନ୍ତି। ତେବେ ମନ୍ଦିର ପରିଚାଳନା କମିଟିର ସଭାପତି ଥିବା ଅମରେଶ ରାଉତରାୟ ଉକ୍ତ ବୈଠକରେ ଉପସ୍ଥିତ ନ ଥିବାରୁ କିଛି ସଦସ୍ୟଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା

## ଧର୍ମପ୍ରାଣ ମହିଳାଙ୍କ ଏକାଦଶାହରେ ସ୍ମୃତିସଭା

ପାରାଦୀପ,୨୮।୭(ସମିସ):ପାରାଦୀପ ନିର୍ବାଚନମଣ୍ଡଳୀ ସିରସ୍ତା ଗ୍ରାମର ଧର୍ମପ୍ରାଣ ମହିଳା ବାସନ୍ତୀଲତା ଦାସଙ୍କ ଏକାଦଶରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସ୍ମୃତିସଭାରେ ସମସ୍ତ ଜ୍ଞାତିକୁଟୁମ୍ବଙ୍କ ସହ ଅଞ୍ଚଳର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଗ୍ରାମ ଯୁବକ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱାମୀ ବିଜୟ ଦାସ ଓ ପୁତ୍ର ମଣ୍ଟୁ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବାଲିକୁଦା ବ୍ଲକ୍ କାର୍ଯ୍ୟାଳୟରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର

## ଗୋଟିଏ ଅଭିଯୋଗର ତ୍ୱରିତ ସମାଧାନ

ଜଗତସିଂହପୁର,୨୮।୭(ସମିସ)



ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ବାଲିକୁଦା ବ୍ଲକ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଜନଅଭିଯୋଗ ଶିବିରରେ ପ୍ରଶାସନିକ ଅଧିକାରୀ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ୮୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ମାତ୍ର ଗୋଟିଏ ଅଭିଯୋଗର ତ୍ୱରିତ ସମାଧାନ ହୋଇଛି। ଆଜିର ଜନଅଭିଯୋଗ ଶୁଣାଣି ଶିବିରରେ ୮୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିରେ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୭୧ଟି ଓ ଗୋଷ୍ଠୀଗତ ସମସ୍ୟା/ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ୧୧ଟି ଅଭିଯୋଗ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୧୦ଟି, ଆବାସ ୧୫ଟି, ଜମିଜମା ସମସ୍ୟା ସମ୍ପର୍କିତ ୨୦ଟି, ପୁଲିସ ସହାୟତା ପାଇଁ ୨ଟି,ପେନସନ ପାଇଁ ୮ଟି ଓ ଅନ୍ୟାନ୍ୟ ୧୬ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଗୋଟିଏ ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ଭବାନୀ ଶଙ୍କର ଉଦଗାତା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇ, ବାଲିକୁଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକାଶ ମହାନ୍ତି, ତହସିଲଦାର ବିକାଶ ରଞ୍ଜନ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ।

### ଶିଶୁ ମୃତ୍ୟୁ ଘଟଣାକୁ କେନ୍ଦ୍ରକରି ଗଣ୍ଡଗୋଳ

# ସୁରକ୍ଷା କର୍ମୀଙ୍କ ଆକ୍ରମଣରେ ୩ ଆହତ

ଯାଜପୁର,୨୮।୭(ସମିସ)

ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଆଜି ଏକ ଶିଶୁ ମୃତ୍ୟୁ ଘଟଣାକୁ କେନ୍ଦ୍ରକରି ଗଣ୍ଡଗୋଳ ଦେଖାଦେଇଛି। ଡାକ୍ତରଖାନାରେ ନିୟୋଜିତ ସୁରକ୍ଷା କର୍ମୀଙ୍କ ପାଇଁ ଏହି ଗଣ୍ଡଗୋଳ ଅଧିକ ଦେଖାଦେଇଥିଲା। ଖବର ପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ସୂଚନା ଅନୁଯାୟୀ ସଦର ଥାନା ଅଞ୍ଚଳ କଟେରିଗାଁର ନାରଣ ମଲ୍ଲିକଙ୍କ ୧ ବର୍ଷର ଶିଶୁ ପୁତ୍ର ଋଷମ ମଲ୍ଲିକଙ୍କ ଦେହ ଅସୁସ୍ଥ ଥିବାରୁ ତାର ପରିବାର ଲୋକେ ଶିଶୁଟିକୁ ସଙ୍ଗରେ ନେଇ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ସେଠାରେ କାର୍ଯ୍ୟରତ ଥିବା ଶିଶୁ ବିଭାଗର ଡାକ୍ତର ମନୋଜ ସେନାପତି ତାଙ୍କୁ ଚିକିତ୍ସା ନ କରି ଜରୁରୀକାଳୀନ ବିଭାଗରେ କାର୍ଯ୍ୟରତ ସେନେହ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଥିଲେ। ହେଲେ ପୁନର୍ବାର ଶିଶୁ ବିଭାଗକୁ ଚିକିତ୍ସା ପାଇଁ ପଠାଇଥିଲେ ହେଲେ ଉଭୟ ଡାକ୍ତରଙ୍କ ଏହିଭଳି ଦାୟିତ୍ୱହୀନତା



ଅଥବା ଶିଶୁଟିକୁ ଅଣଦେଖା ହେତୁ ଶିଶୁଟି ମୃତ୍ୟୁବରଣ କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟ ପକ୍ଷରେ ଡାକ୍ତରଙ୍କ କହିବା ଅନୁଯାୟୀ ଶିଶୁଟି ମେଡିକାଲ ଆସିବା ପୂର୍ବରୁ ମୃତ୍ୟୁ ହୋଇସାରିଥିଲା। ଏହି ଘଟଣାକୁ କେନ୍ଦ୍ରକରି ପରିବାର ଲୋକ ଡାକ୍ତରଙ୍କୁ ଶିଶୁ ବିଷୟରେ ପଚାରିବାରୁ ସେଠାରେ କାର୍ଯ୍ୟରତ ଥିବା ସୁରକ୍ଷା କର୍ମୀ ସେମାନଙ୍କୁ ବାହାରକୁ ଯିବା ପାଇଁ କହିବା ସହିତ ତାଙ୍କୁ ଜୋର ଜବରଦସ୍ତି ପଦାକୁ ବାହାର କରିବା ସମୟରେ ସୁରକ୍ଷା କର୍ମୀ ଏବଂ ପରିବାର ଲୋକଙ୍କ ସହିତ ଗଣ୍ଡଗୋଳ ହୋଇଥିଲା। ସୁରକ୍ଷାକର୍ମୀମାନେ ସେମାନଙ୍କୁ ମାଡ଼ମାରିଥିବା ଅଭିଯୋଗ କରିଛନ୍ତି। ଫଳରେ ଝିଅ ନିରୂପମା ମଲ୍ଲିକଙ୍କ ମୁଣ୍ଡରେ ଆଘାତ ଲାଗିଥିବା ବେଳେ ପିତା ନାରଣ ମଲ୍ଲିକ ଓ ମା' ସୋଲି ମଲ୍ଲିକଙ୍କୁ ମାଡ ହୋଇଥିବା ସୂଚନା ଦେଇଛନ୍ତି। ଏହି ଘଟଣାକୁ ନେଇ ପରିବାର ଲୋକଙ୍କ ସମେତ ମେଡିକାଲ ପରିସରରେ ଉପସ୍ଥିତ ଥିବା ଲୋକ ଉତ୍ତ୍ୟକ୍ତ ହୋଇ ଜରୁରୀ କାଳୀନ ବିଭାଗକୁ ଧସେଇ ପଶିଥିଲେ। ଘଟଣା ସଂପର୍କରେ ଖବର ପାଇ ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରମାନଙ୍କର ରୋଗୀମାନଙ୍କ ପ୍ରତି ଅବହେଳା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟିକରିଥିବା ବେଳେ ସେଠାରେ ନିଯୁକ୍ତି ପାଇଥିବା ସୁରକ୍ଷା କର୍ମୀମାନଙ୍କ ରୋଗୀ ଏବଂ ତାଙ୍କ ସହ ଆସିଥିବା ସମ୍ପର୍କୀୟ ପ୍ରତି ବ୍ୟବହାରରେ ଅଙ୍କୁଶ ହୋଇ ଯନ୍ତ୍ର ଚିକିତ୍ସା ପାଇଁ ପଳାଇ ଯାଉଥିବା ସାଧାରଣରେ ବାରମ୍ବାର ଅଭିଯୋଗ ହେଇ ଆସୁଥିଲେ ମଧ୍ୟ ଏଥିପ୍ରତି ମେଡିକାଲ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ନିତ୍ୟାନ୍ତ ଜରୁରୀ ବୋଲି ଦାବି ହେଇଛି।

## ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରି ଯୁବକ ଗିରଫ



ପାଣିକୋଇଲି,୨୮।୭(ସମିସ): ପାଣିକୋଇଲିସ୍ଥିତ ଗ୍ରାମ୍ୟ ଶକ୍ତି ଫାଇନାନ୍ସର ଜଣେ କର୍ମଚାରୀ ନିଜର ସହକର୍ମୀଙ୍କ ଫଟୋ ଭାଇରାଲ୍ କରି ଗିରଫ ହୋଇଛନ୍ତି। ସୂଚନା ଅନୁସାରେ ଏହି ସଂସ୍ଥାରେ କାର୍ଯ୍ୟରତ ଭଦ୍ରକ ଅଞ୍ଚଳର ଜଣେ ଯୁବତୀ (୨୪ ବର୍ଷ)ଙ୍କ ସହ ତାଙ୍କ ସହକର୍ମୀ ଗଞ୍ଜାମ କବିସୂର୍ଯ୍ୟନଗର ଅଞ୍ଚଳର ସମୀର କୁମାର ପଲେଇ(୨୭)ଙ୍କ ପ୍ରେମ ସଂପର୍କ ଗଢ଼ି ଉଠିଥିଲା। ପରେ କୌଣସି କାରଣରୁ ସେମାନଙ୍କ ମଧ୍ୟରେ ଭଲ ପାଇବା ତିଷ୍ଠି ପାରିଲା ନାହିଁ। ଫଳରେ ଯୁବକ ଜଣଙ୍କ ଯୁବତୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନ ଦେଇଥିଲା। ଫଳରେ ଉଭୟଙ୍କ ମଧ୍ୟରେ କଥାବାର୍ତ୍ତା ବନ୍ଦ ହେବା ସହ ଯୁବତୀଜଣଙ୍କ ଯୁବକଙ୍କ ଫୋନ ନମ୍ବରକୁ ବ୍ଲକ କରିଦେଇଥିଲେ। ଏହାକୁ ନେଇ ପ୍ରତିହିଂସା ପରାୟଣ ହୋଇ ସମୀର ତାକୁ ଅମୃତିଆ ସ୍କୁଲ ପାଖରେ ମାଡ଼ମାରିବା ସହ ସାହାପୁରର ନିକଟରେ ଅଟକାଇ ମୋବାଇଲ ଛଡାଇ ହ୍ୟାଂଗ କରିଦେଇଥିଲେ। ଫଳରେ ଯୁବତୀ ଆଉ ସେ ମୋବାଇଲକୁ ଚଳାଇ ପାରିଲେ ନାହିଁ। ଏହା ପରେ ଯୁବତୀଙ୍କ ଅଶ୍ଳୀଳ ଫଟୋକୁ ଭାଇରାଲ ମଧ୍ୟ କରିଦେଇଥିଲେ। ଏନେଇ ଯୁବତୀ ଜଣଙ୍କ ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା ୨୩୭/୨୫ ରୁଜୁ କରି ପୁଲିସ୍ ତଦନ୍ତ ଆରମ୍ଭ କରିଥିଲା। ଏଥିରେ ଅଭିଯୁକ୍ତସମୀରକୁଗିରଫକରାଯାଇଅଦାଲତଚାଲାଣକରାଯାଇଥିବାପୁଲିସସୂଚନାଦେଇଛି।

## ଛନ୍ଦାମୁଣ୍ଡ ଗ୍ରାମ୍ୟ ରାସ୍ତା ଅବସ୍ଥା ଶୋଚନୀୟ

ବିଞ୍ଝାରପୁର,୨୮।୭(ସମିସ): ରାଜ୍ୟରେ ଗମନ ଗମନ ସୁବିଧା ପାଇଁ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ଗ୍ରାମ୍ୟ ରାସ୍ତାଗୁଡିକର ଉନ୍ନତୀକରଣ କରୁଥିବା ବେଳେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ବିଞ୍ଝାରପୁର ବ୍ଲକ ବାଙ୍ଗରା ପଞ୍ଚାୟତରେ। ବାଙ୍ଗରା ପଞ୍ଚାୟତ ଛନ୍ଦାମୁଣ୍ଡ ଗ୍ରାମର ୭ନମ୍ବର ୱାର୍ଡର ଗୁଣ୍ଡିଚା ମନ୍ଦିର ସମ୍ମୁଖ ରାସ୍ତାର ଅବସ୍ଥା ବିପର୍ଯ୍ୟସ୍ତ ସହ ବେହାଲ ହୋଇପଡିଛି। ଏହି ଗ୍ରାମ୍ୟ ରାସ୍ତା ୧୦୦ ମିଟରରୁ ଊର୍ଦ୍ଧ୍ୱ ଦେବ ଦୀର୍ଘ ଦିନ ହେଲା ଶୋଚନୀୟ ହୋଇପଡ଼ିଛି। ମାଟି ରାସ୍ତା ଯୋଗୁଁ ସାମାନ୍ୟ ବର୍ଷାରେ କାଦୁଅ ଜମି ରାସ୍ତାର ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଦୀର୍ଘଦିନ ହେଲା ସ୍ଥାନୀୟ ଲୋକେ ଦାବି କରି ଆସୁଥିଲେ ମଧ୍ୟ ଅଦ୍ୟାବଧି ରାସ୍ତା ଢଳେଇ କରାଯାଉନାହିଁ। ଅଞ୍ଚଳବାସୀଙ୍କ କହିବା କଥା ହେଲା ବିଭିନ୍ନ ସ୍ଥାନରେ ରାସ୍ତା ଗଳିକନ୍ଦି ଢଳେଇ ହେଉଥିଲେ ମଧ୍ୟ ଏହି ରାସ୍ତା କାର୍ଯ୍ୟ କରାଯାଉନାହିଁ। କୌଣସ ଲୋକ ପ୍ରତିନିଧି କିମ୍ବା ଅଧିକାରୀମାନେ ଉକ୍ତ ରାସ୍ତା ପ୍ରତି ଦୃଷ୍ଟି ପ୍ରଦାନ କରୁନଥିବା ନେଇ ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଛନ୍ତି। ପ୍ରତିଦିନ



ଏହି ରାସ୍ତାରେ ବର୍ଷା ଦିନେ ଶତାଧିକ ଲୋକେ ଦହଗଞ୍ଜ ଭାବେ ଯାତାୟାତ କରୁଛନ୍ତି। ତୁରନ୍ତ ରାସ୍ତା ଢଳେଇ କରିବାକୁ ଜନସାଧାରଣ ପକ୍ଷରୁ ଦାବି କରାଯାଇଛି।

## ଗୀତା ମିଶନ ପକ୍ଷରୁ ଚାରାରୋପଣ

ବରୀ,୨୮।୭(ସମିସ): ଆନ୍ତର୍ଜାତୀୟ ଗୀତା ମିଶନର ଅଧ୍ୟକ୍ଷ ଡ. ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦାରୁବ୍ରହ୍ମ ବନ ପ୍ରକଳ୍ପର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରୀ କୁଆଖିଆ ମୁଖ୍ୟ ରାସ୍ତାର ଗାନ୍ଧୀଛକ ଠାରୁ ନୂଆ ଗାଁ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ଶତାଧିକ ଫଳ, ପୁଷ୍ପ ଓ ମୂଲ୍ୟବାନ ଚାରା ରୋପଣ କରାଯାଇଛି। ଏହା ଦ୍ୱାରା ଗ୍ରାମ୍ୟ ପରିବେଶକୁ ସୁନ୍ଦର କରାଯିବା ସହ ଆଗାମୀ ଦିନରେ ସରକାରୀ ପଡ଼ିଆ ଓ ରାସ୍ତା କଡ଼ରେ ବିଭିନ୍ନ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରାଯିବା ପାଇଁ ଆନ୍ତର୍ଜାତୀୟ ଗୀତା ମିଶନର ଅଧ୍ୟକ୍ଷ ଡ. ବ୍ରହ୍ମଚାରୀ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ସାମ୍ବାଦିକ ଚୈତନ୍ୟ ଚରଣ ଜେନା, ବିଶ୍ୱଭୂଷଣ ଜେନା, ଅରୁଣ କୁମାର ବେହେରା, ସମାଜସେବୀ ସତ୍ୟ ରଞ୍ଜନ କରଙ୍କ ସମେତ ନୂଆ ଗାଁର ଯୁବକମାନେ ଅଂଶଗ୍ରହଣ କରିଥିଲେ।

## ରସୁଲପୁରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଯାଜପୁର,୨୮।୭(ସମିସ): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ରସୁଲପୁର ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର



ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୧୫୨ ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୮୦ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୩ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୬୯ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୭୨ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ, ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ଯୁଧିଷ୍ଠିର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଭାରପ୍ରାପ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ, ରସୁଲପୁର ସତ୍ୟାନନ୍ଦ ଦାସ, ତହସିଲଦାର, ରସୁଲପୁର ସିଦ୍ଧାର୍ଥ କୁମାର ବେହେରା ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ଜନ୍ମଦିନରେ କ୍ୟାନ୍ସର ପୀଡ଼ିତଙ୍କ ପାଇଁ କେଶ ଦାନ

ଯାଜପୁର,୨୮।୭(ସମିସ): ନିଜ ଜନ୍ମଦିନକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ପ୍ରତ୍ୟେକ ଭିନ୍ନ ଭିନ୍ନ ପ୍ରୟାସ କରିଥାନ୍ତି। ଏଭଳି ଏକ ଭିନ୍ନ ପ୍ରୟାସ କରି ଚର୍ଚ୍ଚାକୁ ଆସିଛନ୍ତି କୋରେଇ ବ୍ଲକ ବଦାଲୋ ପଞ୍ଚାୟତ ଚୌଧୁରୀ ପାଟଣା ଗ୍ରାମର ନରହରି ଦାସଙ୍କ ନାତୁଣୀ ପ୍ରାର୍ଥନା ଦାସ(୨୫)। ନିଜ ଜନ୍ମ ଦିନ ଅବସରରେ ସେ ନିଜର କେଶକୁ କ୍ୟାନ୍ସର ପୀଡ଼ିତଙ୍କୁ ଦାନ କରିଛନ୍ତି। ଭୁବନେଶ୍ୱରରେ ସୁପ୍ରଭା





ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାଧ୍ୟମରେ ସେ ନିଜର କେଶ ଦାନ କରିଛନ୍ତି। ପ୍ରାର୍ଥନା ଜଣେ ସାମ୍ବାଦିକ ଭାବେ କାର୍ଯ୍ୟ କରିବା ସହିତ ଏବେ ସେ ନିଜର ଉଚ୍ଚଶିକ୍ଷା ଜାରି ରଖିଛନ୍ତି। ଏଥିସହିତ ସେ ବିଭିନ୍ନ କ୍ୟାନ୍ସର ସ୍ୱେଚ୍ଛାସେବୀ ସଂଗଠନ ସହିତ କାର୍ଯ୍ୟ କରି ଅନେକ ପ୍ରଶଂସା ସାଉଣ୍ଟିଛନ୍ତି। ତାଙ୍କର ଏଭଳି ନିଆରା ପ୍ରୟାସ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ।

## ଧର୍ମ ପରାୟଣ ମହିଳାଙ୍କ ପରଲୋକ

ସିଂହପୁର,୨୮।୭(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଚନ୍ଦନପୁର ଗ୍ରାମର ସଜନୀ ବେହେରା (୮୦)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣ ଓ ସ୍ନେହୀ ମହିଳା ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ରମାକାନ୍ତ, ବୋହୂ ପ୍ରମୋଦିନୀ ଓ ପରିବାର ଲୋକେ ଉପସ୍ଥିତ ଥିଲେ। ସ୍ୱର୍ଗତ ମହିଳାଙ୍କ ବିୟୋଗରେ ହିମାଂଶୁ ଧଳ, ସୁଧାଂଶୁ ଶେଖର ଧଳ ଶୋକବ୍ୟକ୍ତ କରିଛନ୍ତି।

## ଆଜି ବୁଢ଼ୀ ଜାଗୁଲାଇଙ୍କ ପଞ୍ଚମୀ ଯାତ୍ରା

ବରୀ,୨୮।୭(ସମିସ): ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ପ୍ରତିଷ୍ଠିତ ମାନସ ବୃନ୍ଦାବନର ଦେବୀ ମାଆ ଜାଗୁଲାଇ ହିଁ ମୂଳ ଠାକୁରାଣୀ ଭାବେ ଅଗ୍ରପୂଜ୍ୟ। ପବିତ୍ର ଶ୍ରାବଣ ଏକାଦଶୀରୁ ମାଆ ମନ୍ଦିରରୁ ବାହାରି ଭକ୍ତର ଦୁଃଖ ବୁଝିବାକୁ ଗ୍ରାମ୍ୟ ଭ୍ରମଣରେ ଯାଇଥାନ୍ତି। ଆଚାଣ୍ଡାଳ ବ୍ରାହ୍ମଣ ଗୃହକୁ ଯାଇ ମାଆ ମଣୋହୀ କରିବା ସହ ୯ ଦିନ ପରେ ପୁନଶ୍ଚ ଜାଗ୍ରତ ଗୌରୀ ପଞ୍ଚମୀ ଦିନ ଅଭିମନ୍ୟୁଙ୍କ ବ୍ରାହ୍ମଣୀ ସଦୃଶ ଯମୁନା ନଦୀର କାତ୍ୟାୟନୀ ଘାଟରୁ ସ୍ନାନ ସାରି ମନ୍ଦିରକୁ ପ୍ରବେଶ କରନ୍ତି। କାତ୍ୟାୟନୀ ଘାଟରୁ ମାଆଙ୍କୁ ଏକ ବିଶାଳ ଶୋଭାଯାତ୍ରାରେ ମନ୍ଦିରକୁ ନିଆଯାଇଥାଏ। ମନ୍ଦିରରେ ପ୍ରବେଶ



କରି କାଳେସୀ ଲାଗିଥାନ୍ତି। ଚଳିତବର୍ଷ ଜୁଲାଇ ୨୯ ତାରିଖ ମଙ୍ଗଳବାର ଅପରାହ୍ନ ୩ ଘଟିକାରେ ଜାଗ୍ରତ ଗୌରୀ ପଞ୍ଚମୀରେ ମନ୍ଦିର ପ୍ରବେଶ ମହୋତ୍ସବ ଅନୁଷ୍ଠିତ ହେବ। ଗତ କାମଦା ଏକାଦଶୀରେ ମାଆଙ୍କୁ ତାଙ୍କର ପିତ୍ରାଳୟ ବାଲିଆ ଉଆସକୁ ନିଆ ଯାଇଥିଲା। ପ୍ରତ୍ୟେକବର୍ଷ ପରି ଏ ବର୍ଷ ଏହି ପଞ୍ଚମୀ କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହେବ। ମନ୍ଦିର ପ୍ରବେଶ ପରେ ମାଆ କାଳେସୀ ଲାଗି ସଂସାରର ବିପଦ ଆପଦ ବିଷୟରେ ପ୍ରକାଶ କରିବା ସହିତ ନିଜର ଅଭୟବାଣୀ ପ୍ରଦାନ କରିବେ। ଦୀର୍ଘ ୯ ଦିନ ଧରି ମାଆ ଗ୍ରାମ୍ୟଭ୍ରମଣ କାର୍ଯ୍ୟକ୍ରମ ପରେ ମଙ୍ଗଳବାର ମାଆ ମନ୍ଦିରକୁ ଫେରିବେ।

## ଟ୍ରାକ୍ଟର ଓଲଟି ବୋଲବମ୍ ଯାତ୍ରୀ ଗୁରୁତର

କୁଆଖିଆ,୨୮।୭(ସମିସ): କୁଆଖିଆ ଥାନା ଅନ୍ତର୍ଗତ କରଜଙ୍ଗା ଛକ ପାଖରେ ବୋଲବମ୍ ଯାତ୍ରୀମାନଙ୍କୁ ନେଇ ଯାଉଥିବା ଏକ ଟ୍ରାକ୍ଟର ରାସ୍ତାକଡ଼ ଖାଲକୁ ଓଲଟି ପଡିଛି। ସୌଭାଗ୍ୟକୁ ଏହି



ଖାଲରେ ପାଣି କମ୍ ଥିବାରୁ ଟ୍ରାକ୍ଟରରେ ଥିବା ବୋଲବମ୍ ଯାତ୍ରୀମାନେ ସୁରକ୍ଷିତ ଭାବରେ ଉଦ୍ଧାର ହୋଇଥିଲେ। ସୂଚନା ଅନୁସାରେ ଅର୍ଥଙ୍ଗା ଗ୍ରାମରୁ ପ୍ରାୟ ୯୦ଜଣ ବୋଲବମ୍ ଯାତ୍ରୀ ୩ଟି ଟ୍ରାକ୍ଟର ଯୋଗେ ବ୍ରାହ୍ମଣୀ ନଦୀର ଗୋକର୍ଣ୍ଣେଶ୍ୱର ଘାଟରୁ ପାଣି ଉଠାଇବା ପାଇଁ ଯାଉଥିଲେ। ସେଠାରୁ ପାଣି ଉଠାଇ ନୁଣ୍ଣପୁର ସ୍ଥିତ ଲୋକନାଥ ମହାଦେବଙ୍କ ପାଖରେ ଜଳଲାଗି କରିଥାନ୍ତେ। କିନ୍ତୁ କରଜଙ୍ଗା ଛକ ପାଖରେ ଗୋଟିଏ ଟ୍ରାକ୍ଟର ଭାରସ୍ୟାମ ହରାଇ ରାସ୍ତାକଡ଼ ଖାଲକୁ ପସିଯିବା ସହ ଓଲଟି ପଡିଥିଲା। ଏହି ଟ୍ରାକ୍ଟରରେ ୨୦ରୁ ଅଧିକ ବୋଲବମ୍ ଯାତ୍ରୀ ଥିଲେ। ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପହଞ୍ଚି ବୋଲବମ୍ ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ। କୁଆଖିଆ ପୁଲିସ ଓ ଅଗ୍ନିଶମ ବାହିନୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ଏହି ଦୁର୍ଘଟଣାରେ ଦୁଇ ତିନି ଜଣ ସାମାନ୍ୟ ଆହତ ହୋଇଛନ୍ତି। ବାରମ୍ବାର ସଚେତନତା ପରେ ମଧ୍ୟ ବିପଦପୂର୍ଣ୍ଣ ବୋଲବମ୍ ଯାତ୍ରା କରିବା କାରଣରୁ ଏପରି ଦୁର୍ଘଟଣା ମାନ ଘଟୁଛି।

## ଅସହାୟ ପରିବାରକୁ ଆର୍ଥିକ ସହାୟତା

ଧର୍ମଶାଳା,୨୮।୭(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଡକାଏମା ଗ୍ରାମ ପଞ୍ଚାୟତ କାଏମା ଖର୍ଦ୍ଦା ସାହି ଗ୍ରାମର ନରୋତ୍ତମ ଦାସ (ନରୁ) ଜଣେ ଗରିବ ଶ୍ରେଣୀର ବ୍ୟକ୍ତି। ସେ ଗାଁ ଗାଁ ବୁଲି ସିନ୍ଦୁର ବ୍ୟବସାୟ କରନ୍ତି। ଆର୍ଥିକ ଅନାୟଟନ ଓ ଅତ୍ୟନ୍ତ ଦୁଃଖ ଦୁର୍ଦ୍ଦଶାରେ ରହି ପରିବାର ପ୍ରତିପୋଷଣ କରିଥାନ୍ତି। ନା ଅଛି ମୁଣ୍ଡ ଗୁଞ୍ଜିବାକୁ ବାସଗୃହ ନା ଅଛି ପରିବାର ପ୍ରତିପୋଷଣ କରିବା ପାଇଁ ଅର୍ଥ। ସରକାରଙ୍କ ବିଭିନ୍ନ ଯୋଜନାରୁ ସେ ବଞ୍ଚିତ। କାମ ଧନ୍ଦା ନ ପାଇ ଅତ୍ୟନ୍ତ ଦୁଃଖ କଷ୍ଟରେ ଦିନ ବିତାଇଥାନ୍ତି। ଉକ୍ତ ଖବର ପାଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଲାଙ୍ଗୁଡ଼ି ସୁରକ୍ଷା ମଞ୍ଚର ସମ୍ପାଦକ ଆଲୋକ ଜେନା ସାମନ୍ତଙ୍କ ପରାମର୍ଶ କ୍ରମେ ଅନୁଷ୍ଠାନର ସଭାପତି ବ୍ରଜ କିଶୋର ବିଶ୍ୱାଳ ନେତୃତ୍ୱରେ ଏହାର ସଦସ୍ୟମାନେ ତାଙ୍କ ଘରେ ପହଞ୍ଚି ତାଙ୍କ ପତ୍ନୀକୁ ୨ ମାସର ରାସନ ଦେବା ସହିତ କିଛି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି ସମୟରେ ଲାଙ୍ଗୁଡ଼ି ସୁରକ୍ଷା ମଞ୍ଚର ସହାୟତା ପାଇଁ ଉକ୍ତ ପରିବାର ଏହି ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ସମୟରେ ଅନୁଷ୍ଠାନ ତରଫରୁ ଜୟନ୍ତ କୁମାର ସ୍ୱାଇଁ, ସବ୍ୟସାଚୀ ପଣ୍ଡା, ମହେଶ୍ୱର ରାଉତ, ବ୍ରଜ କିଶୋର ମହାନ୍ତି, ବିଶ୍ୱଜିତ ବିଶ୍ୱାଳ, ବିନୋଦ ବିହାରୀ ବଳ, ସଞ୍ଜୟ କୁମାର ପାଢ଼ୀ ଓ ନିହାର ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପୁରାତନ ଛାତ୍ର ସଂସଦଙ୍କ ସମ୍ବର୍ଦ୍ଧନା ସଭା

ବ୍ରହ୍ମବରଦା,୨୮।୭(ସମିସ): ବ୍ରହ୍ମବରଦା ହାଜିରହିମିଆଁ ସରକାରୀ ଉଚ୍ଚ ବଦ୍ୟାଳୟ ପୁରତନ ଛାତ୍ରସଂସଦ ପକ୍ଷରୁ ବିଦ୍ୟାଳୟର ଶ୍ରେଣୀ ଗୃହରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋରଞ୍ଜନ ବିଶ୍ୱାଳ ସଭାପତିତ୍ୱ କରିଥିବା ବେଳେ ଶୁଭଶ୍ରୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ସଂସଦାର ସଭାପତି ପଞ୍ଚାନନ ରଉତ, ସମ୍ମାନତି ଅତିଥି ଭାବେ ହେମନ୍ତ ସାହୁ ଏବଂ ରଶ୍ମୀରଞ୍ଜନ ରାଉତ ଯୋଗଦେଇଥିଲେ। ୨୦୨୫-୨୬ ଶିକ୍ଷା ବର୍ଷରେ ବାର୍ଷିକ ସାଟିଫିକେଟ ପରୀକ୍ଷାରେ ଅଧିକ ନମ୍ବର ରଖି ଉତ୍ତିର୍ଣ୍ଣ ହୋଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟର ପୁରାତନ ଛାତ୍ରସଂସଦ ପକ୍ଷରୁ ପ୍ରଥମରେ ଅମରଜିତ ନାୟକ, ଦ୍ୱିତୀୟରେ ପ୍ରତୀକ୍ଷା ଜେନା, ତୃତୀୟରେ ପ୍ରଜ୍ଞା ଜେନା ଏବଂ ଚତୁର୍ଥରେ ନସିରୁଦ୍ଦିନ ଖାଁଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ସହ ପ୍ରୋତ୍ସହନ ରାଶି ପ୍ରଦାନ କରାଯାଇଥିଲା ସଭା ଶେଷରେ ଶିକ୍ଷୟତ୍ରୀ ଗୀତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟଳୟର ଖେଳ ଶିକ୍ଷକ ବିଶ୍ୱବନ୍ଧୁ ଗିରି, ସତ୍ୟପ୍ରକାଶ ମିଶ୍ର, ମିତ୍ରଭାନୁ ନାୟକ, ସମିର କୁମାର ପରିଡ଼ା, ଲକ୍ଷ୍ମୀପ୍ରିୟା ନାୟକ, ସ୍ୱସ୍ତିତ ସାହୁ, ଶୁଭଶ୍ରୀ ସାହୁ, ଶକ୍ତିଶ୍ରୀ ପ୍ରିୟବାଦିନୀ, ସନ୍ତୋଷ ପାଢୀ, କମଳା ବେହେରା ଇତ୍ୟାଦି ସଭାକାର୍ଯ୍ୟରେ ସହଯୋଗ କରିଥିଲେ।

## ରାଷ୍ଟ୍ରଦୀପ ପାଠକ ବାର୍ଷିକ ସମ୍ମିଳନୀ

ଧର୍ମଶାଳା, ୨୮ । ୭(ସମିସ): ଧର୍ମଶାଳା ବ୍ଲକ ଜାରକାସ୍ଥିତ ପ୍ରୟାଗ କଲ୍ୟାଣ ମଣ୍ଡପରେ ରାଷ୍ଟ୍ରଦୀପ ପାଠକ ସମିତି ପକ୍ଷରୁ ଷାଠିଏ ବର୍ଷ ପୂର୍ତ୍ତି ଅବସରରେ ପାଠକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ନେତା ନୃସିଂହ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରଦୀପ ସମ୍ପାଦକ ଚିତ୍ତରଞ୍ଜନ ମହାପାତ୍ର, ମୁଖ୍ୟବକ୍ତା ଭାବେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ରାଜ୍ୟ ସମ୍ପାଦକ ସନ୍ତୋଷ କୁମାର ମହାପାତ୍ର, ସମ୍ମାନିତ ଅତିଥିଭାବେ ଅଧ୍ୟାପକ ସୁଶାନ୍ତ କୁମାର ପଣ୍ଡା ଯୋଗଦେଇଥିଲେ। ରାଷ୍ଟ୍ରଦୀପ ପତ୍ରିକା ପ୍ରଚାର ପାଇଁ ସମାଜସେବୀ ଈଶ୍ୱର ପ୍ରଧାନଙ୍କୁ ଅତିଥିମାନେ ପ୍ରଶଂସା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତି ଅର୍ଜନ କରିଥିବା ଧର୍ମଶାଳା ଅଞ୍ଚଳର ୫ଜଣ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ସଭାକୁ ବିବେକାନନ୍ଦ ଜେନା, ଶଶୀକାନ୍ତ ସାମଲ, ଧିରେନ ନାୟକ, ଦିଲ୍ଲୀପ ସ୍ୱାଇଁ, ପରମେଶ୍ୱର ପଣ୍ଡା, ଚିତରଞ୍ଜନ ମହାନ୍ତି, ସବିତା ମିଶ୍ର, ଅକ୍ଷୟ ଗୋଛାୟତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ପୂର୍ବତନ ପ୍ରଧାନ ଶିକ୍ଷକଙ୍କ ପିତୃ ବିୟୋଗ

ପ୍ରୀତିପୁର,୨୮।୭(ସମିସ): ବିଞ୍ଝାରପୁର ବ୍ଲକର ତଥା ବାଙ୍ଗରା ପଞ୍ଚାୟତର ବିଶିଷ୍ଟ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଗନବିହାରୀ ଧଳଙ୍କ ପିତା ବେଣୁଧର ଧଳ (୮୪)ଙ୍କ ପରଲୋକ ହୋଇଯାଇଛି। ସେ ଗତ କିଛିଦିନ ଧରି ଅସୁସ୍ଥ ଥିଲେ। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ମେଳାପୀ ସ୍ୱଭାବର ମଣିଷ ଥିଲେ। ମଧ୍ୟମପୁତ୍ର ସୁଦର୍ଶନ ମୁଖାଗ୍ନି ଦେଇଛନ୍ତି। ତାଙ୍କ ବିୟୋଗରେ ଯାଜପୁର ସଂସଦ ଡ.ରବୀନ୍ଦ୍ର ନାରାୟଣ ବେହେରା, ବିଜେପି ନେତ୍ରୀ ବବିତା ମଲିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପୁରୁଷୋତ୍ତମ ବେହେରା, ନିରଞ୍ଜନ ବେଉରିଆ, ଜିତେନ୍ଦ୍ର ବିଶ୍ୱାଳ, ଭୁବନାନନ୍ଦ ସାମଲ, ରାଜକିଶୋର ନାୟକ, ସରପଞ୍ଚ ଜ୍ଞାନରଞ୍ଜନ ଜେନା, ପ୍ରାକ୍ତନ ବିଧାୟକ ପବିତ୍ର ମୋହନ ଜେନା, ପୁରାତନ ସରପଞ୍ଚ ଅକ୍ଷୟ କୁମାର ନାୟକ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

ପ୍ରଥମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱ ସୁମନ୍ତ ନାରାୟଣ ଆଚାର୍ଯ୍ୟ
ଆବିର୍ଭାବ: ୦୬.୦୬.୧୯୬୨
ତିରୋଧାନ: ୦୯.୦୮.୨୦୨୪
ସ୍ୱ ରୀନା ଦାଶ
ଆବିର୍ଭାବ: ୧୧.୦୭.୧୯୭୩
ତିରୋଧାନ: ୨୫.୦୧.୨୦୨୫
ମନେପଡୁଛି ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଏବଂ ଭଲପାଇବାର ସ୍ମୃତି । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପୁତୁ - ରାଜା, ଝିଅ- ମାମୁନି, ଜ୍ୱାଇଁ- ନିଳାଦ୍ରି, ନାତି- ଈଶାନ, ଆତ୍ମୀୟ ସ୍ୱଜନ

### ଟଙ୍କା ନଦେବାରୁ ବଧୂହତ୍ୟା ଅଭିଯୋଗ

# ସ୍ୱାମୀ ଅଟକ; ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

ଦଶରଥପୁର/ମଙ୍ଗଳପୁର/କଯାଁଗୋଲା,୨୮।୭(ସମିସ)

ଦାବି ମୁତାବକ ଟଙ୍କା ନ ଦେଇ ପାରିବାରୁ ଜଣେ ବିବାହିତ ମହିଳାଙ୍କୁ ତାଙ୍କ ସ୍ୱାମୀ ଓ ଶାଶୂ ଘର ଲୋକେ ମିଳିମିଶି ହତ୍ୟା କରିଥିବା ମୃତା ମହିଳାଙ୍କ ଭାଇ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ମଙ୍ଗଳପୁର ଥାନା ପୁଲିସ ମହିଳାଙ୍କ ସ୍ୱାମୀକୁ ଥାନାରେ ଅଟକ ରଖିଥିବା ବେଳେ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ଛାନଭିନ କରିଥିବା ଜଣାଯାଇଛି। ଅଭିଯୋଗ ମୁତାବକ ଭଦ୍ରକ ଜିଲ୍ଲା ଧାମନଗର ଥାନା ଟାଙ୍ଗିଆପାଳ ଅଞ୍ଚଳର ଦିବାକର ଯେନାଙ୍କ ଝିଅ ମଙ୍ଗଳପୁର ଥାନା କମାରଡିହି ପଞ୍ଚାୟତ ସହିମାଡ଼ ଗ୍ରାମର ସନାତନ ଯେନାଙ୍କ ପୁଅ ବାପି ଯେନାଙ୍କୁ ବୈଦିକ ରୀତିନୀତି ଅନୁସାରେ ବିବାହ କରିଥିଲେ। ବିବାହ ସମୟରେ ଦିବାକର ବର ପକ୍ଷଙ୍କ ଦାବି ମୁତାବକ ଯାନିଯୌତୁକ ଦେଇ ଝିଅକୁ ଶାଶୂ ଘରକୁ ବିଦା କରିଥିବା ବେଳେ କିଛି ମାସ ପରେ ଜ୍ୱାଇଁ ବାପି ଗାଡ଼ି କିଣିବାକୁ ବାପ ଘରୁ ଅଧିକ ୫ ଲକ୍ଷ ଟଙ୍କା ଆଣିବା ପାଇଁ ପତ୍ନୀକୁ ବାଧ୍ୟ କରୁଥିଲେ। ଯାହାକୁ ନେଇ ପ୍ରାୟ ସମୟରେ ଉଭୟଙ୍କ ଦାମ୍ପତ୍ୟ ଜୀବନ କଳି ଝଗଡ଼ାରେ କଟୁଥିଲା। ଝିଅକୁ ଶାଶୂ ଘରେ ଭଲରେ ଗଣ୍ଡେ ଖାଇବାକୁ ଦିଆ ଯାଉନଥିବା ସହ ମାଡ଼ ମରାଯାଉଥିବା ଜାଣି ଭାଇ ବିଦ୍ୟାଧର ଅଳ୍ପ ଦିନ ପୂର୍ବେ ଭଉଣୀକୁ ନିଜ ଘରକୁ ନେଇ ଆସିଥିବା ବେଳେ ଭିଣୋଇ ବାପି ଆଗକୁ ଆଉ ସେଭଳି ହେବ ନାହିଁ ବୋଲି ପ୍ରତିଶ୍ରୁତି ଦେଇ ତାଙ୍କ ଭଉଣୀକୁ ଫେରାଇ ଆଣିଥିଲା। ତେବେ ଗତକାଲି ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଭିଣୋଇ ବାପି ଟଙ୍କା ଦେଇ ନପାରିବାରୁ ତାଙ୍କ ଭଉଣୀକୁ ପରିବାର ଲୋକଙ୍କ ସହାୟତାରେ ହତ୍ୟା କରିଛି ବୋଲି ଫୋନରେ କହିବା ସହିତ ପାଟି ଖୋଲିଲେ ତୁମ ସମସ୍ତଙ୍କୁ ହାଣି ହତ୍ୟା କରିବି ବୋଲି ଧମକ ଦେଇଥିଲା। ଯାହାକୁ ନେଇ ବିଦ୍ୟାଧର ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ଅଭିଯୋଗ ଆଧାରରେ ପୁଲିସ ଥାନା କେଶ ନଂ ୧୮୯/୨୫ ରେ ଏକ ମାମଲା ରୁଜୁ କରି ସ୍ୱାମୀ ବାପି ଯେନାକୁ ଥାନାରେ ଅଟକ ରଖିଥିବା ବେଳେ ସାଇଣ୍ଟିଫିକ ଟିମ ମୃତା ମହିଳାଙ୍କ ଶାଶୁ ଘରେ ପହଞ୍ଚି ଅଧିକ ଛାନ୍‌ଭିନ କରିବା ପରେ ପୁଲିସ ଶବ ଜବଦ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଅଭିଯୋଗର ତଦନ୍ତ ତ୍ୱରାନ୍ୱିତ କରିଥିବା ଥାନା ସୂତ୍ରରୁ ଜଣାଯାଇଛି।

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ଡଃ ସରୋଜ କୁମାର ସାମନ୍ତ
ଅଧ୍ୟକ୍ଷ ତଥା ସଂପାଦକ
ଗଞ୍ଜାମ ଆଇନ ମହାବିଦ୍ୟାଳୟ, ଆମ୍ବପୁଆ, ବ୍ରହ୍ମପୁର
ଆବିର୍ଭାବ - ତା. ୨୧. ୦୩. ୧୯୭୯ / ତିରୋଧାନ - ତା. ୧୮. ୦୭.୨୦୨୫
ହେ ପୁଣ୍ୟାତ୍ମା, ଆପଣ ଆମ୍ଭମାନଙ୍କୁ ଦୁଃଖ ସାଗରରେ ଭସାଇ ଦେଇ ଆରପାରିକୁ ଚାଲିଗଲେ। ଆପଣଙ୍କ ଅମଳିନ ସ୍ନେହ, ଶ୍ରଦ୍ଧା ଓ ମାର୍ଗଦର୍ଶନରୁ ଏବେ ଆମେ ବଞ୍ଚିତ। ଅଶ୍ରୁସିକ୍ତ ନୟନରେ ଆପଣଙ୍କ ସ୍ମୃତିକୁ ଝୁରିବା ବ୍ୟତିରକେ ଅନ୍ୟ ଉପାୟ୍ ନାହିଁ। ଈଶ୍ୱରଙ୍କ ଏ ଚରାଚର ସୃଷ୍ଟିରେ ଆପଣ ଯେଉଁଠି ଥିଲେ ବି ଆଲୋକବର୍ତ୍ତିକା ହୋଇ ଆମକୁ ଆଶୀର୍ବାଦ କରୁଥାଆନ୍ତୁ। ଆପଣଙ୍କ ଅମର ଆତ୍ମା ଚିର ଶାନ୍ତି ଲାଭ କରୁ, ଆଜି ଏକାଦଶାହ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଆପଣଙ୍କର ଶୋକସନ୍ତପ୍ତ
ଗଭୀର ଶ୍ରଦ୍ଧାଞ୍ଜଳି ସହ ମାନସ ମୋହିନୀ ସାମନ୍ତ (ମା), ସଂଜିପ ସାମନ୍ତ (ଭାଇ), ସରିତା ଓ ସୁନିତା (ଭଉଣୀ), ନମିତା (ଧର୍ମପତ୍ନୀ), ଶ୍ରଦ୍ଧା (ଝିଅ), ତନୁଶ୍ରୀ, ସୋନାକ୍ଷୀ, ମାନିକଲାଲ, ଆନନ୍ଦ, ମୁକେଶ, ମନୋଜ, ମାନସୀ ଓ ମିନତୀଙ୍କ ସମେତ ସାମନ୍ତ ପରିବାର ସଦସ୍ୟ ଓ ବନ୍ଧୁ ବର୍ଗ

## ପଟ୍ଟାମୁଣ୍ଡାଇ କଲେଜରେ ଆଇସିସି କର୍ମଶାଳା

**ପଟ୍ଟାମୁଣ୍ଡାଇ, ୨୮।୭(ସମିସ):** ପଟ୍ଟାମୁଣ୍ଡାଇ କଲେଜ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଡଃ ଦୁଃଶାସନ ପରିଡ଼ାଙ୍କ ପୌରୋହିତ୍ୟରେ ଆୟୋଜିତ କର୍ମଶାଳାରେ ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ ଯୋଗଦେଇ ଛାତ୍ରୀଙ୍କ ଆତ୍ମସୁରକ୍ଷା, ସଶକ୍ତିକରଣ ଓ ଆଇନଗତ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷ ଡଃ ପରିଡ଼ା ଛାତ୍ରୀ ଯେକୌଣସି ସମସ୍ୟାକୁ ଅତ୍ୟନ୍ତ ସାହସ ଓ ବୁଦ୍ଧିମତ୍ତାର ସହ ମୁକାବିଲା କରିବା ଓ କୌଣସି ପରିସ୍ଥିତିରେ ଧୈର୍ଯ୍ୟହରା ହୋଇ ଭୁଲ ନିଷ୍ପତ୍ତି ନନେବାକୁ ପରାମର୍ଶ ଦେଇଥିଲେ। ଆଇସିସି ପ୍ରିଜାଇଡିଂ ଅଫିସର ପ୍ରାଧ୍ୟାପିକା ଡଃ ଅଞ୍ଜଳି ଦାଶ ପକ୍‌ସୋ ଆଇନର ବିଭିନ୍ନ ଧାରା ଉପରେ ଛାତ୍ରୀଙ୍କୁ ସୂଚନା ଦେଇଥିଲେ। ଆଇସିସି ସଭ୍ୟ ପ୍ରାଧ୍ୟାପକ ଡଃ ସୁନୀଲ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ କର୍ମଶାଳାରେ ଆଇସିସି ସଭ୍ୟ ପ୍ରମୋଦ ପରିଡ଼ା, ଲକ୍ଷ୍ମୀପ୍ରିୟା ବେହେରା, ଆପୁଆ ନିର୍ଦ୍ଦେଶକ ବିଜୟ କବି, ଛାତ୍ରୀ ପ୍ରତିନିଧି ମୋନାଲିସା ପ୍ରଧାନ, ରାଜେଶ୍ୱରୀ ମିଶ୍ର, ମୋନାଲିସା ଦାଶଙ୍କ ସମେତ ବହୁ ଛାତ୍ରଛାତ୍ରୀ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ପ୍ରାଧ୍ୟାପକ କ୍ୟାପଟେନ ମନୋଜ ପରିଡ଼ା ଧନ୍ୟବାଦ ଦେଇଥିଲେ। କର୍ମଶାଳାକୁ ଆଇସିସି ସଦସ୍ୟ ଅଧ୍ୟାପକ ଜିତେନ୍ଦ୍ର ମଲ୍ଲିକ ଓ ଅଧ୍ୟାପିକା ଆରଏନ ମଧୁସ୍ମିତା ପରିଡ଼ା ପରିଚାଳନା କରିଥିଲେ।

### ବ୍ରାହ୍ମଣୀରେ ପୁଣି ବନ୍ୟା

# ପଟ୍ଟାମୁଣ୍ଡାଇର ବ୍ୟାପକ ଅଞ୍ଚଳ ଜଳମଗ୍ନ



**ପଟ୍ଟାମୁଣ୍ଡାଇ, ୨୮।୭(ସମିସ)**

ବ୍ରାହ୍ମଣୀ, ବୈତରଣୀ ଓ କାଣୀ ନଦୀରେ ବନ୍ୟା ଆସି ବ୍ୟାପକ କ୍ଷୟକ୍ଷତି ସାଙ୍ଗକୁ ଫସଲହାନୀ ଘଟି ଗରିବ ଖଟିଖିଆ ଓ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିଲା। ଚାଷଜମିରୁ ବନ୍ୟା ପାଣି ଶୁଖି ନ ଥିବାବେଳେ ବ୍ରାହ୍ମଣୀ ନଦୀରେ ପୁଣି ବନ୍ୟା ଆସିଛି। ବାରମ୍ବାର ବନ୍ୟା ଆସିବା ଫଳରେ କ୍ଷୟକ୍ଷତି ଓ ଫସଲହାନୀ ଆଶଙ୍କାରେ ଗରିବ ଖଟିଖିଆ ଓ ଚାଷୀ ଚିନ୍ତିତ ହୋଇପଡ଼ିଛନ୍ତି। କୁମ୍ଭୀର ଭୟ ଲୋକଙ୍କ ମନରୁ ଲିଭି ନ ଥିବାବେଳେ ପୁନରାୟ ବନ୍ୟା ଆସିବା ଯୋଗୁଁ କୁମ୍ଭୀର ଭୟରେ ସମଗ୍ର ଧୋୟାଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ପେଣ୍ଠପାଳ ପଞ୍ଚାୟତର କୋଲଥିଆ ଜେନାସାହି ନିକଟରେ ଆରଡି ରାସ୍ତାରେ ଘାଇ ହୋଇଛି।

ବ୍ରାହ୍ମଣୀ ଓ କାଣୀ ନଦୀରେ ବନ୍ୟା ଆସିବା ଫଳରେ ପଟ୍ଟାମୁଣ୍ଡାଇ ବ୍ଲକର ୧୪ ପଞ୍ଚାୟତ ଓ ପୌରାଞ୍ଚଳର ୧୧ଟି ୱାର୍ଡର ହଜାର ହଜାର ଏକର ଜମି ଜଳମଗ୍ନ ହୋଇପଡ଼ିଛି। ପଟ୍ଟାମୁଣ୍ଡାଇ ବ୍ଲକର ସବୁଠାରୁ ଦୁର୍ଗମ ଅଞ୍ଚଳ ସିଂହଗାଁ ପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ସିଂହଗାଁ ପଞ୍ଚାୟତର ସିଂହଗାଁ, କୃଷ୍ଣଦାସପୁର, ରାଉଳିଆଡିଆ, ପାଣିସାଉଁଳିଆ ଆଦି ଜଳମଗ୍ନ ହୋଇ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ଅଳପୁଆ ପଞ୍ଚାୟତର ଗୋଜିଆକଣ, ବିଲମଲିକସାହି, ବେହେରାସାହି, ମିଶ୍ରବାଗ, ସେଠୀସାହି, ଜେନାସାହି, ପାହାନ୍ତାସିଂହସାହି, ତରଡ଼ିପାଳ ପଞ୍ଚାୟତର ପୋଖରୀକୂଳ, ଗୋପାଳପୁର, ଜେନାସାହି, ବିଶ୍ୱାଳସାହି, ନାଥସାହି, ମଲିକସାହି, ଘାଗରାଡିଆ ପେଣ୍ଠପାଳ ପଞ୍ଚାୟତର କୂଳସାହି, କୋଲଥିଆ, ବାଲିକିରା, ଦାଣ୍ଡିସାହି, ଅଣ୍ଡରା ପଞ୍ଚାୟତର ବ୍ରହ୍ମପୁର, ବିଷ୍ଣୁପୁର, ବ୍ରାହ୍ମଣସାହି, ଦାଣ୍ଡିଉପର, ଅମୃତମଣୋହି ପଞ୍ଚାୟତର

- କୁମ୍ଭୀର ଯୋଗୁଁ ଧୋୟାଞ୍ଚଳରେ ଆତଙ୍କ
- କୋଲଥିଆ ଆରଡି ରାସ୍ତାରେ ଘାଇ

ନୂଆଡିଆ, ଜଗନ୍ନାଥପୁର, ଶାନ୍ତିପଡ଼ା, ସିଦ୍ଧବାଲି, ବଲୁରିଆ ପଞ୍ଚାୟତର ଫୁଲପାଟଣା ଆଦି ଅଞ୍ଚଳର ହଜାର ହଜାର ଏକର ଚାଷଜମି ଜଳମଗ୍ନ ହୋଇପଡ଼ିଛି। କୋଲଥିଆ ଜେନାସାହି ନିକଟରେ ଆରଡି ରାସ୍ତାରେ ୫୦ ଫୁଟ ଘାଇ ହୋଇ ବନ୍ୟା ସୁଅ ଛୁଟିବା ଯୋଗୁଁ ଯାତାୟାତରେ ବାଧା ସୃଷ୍ଟି ହୋଇଛି।

ସେହିପରି ପଟ୍ଟାମୁଣ୍ଡାଇ ବ୍ଲକର ଶ୍ରୀରାମପୁର, ଡାମରପୁର, ନୀଳକଣ୍ଠପୁର, ବାଲିପାଟଣା, ବାଛରା, ବଳଭଦ୍ରପୁର ଶାସନ ଆଦି ପଞ୍ଚାୟତର ଶହ ଶହ ଏକର ଚାଷଜମି ଜଳମଗ୍ନ ହୋଇପଡ଼ିଛି। ପଟ୍ଟାମୁଣ୍ଡାଇ ବ୍ଲକରେ ପୁନଃରାୟ ଦେଖା ଦେଇଥିବା ବନ୍ୟା ପରିସ୍ଥିତି ସଫଳ ମୁକାବିଲା ପାଇଁ ବ୍ଲକ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ କରାଯାଇ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯିବା ପାଇଁ ନିଷ୍ପତ୍ତି ନିଆଯିବା ସହିତ ସମସ୍ତ ପଦକ୍ଷେପ ନେବାକୁ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଓ ବିଡିଓ ଅଶୋକ ମହାନ୍ତି ଆବଶ୍ୟକ ସମସ୍ତ ପଦକ୍ଷେପ ନେବାକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ପଞ୍ଚାୟତ ପ୍ରତିନିଧିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବାଛରା ପଞ୍ଚାୟତର ମଣ୍ଡପଡ଼ା-ବାଛରା ରାସ୍ତା ବୁଡ଼ିଯାଇଥିବାରୁ ବାଛରା ମଣ୍ଡପଡ଼ା ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବାଲିପଡ଼ା, ତଳବାଲିପଡ଼ା, ବଳଦେବନଗର, ସିଦ୍ଧପାଟଣା, କକ୍ଷଣଅଣ୍ଟା, ନୂଆଗାଁ, କାକୁଡିପଲ୍ଲୀ, ତନୁପୁର, ନନ୍ଦିନୀନଗର, ଷଣ୍ଢପଲ୍ଲୀ, ଅଳଭା ଆଦି ବିଭିନ୍ନ ଗ୍ରାମ ଓ ୧୧ଟି ୱାର୍ଡ ଜଳମଗ୍ନ ହୋଇପଡ଼ିବା ସହିତ ଶହ ଶହ ଏକର ଚାଷଜମି ମଧ୍ୟ ବୁଡି ରହିଛି। ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଇଂ ମନୋରଞ୍ଜନ ସାହୁ ପ୍ରମୁଖ ଦୁର୍ବଳ ନଦୀବନ୍ଧ ପରିଦର୍ଶନ କରି ବିଭାଗୀୟ କର୍ମଚାରୀ ସହାୟତାରେ ବାଲିବସ୍ତା ପକାଇ ପରିସ୍ଥିତି ପ୍ରତି ସତର୍କ ଦୃଷ୍ଟି ରଖିଛନ୍ତି।

## ବନ୍ୟାରେ ବୁଡ଼ିଥିବା କନପୁର ଗାଁରେ ପହଞ୍ଚିଲା ପ୍ରଶାସନ



**ରାଜକନିକା, ୨୮।୭(ସମିସ):** କାଲିଠୁ ବନ୍ୟାରେ ଉବୁଟୁବୁ ହେଉଥିବା କନପୁର ଓ ଗୁଣ୍ଠଳ ଗାଁର ବନ୍ୟା ସ୍ଥିତି ସଙ୍ଗୀନ ନେଇ ଖବର ପ୍ରକାଶ ପରେ ଆଜି ସକାଳେ ପ୍ରଶାସନ ସେମାନଙ୍କ ନିକଟରେ ପହଞ୍ଚିଛି। ରାଜକନିକା ବିଡିଓ ଦାୟିତ୍ୱରେ ଥିବା ତହସିଲଦାର ଭାନୁମତୀ ମାଝୀ ଆଜି କନପୁର ଗ୍ରାମରେ ପହଞ୍ଚି ଲୋକଙ୍କ ଅବସ୍ଥା ପଚାରି ବୁଝିବା ସହ ବନ୍ୟା ସମ୍ପର୍କିତ ଖବର ଜିଲ୍ଲାକୁ ଅବଗତ କରାଇଛନ୍ତି। ଗାଁ ଦାଣ୍ଡରେ ବୁଡ଼ିଥିବା ବନ୍ୟା ପାଣିରେ ପଶି ବିଡିଓ, ପିଇଓ, ନହୁଣୀ ଆରଆଇ ଲୋକଙ୍କୁ ଭେଟୁଛନ୍ତି। ବନ୍ୟା ଦାଉରେ ଥିବା ଦୁର୍ଗତଙ୍କୁ ପିଇବା ପାଣି, ଶୁଖିଲା ଖାଦ୍ୟ ସହ ଗୋଖାଦ୍ୟ ଯୋଗାଇ ଦେବାକୁ ଏହି ଗ୍ରାମର ଲୋକେ ଦାବି କରିଛନ୍ତି।

ଗତକାଲିଠୁ ବନ୍ୟାରେ ବୁଡିଥିବା କନପୁର ଗ୍ରାମର ଖବର ପ୍ରକାଶ ପାଇବା ପରେ ପ୍ରଶାସନ ଡେରି ନ କରି ସକାଳୁ ପହଞ୍ଚିଥିଲା। ବାର୍‌ହା କନପୁର ଓ କଏମା କନପୁର ଗ୍ରାମର କିଛି ଘରକୁ ଯାଇ ସମସ୍ୟା ଅବଗତ ହେବା ପରେ ଏହି ଟିମ ଗୁଣ୍ଠଳ ଗାଁକୁ ଯାଇଥିଲା। ସେଠାରୁ ମାନପୁର ଘାଟ ଯାଏ ଯିବାକୁ ଥିବାବେଳେ ଆଜି କାଉଡିଆଙ୍କ ଭିଡ଼ରେ ନଦୀ ସଂଲଗ୍ନ ରାସ୍ତା ଜାମ ଥିବାରୁ ଫେରି ଆସିଥିଲେ। ବ୍ରାହ୍ମଣୀ ଓ ବୈତରଣୀ ନଦୀରେ ବନ୍ୟା ଆସିବା ଯୋଗୁଁ ଏହାର ଶାଖା ପେଟା ନଦୀର ଜଳସ୍ତର ବଢ଼ିବାରେ ଲାଗିଛି। ଫଳରେ ଆଜି ସନ୍ଧ୍ୟା ସୁଦ୍ଧା ରାଜକନିକା ବ୍ଲକ ବାରହାଦୋମଣ୍ଡା ପଞ୍ଚାୟତର ବାରହା କନପୁରର ୧ ଓ ୨ ନମ୍ବର ୱାର୍ଡ, କାଏମା କନପୁରର ୩ ଓ ୪ ନମ୍ବର ୱାର୍ଡର ୨୫୩ ପରିବାର ପ୍ରଭାବିତ ହୋଇଛନ୍ତି।

## ଅଳପୁଆରେ 'ମନ କି ବାତ୍' କାର୍ଯ୍ୟକ୍ରମ

**ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି, ୨୮।୭(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଧୋୟାଞ୍ଚଳର ଅଳପୁଆ ପଞ୍ଚାୟତରେ ପ୍ରଧାନମନ୍ତ୍ରୀଙ୍କ ମନ କି ବାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କେନ୍ଦ୍ରାପଡ଼ା ୧୫ନଂ ଜୋନ୍‌ର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ନାରଦ ଚନ୍ଦ୍ର ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭ୍ୟ କିଶୋର ରାଉତ, ଅଳପୁଆ ପଞ୍ଚାୟତ ସଭାପତି ବ୍ରଜବିହାରୀ ଧଳ, ରାଜକିଶୋର ବିଶ୍ୱାଳ, ଆଲୋକ ଧଳ, ରାଜେନ୍ଦ୍ର ନାଥଶର୍ମା, ବଳରାମ ଜେନା, ଅମିନ ସାହୁ, ବାଞ୍ଛାନିଧି ମହାନ୍ତି, ନିରାକାର ବିଶ୍ୱାଳ, ଅବିନାଶ ଧଳଙ୍କ ସମେତ ପଞ୍ଚାୟତ ଓ ବୁଥସ୍ତରୀୟ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

## ଭିଡିଓ ଭାଇରାଲ ଧମକ ଅଭିଯୋଗ

**ରାଜକନିକା, ୨୮।୭(ସମିସ):** ରାଜକନିକା ଥାନା ଅନ୍ତର୍ଗତ ସିହୋପଡ଼ା ଗାଁରୁ ଆସିଛି ଏକ ଅଭାବନୀୟ ଘଟଣା। ସିହୋପଡ଼ା ଗ୍ରାମର ଜଣେ ୧୭ ବର୍ଷର ଝିଅକୁ ବିବାହ ପ୍ରତିଶ୍ରୁତି ଦେଇ ବାରମ୍ବାର ଅନୈତିକ ସମ୍ପର୍କ ରଖିଥିବା ଓ ଭିଡିଓ ଭାଇରାଲ ଧମକ ନେଇ ରାଜକନିକା ଥାନାରେ ଅଭିଯୋଗ ହୋଇଛି। ଛଦେଶ ଗ୍ରାମର ରବୀନ୍ଦ୍ର ଜେନାଙ୍କ ପୁଅ ସୁଶାନ୍ତ ଜେନା (୨୫) ପୀଡ଼ିତାଙ୍କୁ ଭଲ ପାଉଥିଲେ ଓ ବିବାହ ପ୍ରତିଶ୍ରୁତି ଦେଇଥିଲେ। ଏହାର ସୁଯୋଗ ନେଇ ସୁଶାନ୍ତ ଅନୈତିକ ସମ୍ପର୍କ ରଖିଥିଲେ। ୨୫ ତାରିଖ ଦିନ ପୁନର୍ବାର ଅନୈତିକ ସମ୍ପର୍କ ରଖିବାକୁ ବାଧ୍ୟ କରିଥିଲା। ପୀଡ଼ିତା ରାଜି ନ ହେବାରୁ ଅସଜାଡ଼ିତ ବେଳର ଫଟୋ ଭିଡିଓ ଭାଇରାଲ ବୋଲି ଧମକ ଦେଇଥିବା ନେଇ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ୩୯୩/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ସଞ୍ଜୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

## ଅସଦାଚରଣ ଅଭିଯୋଗରେ ପ୍ରେମିକ ଗିରଫ



**ରାଜକନିକା, ୨୮।୭(ସମିସ):** ରାଜକନିକା ଥାନା ଅନ୍ତର୍ଗତ ଘରଭଞ୍ଜାକୋହ୍ଲା ଗ୍ରାମର ଜଣେ ୧୭ ବର୍ଷର ଝିଅକୁ ଶିଶୁଆ ଗାଁର ଜଣେ ଯୁବକ ଏକପାଖିଆ ପ୍ରେମ କରି କରିଥିବା ଅସଦାଚରଣ ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ ଶିଶୁଆ ଗାଁର ବନମାଳୀ ମଲିକଙ୍କ ପୁଅ ବିଚିତ୍ର ମଲିକ(୨୩)କୁ ରାଜକନିକା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୋଗକୁ ଆଧାର କରି ୩୯୨/୨୫ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସଞ୍ଜୟ ମଲ୍ଲିକ ସୂଚନା ଦେଇଛନ୍ତି।

## ଲାଓସରେ ଓଡ଼ିଆ ଯୁବକ ନିର୍ଯାତିତ

**ରାଜକନିକା, ୨୮।୭(ସମିସ):** ବେକାର ସମସ୍ୟା ବୃଦ୍ଧି ପାଉଥିବାବେଳେ ବାହାର ଦେଶରେ ଦାଦନ ଖଟିବାକୁ ଯାଇ ଜଣେ ଯୁବକ ନିର୍ଯାତନାର ଶିକାର ହେଉଥିବା ତାଙ୍କ ବାପା ଥାନାରେ ଅଭିଯୋଗ କରି ପୁଅର ମୁକ୍ତି ପାଇଁ ନିବେଦନ କରିଛନ୍ତି। ରାଜକନିକା ଥାନା ସଂଗ୍ରାମପୁର ଗ୍ରାମର ପଞ୍ଚାନନ ନାୟକ ରାଜକନିକା ଥାନାରେ ଦେଇଥିବା ଏତଲା ଉଲ୍ଲେଖ କରିଛନ୍ତି ଯେ, ତାଙ୍କ ପୁଅ ପବିତ୍ର ନାୟକ ଲାଓସର ଅଷ୍ଟମାଇ ଟ୍ରେଡିଂ ଇଣ୍ଟରନ୍ୟାସନାଲ ସୋସାଇଟି କୋଅପରେଟିଭ ଲିମିଟେଡ଼ କମ୍ପାନୀରେ କାମ କରୁଛି। ଦୁଇମାସ କାମ କରିବା ପରେ ପାରିଶ୍ରମିକ ନ ଦେଇ ମାନସିକ ନିର୍ଯାତନା ଦିଆଯାଉଛି। ତାଙ୍କ ବୃଦ୍ଧ ଅବସ୍ଥାରେ ଭରସା ଥିବା ପୁଅକୁ ଉଦ୍ଧାର ପାଇଁ ଅନୁରୋଧ କରିଛନ୍ତି।

## ସ୍ୱପ୍ନେଶ୍ୱରଙ୍କୁ ଜଳଲାଗି କଲେ କୁନି କାଉଡ଼ିଆ

**କେନ୍ଦ୍ରାପଡ଼ା, ୨୮।୭(ସମିସ):** ଆଜି ଶ୍ରାବଣ ତୃତୀୟ ସୋମବାରରେ ଆୟବା ସ୍ୱପ୍ନେଶ୍ୱର ମହାଦେବଙ୍କୁ ଜଳଲାଗି କରିଛନ୍ତି କୁନି କାଉଡ଼ିଆ। ଆୟବା ଗାଁର କୁନିକୁନି ପିଲା ଗଣ୍ଡାଖିଆ ମଣି ମନ୍ଦିର ନିକଟ ଗୋବରୀ ନଦୀରୁ ପାଣି ଉଠାଇ ନରଣପୁର, ମଧୁରକୂଳ, କେଉଟଗଡ଼ ଓ ବାଲିଗୋଠ ଗାଁ ଅତିକ୍ରମ କରି ଆୟବା ଗ୍ରାମରେ ପହଞ୍ଚିଥିଲେ। ସେଠାରେ ବାବା ସ୍ୱପ୍ନେଶ୍ୱର ମହାଦେବଙ୍କୁ ଜଳାଭିଷେକ କରିଥିଲେ। ଏହି ଆଧ୍ୟାତ୍ମିକ ଯାତ୍ରାରେ ପ୍ରାୟ ୬୦ ଜଣ ଶ୍ରଦ୍ଧାଳୁ ଓ ସେମାନଙ୍କ ଅଭିଭାବକ ଯୋଗଦେଇଥିଲେ। ସମାଜସେବୀ ବୀରେନ୍ଦ୍ର ଦାସ, କାର୍ତ୍ତିକ ପରିଡ଼ା, ବିମଳ ସାହୁ, ସୁରେଶ ସ୍ୱାଇଁ, ଶରତ ସ୍ୱାଇଁ, ହେମନ୍ତ ସୂତାର, ଅନନ୍ତ ଜେନା, ସରୋଜକାନ୍ତ ପାଣି, ଅଯୋଧ୍ୟା ବିଶ୍ୱାଳ, ମୃତ୍ୟୁଞ୍ଜୟ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ଅମରନାଥଙ୍କ ପୀଠରେ କୁନି କାଉଡ଼ିଆଙ୍କ ଜଳଲାଗି

**ଗୋବିନ୍ଦପୁର, ୨୮।୭(ସମିସ):** ଆଜି ଶ୍ରାବଣ ମାସର ତୃତୀୟ ସୋମବାରରେ ଏରଡଙ୍ଗ ନାଟରାର ଅମରନାଥ ଶିବ ମନ୍ଦିରରେ ଛୋଟ ଛୋଟ ପିଲା ଜଳଲାଗି କରିଛନ୍ତି। ସେମାନେ କାଣୀ ନଦୀରୁ ପାଣି ଉଠାଇ ଅମରନାଥ ଶିବ ମନ୍ଦିର ପହଞ୍ଚି ଜଳଲାଗି କରିଥିବା ଦେଖିବାକୁ ମିଳିଥିଲା।



## ମଙ୍ଗଳେଶ୍ୱର ପୀଠରୁ ମହାବିନାୟକ ପୀଠକୁ କାଉଡ଼ିଆଙ୍କ ଯାତ୍ରା

**ପଞ୍ଚୁପାଣ୍ଡବ, ୨୮।୭(ସମିସ):** ଡେରାବିଶ ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ହଳଦିଆପାଟଣା ଗ୍ରାମର ଶତାଧିକ କାଉଡ଼ିଆ ମାନସିକ ପୂରଣ କରିବା ପାଇଁ ବୋଲବମ୍ ଯାତ୍ରା ଆରମ୍ଭ କରିଥିଲେ। ବିରୂପା ନଦୀର ମଙ୍ଗଳେଶ୍ୱର ପୀଠରୁ ପାଣିଭାର ନେଇ ଯାଜପୁର ଜିଲ୍ଲାର ମହାବିନାୟକ ପୀଠରେ ଜଳଲାଗି କରିଛନ୍ତି। ସରୋଜ ସାହୁ, ସୌଭାଗ୍ୟ ସାହୁ, ଅମିତ ପୃଷ୍ଟି, ରଞ୍ଜନ ସାହୁ, ଜିତେନ୍ଦ୍ର ମଲିକ, ମଳୟ ସାହୁ, ଉତ୍ତମ ମଲିକ, ଶ୍ରୀଧର କବି, ସର୍ବେଶ୍ୱର ମଲିକ, ତ୍ରିଲୋଚନ ମଲିକ ଓ କୁନା ଜେନା ପ୍ରମୁଖ ବୋଲବମ୍ ଯାତ୍ରାରେ ସାମିଲ ହୋଇଥିଲେ।



## ପୌର ପରିଷଦ ୧୯ ନଂ ୱାର୍ଡ ମଙ୍ଗଳା ସ୍କୁଲ ରାସ୍ତା ଶୋଚନୀୟ



**ପଟ୍ଟାମୁଣ୍ଡାଇ, ୨୮।୭(ସମିସ):** ପଟ୍ଟାମୁଣ୍ଡାଇ ପୌର ପରିଷଦର ସବୁଠୁ ସମ୍ବେଦନଶୀଳ ୱାର୍ଡ ଭାବେ ପରିଗଣିତ ୧୯ନଂ ୱାର୍ଡ ମଙ୍ଗଳା ସ୍କୁଲ ରାସ୍ତା ଶୋଚନୀୟ ହୋଇପଡ଼ିଛି। ସାମାନ୍ୟ ବର୍ଷାରେ ରାସ୍ତାରେ ପାଣି ଜମି ରହି ପୂତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ପାଣି ନିଷ୍କାସନ ପାଇଁ ଡ୍ରେନେଜ୍ ବ୍ୟବସ୍ଥା କରାଯାଇଥିଲେ ହେଁ ଏହା କୌଣସି କାମରେ ଲାଗୁନାହିଁ। ଏହି ରାସ୍ତାର ଆରମ୍ଭରୁ ମାତ୍ର ୨୦୦ ଶହ ଫୁଟ ପର୍ଯ୍ୟନ୍ତ ଫେଭର୍ ଟାଇଲ ପକାଯାଇଥିଲେ ହେଁ ଅବଶିଷ୍ଟ ୫୦୦ ଶହ ଫୁଟରୁ ଅଧିକ ଦୈର୍ଘ୍ୟ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବାବେଳେ ଖାଲଖମାରେ ପରିଣତ ହୋଇ ଯାତାୟାତ ଅନୁପଯୋଗୀ ହୋଇପଡ଼ିଛି। ଏହି ରାସ୍ତା ଉପରେ ମଙ୍ଗଳା ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ୧୯ନଂ ୱାର୍ଡର ଲୋକେ ନିର୍ଭର କରନ୍ତି। ୨୦ନଂ ୱାର୍ଡର ଲୋକେ ମଧ୍ୟ ଯାତାୟାତ ପାଇଁ ନିର୍ଭର କରନ୍ତି। ଏହି ରାସ୍ତା ନୂତନ ପୌର ପରିଷଦ କାର୍ଯ୍ୟାଳୟର ଅନତି ଦୂରରୁ ସହରର ମୁଖ୍ୟ ରାସ୍ତାରୁ ବାହାରିଥିଲେ ହେଁ ଦୀପତଳ ଅନ୍ଧାର ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଡା. କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ଘର ନିକଟ ରାସ୍ତା ପାର୍ଶ୍ୱରୁ ବାହାରିଥିବା ଓ ୨୦ନଂ ୱାର୍ଡର ମାଝୀ ସାହି ନିକଟ ୧୫ନଂ କେନାଲ ପାର୍ଶ୍ୱ ପର୍ଯ୍ୟନ୍ତ ସଂଯୋଗ କରୁଥିବା ପାଣି ନିଷ୍କାସନ ଡ୍ରେନ ପୋତି ହୋଇପଡ଼ିବା, ଜଳ ନିଷ୍କାସନ ପଥ ଅବରୋଧ କରାଯିବା କାରଣରୁ ରାସ୍ତାରେ ଜମି ରହୁଥିବା ବର୍ଷା ପାଣି ନିଷ୍କାସନ ହୋଇପାରୁ ନ ଥିବା ୱାର୍ଡର ଲୋକେ ଅଭିଯୋଗ କରିଛନ୍ତି। ଏହି ରାସ୍ତା ଉଭୟ ପାର୍ଶ୍ୱ ଘରର ନର୍ଦ୍ଦମା ପାଣିକୁ ପାଣି ପାଇପ୍ ଲଗାଇ ଲୋକେ ଡ୍ରେନକୁ ଛାଡୁଥିବାରୁ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିବା ସଙ୍ଗେ ସଙ୍ଗେ ପରିସ୍ଥିତିକୁ ସଙ୍ଗୀନ କରିଛି। ରାସ୍ତାରେ ଖାଲଖମା ସୃଷ୍ଟି ହେବା କାରଣରୁ ଛୋଟବଡ଼ ଦୁର୍ଘଟଣା ଘଟୁଛି। ପାଣି ନିଷ୍କାସନ ସମସ୍ୟାକୁ ବ୍ୟବସ୍ଥିତ କରିବାପାଇଁ ୱାର୍ଡବାସୀ ଦାବି କରିଛନ୍ତି। ପଟ୍ଟାମୁଣ୍ଡାଇ ବିକାଶ ପରିଷଦର ସମ୍ପାଦକ ଆଡଭୋକେଟ ଗୋପୀନାଥ ତ୍ରିପାଠୀ ପୌର ପରିଷଦର ଦୃଷ୍ଟି ଆକର୍ଷଣ କରିଥିବାବେଳେ ୧୯ନଂ ୱାର୍ଡ କାଉନସିଲର ଗୋପୀବଲ୍ଲଭ ନାୟକ ଆଗାମୀ ପୌର ପରିଷଦ ବୈଠକରେ ଏହି ପ୍ରସଙ୍ଗ ଉଠାଇବେ ବୋଲି କହିଛନ୍ତି।

## ମିଳିତ ଜନଅଭିଯୋଗ ଶୁଣାଣି ଶିବିର | ୩୦୧ଟି ଅଭିଯୋଗର ଶୁଣାଣି କଲେ ପ୍ରଶାସନ



**ରାଜନଗର, ୨୮।୭(ସମିସ):** ରାଜନଗର ବ୍ଲକ କାର୍ଯ୍ୟାଳୟରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଭାବେ ରଘୁରାମ ଆର ଆୟାର ଯୋଗଦେବା ପରେ ଆଜି ତାଙ୍କର ପ୍ରଥମ ଜନଶୁଣାଣି ଶିବିର ଥିଲା। ଏହି ଶିବିରରେ ୨୬ଟି ସାମୂହିକ ଓ ୨୭୫ଟି ବ୍ୟକ୍ତିଗତ ଅଭିଯୋଗର ଶୁଣାଣି କରାଯାଇଥିଲା। ଉକ୍ତ ଶିବିରରେ ଏସପି ସିଦ୍ଧାର୍ଥ କଟାରିଆ, ଡିଏଫଓ ସୁଦର୍ଶନ ଗୋପୀନାଥ ଯାଦବ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ପିଡି ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ ସାହୁ, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ତହସିଲଦାର ଯୀଶୁଖ୍ରୀଷ୍ଟ ଦାସ, ବିଡିଓ ଅନିରୁଦ୍ଧ ବେହେରା, ଏସଡିପିଓ ସରୋଜ ସାହୁ, ଆଇଆଇସି ନରେଶ ସାହୁଙ୍କ ସହିତ ସମସ୍ତ ବିଭାଗର ଅଧିକାରୀ ଯୋଗ ଦେଇଥିଲେ।

ଉକ୍ତ ଜନଶୁଣାଣି ଶିବିରରେ ଅଧିକାଂଶ ଅଭିଯୋଗ ଭତ୍ତା, ରାସନ କାର୍ଡ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନରେ ଘର ପାଇଁ ସର୍ବାଧିକ ଅଭିଯୋଗ ଆସିଥିଲା। ସମସ୍ତ ଯୋଗ୍ୟ କଚାଘର, ବାସହରା ଲୋକଙ୍କୁ ସରକାରୀ ଘର ଯୋଗାଇଦେବାକୁ ସରକାର ଘୋଷଣା କରାଯାଇଥିଲା। ଏ ନେଇ ପ୍ରଶାସନ ପକ୍ଷରୁ ସର୍ଭେ କରାଯାଇ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରାଯାଇଥିଲା। ଏଥିରେ ଅଧିକାଂଶ ଗରିବ ଓ ଯୋଗ୍ୟ ଲୋକଙ୍କ ନାଁ ନାହିଁ। ଏ ନେଇ ଡେରା ସରପଞ୍ଚ ନିରଞ୍ଜନ ରାଉତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। କିଏ ସର୍ଭେ ତାଲିକାରୁ ହିତାଧିକାରୀଙ୍କ ନାଁ କାଟିଲା, ସେ ନେଇ ତଦନ୍ତ କରି ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଘର ଯୋଗାଇଦେବାକୁ ଦାବି କରିଥିଲେ। ରାଜନଗର ବ୍ଲକ କାର୍ଯ୍ୟାଳୟରେ ବିଭିନ୍ନ ଯୋଜନାର ଫାଇଲ ମିଳୁନାହିଁ। ଲୋକମାନେ କାମ କରିବା ପରେ ଫାଇଲ ମିଳୁ ନ ଥିବାରୁ ପେମେଣ୍ଟ ହୋଇପାରୁ ନ ଥିବାବେଳେ ଆଉ କିଛି ଫାଇଲ ମିଳୁ ନ ଥିବାରୁ କାମ ଆରମ୍ଭ ହୋଇପାରୁନାହିଁ। ବିଭିନ୍ନ ପଞ୍ଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀ ଫାଇଲ ନିଜ ପାଖରେ ରଖିଥିବାରୁ ଏଭଳି ଅଭାବନୀୟ ସ୍ଥିତି ରାଜନଗର ବ୍ଲକ କାର୍ଯ୍ୟାଳୟରେ ସୃଷ୍ଟି ହୋଇଛି। ତୁରନ୍ତ ଫାଇଲ ଖୋଜି କାମ ଆରମ୍ଭ କରିବା ଓ ପେମେଣ୍ଟ କରିବା ପାଇଁ କେରେଡାଗଡ଼ ଗାଁର ଅରୁଣ କୁମାର ସାହୁ ଅଭିଯୋଗ କରିଥିଲେ। ଜନଶୁଣାଣିରେ ନିଜ ଦୁଖ ଜଣାଇବାକୁ ଆସିଥିବା ଦିବ୍ୟାଙ୍ଗ ସରସ୍ୱତୀ ମାନ୍ନା ବେହୋସ ହୋଇପଡ଼ିଥିଲେ। ସେ ଦିବ୍ୟାଙ୍ଗ ଭତ୍ତା ପାଉ ନ ଥିବାରୁ ଭତ୍ତା ପାଇଁ ଗୁହାରି କରିବାକୁ ୫୦ କିଲୋମିଟର ଦୂର ରଙ୍ଗଣୀ ପଞ୍ଚାୟତ ଚାଆଁରାକୋଲାରୁ ଆସି ଶିବିରରେ ପହଞ୍ଚିଥିଲେ। ବାହାରେ ପଡ଼ିଥିବା ଚେୟାରରେ ବସିଥିବାବେଳେ ବେହୋସ ହୋଇଯାଇଥିଲେ। ସେଠାରେ ଉପସ୍ଥିତ ଥିବା ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ରଶ୍ମିରଞ୍ଜନ ମହାନ୍ତି ପ୍ରାଥମିକ ଚିକିତ୍ସା କରିଥିଲେ। ପରେ ଏସଡିପିଓଙ୍କ ଗାଡ଼ିରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା।

## ବିଶ୍ୱ ହେପାଟାଇଟିସ ଦିବସ ପାଳିତ

**କେନ୍ଦ୍ରାପଡ଼ା, ୨୮।୭(ସମିସ):** ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ସୋମବାର ଅପରାହ୍ନରେ ଜିଲ୍ଲାସ୍ତରୀୟ ବିଶ୍ୱ ହେପାଟାଇଟିସ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ଜିଲ୍ଲା ମିଶନ ନିର୍ଦ୍ଦେଶକ ଡ. ମନୋରଞ୍ଜନ ରାଉତ ପୌରୋହିତ୍ୟ କରିଥଲେ। ପାଞ୍ଚ ପ୍ରକାର ହେପାଟାଇଟିସ ଏ, ବି, ସି, ଡି ଓ ଇ ଉପରେ ଉପସ୍ଥିତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଗୌରାଙ୍ଗ ଚରଣ ଗିରି, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଶ୍ୟାମସୁନ୍ଦର ଟୁଡୁ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ ଡ. ସଚ୍ଚିଦାନନ୍ଦ ମିଶ୍ର, ଏଡିଏମ ଓ ମେଡିକାଲ ଡ. ପ୍ରମୋଦ ପ୍ରହରାଜ, ଡିପିଏମ ମନୋରଞ୍ଜନ ସାହୁ, ଏପିଡେମିଓଲୋଜିଷ୍ଟ ଡ. ଅଶୋକ କୁମାର ସାହୁ, ଆକାଉଣ୍ଟସ୍ ଅଫିସର ଆଶୁତୋଷ ତ୍ରିପାଠୀ, ମାଇକ୍ରୋ ବାୟୋଲୋଜିଷ୍ଟ ବିଜେତା ନନ୍ଦ ଓ ସତ୍ୟନାରାୟଣ ସିଂହ, ଡିପିଏଚସିଓ ସତ୍ୟନାରାୟଣ ନାୟକ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ଏଏନଏମ ଟ୍ରେନିଂ ସେଣ୍ଟର ଛାତ୍ରୀଙ୍କ ମଧ୍ୟରେ ରଚନା ପ୍ରତିଯୋଗିତା ଆୟୋଜିତ ହୋଇ ବିଜେତାଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଟାଟୋ କରିବା ଦ୍ୱାରା ହେପାଟାଇଟିସ ବ୍ୟାପିଥାଏ। ସେଥିପାଇଁ ଯୁବ ସମାଜ ଟାଟୋ ନ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଜନ୍ମ ସମୟରେ ହେପାଟାଇଟିସ ଟିକା ପ୍ରଦାନ କରାଯାଉଛି। ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କୁ ମଧ୍ୟ ହେପାଟାଇଟିସ ଟିକା ପ୍ରଦାନ କରାଯାଉଛି। ସମସ୍ତେ ସଚେତନ ରହିଲେ ହେପାଟାଇଟିସକୁ ଆମେ ଦୂରେଇ ପାରିବା ବୋଲି ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆସିଷ୍ଟାଣ୍ଟ ମ୍ୟାନେଜର ମମତା ଦାସ, ଶ୍ୟାମସୁନ୍ଦର ବରାଳ, ଜ୍ୟୋସ୍ନା ନାୟକ, ଜିଲ୍ଲା ଡାଟା ମ୍ୟାନେଜର ଜ୍ୟୋତିରଞ୍ଜନ ପରିଡ଼ା ଓ ଏଏନଏମ ଟ୍ରେନିଂ ସେଣ୍ଟରର ପ୍ରିନ୍ସିପାଲ ଭାରତୀ ସ୍ୱାଇଁ, ଟ୍ୟୁଟୋର, ସମସ୍ତ ଛାତ୍ରୀ ଓ ଆଶା କର୍ମୀ ଉପସ୍ଥିତ ଥିଲେ। ଡେପୁଟି ମ୍ୟାନେଜର ସୁକାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଡଃ ସରୋଜ କୁମାର ସାମନ୍ତ

ଅଧ୍ୟକ୍ଷ ତଥା ସଂପାଦକ

ଆପଣଙ୍କର ଶୋକସନ୍ତପ୍ତ

ପ୍ରଥମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ଶୋକସନ୍ତପ୍ତ:







**ବଢ଼ିଚାଲିଛି ବନ୍ଧୁକ କାରବାର**

# ନିର୍ଦ୍ଦିଷ୍ଟ ଗ୍ୟାଙ୍ଗ୍ ଉପରେ ନଜର

କଟକ, ୨୮ ।୭ (ସମିସ)

ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରାଠାରେ ହେଉଥିବା ବେଆଇନ୍ ବନ୍ଧୁକ ବ୍ୟବସାୟକୁ ଗତ ୨୫ ତରିଖରେ କମିଶନରେଟ୍ ପୁଲିସ ପର୍ଦ୍ଦାଫାସ କରିବା ପରେ କଟକରେ ଚଢ଼ଉ ଜୋରଦାର କରାଯାଉଛି । ବିହାରର ମୁଙ୍ଗେର୍‌ଠାରୁ ଅତ୍ୟାଧୁନିକ ପିସ୍ତଲ୍, ମାଉଜର ଓ ଅନ୍ୟାନ୍ୟ ବନ୍ଧୁକ ଯନ୍ତ୍ରାଂଶ ସହିତ ଗୁଳି ଆଣି ଯୋବ୍ରାରେ ବିକ୍ରି ହେଉଥିଲା । ଏହି ବେଆଇନ ବନ୍ଧୁକ କାରବାର କରୁଥିବା ନନ୍ଦ ଗ୍ୟାଙ୍ଗ୍‌ର ମାଷ୍ଟରମାଇଣ୍ଡ୍‌କୁ ପୁଲିସ ଗିରଫ କରିଛି । ତେବେ ଏହି ବନ୍ଧୁକ ସିଣ୍ଡିକେଟ୍‌କୁ ସମ୍ପୂର୍ଣ୍ଣ ଭାବେ ମୂଳପୋଛ କରିବାକୁ କମିଶନରେଟ୍ ପୁଲିସ ଚଢ଼ଉ ଜୋରଦାର୍ କରିଛି ବୋଲି ଏସିପି ଅରୁଣ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି । ମହାନଗରରେ ବଢ଼ି ଚାଲିଛି ଚୋରା ବନ୍ଧୁକ କାରବାର । ଡି-ବ୍ରଦର୍ସର ସହଯୋଗୀମାନେ ବେଶ୍ କିଛି ବର୍ଷ କଟକ ସହରରେ ଚୋରା ବନ୍ଧୁକ କାରବାର କରିଥିଲେ । ପୁଲିସର ଧରପଗଡ଼ ପରେ ବହୁମାତ୍ରାରେ ଏହି ଗ୍ୟାଙ୍ଗ୍‌ର ଚୋରା କାରବାର କମିଯାଇଥିଲା । ସେମାନଙ୍କ ସାମ୍ରାଜ୍ୟ ଧୂଳିସାତ୍ ହେବା ପରେ ଗ୍ୟାଙ୍ଗଷ୍ଟାର୍ ସକିଲ୍‌ର ସହଯୋଗୀ ଚୋରା ବନ୍ଧୁକ ସିଣ୍ଡିକେଟ୍ ଚଳାଉଥିବା କମିଶନରେଟ୍ ପୁଲିସ ଜାଣିବାକୁ ପାଇଥିଲା । ପ୍ରାୟ ୬ମାସ ପୂର୍ବେ ବିଡ଼ାନାସୀ ପୁଲିସ ହାତରେ କୃଷକ ବଜାର ଅଞ୍ଚଳର ବିଟୁ ଓରଫ ଦିନେଶ କୁମାର ଗିରି ଗିରଫ ହେବା ପରେ ପୁଲିସ ସାରା ସହରରେ ଧରପଗଡ଼ ଆରମ୍ଭ କରିଥିଲା । 'ନନ୍ଦ ଗ୍ୟାଙ୍ଗ'ର



ମୁଖ୍ୟ ଗିରଫ ହେବା ପରେ ଏହି ବନ୍ଧୁକ ର୍‌ୟାକେଟ୍ ଚଢ଼ଉ ଅଭିଯାନକୁ ପୁଲିସ ଆଉ ଥରେ ସକ୍ରିୟ କରିଥିବା ସୂଚନା ମିଳିଛି । ଉଭୟ ଦେଶୀ ଓ ବିଦେଶୀ ମାଉଜରର ଚୋରା କାରବାରକୁ ରୋକିବା ପାଇଁ ଥାନାୱାରୀ ସ୍ୱତନ୍ତ୍ର ଡ୍ରାଇଭ୍ କରାଯାଉଛି ବୋଲି ଡିସିପି ଖିଲାରୀ ରଷିକେଶ ଦ୍ୟାନଦେଓ ପ୍ରକାଶ କରିଛନ୍ତି ।

ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, କଟକ ସହର ଏବଂ ଏହାର ଆଖପାଖ ଜିଲ୍ଲାରେ ଏବେ

- **ଯୋବ୍ରାର 'ନନ୍ଦ ଗ୍ୟାଙ୍ଗ୍' ଚଳାଉଛି ଚୋରା ବନ୍ଧୁକ ସିଣ୍ଡିକେଟ୍**
- **କଟକରେ ସ୍ପେସାଲ୍ ସ୍କ୍ୱାଡ୍ ଖୋଜୁଛି ମୁଙ୍ଗେର୍ ବନ୍ଧୁକ**
- **ଅଳ୍ପ ମୂଲ୍ୟରେ ମିଳୁଛି ଦାମୀ ମାଉଜର ଓ ଗୁଳି**

ଅପରାଧ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି । ଅପରାଧୀମାନେ ଗ୍ୟାଙ୍ଗ୍ ଗଢି ସଂଗଠିତ ଅପରାଧ ଘଟାଉଛନ୍ତି । ବିଶେଷକରି ବନ୍ଧୁକ ମୁନରେ ଲୁଟ୍, ଦାଦାବଟି ଆଦାୟ ଓ ଧମକ ଚମକ ଦେବା ଭଳି ଅପରାଧ ନିତିଦିନିଆ ଘଟଣାରେ ପରିଣତ ହୋଇଛି । ଖୁବ୍ ସହଜରେ ଚୋରାରେ ବନ୍ଧୁକ ପାଇପାରୁଥିବାରୁ ସେମାନେ ଅପରାଧ ଘଟାଇବାରେ ସଫଳ ହେଉଛନ୍ତି । ଗିରଫ ହୋଇଥିବା ଅଭିଯୁକ୍ତ ନନ୍ଦ ରାଓ ଜଣେ ପେସାଦାର ଅପରାଧୀ ଥିଲା । ପୂର୍ବରୁ ତା' ନାଁରେ ଦାଦାବଟି, ଡକାୟତି, ହତ୍ୟା ଉଦ୍ୟମ ଭଳି ୧୪ଟି ସଂଗୀନ ମାମଲା ମଙ୍ଗଳାବାଗ, ମର୍କତନଗର, ମାଲଗୋଦାମ ଥାନାରେ ରହିଛି । ଗତ କିଛି ଦିନ ହେବ ସେ ସହଯୋଗୀଙ୍କୁ ଧରି ଏକ ଗ୍ୟାଙ୍ଗ ଗଢିଥିଲା । ଆଗକୁ ପାର୍ବଣ ସମୟରେ ସଶସ୍ତ୍ର ଡକାୟତି ଉଦ୍ଦେଶ୍ୟରେ ପିସ୍ତଲ ଓ ଗୁଳି ଅଭିଯୁକ୍ତ କାଦୁଆ ମାଧ୍ୟମରେ ମୁଙ୍ଗେରରୁ ଆଣୁଥିବା ତଦନ୍ତରୁ ଜଣାପଡ଼ିଛି । ତେବେ ୫ଟି ମୁଙ୍ଗେର୍ ବନ୍ଧୁକ ଜବତ ହୋଇଥିବା ବେଳେ ଗୋଟିଏ ବନ୍ଧୁକକୁ ପୁଲିସ ଜବତ କରି ପାରିନାହିଁ । କାଦୁଆ ପ୍ରତି ମାସରେ ବିହାରର ମୁଙ୍ଗେର୍ ଯାଇ ମାଳ ମାଳ ବନ୍ଧୁକ ଆଣି କଟକର ଯୋବ୍ରାଠାରେ ବ୍ୟବସାୟ କରୁଥିବା ପୁଲିସ ଜାଣିବାକୁ ପାଇଛି । ଆଗକୁ ପାର୍ବଣ ଆସୁଥିବା ବେଳେ ନନ୍ଦ ଗ୍ୟାଙ୍ଗ୍ ଲିଙ୍କ୍‌ରେ ମୁଙ୍ଗେର୍ ବନ୍ଧୁକ ସହରର ଆଉ କେଉଁଠିକୁ ଯୋଗାଇ ଦିଆଯାଇଛି, ତାହାକୁ ପୁଲିସ ଖୋଳତାଡ କରୁଛି । ଏହି ବନ୍ଧୁକ ସିଣ୍ଡିକେଟ୍‌କୁ ବନ୍ଦ କରିବାକୁ ପୁଲିସ ଜୋରଦାର ଉଦ୍ୟମ କରୁଥିବା ଜଣାପଡ଼ିଛି ।

## ଏସ୍‌ସିବିରେ ବିଶ୍ୱ ହେପାଟାଇଟିସ୍ ଦିବସ




**କଟକ, ୨୮ ।୭ (ସମିସ):** ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ହେପାଟୋଲୋଜି ବିଭାଗ ପକ୍ଷରୁ ବିଶ୍ୱ ହେପାଟାଇଟିସ୍ ଦିବସ ପାଳନ କରାଯାଇଛି । ଏହି ଅବସରରେ ଆଇଏମଏସ ହାଉସଠାରେ ଏକ ଆଲୋଚନାଚକ୍ରରେ ଅନୁଷ୍ଠିତ ହୋଇଥିଲା । ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ସୁଶାନ୍ତ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାଚକ୍ରକୁ ପ୍ରଫେସର ଡା. ଉମେଶଚନ୍ଦ୍ର ପାତ୍ର ଉଦଘାଟନ କରିଥିଲେ । ଆଲୋଚନାରେ ହେପାଟାଇଟିସ ରୋଗର ଭୟାବହତା, ନିରାକରଣ ଓ ଚିକିତ୍ସା ଉପରେ ବକ୍ତାମାନେ ଆଲୋକପାତ କରିଥିଲେ । ଭୁବନେଶ୍ୱର ଏମ୍ସ, କିମ୍ସ ହସପିଟାଲ ଓ ଦିଲ୍ଲୀ ମେଦାନ୍ତ ହସ୍ପିଟାଲରୁ ନିମନ୍ତ୍ରିତ ହୋଇ ଆସିଥିବା ବିଶେଷଜ୍ଞମାନେ ସେମାନଙ୍କ ବକ୍ତବ୍ୟ ରଖିଥିଲେ । ପ୍ରଫେସର ଡା. ଜୟନ୍ତ ପଣ୍ଡା, ଡା. ସରୋଜ ତ୍ରିପାଠୀ, ଡା. ପ୍ରଭାକର ମିଶ୍ର, ଡା. ସୁନୀଲ୍ ଅଗ୍ରୱାଲ୍, ଡା. ହରିଭକ୍ତି ସେବା ଦାସ, ଡା. ଭୁବନ ମୋହନ ଦାସ, ଡା. ପ୍ରମୋଦ ପଲାଇ ଯୋଗ ଦେଇଥିଲେ । ହେପାଟୋଲୋଜି ବିଭାଗର ଡା. ସନାତନ ବେହେରା, ଡା. ମାନସ କୁମାର ବେହେରା, ଡା. ରାକେଶ କୁମାର ବାରିକ, ଡା. ଅରୁପମ ମହାପାତ୍ର, ଡା. ପାର୍ଥସାରଥୀ ମିଶ୍ର, ଡା. ମନୋଜ କୁମାର ପାଣି, ଡା. ଜ୍ଞାନରଞ୍ଜନ ପରିଡ଼ା ଓ ଅନ୍ୟ ଡାକ୍ତର ଛାତ୍ରଛାତ୍ରୀ ତଥା କର୍ମଚାରୀ ସହଯୋଗ କରିଥିଲେ । ଡାକ୍ତରୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା ।

## ଉଠାଦୋକାନୀଙ୍କୁ ଉଚ୍ଛେଦ ନକରିବା ପାଇଁ ଦାବି



**କଟକ, ୨୮ ।୭ (ସମିସ):** ସିଡିଏ ସେକ୍ଟର-୬ସ୍ଥିତ ରାସ୍ତାକଡ଼ ଉଠାଦୋକାନୀଙ୍କୁ ଉଚ୍ଛେଦ ନକରିବା ପାଇଁ ଉଠାଦୋକାନୀ ମହାସଂଘ ପକ୍ଷରୁ କଟକ ମହାନଗର ନିଗମ କମିସନରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଆଇନଜୀବୀ ଗଦାଧର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ କମିସନରଙ୍କୁ ସାକ୍ଷାତ କରି ଦାବିପତ୍ର ଦେଇଥିଲେ । ସତୀଚଉରାଠାରୁ ସିଡ଼ିଏ ସେକ୍ଟର-୬ରେ ଥିବା ରାସ୍ତାକଡ଼ର ଉଠାଦୋକାନୀଙ୍କୁ ମହାନଗର ନିଗମ ଦ୍ୱାରା ଚିହ୍ନଟ କରି ଉଠାଦୋକାନୀ ପରିଚୟପତ୍ର ଓ ଷ୍ଟ୍ରିଟ ଭେଣ୍ଡିଂ ସାର୍ଟିଫିକେଟ ପ୍ରଦାନ କରିଛନ୍ତି । ସତୀଚଉରାଠାରୁ ଜୟପ୍ରକାଶ ନାରାୟଣ ପାର୍କ ଓ ସେକ୍ଟର-୭ ଅଟୋଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତାକଡ଼ରେ ଛୋଟ ଛୋଟ ବ୍ୟବସାୟ କରି ପରିବାର ଚଳାଇବା ସହ ପିଲାମାନଙ୍କର ପାଠପଢ଼ା ଖର୍ଚ୍ଚ ଦୈନନ୍ଦିନ କରିଥାନ୍ତି । ଏହି ସମୟରେ ସମ୍ପୃକ୍ତ ପୁଲିସ ଅଧିକାରୀ ଦୋକାନ ନ ଖୋଲିବା ପାଇଁ ଉଠାଦୋକାନୀମାନଙ୍କୁ ତାଗିଦ କରିଛି । ଏନେଇ ଦାବିପତ୍ର ପ୍ରଦାନ ସମୟରେ ରାଇଚରଣ ବେହେରା, ଜିତେନ୍ଦ୍ର ସାସମଲ, ରାଜେଶ କୁଅଁର, ଅଜିତ ଦାସ, ନରସୀମା ସେଠୀ, ଅମର ଭାଇ, ରବୀନ୍ଦ୍ର ବେହେରା, ନିତୁ ସାସମଲ, ଅଶୋକ ଗୁପ୍ତା, ମାନସ ସାହୁ, ରଞ୍ଜିତ ମାହତୋ ଅଂଶଗ୍ରହଣ କରିଥିଲେ ।

## ବୋଲବମ୍ ଭକ୍ତଙ୍କ ପାଇଁ ସେବା କାର୍ଯ୍ୟକ୍ରମ



**କଟକ, ୨୮ ।୭ (ସମିସ):** କଟକ ୫୭ ନଂ ୱାର୍ଡ ଅନ୍ତର୍ଗତ ଗୋପାଳପୁର ବୋଲବମ୍ ସେବା ସମିତି ତରଫରୁ କଟକ-ଭୁବନେଶ୍ୱର ଜାତୀୟ ରାଜପଥ ପାର୍ଶ୍ୱ ନିକଟରେ ବୋଲବମ୍ ଯାଉଥିବା ଭକ୍ତଙ୍କ ଉଦ୍ଦେଶ୍ୟରେ ଏକ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୧୪ବର୍ଷ ହେବ ସେବା ସମିତି ତରଫରୁ କାଉଡ଼ିଆ ଭକ୍ତଙ୍କୁ ଉତ୍ସାହିତ କରିବା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଆସୁଛି । ପ୍ରକାଶଚନ୍ଦ୍ର ମହାନ୍ତି ସହଯୋଗ କରିବା ସହ ସମିତିର ସଭାପତି ନିରଞ୍ଜନ ନାୟକ, ପ୍ରତାପ ମହାନ୍ତି, ଗଣେଶ୍ୱର ସାହୁ, ନିଖିଲ ରଞ୍ଜନ ଲେଙ୍କା, ଅଜୟ ସାହୁ, ସନ୍ତୋଷ ଲେଙ୍କା, ସୁନିଲ ରାଉତରାୟ, ପ୍ରିୟବ୍ରତ ସ୍ୱାଇଁ, ପାର୍ଥସାରଥୀ ମହାଜନ, ପାର୍ଥସାରଥୀ ମଲିକ, ବିଭୂତି ବାରିକ, ସଞ୍ଜୟ ଲେଙ୍କା, କୃଷ୍ଣଚନ୍ଦ୍ର ସ୍ୱାଇଁ, ସଞ୍ଜୟ ଜେନା ଓ ସଂଯୋଜକ ଲକ୍ଷ୍ମୀନାରାୟଣ ସାହୁଙ୍କ ସହ ପ୍ରିନ୍ସ କ୍ଲବ କାର୍ଯ୍ୟକର୍ତ୍ତା ପରିଚାଳନା କରିଥିଲେ ।

ସେହିପରି ଖପୁରିଆ ପ୍ରେସଛକସ୍ଥିତ ବାବାମଣି ବୋଲବମ ସେବା ସଙ୍ଘ ପକ୍ଷରୁ ଆରଡିସ୍ଥିତ ଆଖଣ୍ଡଳମଣି ପୀଠରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ କାଉଡିଆ ଭକ୍ତଙ୍କ ପାଇଁ ସେବା ଶିବିର ଅନୁଷ୍ଠିତ ହୋଇଥିଲା । ବନାରସରୁ ଆସିଥିବା କଣ୍ଠଶିଳ୍ପୀ ହରିଶର୍ମା ଓ ଓଡ଼ିଶାର କଣ୍ଠଶିଳ୍ପୀ ବିଭୁ ମିଶ୍ରଙ୍କ ଭଜନରେ ଝୁମିଥିଲେ କାଉଡିଆ ଭକ୍ତ । ବାବାମଣି ବୋଲବମ୍ ସେବା ସଂଘର ସଭାପତି ଦିବ୍ୟସିଂହ ପରିଡ଼ା ଏବଂ ସମ୍ପାଦକ ପ୍ରକାଶ ସାହୁଙ୍କ ନେତୃତ୍ୱରେ ସଂଘର କାର୍ଯ୍ୟକର୍ତ୍ତା ପ୍ରକାଶ ବେହେରା, ରାମଚନ୍ଦ୍ର ରଣା, ଦେବରାଜ ସାହୁ, ହିମାଂଶୁ ସାହୁ, ପ୍ରିୟବ୍ରତ ପାଲିତ, ପ୍ରମୋଦ ସାହୁ, ଉମେଶଚନ୍ଦ୍ର ସାହୁ, ଜିତେନ୍ଦ୍ର ତରାଇ ଏବଂ ବିଭୁ ମିଶ୍ର ପ୍ରମୁଖ ଶିବିର ପରିଚାଳନା କରିଥିଲେ ।

## ରକ୍ତଦାନ ସଚେତନତା

**କଟକ, ୨୮ ।୭ (ସମିସ):** ଆଶା କିରଣ ରକ୍ତଦାତା ସଂଗଠନ ପକ୍ଷରୁ ରକ୍ତଦାନ ସଚେତନତା ସମ୍ପର୍କିତ ଆଭାସି ଆଲୋଚନାଚକ୍ର ସଭାପତି ପ୍ରଦୀପ୍ତ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଅତିଥି ଭାବେ କଟକ କଲେଜର ପୂର୍ବତନ ଅଧ୍ୟକ୍ଷ ତଥା ଅନୁଷ୍ଠାନର ଉପଦେଷ୍ଟା ଡକ୍ଟର କେଶବଚନ୍ଦ୍ର ସାହୁ, ଓଡ଼ିଶା ରକ୍ତଦାତା ମହାସଂଘର ସଭାପତି ତଥା କୋରାପୁଟ ଜିଲ୍ଲା ରେଡ୍‌କ୍ରସ୍ ସଂଯୋଜକ ଡ. ନରେଶଚନ୍ଦ୍ର ସାହୁ, ଉପଦେଷ୍ଟା ତଥା କଟକ କଲେଜ ଏନ୍ ଏସ୍ ଏସ୍ ଅଫିସର ଡକ୍ଟର ରୁନୁବାଳା ମହାରଣା, କେନ୍ଦୁଝର ରକ୍ତଦାତା ମହାସଂଘର ସଭାପତି ଡକ୍ଟର ହିମାଂଶୁ ଶେଖର ମହନ୍ତ, ଆନନ୍ଦପୁର ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଡକ୍ଟର ପ୍ରଫୁଲ୍ଲଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ସଂଗଠନ ସମ୍ପାଦକ ରାଜୀବ ସ୍ୱାଇଁ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ସହସମ୍ପାଦିକା ସୌରତପା ମହାନ୍ତି ଧନ୍ୟବାଦ ଦେଇଥିଲେ ।

## ବିଧାୟିକାଙ୍କ ବିଡ଼ାନାସୀ ବଡ଼ନାଳ କାମ ପରିଦର୍ଶନ

**କଟକ, ୨୮ ।୭ (ସମିସ):** ପୂର୍ବାହ୍ନରେ ବିଧାୟିକା ସୋଫିଆ ଫିରଦୋସ ବିଡାନାସୀରେ ଚାଲୁଥିବା ବଡନାଳ ନିର୍ମାଣ କାର୍ଯ୍ୟକୁ ବୁଲି ଦେଖିବା ସହ କାମର ତଦାରଖ ଓ ଅଗ୍ରଗତି ସମ୍ବନ୍ଧରେ ଆଲୋଚନା କରିଥିଲେ । ଖୁବଶୀଘ୍ର ନାଳ କାମ ଶେଷ କରିବାକୁ ବିଧାୟିକା ସୋଫିଆ ପରାମର୍ଶ ଦେଇଛନ୍ତି । ଏହି ଅବସରରେ କଟକ ମହାନଗର ନିଗମ ସିଟି ଇଞ୍ଜିନିୟର ଇଂ ଅତନୁ ସାମନ୍ତ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଇଂ ସୁବାସଚନ୍ଦ୍ର ସାହୁ, ୱାର୍ଡ ଜେଇ, କର୍ପୋରେଟର ଭାନୁ ସେନାପତି, ଟୁକୁନା ସେନାପତି, ସୁବାସଚନ୍ଦ୍ର ସାହୁ, ସତ୍ୟଶ୍ରୀ ବେହେରା, ଶିଶିର ନାୟକ, ବିବେକ ସାମନ୍ତରାୟ, ଜିତେନ୍ଦ୍ର ନାୟକ ଉପସ୍ଥିତ ଥିଲେ ।



# ପଦକ ବିଜୟୀ ଆଥଲେଟ୍ ଏବେ ମାଛ ବେପାରୀ

କଟକ, ୨୮ ।୭ (ସମିସ)

ସଫଳ ଆଥଲେଟ ହେବାର ସ୍ୱପ୍ନ ଥିଲା । ଇଚ୍ଛା ଥିଲା ଅନ୍ତର୍ଜାତୀୟ ମଇଦାନର ଟ୍ରାକରେ ଦୌଡ଼ି ପଦକ ଜିତି ଦେଶ ଓ ରାଜ୍ୟକୁ ଗର୍ବିତ କରାଇବେ; କିନ୍ତୁ ଏକ ଆକସ୍ମିକ ଦୁର୍ଘଟଣାରେ ତାଙ୍କ ଜୀବନର ମୋଡ ବଦଳିଗଲା । ଯେଉଁ ପଡ଼ିଆରେ ଦିନେ ଅଭ୍ୟାସ କରୁଥିଲେ, ସେଠାରେ ବସି ମାଛ ବିକ୍ରି କରୁଛନ୍ତି । କ୍ରୀଡ଼ାବିତର ପରିଚୟ ବଦଳି ଯାଇଛି, ଏବେ ସେ ମାଛ ବେପାରୀ ପାଲଟିଛନ୍ତି । କଟକ ନୂଆବଜାର ଅଞ୍ଚଳର ସ୍ୱପ୍ନେଶ୍ୱର ଦାସଙ୍କ ସ୍ୱପ୍ନ ଭାଙ୍ଗି ଯାଇଥିଲେ ସୁଦ୍ଧା ସତ୍ୟବ୍ରତ ପଡ଼ିଆରେ ଅନ୍ୟ ଖେଳାଳିଙ୍କ ସ୍ୱପ୍ନ ପୂରଣରେ ଲାଗି ପଡ଼ିଛନ୍ତି । ନିଜେ ମାଛ ବିକିବା ସହ ବିନା କୌଣସି ପାଉଣାରେ ଅନ୍ୟ ଆଥଲେଟଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି । ଯାହାକୁ ନେଇ ସ୍ୱପ୍ନେଶ୍ୱର ଚର୍ଚ୍ଚାକୁ ଆସିଛନ୍ତି ।

ପିଲାଟି ବେଳୁ ସଫଳ କ୍ରୀଡାବିତ ହେବାର ସ୍ୱପ୍ନ ଦେଖୁଥିଲେ ସ୍ୱପ୍ନେଶ୍ୱର । ଧାବକ ଭାବେ ଅଭ୍ୟାସ ଜାରି ରଖିଥିଲେ । ଧୀରେଧୀରେ ତାଙ୍କୁ ସଫଳତା ମଧ୍ୟ ମିଳିଥିଲା । ଜିଲ୍ଲାସ୍ତରୀୟ ୪୦୦ ଓ ୮୦୦ ମିଟର ଦୌଡ଼ରେ



ସେ ଅନେକ ପଦକ ଜିତିଛନ୍ତି । ୨୦୦୯ରେ ସମ୍ବଲପୁର ଭିଏସ୍‌ଏସ୍ ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସେ ଅଂଶଗ୍ରହଣ କରି ୮୦୦ ମିଟର ଦୌଡରେ ରୌପ୍ୟପଦକ ଜିତିଥିଲେ । ଆଶାଥିଲା ଜାତୀୟ ପ୍ରତିଯୋଗିତାରେ ଭାଗନେଇ ନିଜ ପ୍ରତିଭାର ଛାପ ଛାଡ଼ିବେ । ହେଲେ ହଠାତ ସେ ଛାତରୁ ପଡ଼ିଯିବାରୁ ଅଣ୍ଟାରେ ଆଘାତ ଲାଗିଥିଲା । ଅନେକ ଦିନ ତାଙ୍କୁ ଚିକିତ୍ସିତ ହେବାକୁ ପଡ଼ିଥିଲା । ଦୁର୍ଘଟଣା ଘଟିବାର କିଛି ମାସ ପରେ ସୁସ୍ଥ ହେଲେ ସତ, ମାତ୍ର ପୂର୍ବଭଳି ଆଉ ଦୌଡିବା ସମ୍ଭବପର ହୋଇନଥିଲା । କୁହାଯାଏ ସ୍ୱପ୍ନ ଭାଙ୍ଗିଗଲେ ମଣିଷ ନିରାଶ ହୁଏ । ହେଲେ ସ୍ୱପ୍ନେଶ୍ୱରଙ୍କ କ୍ଷେତ୍ରରେ ଏହାର ବିପରୀତ ଚିତ୍ର ଦେଖିବାକୁ ମିଳିଥିଲା । ଅଣ୍ଟା ଭାଙ୍ଗିଥିଲା

- **ଆକସ୍ମିକ ଦୁର୍ଘଟଣା ବଦଳାଇଲା ସ୍ୱପ୍ନେଶ୍ୱରଙ୍କ ସ୍ୱପ୍ନ**
- **ନିଜସ୍ୱ ଉଦ୍ୟମରେ ଦେଉଛନ୍ତି ପ୍ରଶିକ୍ଷଣ**

ସତ କିନ୍ତୁ ମନୋବଳ ତାଙ୍କର ଦୃଢଥିଲା । ଆଥଲେଟିକ ଟ୍ରାକରୁ ଦୂରେଇ ରହି ନୂଆ ପ୍ରତିଭା ତିଆରି କରିବା ପାଇଁ ଲାଗି ପଡ଼ିଲେ । ୨୦୧୫ରୁ ପ୍ରଶିକ୍ଷଣ ଦେବା ଆରମ୍ଭ କରିଥିଲେ । ରେଭେନ୍ସା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ପ୍ରାୟ ୧୦୦ ପ୍ରଶିକ୍ଷାର୍ଥୀଙ୍କୁ ନେଇ ସେ ପ୍ରଶିକ୍ଷଣ ଆରମ୍ଭ କରିଥିଲେ । ପରେ ସତ୍ୟବ୍ରତ ପଡ଼ିଆରେ ପଡ଼ିଆରେ ପ୍ରଶିକ୍ଷଣ ଦେଇଥିଲେ । ସକାଳ ୬ ଏବଂ ଅପରାହ୍ନ ୪ଟାରେ ସେ ପ୍ରଶିକ୍ଷଣ ଦେଇଥାନ୍ତି । ହେଲେ ଏଥିପାଇଁ ସେ ଟଙ୍କାଟିଏ ବି ପାଉଣା ନେଇନଥାନ୍ତି । ତାଙ୍କଠାରୁ ପ୍ରଶିକ୍ଷଣ ହାସଲ କରି ଅନେକ ଖେଳାଳି ଏବେ ଜିଲ୍ଲା ଓ ରାଜ୍ୟ ପାଇଁ ପ୍ରତିନିଧିତ୍ୱ କରୁଛନ୍ତି ।

ସ୍ୱପ୍ନେଶ୍ୱର କୁହନ୍ତି, ଆଥଲେଟ ହେବାର ସ୍ୱପ୍ନ ଭାଙ୍ଗିବା ପରେ ମୁଁ ଯାହା ଶିଖିଛି ତାହା ଦ୍ୱାରା ଅନ୍ୟ ପିଲା କେମିତି ସଫଳ ହୋଇପାରିବେ ତାହା ମୁଁ ଭାବିଥିଲି । ଏଥିପାଇଁ ପ୍ରଶିକ୍ଷଣ ଦେବା ଆରମ୍ଭ କଲି । ପ୍ରଶିକ୍ଷଣ ହାସଲ କରିଥିବା କ୍ରୀଡାବିତ ଜିଲ୍ଲାସ୍ତରରେ ଓ ରାଜ୍ୟସ୍ତରରେ ପଦକ ଜିତିଛନ୍ତି । ଏମିତିକି ଜାତୀୟ ସ୍ତରୀୟ ମଧ ଖେଳିଛନ୍ତି । ଅନେକ ଖେଳାଳି ଏବେ କମିଶନରେଟ ପୁଲିସ ଓ ସେନାରେ ଚାକିରି କରୁଛନ୍ତି । ପ୍ରଶିକ୍ଷଣ ଦେବା ପାଇଁ ପ୍ରତିଦିନ ଷ୍ଟାଡିୟମକୁ ଆସିବାକୁ ପଡେ । ଗାଡିରେ ପେଟ୍ରୋଲ ପକାଇବା ପାଇଁ ପଇସା ଦରକାର; ହେଲେ ଘରେ ପଇସା ମାଗିଲେ ବିରକ୍ତି ହୁଅନ୍ତି । ସେଥିପାଇଁ ପଡ଼ିଆ ନିକଟରେ ମାଛ ବ୍ୟବସାୟ ଆରମ୍ଭ କରିଥିଲି ବୋଲି ସେ କହିଛନ୍ତି ।

## ଐତିହ୍ୟ ପଦଯାତ୍ରୀଙ୍କ ମଞ୍ଚ ପରିକ୍ରମା




**କଟକ, ୨୮ ।୭ (ସମିସ):** କଟକ ଐତିହ୍ୟ ପଦଯାତ୍ରାର ୬୪ତମ ସଂସ୍କରଣ ମଞ୍ଚ ପରିକ୍ରମା ଅନୁଷ୍ଠିତ ହୋଇଯାଇଛି । ବାରବାଟୀ ଦୁର୍ଗଠାରେ ଅଂଶଗ୍ରହଣକାରୀ ଏକତ୍ରିତ ହୋଇ ତିନିକୋଣିଆ ବଗିଚାସ୍ଥିତ ଅନ୍ନପୂର୍ଣ୍ଣା ଥିଏଟର(ବି)ଠାରେ ପହଞ୍ଚିଥିଲେ । ପଦଯାତ୍ରୀମାନଙ୍କୁ ପ୍ରେକ୍ଷାଳୟ ମଧ୍ୟକୁ ସମ୍ପାଦିକା ଆହ୍ଲାଦିନୀ କର ଓ ଯୁବ ନିର୍ଦ୍ଦେଶକ ଚନ୍ଦନ ସାହୁ ସ୍ୱାଗତ କରିଥିଲେ । ମଞ୍ଚ ନିର୍ଦ୍ଦେଶକ ଅକ୍ଷୟ କୁମାର ରଣା ସାମ୍ପ୍ରତିକ ପରିସ୍ଥିତିରେ ସରକାରୀ ଉଦାସୀନତା କାରଣରୁ ମଞ୍ଚର ଦୟନୀୟ ସ୍ଥିତି ସମ୍ପର୍କରେ ଧାରଣା ଦେଇଥିଲେ ଏବଂ ଏହାର ପୁନରୁଦ୍ଧାର ପାଇଁ ନିବେଦନ କରିଥିଲେ । ସଭାପତି ନୃସିଂହ ପ୍ରସାଦ ରାୟଗୁରୁ ସମସ୍ତ ପଦଯାତ୍ରୀଙ୍କୁ କୃତଜ୍ଞତା ଜଣାଇବା ପୂର୍ବକ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର ସଂକ୍ଷିପ୍ତ ଇତିହାସ ଯୁବପିଢିଙ୍କ ସମ୍ମୁଖରେ ଉପସ୍ଥାପିତ କରିଥିଲେ । ସମ୍ପାଦିକା ଆହ୍ଲାଦିନୀ କର ୮୦ ଦଶକର ପରିସ୍ଥିତି, ଅନୁଭୂତି ତଥା ବର୍ତ୍ତମାନର ସ୍ଥିତିର ବର୍ଣ୍ଣନା କରିଥିଲେ । ମଞ୍ଚ ଶିଳ୍ପୀ ଜଳନ୍ଧର ଭାଇ ଉପସ୍ଥିତ ଥିଲେ ।

ମହାବାତ୍ୟା ପରଠାରୁ ଅଣ୍ଟା ସଳଖୁଥିବା ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପ୍ରତି ସମସ୍ତଙ୍କ ସାହାଯ୍ୟ ଓ ସହଯୋଗ କାମନା କରି ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ବରିଷ୍ଠ କଳାକାର ଚିତ୍ତରଞ୍ଜନ ପାତ୍ର । ଏହାପରେ ପଦଯାତ୍ରୀମାନେ ପହଞ୍ଚିଥିଲେ ୧୯୫୩ରେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଦ୍ୱାରା ପ୍ରତିଷ୍ଠିତ ବାଙ୍କାବଜାରସ୍ଥିତ ଜନତା ରଙ୍ଗମଞ୍ଚରେ । ମଞ୍ଚର ପୁନରୁଦ୍ଧାର ପାଇଁ ଅଣ୍ଟା ଭିଡିଥିବା ସମର୍ପିତ ନାଟ୍ୟକର୍ମୀବୃନ୍ଦ ସେମାନଙ୍କୁ ସାଦର ସ୍ୱାଗତ କରିଥିଲେ । ଜନତା ରଙ୍ଗମଞ୍ଚର ଐତିହ୍ୟ ସମ୍ପର୍କରେ ସୂଚନା ଦେଇଥିଲେ ବରିଷ୍ଠ ସଂସ୍କୃତି ଗବେଷକ ଇନ୍ଦ୍ରଜିତ ଘୋଷ । ପୁନରୁଦ୍ଧାର ଉଦ୍ୟମର ବିଶଦ୍ ବିବରଣୀ ଦେଇଥିଲେ ବାପୁ ଲେଙ୍କା । ମଞ୍ଚ ପ୍ରେମୀ ଶିବାନୀ ମହାପାତ୍ର, ଶ୍ରୀକାନ୍ତ ଚୌଧୁରୀ, ସୁକାନ୍ତ ପଣ୍ଡା, ଅନନ୍ତ ଦାସ, ହିତେଶ ସେଠ୍, ସୁକାନ୍ତ ମହାପାତ୍ର ଏବଂ ହିତେଶ ସେଠ୍ ପ୍ରମୁଖ ଉପସ୍ଥିତ ଥିଲେ । କଟକ ହେରିଟେଜ ୱାକସ୍ ତରଫରୁ ଆବାହକ ଡକ୍ଟର ଦୀପକ ସାମନ୍ତରାୟ ସହଯୋଗର ହାତ ବଢ଼ାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ପ୍ରତିଷ୍ଠାତା ସଦସ୍ୟ ବିକାଶ ଦାଶ ଧନ୍ୟବାଦ ଦେଇଥିଲେ ।

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଡଃ ସରୋଜ କୁମାର ସାମନ୍ତ
ଅଧ୍ୟକ୍ଷ ତଥା ସଂପାଦକ
ଗଞ୍ଜାମ ଆଇନ ମହାବିଦ୍ୟାଳୟ, ଆମ୍ବପୁଆ, ବ୍ରହ୍ମପୁର
ଆବିର୍ଭାବ - ତା. ୨୧. ୦୩. ୧୯୭୯ / ତିରୋଧାନ - ତା. ୧୮. ୦୭.୨୦୨୫

ହେ ପୁଣ୍ୟାତ୍ମା, ଆପଣ ଆମ୍ଭମାନଙ୍କୁ ଦୁଃଖ ସାଗରରେ ଭସାଇ ଦେଇ ଆରପାରିକୁ ଚାଲିଗଲେ । ଆପଣଙ୍କ ଅମଳିନ ସ୍ନେହ, ଶ୍ରଦ୍ଧା ଓ ମାର୍ଗଦର୍ଶନରୁ ଏବେ ଆମେ ବଞ୍ଚିତ । ଅଶ୍ରୁସିକ୍ତ ନୟନରେ ଆପଣଙ୍କ ସ୍ମୃତିକୁ ଝୁରିବା ବ୍ୟତିରେକେ ଅନ୍ୟ ଉପାୟ ନାହିଁ । ଈଶ୍ୱରଙ୍କ ଏ ଚରାଚର ସୃଷ୍ଟିରେ ଆପଣ ଯେଉଁଠି ଥିଲେ ବି ଆଲୋକବର୍ତ୍ତିକା ହୋଇ ଆମକୁ ଆଶୀର୍ବାଦ କରୁଥାଆନ୍ତୁ । ଆପଣଙ୍କ ଅମର ଆତ୍ମା ଚିର ଶାନ୍ତି ଲାଭ କରୁ, ଆଜି ଏକାଦଶାହ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।

ଆପଣଙ୍କର ଶୋକସନ୍ତପ୍ତ

ଗଭୀର ଶ୍ରଦ୍ଧାଞ୍ଜଳି ସହ ମାନସ ମୋହିନୀ ସାମନ୍ତ (ମା), ସଂଜିପ ସାମନ୍ତ (ଭାଇ), ସରିତା ଓ ସୁନିତା (ଭଉଣୀ), ନମିତା (ଧର୍ମପତ୍ନୀ), ଶ୍ରଦ୍ଧା (ଝିଅ), ତନୁଶ୍ରୀ, ସୋନାକ୍ଷୀ, ମାନିକଲାଲ, ଆନନ୍ଦ, ମୁକେଶ, ମନୋଜ, ମାନସୀ ଓ ମିନତୀଙ୍କ ସମେତ ସାମନ୍ତ ପରିବାର ସଦସ୍ୟ ଓ ବନ୍ଧୁ ବର୍ଗ

ପ୍ରଥମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ ସୁମନ୍ତ ନାରାୟଣ ଆଚାର୍ଯ୍ୟ
ଆବିର୍ଭାବ: ୦୬.୦୬.୧୯୬୨
ତିରୋଧାନ: ୦୯.୦୮.୨୦୨୪

୰ ରୀନା ଦାଶ
ଆବିର୍ଭାବ: ୧୧.୦୭.୧୯୭୩
ତିରୋଧାନ: ୨୫.୦୧.୨୦୨୫

ମନେପଡୁଛି ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଏବଂ ଭଲପାଇବାର ସ୍ମୃତି । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ:
ପୁତ୍ର - ରାଜା, ଝିଅ- ମାମୁନି, ଜ୍ୱାଇଁ- ନିଳାଦ୍ରି, ନାତି- ଈଶାନ, ଆତ୍ମୀୟ ସ୍ୱଜନ

## ● ସେଲଫି ନେବା ହେଲା କାଳ

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୨ ଗୁରୁତର



ଚିତ୍ରକୋଣ୍ଡା,୨୮ ।୭ (ସମିସ): ଆଜିକାଲି ଯୁବପିଢୀଙ୍କୁ ଘାରିଥିବା ସେଲ୍ଫି ନିଶା ଅନେକ ସମୟରେ କାଳ ପାଲଟୁଛି। ଏଭଳି ଏକ ଘଟଣା ଆଜି ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ସଦର ପଞ୍ଜାବୀ ଛକ ଅଞ୍ଚଳରେ ଆଜି ଦେଖିବାକୁ ମିଳିଛି। ବିପଦ ସଙ୍କୁଳ ଭାବେ ସେଲ୍ଫି ନେଉଥିବା ବେଳେ ଦୁଇଜଣ ଯୁବକ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ୨ ଜଣ ଗୁରୁତର ଆହତ ହୋଇଛନ୍ତି। ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସଦର ପଞ୍ଜାବୀ ଛକ ଅଞ୍ଚଳରେ ରହୁଥିବା ଦୁଇଟି ନାବାଳକ ତ୍ରିନାଥ ଖିଲ (୧୨) ଓ ଉଦ୍ଧବ ଦାସ ନାଗ (୧୭) ଚିତ୍ରକୋଣ୍ଡା ବ୍ଲକ୍ କାର୍ଯ୍ୟାଳୟ ଛାତ ଉପରେ ଚଢ଼ି ସେଲଫି ନେଉଥିଲେ। ଏହି ସମୟରେ ସେଲ୍ଫି ଷ୍ଟିକ୍ଟି ଛାତ ଉପର ଦେଇ ଯାଇଥିବା ୩୩ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଯାଇଥିଲା। ଯାହାଫଳରେ ଉଭୟଙ୍କ ମଧ୍ୟରୁ ଜଣେ ଛାତରୁ ତଳକୁ ଛିଟିକି ପଡ଼ିଥିବା ବେଳେ ଅନ୍ୟଜଣେ ବିଦ୍ୟୁତ ଅଘାତରେ ଗୁରୁତର ହୋଇଥିଲେ। ଦୁଇ ଜଣଙ୍କୁ ତୁରନ୍ତ ଚିତ୍ରକୋଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବାବେଳେ ବର୍ତ୍ତମାନ ଉଦ୍ଧବର ଅବସ୍ଥା ସଙ୍କଟପନ୍ନ ଥିବାରୁ ତାଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେହିପରି ତ୍ରିନାଥଙ୍କ ଅବସ୍ଥା ସ୍ଥିର ରହିଥିବା ବେଳେ ସେ ଚିତରେକୋଣ୍ଡାରେ ଚିକିତ୍ସାଧୀନ ଅବସ୍ଥାରେ ଥିବା ଜଣାପଡିଛି।

## ■ କୁଲି ଆବାସିକ ବିଦ୍ୟାଳୟର ୪ର୍ଥ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟଣା

# ୩ ଜଣିଆ କମିଟି ପକ୍ଷରୁ ଆଜି ତଦନ୍ତ ଆରମ୍ଭ

ରାୟଗଡ଼ା,୨୮।୭ (ସମିସ): ରାୟଗଡ଼ା ବ୍ଲକ୍ କୁଲି ଗ୍ରାମର ଆବାସିକ ଆଶ୍ରମ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ ଛାତ୍ରୀ ଦିବ୍ୟା ମାଣ୍ଡାଙ୍ଗିଙ୍କ ମ୍ୟାଲେରିଆରେ ମୃତ୍ୟୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ନୂତନ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି। ତିନିଦିନ ଭିତରେ ତଦନ୍ତ କରି ରିପୋର୍ଟ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ କମିଟିରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଓ ଜିଲ୍ଲା ଶିକ୍ଷାଧିକାରୀ ରହିଛନ୍ତି। ତିନି ଅଧିକାରୀ ମଙ୍ଗଳବାର ସକାଳେ ବିଦ୍ୟାଳୟକୁ ଯାଇ ତଦନ୍ତ କରିବା ସହିତ ମୃତ ଛାତ୍ରୀଙ୍କ ପରିବାରକୁ ମଧ୍ୟ ଭେଟିବେ ବୋଲି ଜିଲ୍ଲା ମଙ୍ଗଳ ଅଧିକାରିଣୀ ଅସୀମା ରାଓ ସୂଚନା କହିଛନ୍ତି। ଛାତ୍ରୀ ମୃତ୍ୟୁ ଘଟଣା ସମ୍ପର୍କରେ ବିଭାଗକୁ ନିୟମିତ ଭାବେ ଅବଗତ ତଥା ରିପୋର୍ଟ ପ୍ରଦାନ କରାଯାଉଛି। ନିୟମ ପ୍ରକାରେ କମିଟି ଗଠନ କରାଯାଇ ତଦନ୍ତ ରିପୋର୍ଟ ପ୍ରଦାନ କରିବୁ; ଯଦି ବିଭାଗ ରିପୋର୍ଟ ଉପରେ ସନ୍ତୋଷ ପ୍ରକାଶ ନ କରନ୍ତି ତେବେ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇପାରନ୍ତି ବୋଲି ଜିଲ୍ଲା ମଙ୍ଗଳ ଅଧିକାରୀ କହିଛନ୍ତି। ପ୍ରକାଶ ଥାଉ କି, ଛାତ୍ରୀ ଜଣଙ୍କ ଅନୁସୂଚିତ ଜନଜାତି ଓ ଅନସୂଚିତ ଜାତି ବିଭାଗ ଦ୍ୱାରା ପରିଚାଳିତ ହଷ୍ଟେଲରେ ରହି କୁଲିସ୍ଥିତ ଶିକ୍ଷା ବିଭାଗ ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। କିଛିଦିନ ତଳେ ତାଙ୍କୁ ଜ୍ୱର ହେବାରୁ ହଷ୍ଟେଲରେ ତିନିଦିନ ଧରି ଏଏନ୍ଏମ୍ଙ୍କ ଦ୍ୱାରା ପ୍ରାଥମିକ ଚିକିତ୍ସା କରାଯାଇଥିଲା। କିନ୍ତୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନହେବାରୁ ଗତ ୨୪ ତାରିଖ ଦିନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଳୟରେ ଗୁରୁତର ହେବାରୁ ତାଙ୍କୁ କୋରାପୁଟସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲକୁ ସ୍ଥାନାନ୍ତର ପାଇଁ ରେଫର କରାଯାଇଥିଲା। ରବିବାର ଚିକିତ୍ସାଧୀନ ଅବସ୍ଥାରେ ଦିବ୍ୟାଙ୍କ ମୃତ୍ୟୁ ଘଟିଥିଲା।

# ଜିଆଇଇଟି ବିଶ୍ୱବିଦ୍ୟାଳୟରେ ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିର



ଗୁଣପୁର,୨୮।୭ (ସମିସ): ଜିଆଇଇଟି ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ବିଶ୍ୱବିଦ୍ୟାଳୟ ପରିସରରେ ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୧୦୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରକୁ ହାଇଦ୍ରାବାଦସ୍ଥିତ ଏଣ୍ଡର ମାଇଣ୍ଡସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ଼ର ଉପସଭାପତି (ଏଚ୍ଆର୍) ବିକ୍ରମ, ଅପରେସନ ମୁଖ୍ୟ ଏ ଭେଙ୍କେଟେସଲୁ ଏବଂ ଏଆଇ ପରାମର୍ଶଦାତା ମଧୁ ଭାଡଲମାଣି ଏବଂ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. ଏନଭିଜେ ରାଓ ପ୍ରମୁଖ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟର ଡ. ପ୍ରେମାନଶୁ ଶେଖର ରଥ, ଡ. ବିଭୂପ୍ରସାଦ, ଡ.ଆଶିଷ କୁମାର ସାମଲ, ଡ. ସୌମେନ୍ଦ୍ର ଦାସ, ପ୍ରମୋଦ ରଞ୍ଜନ ପଣ୍ଡା, ଧୂମେଶ ମେହେର ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସ୍ଥାନୀୟ ଗୁଣୁପୁର ରକ୍ତ ଭଣ୍ଡାରରର ଡା. ଲକ୍ଷ୍ମଣ ପାତ୍ର, ଟେକ୍ନିସିଆନ ଚନ୍ଦ୍ର ଶେଖର ପାତ୍ର, ରାକେଶ କୁମାର ପଣ୍ଡା, ନର୍ସିଂ ଅଫିସର ସୁଭସ୍ମିତା ଚୌଧୁରୀ, ଡିଏମଏ ରୋଜୀ ନାୟକ ଓ ରାଧାକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇ ୧୦୭ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ଶିବିରକୁ ଜାତୀୟ ସେବା ଯୋଜନାର ଆବାହକ ତଥା କାର୍ଯ୍ୟକ୍ରମ ଅଧିକାରୀ ୟୁନିଟ-୧ ପ୍ରଫେସର୍ ବାଣୀ ପ୍ରସାଦ ନାୟକ, କୃଷ୍ଣ ପ୍ରସାଦ ଦାସ, ଜସିଲ ପଟ୍ଟନାୟକ, ସୁନୀଲ କୁମାର ବେବର୍ତ୍ତା ପ୍ରମୁଖ ଶିବରକୁ ପରିଚାଳନା କରିଥିଲେ। ଶିବିରରେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଯୋଗଦେଇ ରକ୍ତଦାନ କରିଥିଲେ। ସମସ୍ତ ରକ୍ତଦାତାଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ସଭାପତି ଡ. ସତ୍ୟପ୍ରକାଶ ପଣ୍ଡା, ଉପ-ସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ମହାନିର୍ଦ୍ଦେଶକ ଡ. ଜଗଦୀଶ ପଣ୍ଡା ଉପସ୍ଥିତ ଥିଲେ।

**● ୧୦୭ ୟୁନିଟ ସଂଗ୍ରହ**

## ଶୁଣିଲେନି ସରକାର

# କାଠ ପୋଲ ତିଆରି କଲେ ଗ୍ରାମବାସୀ



ମାଲକାନଗିରି,୨୮ ।୭ (ସମିସ): ଶୁଣିଲେନି ସରକାର, ଦୀର୍ଘ ଦିନର ଅପେକ୍ଷା ପରେ ନିଜ ସମସ୍ୟାର ସମାଧାନ ନିଜେ କରିବାକୁ ଅଣ୍ଟା ଭିଡିଲେ ଗ୍ରାମବାସୀ। ତିଆରି କଲେ ପୋଲ। ସରକାରୀ କଳ ଲୋକଙ୍କ ଗୁହାରି ଶୁଣୁ ନଥିବାରୁ କିଛି ଏପରି ପଦକ୍ଷେପ ନେଇଛନ୍ତି ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକ୍ ଗୋବିନ୍ଦପାଲି ପଞ୍ଚାୟତର ଗୋଜିଆଗୁଡ଼ା ଗ୍ରାମବାସୀ। ଦୀର୍ଘବର୍ଷ ଧରି ବିପଦସଙ୍କୁଳ ଭାବେ ଏହି ଗ୍ରାମବାସୀ ନଈପାର ହେଉଥିଲେ। ତେଣୁ ସରକାରଙ୍କୁ ଅନୁରୋଧ ପରେ ନଈ ଉପରେ ସେତୁ ନିର୍ମାଣ କାମ ଆରମ୍ଭ ହୋଇଥିଲେ ବର୍ତ୍ତମାନ ମାସ ମାସ ଧରି ଏହି କାର୍ଯ୍ୟ ଅଟକି ରହିଥିବାରୁ କାଠର ପୋଲ ତିଆରି କରି ବର୍ତ୍ତମାନ ସରକାରଙ୍କୁ ଦର୍ପଣ ଦେଖାଇଛନ୍ତି ଏହି ଅଞ୍ଚଳ ଲୋକେ। ସୂଚନାନୁଯାୟୀ, ଏହି ଗୋଜିଆଗୁଡ଼ା ଗ୍ରାମଟି ପର୍ବତମାଳା ଓ ନଦୀ ପରିବେଷ୍ଟିତ ଏକ ଅପହଞ୍ଚ ଗ୍ରାମ ପରି ହୋଇଥିବା ବେଳେ ଗ୍ରାମବାସୀ ଗ୍ରାମରୁ କୌଣସି କାର୍ଯ୍ୟ ପାଇଁ ଅନ୍ୟ ଗ୍ରାମ କିମ୍ବା ବିଏଲ୍‌କେ ଓ ଜିଲ୍ଲା ସଦରକୁ ଯିବାକୁ ହେଲେ ଭରା ନଈରେ ବିପଦସଙ୍କୁଳ ଅବସ୍ଥାରେ ଡଙ୍ଗା ଯୋଗେ ପର ହେଉଥିଲେ। ପୂର୍ବରୁ ଏହି ନଈରେ ଅନେକ ଅଘଟଣ ମଧ୍ୟ ଘଟିଥିବା ବେଳେ ବର୍ଷା ଦିନେ ଏଠିକାର ଲୋକେ ଯେମିତି ବାହାର ଅଞ୍ଚଳ ଦେଖିବା କଷ୍ଟକର ହୋଇ ପଡୁଥିବାରୁ ସ୍ଥାନୀୟ ଲୋକେ ସରକାରଙ୍କ ନିକଟରେ ସେତୁଟିଏ ପାଇଁ ଦାବି କରି ଆସୁଥିଲେ। ଏହାପରେ ସେତୁ ନିର୍ମାଣ ପାଇଁ କାର୍ଯ୍ୟ ମଧ୍ୟ ଆରମ୍ଭ ହେଲା। ଲୋକେ ସେତୁ ନିର୍ମାଣ କାର୍ଯ୍ୟ ଦେଖି ନିଜର ସମସ୍ୟା ଦୂର ହେଉଥିବା ଅନୁମାନ କରୁଥିବା ବେଳେ ବିଭିନ୍ନ କାରଣ, ପ୍ରଶାସନିକ ଅବ୍ୟବସ୍ଥା ଓ କୋର୍ଟରେ ଚାଲିଥିବା କେସ୍ ଯୋଗୁଁ ସରକାରୀ ବ୍ରିଜ ନିର୍ମାଣ କାମ ବର୍ଷ ବର୍ଷ ଧରି ଅଟକିଗଲା। ଫଳରେ ଅଞ୍ଚଳବାସୀଙ୍କ ଆଶା ଆଶାରେ ରହି ଯାଇଥିବା ବେଳେ ସମସ୍ୟାର ସମାଧାନ ହୋଇ ପାରିଲା ନାହିଁ। ତେଣୁ ଗ୍ରାମବାସୀ ମିଶି କାଠ ନିଜ ସମସ୍ୟାର ସମାଧାନ ପାଇଁ ଅଣ୍ଟା ଭିଡିଲେ। ଏକତ୍ରିତ ହୋଇ ବ୍ରିଜ ନିକଟରେ ଥିବା ସାଧନର ବ୍ୟବହାର କରି ଏକ ଅସ୍ଥାୟୀ କାଠ ପୋଲ ତିଆରି କରିଲେ ଗ୍ରାମବାସୀ। ଗ୍ରାମବାସୀଙ୍କ ସାମୂହିକ ପ୍ରୟାସର ଏକ ସଜୀବ ଉଦାହରଣ ଏହି କାଠ ପୋଲ ହୋଇଥିବା ବେଳେ ଏହ ବର୍ତ୍ତମାନ ଲୋକଙ୍କ ସମସ୍ୟାକୁ ଅନେକ ମାତ୍ରାରେ କମାଇ ଦେଇଛି।

# ନଦୀରେ ବୁଡ଼ି କାଉଡ଼ିଆଙ୍କ ମୃତ୍ୟୁ



ଗୁଣୁପୁର,୨୮।୭ (ସମିସ): ରାୟଗଡ଼ା ଜିଲ୍ଲା ଗୁଣୁପୁର ବ୍ଲକ୍ ପୁଟାସିଂ ଥାନା ଅଧୀନ ଭୀମପୁର ପଞ୍ଚାୟତର ଦିନବନ୍ଧୁପୁର ନିକଟରେ ପ୍ରବାହିତ ମହେନ୍ଦ୍ରତନାୟା ନଦୀରେ ବୁଡ଼ିଯାଇ ଜଣେ କାଉଡ଼ିଆ ଭକ୍ତଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ୍ ଅଧୀନ କେ ଝାଲାରସିଂ ଗ୍ରାମର ଦେବଦତ୍ତ ବେହେରାଦଳେଇ ବୋଲି ଜଣାପଡ଼ିଛି। ସୂଚାନାନୁଯାୟୀ, ଦେବଦତ୍ତ ଗ୍ରାମର ୩୦ଜଣ ଭକ୍ତଙ୍କ ସହ ଭୀମପୁର ଶୈବପୀଠକୁ ଜଳାଭିଷେକ ଲାଗି ଆସିଥିଲେ। ତେବେ ଶୌଚ ପାଇଁ ନଦୀକୁ ଯାଇ ସେ ଆଉ ଫେରି ନଥିଲେ। ଫଳରେ ସାଥିରେ ଥିବା ଅନ୍ୟ କାଉଡ଼ିଆ ଭକ୍ତମାନେ ସ୍ଥାନୀୟ ଲୋକଙ୍କ ସହାୟତାରେ ଖୋଜାଖୋଜି କରିଥିଲେ। ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚିବା ବେଳେକୁ ସ୍ଥାନୀୟ ଲୋକେ ମୃତଦେହକୁ ଉଦ୍ଧାର କରିଥିଲେ। ନୂଆଗଡ଼ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପୁଟାସିଂ ପୁଲିସ ଶବକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ଉପଖଣ୍ଡ ଚିକିତ୍ସାଳୟର ଡା. ଲକ୍ଷ୍ମଣ ପାତ୍ର ଶବକୁ ବ୍ୟବଚ୍ଛେଦ କରିବା ପରେ ସ୍ୱର୍ଗରଥ ଗାଡିରେ ମରଶରୀରକୁ ତାଙ୍କ ନିଜ ଗ୍ରାମକୁ ସମ୍ପର୍କୀୟମାନେ ନେଇଯାଇଥିବା ସୂଚନା ମିଳିଛି।

# ପୋଷ୍ଟର ଓ ବ୍ୟାନର ଲଗାଇଲେ ମାଓବାଦୀ

ମାଲକାନଗିରି,୨୮ ।୭ (ସମିସ): ମାଓ ସଙ୍ଗଠନ ୨୮ ତାରିଖରୁ ସହିଦ ସପ୍ତାହ ପାଳନ କରୁଥିବା ବେଳେ ଏହି ସପ୍ତାହର ପ୍ରଥମ ଦିନରେ ନିଜର ସ୍ଥିତି ଜାହିର ପାଇଁ ମାଓ ସଙ୍ଗଠନ ଲଗାଇଛି ବ୍ୟାନର ଓ ପୋଷ୍ଟର। ସୂଚନାନୁଯାୟୀ, ମାଲକାନଗିରି ଜିଲ୍ଲା ସୀମାନ୍ତ ତେଲେଙ୍ଗାନା ରାଜ୍ୟର ଭଦ୍ରାଦି କୋଥାଗୁଡେମ ଜିଲ୍ଲାରେ ଚାର୍ଲା ମାଓ କମିଟି ଅଞ୍ଚଳରେ ସଙ୍ଗଠନ ପକ୍ଷରୁ ବ୍ୟାନର ଓ ପୋଷ୍ଟର ଲଗାଯାଇଛି। କୋଥାଗୁଡେମ ଗାଁ ନିକଟ ମୁଖ୍ୟ ରାସ୍ତାରେ ମାଓବାଦୀମାନେ ଏହି ବ୍ୟାନର ଏବଂ ପୋଷ୍ଟର ଲଗାଇଛନ୍ତି। ୨୮ ଜୁଲାଇରୁ ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ମାଓବାଦୀଙ୍କ ସହିଦ ସପ୍ତାହକୁ ପାଳନ କରିବାକୁ ପୋଷ୍ଟରରେ ଆହ୍ୱାନ ଦିଆଯାଇଛି। ସେହିପରି ପୋଷ୍ଟରରେ ଜନ ଆନ୍ଦୋଳନ ମାଧ୍ୟମରେ ମାଓ ଦମନ ପାଇଁ ଆରମ୍ଭ ହୋଇଥିବା ଅପରେସନ କାଗରକୁ ପରାସ୍ତ କରିବା ବିଷୟରେ ଉଲ୍ଲେଖ କରାଯାଇଛି। ତେବେ ସୁରକ୍ଷା ବାହିନୀ ପକ୍ଷରୁ ଉକ୍ତ ବ୍ୟାନର ଏବଂ ପୋଷ୍ଟରକୁ ଜବତ କରାଯାଇଥିବା ସହ ଅଞ୍ଚଳରେ ତଲାସି ଅଭିଯାନକୁ ବଢ଼ାଇ ଦିଆଯାଇଛି। ସମାନ ରୂପେ ମାଲକାନଗିରି ଜିଲ୍ଲା ସୀମାବର୍ତ୍ତି ଅଞ୍ଚଳରେ ମଧ୍ୟ ପୋଲିସ ପକ୍ଷରୁ ତଲାସି ଅଭିଯାନକୁ ବଢ଼ାଇ ଦିଆଯାଇଛି।

## ▶ ଶେଷ ନିଶ୍ୱାସ ନେଉଛି ମାଓ ସଂଗଠନ

# ୧୮ ମାସରେ ୧୬୦୦ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୮ ।୭ (ସମିସ): ଭୁଶୁଡିବାରେ ଲାଗିଛି ମାଓ ସଙ୍ଗଠନ। ନିଜର ଅନ୍ତିମ ନିଶ୍ୱାସ ନେଉଛି ମାଓ ସଙ୍ଗଠନ। ସଂଗଠନର ନେତୃତ୍ୱ ନେଉଥିବା ଅନେକ ମାଓ ନେତାଙ୍କ ନିହତ ତଥା ଆତ୍ମସମର୍ପଣ ପରେ ଗତ ୧୮ ମାସ ମଧ୍ୟରେ ସଙ୍ଗଠନ ଛାଡିଛନ୍ତି ପ୍ରାୟ ୧୬୦୦ ମାଓବାଦୀ। ସୂଚନାନୁଯାୟୀ ମାଓ ସଙ୍ଗଠନକୁ ସମୂଳେ ନାଶ କରିବା ପାଇଁ ମାଲକାନଗିରି ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଜୋରଦାର ଅପରେସନ ହୋଇଥିବାବେଳେ ଓଡିଶା ଏକ ପ୍ରକାର ମାଓ ମୁକ୍ତ ହେବାରେ ଲାଗିଛି। ତେବେ ଓଡ଼ିଶା ସୀମାନ୍ତରେ ଥିବା ଛତିଶଗଡରେ ମାଓ ସଙ୍ଗଠନ ଅନେକ ହିଂସାକାଣ୍ଡ ଘଟାଇବା ସହ ବେଶ ସକ୍ରିୟ ରହିଥିବା ବେଳେ ବର୍ତ୍ତମାନ ସେଠାରେ ମାଓ ଦମନ ପାଇଁ କଡା ରଣନୀତି ଆପଣାଯାଇଛି। ଫଳସ୍ୱରୂପ ବିଗତ ଦୁଇ ବର୍ଷ ମଧ୍ୟରେ ବଡ ସଫଳତା ମିଳିଛି ସୁରକ୍ଷା ବଳଙ୍କୁ। ଅନେକ ଟପ୍ ମାଓନେତା ଯବାନଙ୍କ ଗୁଳିରେ ନିହତ ହୋଇଥିବା ବେଳେ ଅନେକ ସଙ୍ଗଠନ ଛାଡି ଦେଇଥିବାରୁ ବର୍ତ୍ତମାନ ମାଓ ସଙ୍ଗଠନ ଦିଗହରା ହୋଇପଡିଛି। ତେଣୁ ଅନେକ ମାଓବାଦୀ ବର୍ତ୍ତମାନ ନିଜର ଜୀବନ ବଞ୍ଚାଇବା ପାଇଁ ଆତ୍ମସମର୍ପଣ କରିବାରେ ଲାଗିଛନ୍ତି। ଫଳରେ ଗତ ୧୮ ମାସ ମଧ୍ୟରେ ସମ୍ପୂର୍ଣ୍ଣ ଛତିଶଗଡରେ ପ୍ରାୟ ୧୬୦୦ ମାଓବାଦୀ ସରକାରଙ୍କ ଉପରେ ଭାରସା କରି ଆତ୍ମସମର୍ପଣ କରିବା ସହ ସାଧାରଣ ଜୀବନ ଯାପନ କରୁଥିବା ବସ୍ତର ଆଇଜି ସୁନ୍ଦରରାଜ ପି ଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହା ମାଓ ସଙ୍ଗଠନ ପାଇଁ ଶକ୍ତ ଝଟକା ହୋଇଥିବା ବେଳେ ଆଗାମୀ ଦିନରେ ଆହୁରି ଅନେକ ମାଓବାଦୀ ଆତ୍ମସମର୍ପଣ କରିବେ ଏବଂ ଖୁବଶୀଘ୍ର ମାଓ ସଙ୍ଗଠନ ନିଜର ଅନ୍ତିମ ନିଶ୍ୱାସ ତ୍ୟାଗ କରିବ ବୋଲି ସେ ପ୍ରକାଶ କରିଛନ୍ତି।

# ୟୁନିଫାଇଡ ଅଟୋମେସନ ସିଷ୍ଟମକୁ ମିଳିତ ଶିକ୍ଷକ ମଞ୍ଚର ବିରୋଧ

ଗୁଡାରି,୨୮।୭ (ସମିସ): ଗୁଡାରି ବ୍ଲକ୍ ଏବଂ ପରିଷଦର ମିଳିତ ଶିକ୍ଷକ ମଞ୍ଚ ପକ୍ଷରୁ ୟୁନିଫାଇଡ ଅଟୋମେସନ ସିଷ୍ଟମକୁ ତିବ୍ର ବିରୋଧ କରାଯାଇଛି। ଏନେଇ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ରାୟଗଡ଼ା ଜିଲ୍ଲା ଅନ୍ତର୍ଗତ ଗୁଡାରି ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ବିଭିନ୍ନ ବର୍ଗର ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ମୌଳିକ ଦାବି ପୂରଣ ନହେବା ପର୍ଯ୍ୟନ୍ତ ୟୁନିଫାଇଡ ଅଟୋମେସନ ସିଷ୍ଟମ (ୟୁଏଏସ୍)କୁ ପ୍ରତିବାଦ କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଦାବି ଗୁଡିକ ମଧ୍ୟରେ, ଶ୍ରେଣୀୱାରୀ ଶିକ୍ଷକ ନିଯୁକ୍ତି, ଶ୍ରେଣୀୱାରୀ ଶ୍ରେଣୀ ଗୃହ, ପ୍ରତ୍ୟେକ ବିଦ୍ୟାଳୟକୁ ଡେସ୍କଟୋପ କିମ୍ବା ଲାପଟପ୍, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗଣପୋଷାକ ଭତ୍ତା, ଡାଟା ନେଟୱାର୍କ ନିମନ୍ତେ ଅନୁଦାନ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମାସିକ ବେତନରେ ଥିବା ତାରତମ୍ୟ ଦୂରୀକରଣ, ପ୍ରଧାନ ଶିକ୍ଷକ ନିଯୁକ୍ତି ଦାବି ନେଇ ମୁଖ୍ୟମନ୍ତ୍ରୀ, ଗଣ ଶିକ୍ଷା ମନ୍ତ୍ରୀ, ଶିକ୍ଷା ସଚିବ, ଜିଲ୍ଲା ଓ ଶିକ୍ଷା ଅଧିକାରୀଙ୍କୁ ଗୁଡାରି ଗୋଷ୍ଠୀ ଶିକ୍ଷା ଅଧିକାରୀ ଦ୍ୱାରା ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ସ୍ଥାୟୀ ସଭାପତି ସୁବାଷ ଚନ୍ଦ୍ର ଗୌଡ଼ ସୂଚନା ଦେଇଛନ୍ତି। ସଭାପତି ବାଳକୃଷ୍ଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏସ୍କ-କ୍ୟାଡର ସଭାପତି ମାନସ କୁମାର ନନ୍ଦ, ଉପଦେଷ୍ଟା କୃଷ୍ଣଚନ୍ଦ୍ର ସେନାପତି, ମିଳିତ ଶିକ୍ଷକ ମଞ୍ଚ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏଥିରେ ଉପସ୍ଥିତ ଥିଲେ।

# ପଡିଆରେ ଯୁଗ୍ମ ଅଭିଯୋଗ ଶୁଣାଣି

ପଡିଆ,୨୮।୭ (ସମିସ): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ୍‌ରେ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଡିଆ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ମୋଟ ୩୬ ଟି ଅଭିଯୋଗର ଶୁଣାଣି ହୋଇଥିଲା। ଏହି ଅବସରରେ ପଡିଆ ବ୍ଲକ୍ ଅନ୍ତର୍ଗତ କାଲଦାପଲ୍ଲୀ ଗ୍ରାମ ରାସ୍ତା, ଏମ୍ପିଭି ୫୬ ଗ୍ରାମ ରାସ୍ତା ଦୀର୍ଘଦିନ ଧରି କାଦୁଅ ଭରା ହୋଇଥିବାରୁ ଏହାର ମରାମତି, ଏମ୍ଭି ୫୭ ଗ୍ରାମ ରାସ୍ତା ନିର୍ମାଣ ସମେତ ବିଭିନ୍ନ ବ୍ୟକ୍ତି ନିଜ ଅକ୍ତିଆରରେ ରଖିଥିବା ସ୍ଥାନ ଗୁଡିକୁ ନେଇ ହେଉଥିବା ରାଜସ୍ୱ କାର୍ଯ୍ୟାନୁଷ୍ଠାନ ନେଇ ନିଜ ନିଜର ଅଭିଯୋଗ ଜଣାଇଛନ୍ତି। ଏହି ଅଭିଯୋଗ ଗୁଡିକର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଓ ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ମାଲକାନଗିରି ଜିଲ୍ଲା ଏସ୍‌ପି ବିନୋଦ ପାଟିଲ ଏଚ୍, ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ପଡିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଶ୍ୱିନି କୁମାର ମହାପାତ୍ର, ବ୍ଲକ୍ ଅଧ୍ୟକ୍ଷ କଲ୍ୟାଣ ବିଶ୍ୱାସ ଓ ପଡିଆ ବ୍ଲକ୍ ବିଧାୟକଙ୍କ ପ୍ରତିନିଧି ମନ ଦୀପଙ୍କର ରାୟ ସମେତ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଓ ଜନ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଗଞ୍ଜେଇ ଜବତ, ଜଣେ ଗିରଫ

ରାୟଗଡ଼ା,୨୮।୭ (ସମିସ): ରାୟଗଡ଼ା ରେଳଷ୍ଟେସନ ପ୍ଲାଟଫର୍ମ ନମ୍ବର ୩ରୁ ୧୫କେଜି ଗଞ୍ଜେଇ ଚୋରାଚାଲାଣ ଉଦ୍ୟମ ବେଳେ ଜବତ ସହିତ ଜଣଙ୍କୁ ଗିରଫ କରିଛନ୍ତି ଜିଆରପି ଓ ଆରପିଏଫ ପୁଲିସ। ଗିରଫ ଜଣକ ହେଲେ ଉତ୍ତରପ୍ରଦେଶର ମହମ୍ମଦ ରୋହନ(୨୪)। ଘଟଣାରୁ ପ୍ରକାଶ ଯେ, ସୋମବାର ଜିଆରପି ଓ ଆରପିଏଫ ପୁଲିସ ମିଳିତ ଭାବେ ରେଳ ଷ୍ଟେସନ ପରିସରରେ ଯାଞ୍ଚ କରିବା ବେଳେ ରୋହନଙ୍କ ଉପରେ ସନ୍ଦେହ ହେବାରୁ ପଚରାଉଚୁରା କରିଥିଲେ। ତାଙ୍କ ଠାରୁ ସନ୍ତୋଷଜନକ ଉତ୍ତର ନମିଳିବାରୁ ସେ ଧରିଥିବା ବ୍ୟାଗ ଯାଞ୍ଚ କରିବାରୁ ଗଞ୍ଜେଇ ବାହାରିଥିଲା। ରୋହନଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଜିଆରପି ପୁଲିସ ବିଭାଗର ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀ, ଆଇଆଇସି ବିଜୟ କୁମାର ବେକ୍, ଏସଆଇ ଆଲୋକ କୁମାର ନାୟକ, ଏଏସଆଇ ମାଣିକ ଚନ୍ଦ୍ର ଗୌଡ଼ଙ୍କ ସମେତ ଆରପିଏଫ୍‌ର ଏସଆଇ ସରୋଜ କୁମାର ବାରିକ ଏବଂ ଏଏସଆଇ ବିନୋଦ କୁମାର ଉପସ୍ଥିତ ଥିଲେ।

# ନୂତନ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଦାୟିତ୍ୱ ଗ୍ରହଣ



ରାୟଗଡ଼ା,୨୮।୭ (ସମିସ): ରାୟଗଡ଼ା ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ ଆଶୁତୋଷ କୁଲକର୍ଣ୍ଣି ସୋମବାର ଯୋଗଦାନ କରିଛନ୍ତି। ନୂତନ ଜିଲ୍ଲାପାଳଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁର, ଉପଜିଲ୍ଲାପାଳ ରାୟଗଡ଼ା ରମେଶ କୁମାର ଜେନା, ଜିଲ୍ଲା ଟ୍ରେଜେରୀ ଅଧିକାରୀ ମିତୁସ୍ମା ରାଉତଙ୍କ ସମେତ କାର୍ଯ୍ୟାଳୟର ବିଭିନ୍ନ ସେକ୍ସନ ଅଫିସର, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ବିଭାଗୀୟ ଅଧିକାରୀ, ବିଭିନ୍ନ ସଂଗଠନର କର୍ମକର୍ତ୍ତା, କର୍ମଚାରୀ ସଂଘର କର୍ମକର୍ତ୍ତା ସ୍ୱାଗତ କରିଥିଲେ। ଶ୍ରୀ କୁଲକର୍ଣ୍ଣି ପୂର୍ବରୁ ରାଉରକେଲାର ଅତିରିକ୍ତ ଜିଲ୍ଲାପାଳ, ରାଉରକେଲା ମହାନଗର ନିଗମର କମିଶନର ତଥା ରାଉରକେଲା ସ୍ମାର୍ଟସିଟିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଷ୍ଟେଟ ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ ଆସୋସିଏସନ ରାୟଗଡ଼ା ଶାଖା ସଭାପତି ଶିବ ନାରାୟଣ ଗଉଡଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ସୁବାଷ ଚନ୍ଦ୍ର ସୂର୍ଯ୍ୟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ମହାରଣା, ସଦସ୍ୟ ରାଜ ଲିମା, ଅକ୍ଷୟ ମହାନନ୍ଦିଆ, ମୁରଲୀ ବଛା, ନିରଞ୍ଜନ ନିମାଲା, ରବି ପାତ୍ର ପ୍ରମୁଖ ସଦସ୍ୟ ଆଜି ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣିଙ୍କୁ ସ୍ୱାଗତ କରିବା ସହ ଜିଲ୍ଲାର ବିକାଶ ଦିଗ ଉପରେ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ବିକଶିତ ରାୟଗଡ଼ା ଜିଲ୍ଲା ଗଠନ ଦିଗରେ ସମସ୍ତଙ୍କ ସହଯୋଗ ଆବଶ୍ୟକ ଏବଂ ଦୁର୍ନୀତିକୁ ପ୍ରଶୟ ଦିଆଯିବ ନାହିଁ ବୋଲି ଜିଲ୍ଲାପାଳ କହିଛନ୍ତି।

ପ୍ରଥମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱ ସୁମନ୍ତ ନାରାୟଣ ଆଚାର୍ଯ୍ୟ
ଆବିର୍ଭାବ: ୦୬.୦୬.୧୯୬୨
ତିରୋଧାନ: ୦୯.୦୮.୨୦୨୪
ସ୍ୱ ରୀନା ଦାଶ
ଆବିର୍ଭାବ: ୧୧.୦୭.୧୯୭୩
ତିରୋଧାନ: ୨୫.୦୧.୨୦୨୫
ମନେପଡୁଛି ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଏବଂ ଭଲପାଇବାର ସ୍ମୃତି। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପୁତ୍ର - ରାଜା, ଝିଅ- ମାମୁନି, ଜ୍ୱାଇଁ- ନିଳାନ୍ଦ୍ରି, ନାତି- ଈଶାନ, ଆତ୍ମୀୟ ସ୍ୱଜନ

# ବିଭିନ୍ନ ଶୈବପୀଠରେ କଉଡ଼ିଆଙ୍କ ଭିଡ଼

କୋରୁକୋଣ୍ଡା/ବାଲିମେଳା,୨୮ ।୭ (ସମିସ): ଶ୍ରାବଣ ଦ୍ୱିତୀୟ ସୋମବାର ପାଇଁ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ସମେତ ବାଲିମେଳା ସହର ଅଧିନସ୍ତ ବିଭିନ୍ନ ଅଞ୍ଚଳରେ ଥିବା ସମସ୍ତ ଶୈବପୀଠ ବୋଲବମ୍ କାଉଡିଆଙ୍କ ସମେତ ଶତାଧିକ ଭକ୍ତଙ୍କ ଭିଡ ଜମିଥିବା ଦେଖିବାକୁ ମିଳିଛି। ବାଲିମେଳା ସହରରେ ଥିବା ଆଖଣ୍ଡଳମଣି ମନ୍ଦିର, ଜଗନ୍ନାଥ ମନ୍ଦିର ପରିସରରେ ଥିବା ଶିବ ମନ୍ଦିର, କୋରୁକୋଣ୍ଡା ବ୍ଲକ୍ ଅଧିନସ୍ତ ସୁବଳେଶ୍ୱର ଶୈବପୀଠ, ଟେକଗୁଡାରେ ଥିବା ଜଳେଶ୍ୱର ଶିବ ମନ୍ଦିର, କଣ୍ଡେଲ ଗ୍ରାମରେ ଥିବା ଶିବ ମନ୍ଦିର, ନୀଳାଦ୍ରୀ ନଗରରେ ଥିବା ଗଣେଷ ମନ୍ଦିର, ନାକାମାମୁଡି ପଞ୍ଚାୟତର ଖଡ଼ିକାଯୋଡିରେ ଥିବା ନୀଳକଣ୍ଠେଶ୍ୱର ମନ୍ଦିର, ବାଲିମେଳା ଛକରେ ଥିବା ରାଜଲିଙ୍ଗେଶ୍ୱର ମନ୍ଦିର, ତାର୍ଲାକୋଟାରେ ନିକଟରେ ଥିବା ସିଦ୍ଧେଶ୍ୱର ଶିବ ମନ୍ଦିର, କାମ୍ବେଡାରେ ଥିବା ଶୈବପୀଠ ଏବଂ ପୁରୁଣା ଓର୍କେଲ ଗ୍ରାମରେ ଥିବା ନୀଳକଣ୍ଠେଶ୍ୱର ମନ୍ଦିରମାନଙ୍କରେ ସୋମବାର ଶତାଧିକ କାଉଡିଆ ଏବଂ ଭକ୍ତ ମାନଙ୍କର ଭିଡ ଜମିଥିଲା। ନାକାମାମୁଡି ପଞ୍ଚାୟତ ଅଧିନସ୍ତ ବିଭିନ୍ନ ଗ୍ରାମର ପ୍ରାୟ ୪୦ରୁ ଉର୍ଦ୍ଧ ମହିଳା ଓ ପୁରୁଷ ମାନସିକଧାରୀମାନେ ଗ୍ରାମ ନିକଟସ୍ଥ ଖଡ଼ିକାଯୋଡି ନଦୀରେ ପୂଜାର୍ଚ୍ଚନା କରିବା ପରେ ପାଣି ଉଠାଇ ପ୍ରାୟ ୧୫ କିମି ଦୂର ଚାଲି ଚାଲି ଯାଇ ଚିତ୍ରକୋଣ୍ଡା ବ୍ଲକ୍ ଟର୍ନେଲ କ୍ୟାମ୍ପ ଅଧିନସ୍ଥ ଡ଼ାଇକ-୧ ଗ୍ରାମ ନିକଟ ଚିତ୍ରକୋଣ୍ଡା ଡ୍ୟାମ ପାଶ୍ୱର୍ରେ ଥିବା ବହୁ ପୁରାତନ ଶୈବ ପୀଠରେ ପହଁଞ୍ଚି ସେଠାରେ ମହାଦେବଙ୍କ ପୂଜାର୍ଚ୍ଚନା କରିବା ସହ ଜଳ ଲାଗି କରିଥିଲେ। ସେହିପରି ଉପରୋକ୍ତ ସମସ୍ତ ଶିବ ମନ୍ଦିରରେ ବାଲିମେଳା ଓ କୋରୁକୋଣ୍ଡା ବ୍ଲକର ବିଭିନ୍ନ ଗ୍ରାମର କାଉଡିଆମାନେ ସେମାନଙ୍କର ନିକଟସ୍ଥ ଶିବ ମନ୍ଦିରରେ ଜଳ ଲାଗି କରିଥିଲେ। ମୁଖ୍ୟତଃ ମାଲକାନଗିରି ଜିଲ୍ଲା ବାଲିମେଳା ସହରରୁ ପ୍ରାୟ ୨୦୦ ଜଣ ଶିଶୁ ସୋମବାର ବାଲିମେଳା ଛକ ନିକଟ ରାଜଲିଙ୍ଗେଶ୍ୱର ଶୈବ ପୀଠକୁ ଜଳ ନେଇ ଯାତ୍ରା କରିଛନ୍ତି। ସେମାନେ ସକାଳେ ସ୍ଥାନୀୟ ଚିତାପାରି ନଦୀ ନିକଟରେ ପୂଜାର୍ଚ୍ଚନା କରିବା ପରେ ପାଣି ଉଠାଇଥିଲେ। ଏହାପରେ ସେମାନେ ବାଲିମେଳା ସହର ସ୍ଥିତ ଜଗନ୍ନାଥ ମନ୍ଦିରକୁ ଯାଇ ସେଠାରୁ ପ୍ରାୟ ଦୀର୍ଘ ୫ କିମି ଦୂର ଖାଲି ପାଦରେ ଚାଲି ଚାଲି ଯାଇ ବାଲିମେଳା-ଜୟପୁର ମୁଖ୍ୟ ରାସ୍ତାରେ ଥିବା ରାଜଲିଙ୍ଗେଶ୍ୱର ମନ୍ଦିରରେ ପହଞ୍ଚି ମହାଦେବଙ୍କ ନିକଟରେ ଜଳଲାଗି କରିଥିଲେ। ଶିଶୁ ମାନଙ୍କର ଏହି ବୋଲବମ ଯାତ୍ରା ଦେଖିବା ପାଇଁ ସହରର ବଭିନ୍ନ ଛକ ଗୁଡିକରେ ଭିଡ ଜମିଥିଲା।



ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ଡଃ ସରୋଜ କୁମାର ସାମନ୍ତ
ଅଧ୍ୟକ୍ଷ ତଥା ସଂପାଦକ
ଗଞ୍ଜାମ ଆଇନ ମହାବିଦ୍ୟାଳୟ, ଆମ୍ବପୁଆ, ବ୍ରହ୍ମପୁର
ଆବିର୍ଭାବ - ତା. ୨୧. ୦୩. ୧୯୭୯ / ତିରୋଧାନ - ତା. ୧୮. ୦୭.୨୦୨୫
ହେ ପୁଣ୍ୟାତ୍ମା, ଆପଣ ଆମ୍ଭମାନଙ୍କୁ ଦୁଃଖ ସାଗରରେ ଭସାଇ ଦେଇ ଆରପାରିକୁ ଚାଲିଗଲେ। ଆପଣଙ୍କ ଅମଳିନ ସ୍ନେହ, ଶ୍ରଦ୍ଧା ଓ ମାର୍ଗଦର୍ଶନରୁ ଏବେ ଆମେ ବଞ୍ଚିତ। ଅଶ୍ରୁସିକ୍ତ ନୟନରେ ଆପଣଙ୍କ ସ୍ମୃତିକୁ ଝୁରିବା ବ୍ୟତିରକେ ଅନ୍ୟ ଉପାୟ ନାହିଁ। ଈଶ୍ୱରଙ୍କ ଏ ଚରାଚର ସୃଷ୍ଟିରେ ଆପଣ ଯେଉଁଠି ଥିଲେ ବି ଆଲୋକବର୍ତ୍ତିକା ହୋଇ ଆମକୁ ଆଶୀର୍ବାଦ କରୁଥାଆନ୍ତୁ। ଆପଣଙ୍କ ଅମର ଆତ୍ମା ଚିର ଶାନ୍ତି ଲାଭ କରୁ, ଆଜି ଏକାଦଶାହ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଆପଣଙ୍କର ଶୋକସନ୍ତପ୍ତ
ଗଭୀର ଶ୍ରଦ୍ଧାଞ୍ଜଳି ସହ ମାନସ ମୋହିନୀ ସାମନ୍ତ (ମା), ସଂଜିପ ସାମନ୍ତ (ଭାଇ), ସରିତା ଓ ସୁନିତା (ଭଉଣୀ), ନମିତା (ଧର୍ମପତ୍ନୀ), ଶ୍ରଦ୍ଧା (ଝିଅ), ତନୁଶ୍ରୀ, ସୋନାକ୍ଷୀ, ମାନିକଲାଲ, ଆନନ୍ଦ, ମୁକେଶ, ମନୋଜ, ମାନସୀ ଓ ମିନତୀଙ୍କ ସମେତ ସାମନ୍ତ ପରିବାର ସଦସ୍ୟ ଓ ବନ୍ଧୁ ବର୍ଗ

## 'ସକାଳ' ଓ ନନ୍ଦିଘୋଷ ଟିଭି ପକ୍ଷରୁ ବିଶ୍ୱ ପରିବେଶ ସଂରକ୍ଷଣ ଦିବସ

# ବୃକ୍ଷ ବିନା ସୁନ୍ଦର ପୃଥିବୀ ପରିକଳ୍ପନା ଅସମ୍ଭବ





**ରାଉରକେଲା, ୨୮।୭ (ସମିସ)**

ଦୈନିକ 'ସକାଳ ଓ ନନ୍ଦିଘୋଷ ଟିଭି' ପକ୍ଷରୁ 'ବିଶ୍ୱ ପରିବେଶ ସଂରକ୍ଷଣ ଦିବସ' ରାଉରକେଲା ଛେଣ୍ଡସ୍ଥିତ ରିଙ୍ଗରୋଡ୍ ପାର୍ଶ୍ୱ ଭାରତ ପେଟ୍ରୋଲପମ୍ପରେ ପାଳିତ ହୋଇଯାଇଛି। ଏହି ଅବସରରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ। ଏହାସହ ରାଉରକେଲା ଡିଏଫଓ ଯଶୋବନ୍ତ ସେଠୀ, ଜୋନାଲ ଡିଏସ୍‌ପି ଅମରେନ୍ଦ୍ରନାଥ ଷଣ୍ଢ, ରାଉରକେଲା ଇସ୍ପାତ କାରଖାନା ସହର ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ବିଜୟ କୁମାର ଯୋଯୋ, ରାଉରକେଲା ଇସ୍ପାତ କାରଖାନାର ଉଦ୍ୟାନକୃଷି ଓ ଚିଡିଆଖାନା ବିଭାଗ ମୁଖ୍ୟ ଡ. ଅଭିଜିତ୍ ବିଶ୍ୱାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।



ଏହି କାର୍ଯ୍ୟକ୍ରମରେ ବୃକ୍ଷ ବିନା ଏତେ ବିଶାଳ ସୁନ୍ଦର ପୃଥିବୀ ପରିକଳ୍ପନା ସମ୍ପୂର୍ଣ୍ଣ ଅସମ୍ଭବ ବୋଲି ଅତିଥିମାନେ ବକ୍ତବ୍ୟରେ କହିବା ସହ ଦୈନିକ 'ସକାଳ ଓ ନନ୍ଦିଘୋଷ' ପକ୍ଷରୁ ଆୟୋଜିତ ଏହି ମହାନ ପଦକ୍ଷେପକୁ ପ୍ରଶଂସା କରିଥିଲେ। ଏହି ଅବସରରେ ପେଟ୍ରୋଲ ଓ ଡିଜେଲ୍ ନେବାକୁ ପମ୍ପକୁ ଆସୁଥିବା ୧୦୦୦ ଜଣ ଗ୍ରାହକଙ୍କୁ ଆମ୍ବ, ପିଜୁଳି, ଲେମ୍ବୁ, ଡାଳିମ୍ବ, ନିମ୍ବ, ପଣସ, କରଞ୍ଜ, ଲିଚୁ ଆଦି ହାଇବ୍ରିଡ ଫଳ ଚାରା ବଣ୍ଟନ କରାଯାଇଥିଲା। ଦୈନିକ 'ସକାଳ ଓ ନନ୍ଦିଘୋଷ' ପକ୍ଷରୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ବୃକ୍ଷ ଚାରା ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। 'ସକାଳ'ର ରାଉରକେଲା ସଂସ୍କରଣ ମୁଖ୍ୟ ଦେବବ୍ରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଉରକେଲା ବନାଞ୍ଚଳ ଅଧିକାରୀ ଜ୍ଞାନେନ୍ଦ୍ର କୁମାର ଲିମା, ଭାରତ ପେଟ୍ରୋଲ ପମ୍ପର ସତ୍ତ୍ୱାଧିକାରୀ ମଳୟ କୁମାର ମତଗଜସିଂହ, ସେକ୍ଟର-୭ ଥାନା ଅଧିକାରୀ ରବୀନ୍ଦ୍ର କୁମାର ପାତ୍ର, ଛେଣ୍ଡ ଥାନା ଅଧିକାରୀ ବିଜୟ କୁମାର ସିଂହ, ଗଙ୍ଗାଧର ଦାଶ, ସୁରେଶ କଂସାରୀ, ଭଗବାନ ରାଉତ, କୈଳାଶ ରଣା, ଆକାଶ ରଞ୍ଜନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ନନ୍ଦିଘୋଷ ଟିଭି ବ୍ୟୁରୋ ହେଡ ସ୍ୱାଗତ ଭାଷଣ ଦେଇଥିଲାବେଳେ ସକାଳ ପକ୍ଷରୁ ସୁବ୍ରତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଆର୍‌ଏସ୍‌ପି କର୍ମଚାରୀ ସେଲ୍ ସାବାସ ଯୋଜନା ଅଧୀନରେ ପୁରସ୍କୃତ

**ରାଉରକେଲା, ୨୮।୭ (ସମିସ):** ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ପ୍ଲେଟ୍ ମିଲ୍ ବିଭାଗର ସମ୍ମିଳନୀ ହଲ୍‌ରେ ଏକ ପୁରସ୍କାର ସମାରୋହ ଆୟୋଜନ କରାଯାଇଥିଲା। ପ୍ଲେଟ୍ ମିଲ୍ ବିଭାଗର ସିଜିଏମ ଏତୁଆ ଓରାମ୍ ଅଧ୍ୟକ୍ଷତା କରି ବିଭାଗର ୭ ଜଣ କର୍ମଚାରୀଙ୍କୁ ସାବାସ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ବିଭାଗର ଜିଏମ ୱାଇ କେ ରୟ, ବୈଦ୍ୟୁତିକ ବିଭାଗର ଜିଏମ ଦୀପ୍ତଙ୍କର ମହାପାତ୍ର, ଡିଜିଏମ ଏସ କେ ନାହାକ, ଏଜିଏମ ସତ୍ୟଦେବ ଶର୍ମା, ଏଜିଏମ ବିକେ ସେନାପତିଙ୍କ ସମେତ ବିଭାଗର ବହୁ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ପ୍ଲେଟମିଲ ବିଭାଗର ପୁରସ୍କାରପ୍ରାପ୍ତ କର୍ମଚାରୀମାନଙ୍କ ମଧ୍ୟରେ ନିତ୍ୟାନନ୍ଦ ଦାସ, ବିଗିପାନ ବରିସାଲ, ଚନ୍ଦ୍ରବ୍ରତ ନନ୍ଦ, ପ୍ରଦୀପ କୁମାର ନାୟକ, ନରେନ୍ଦ୍ର ସେଠୀ, ସମୀର କୁମାର ମହାନ୍ତି ଏବଂ ହରେକୃଷ୍ଣ ଦାସ ଅନ୍ତର୍ଭୁକ୍ତ ଥିଲେ। କର୍ମଚାରୀମାନଙ୍କୁ ସେମାନଙ୍କ କାର୍ଯ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରୟାସ ନିମନ୍ତେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପୁରସ୍କାର ସମାରୋହକୁ ପ୍ଲେଟ ମିଲ ବିଭାଗର ମ୍ୟାନେଜର ଶକ୍ତି ଶେଖର ଷଡଙ୍ଗୀ ସଂଯୋଜନା କରିଥିଲେ।

# ବିଶ୍ରା ବ୍ଲକ୍‌ରେ ଅଭିଯୋଗ ଶୁଣାଣି



**ରାଉରକେଲା/ବିଶ୍ରା, ୨୮।୭ (ସମିସ):** ବିଶ୍ରା ବ୍ଲକ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଏଥିରେ ନବ ନିଯୁକ୍ତ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର ଓ ରାଉରକେଲା ଆରକ୍ଷୀ ଅଧୀକ୍ଷକ ନିତେଶ ୱାଧୱାନୀ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ୯୮ଟି ଅଭିଯୋଗର ଶୁଣାଣି ମଧ୍ୟରୁ ୪୭ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୪୪ ଗୋଟି ସାମୂହିକ ଅଭିଯୋଗ ରହିଥିଲା। ଏଥି ମଧ୍ୟରୁ ୭ଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୭ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଆଜି ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତା ଘାଟ ସମସ୍ୟା, ପେନସନ, ବିଦ୍ୟୁତ୍ ସମସ୍ୟା, ବ୍ରିଜ ନିର୍ମାଣ, ଆବାସ ସମସ୍ୟା, ରାସନ୍ କାର୍ଡ ସମସ୍ୟା, ପାନୀୟ ଜଳ ସମସ୍ୟା ଆଦି ପ୍ରମୁଖ ରହିଥିଲା। ଆଜିର ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁରଞ୍ଜନ ସାହୁ, ଉପଜିଲ୍ଲାପାଳ ପାନପୋଷ ବିଜୟ କୁମାର ନାୟକ, ଆଇଏଏସ ଶିକ୍ଷାନବିସ ଫାବୀ ରସିଦ, ବିଶ୍ରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ୩ ଜଣ ବ୍ୟକ୍ତିଗତ ରୋଗୀଙ୍କ ଅଭିଯୋଗ ପରେ ଚିକିତ୍ସା ଖର୍ଚ୍ଚ ପାଇଁ ୧୫ ହଜାର ଏବଂ ଦଶ ହଜାର ଟଙ୍କା ଦିଆଯାଇଥିବା ସହ ମହିପାଣିର ତରୁ ମାହାତ ଅକର୍ମଣୀୟ ହୋଇ ଚାଲି ପାରୁ ନ ଥିବାରୁ ତାଙ୍କୁ ଏକ ହୁଇଲ ଚିୟାର ଦିଆଇଥିଲା। ଜରେଇକେଲାରୁ ବିଶ୍ରା ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା ଅତି ଖରାପ ହୋଇ ପଡିଥିବାରୁ ଯାତାୟାତରେ ଅସୁବିଧା ହେବା ସହ ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନୀ ହେଉଛି। ଜାରେଇକେଲା ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଥିଲା। ଏହି ଅବସରରେ ଜିଲ୍ଲାପାଳ ଡକ୍ଟର ମହାପାତ୍ର ଉପସ୍ଥିତ ଥିବା ଅଧିକାରୀମାନଙ୍କୁ ଅଭିଯୋଗର ସମାଧାନ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ।

# ସାପ କାମୁଡ଼ାରେ ଯୁବତୀ ମୃତ

**ବଣାଇଁ, ୨୮।୭ (ସମିସ):** ବଣାଇଁ ଥାନା ଭାଲୁଡୁଙ୍ଗୁରି ପଞ୍ଚାୟତ ଅଧୀନସ୍ଥ ଦହିଚୋର ଗ୍ରାମରେ ସାପ କାମୁଡ଼ାରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ପ୍ରକାଶ ଯେ ଦହିଚୋର ଗ୍ରାମର ପିତାମ୍ବର ମହାକୁଲଙ୍କ ଝିଅ ଲିଜା ମହାକୁଲ (୨୦) ରବିବାର ରାତିରେ ଶୋଇଥିଲେ, ବିଳମ୍ବିତ ରାତିରେ ଶୋଇବା ଅବସ୍ଥାରେ ଏକ ସାପ ତାଙ୍କୁ କାମୁଡି ଦେଇଥିଲା। ଜାଣିବାପରେ ଉଠିପଡ଼ି ବିଷାକ୍ତ ସାପ କାମୁଡ଼ି ଦେଇଛି ବୋଲି ବାପା ମାଆଙ୍କୁ କହିଥିଲା। ଫଳରେ ପରିବାର ଲୋକେ ମଧ୍ୟ ଖୋଜାଖୋଜି କରି ସାପକୁ ଦେଖିଥିଲେ। ଧୀରେ ଧୀରେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆଣିଥିଲେ ମଧ୍ୟ ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତ ଯୁବତୀଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

# ଦୁଇ ଲୁହାପଥର ବୋଝେଇ ଟ୍ରକ୍ ଜବତ

**ବଣାଇଁ, ୨୮।୭ (ସମିସ):** ବେନିୟମ ଭାବେ ଖଣି ଅଞ୍ଚଳରୁ ଲୁହାପଥର ଚୋରା ଚାଲାଣ କରାଯାଉଥିବାବେଳେ ଦୁଇଟି ଟ୍ରକ୍‌କୁ ପୁଲିସ ଜବତ କରିଥିବା ଜଣାପଡ଼ିଛି। ବଣାଇଁ ଉପଖଣ୍ଡ ଲହୁଣୀପଡ଼ା ଥାନା ଅଧୀନ କୁର୍ଡା ପଞ୍ଚାୟତ ୧୦(କ) କଲେଇପୋଷ - ବାହାଡାପୋଷ ରାଜ୍ୟ ରାଜପଥର ଟାଙ୍ଗଯୋଡା ଗ୍ରାମ ନିକଟରେ ଥିବା ନୀଳଚକ୍ର କ୍ରସର ନିକଟରୁ ଲହୁଣୀପଡ଼ା ପୁଲିସ ଦୁଇଟି ଲୁହାପଥର ବୋଝେଇ ଟ୍ରକ୍‌କୁ ଜବତ କରିବା ସହିତ ଜଣେ ଚାଳକକୁ ଅଟକ ରଖି ପଚରାଉଚରା ଚଳାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଟ୍ରକ୍ ଦୁଇଟି ଖଣି ଅଞ୍ଚଳରୁ ଲୁହାପଥର ବୋଝେଇ କରି କଲେଇପୋଷ- ବାହାଡାପୋଷ ରାସ୍ତାରେ ଆସୁଥିବା ବେଳେ କୌଣସି ସୂତ୍ରରୁ ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଟ୍ରକକୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ କିନ୍ତୁ ଟ୍ରକ ଚାଳକ ମାନେ ଆବଶ୍ୟକ କାଗଜପତ୍ର ଦେଖାଇ ପାରି ନ ଥିବାରୁ ପୁଲିସର ସନ୍ଦେହ ସୃଷ୍ଟି ହୋଇ ଥିଲା। ବିଳମ୍ବିତ ରାତିରେ ଘଟଣା ଟି ଘଟିଥିବା ରୁ ଏହାର ସୁଯୋଗ ନେଇ ଜଣେ ଚାଳକ ଟ୍ରକ ଛାଡି ଫେରାର ହୋଇ ଯାଇଥିଲା ବେଳେ ଅନ୍ୟ ଏକ ଚାଳକକୁ ନିଜ ହେପାଜତକୁ ନେବା ସହିତ ଟ୍ରକ ଦୁଇଟି କୁ ଥାନା କୁ ଆଣି କାଗଜପତ୍ର ଯାଞ୍ଚ କରିବାରୁ ଜଣାପଡ଼ିଲା ଯେ ଟ୍ରକ ଦୁଇଟି ବଡବିଲ ଖଣି ଅଞ୍ଚଳରୁ ବେନିୟମ ଭାବରେ ଲୁହାପଥର ବୋଝେଇ କରି ଆସୁଥିଲେ। ଲହୁଣୀପଡ଼ା ପୁଲିସ ଲୁହାପଥର ସହିତ ଗାଡି ଦୁଇ ଟିକୁ ଜବତ କରି ଚାଳକକୁ ଅଟକ ରଖି ପଚରାଉଚରା କରିବା ସହିତ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି।

# ଅତିରିକ୍ତ ଜିଲ୍ଲାପାଳଙ୍କ ଯୋଗଦାନ



**ରାଉରକେଲା, ୨୮।୭ (ସମିସ) :** ରାଉରକେଲାର ନୂତନ ଅତିରିକ୍ତ ଜିଲ୍ଲାପାଳ ଭାବେ ଆଜି ଦୀନା ଦସ୍ତଗୀର୍ ଯୋଗଦାନ କରିଛନ୍ତି। ୨୦୨୧ ବ୍ୟାଚର ଭାରତୀୟ ପ୍ରଶାସନିକ ଅଧିକାରୀ ଦୀନା ଦସ୍ତଗୀର୍ ଏହା ପୂର୍ବରୁ ବ୍ରହ୍ମପୁରର ଉପଜିଲ୍ଲାପାଳ ଭାବରେ କାର୍ଯ୍ୟ କରୁଥିଲେ। ଆଜି ସେ କାର୍ଯ୍ୟରେ ଯୋଗଦେଲା ପରେ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ଏହି ଅବସରରେ ସୁଶ୍ରୀ ଦସ୍ତଗୀର୍ କହିଥିଲେ ଯେ ରାଉରକେଲାର ବିଭିନ୍ନ ଅଞ୍ଚଳରେ ରହିଥିବା ପ୍ରମୁଖ ସମସ୍ୟା ରହିଛି ତାକୁ ବୁଝି ସମାଧାନ କରିବାକୁ ଚେଷ୍ଟା କରିବେ। ଏଥିପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ।

## ଆର୍‌ଏମ୍‌ସି ଅସ୍ଥାୟୀ ମହିଳା କର୍ମଚାରୀଙ୍କ ଆତ୍ମହତ୍ୟା ଉଦ୍ୟମ

# ଗୁରୁତର ଅବସ୍ଥାରେ ଆର୍‌ଜିଏଚ୍‌ରେ ଭର୍ତ୍ତି

**ରାଉରକେଲା, ୨୮।୭ (ସମିସ):** ଦୀର୍ଘ ୯ ବର୍ଷ ଧରି ନ୍ୟାୟ ପାଇଁ ଲଢି ନିରାଶ ହେବା ପରେ ରାଉରକେଲା ନଗର ନିଗମ (ଆରଏମସି)ର କାର୍ଯ୍ୟ ବିଭାଗରେ କାର୍ଯ୍ୟରତ ଅସ୍ଥାୟୀ ମହିଳା କର୍ମଚାରୀ ସରସ୍ୱତୀ ସାମନ୍ତରାୟ ରବିବାର ଆରଏମସିର ଷ୍ଟୋରରୁମରେ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସରସ୍ୱତୀଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ)ରେ ଭର୍ତ୍ତି କରାଯାଇଛି। ଆତ୍ମହତ୍ୟା ଉଦ୍ୟମ କରିବା ପୂର୍ବରୁ ସରସ୍ୱତୀ ସୋସିଆଲ ମିଡିଆରେ ଫେସବୁକ୍ ଲାଇଭ୍ କରି ତାଙ୍କର ମନର କ୍ଷୋଭପ୍ରକାଶ କରି ଆତ୍ମହତ୍ୟା କରୁଥିବା ନେଇ ପ୍ରକାଶ କରିଥିଲେ। ଏହାପରେ ସେ ଷ୍ଟୋର ରୁମରେ ଥିବା ସିଲିଂ ଫ୍ୟାନରୁ ଝୁଲି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେ ଫେସବୁକ ଲାଇଭ୍‌କୁ ପୋଷ୍ଟ କରିଥିବାରୁ ଏହାକୁ ତାଙ୍କ ସହକର୍ମୀମାନେ ଦେଖି ତୁରନ୍ତ ଆରଏମ୍‌ସିର ଷ୍ଟୋରେଜ ରୁମରେ ପହଞ୍ଚି ଦ୍ୱାର ଭାଙ୍ଗି ତାଙ୍କ ଜୀବନ ବଞ୍ଚାଇଥିଲେ। ସୂଚନା ଅନୁଯାୟୀ, ପ୍ରାୟ ଦଶବର୍ଷ ପୂର୍ବରୁ ସରସ୍ୱତୀଙ୍କ ସ୍ୱାମୀ ଲଡୁକିଶୋର ସାମନ୍ତରାୟ ଡ୍ୟୁଟି ସମୟରେ ମୃତ୍ୟୁବରଣ କରିଥିଲେ। ଏହା ପରେ, ତାଙ୍କୁ ଅନୁକମ୍ପାମୂଳକ ଭାବରେ ଚାକିରିର ପ୍ରତିଶ୍ରୁତି ଦିଆଯାଇଥିଲା। ସରସ୍ୱତୀଙ୍କୁ ଅସ୍ଥାୟୀ ଭାବେ ନିଯୁକ୍ତି ଦିଆ ଯାଇଥିଲା। କିନ୍ତୁ ଦୀର୍ଘ ୯ ବର୍ଷ ପରେ ବି ବାରମ୍ବାର ଅନୁରୋଧ ପରେ ତାଙ୍କୁ ଏପର୍ଯ୍ୟନ୍ତ ନିୟମିତ ନିଯୁକ୍ତି ପତ୍ର ମିଳିନଥିଲା। ଏହି ସମୟ ମଧ୍ୟରେ ତାଙ୍କୁ ଅନେକ ମାନସିକ ନିର୍ଯାତନାର ସମ୍ମୁଖୀନ ହେବାକୁ ପଡ଼ିଥିଲା, ଯାହାର ପ୍ରଭାବ ଏବେ ତାଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଦେଖାଯାଉଛି। ଏହି ଘଟଣା ପରେ ସହକର୍ମୀଙ୍କ ମଧ୍ୟରେ ମଧ୍ୟ କ୍ରୋଧପ୍ରକାଶ ପାଇଛି ଏବଂ ସେମାନେ ଘଟଣାର ତଦନ୍ତ ଏବଂ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଦାବି କରୁଛନ୍ତି। ଖବରପାଇ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଆରଜିଏଚ୍ ଯାଇ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ



# ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା

**ରାଉରକେଲା, ୨୮।୭ (ସମିସ):** ଆଭା ଅନ୍ୱେଷ (ଶିକ୍ଷକ ଶିକ୍ଷୟିତ୍ରୀ ସାମାଜିକ କଲ୍ୟାଣ ସଂଗଠନ) ପକ୍ଷରୁ ରାଉରକେଲାର ଡେଲି ମାର୍କେଟ ଠାରେ ଥିବା ସହର ଉଚ୍ଚ ବିଦ୍ୟାଳୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଆର୍ତ୍ତତ୍ରାଣ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଗଠନର ସମ୍ପାଦକ ଶରତ କୁମାର ପତି କାର୍ଯକ୍ରମ ପରିଚାଳନା କରିବା ସଙ୍ଗେ ସଙ୍ଗେ ଆଗାମୀ ଦିନରେ ହେବାକୁ ଥିବା କାର୍ଯକ୍ରମ ବିଷୟରେ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ଭାବେ କୁତ୍ରାର ବିଶ୍ରା ମୁଣ୍ଡା ସୀମାନ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରସନ୍ନ କୁମାର ଧର ଯୋଗ ଦେଇଥିଲାବେଳେ ସମ୍ମାନିତ ଅତିଥିଭାବେ ଅତିରିକ୍ତ ଶିକ୍ଷାଧିକାରୀ କୁତ୍ରା ମିନା ଜେନା, ଓଡ଼ିଶା ଗ୍ରାଜୁଏଟ ଆସୋସିଏସନ୍‌ର ସମ୍ପାଦକ ରଞ୍ଜିତ କୁମାର ବିଶ୍ୱାଳ ଯୋଗଦେଇ ଅବସର ନେଇଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀ ବଳରାମ ଶତପଥୀ, ଆନନ୍ଦ ଚନ୍ଦ୍ର ମଲ୍ଲିକ, ସଂଯୁକ୍ତା ରାଉତ ଏବଂ ନମିତା ମିଶ୍ରଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରମୋଦ ଭଞ୍ଜ, ଅଭୟ ସାହୁ, ଚକ୍ରଧର ମୁଦୁଲି, ସଞ୍ଜୟ ମଲ୍ଲିକ, ଗୋବିନ୍ଦ ଚନ୍ଦ୍ର ପଶାୟତ୍, ଇଂ ଅଜିତ ଗିରି, ପୀତବାସ ପରିଡ଼ା, ଦିପ୍ତିମୟୀ ପରିଡ଼ା, ସିପ୍ରା ସାହୁ, ନମିତା ମହାନ୍ତି, ସବିତା ବସ୍ତିଆ, ନଳିନୀ ସାହୁ, ଯଶୋବନ୍ତ ସାହୁ, ଅରବିନ୍ଦ ପାଢ଼ୀ, କାଳନ୍ଦୀ ସାହୁ, ଚନ୍ଦ୍ରଶେଖର ରାଉତ, ଅନନ୍ତ ଚରଣ ନାୟକ, କାର୍ତ୍ତିକ ଚନ୍ଦ୍ର ମିଶ୍ର, ବିଦ୍ୟୁତଲତା ସୁତାର, ହରିହର ବେହେରା ଓ ଗଙ୍ଗାଧର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ବିଜୟ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଫଳ ଉଦ୍ୟାନ ବିକାଶ ଓ ଜୀବିକା ପ୍ରଦାନକୁ ଗୁରୁତ୍ୱ



**ରାଉରକେଲା, ୨୮।୭ (ସମିସ):** ସ୍ଥାୟୀ ପରିବେଶ, ଜୀବିକା ଏବଂ ଗ୍ରାମୀଣ ବିକାଶ ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନା ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସଆର) ପଦକ୍ଷେପ ଅଧୀନରେ ନିଜସ୍ୱ ଜମିରେ ଏକ ଫଳ ଉଦ୍ୟାନ ବିକଶିତ କରିଛି। ୨୦୨୨ ରୁ ୨୦୨୫ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ଏହି ପ୍ରକଳ୍ପ ସୁନ୍ଦରଗଡ଼ର ସେବକର ସହଭାଗୀତାରେ କାର୍ଯ୍ୟକାରୀ ହେଉଛି। ଅବ୍ୟବହୃତ ଜମିକୁ ଏକ ଉତ୍ପାଦନକ୍ଷମ, ଆୟକାରୀ ସମ୍ପଦରେ ରୂପାନ୍ତର କରିବା ପାଇଁ ଲକ୍ଷ୍ୟ ରଖିଛି। ଅନୁସୂଚିତ ଜନଜାତି ସମ୍ପ୍ରଦାୟର ସଦସ୍ୟ ଏବଂ ନୂଆଗାଁ ବ୍ଲକର ବାରିଲେପଟା ଗ୍ରାମର ବାସିନ୍ଦା ଲଳିତ କୁଲୁଙ୍କ ଜମିରେ ଏହି ଚାରାରୋପଣ କରାଯାଇଥିଲା। ୨୦, ୨୩୪ ବର୍ଗ ମିଟରରୁ ଊର୍ଦ୍ଧ୍ୱ ଉକ୍ତ ଜମିରେ ୨୭୦ଟି ଫଳଗଛ ଲଗାଯାଇଛି। ଏହି ବଗିଚାଟି ଶାଗୁଆନ, ନିମ, ଜାମୁ ଏବଂ କରଞ୍ଜ ଭଳି ୩୫୦ ସୀମାନ୍ତ ଫସଲ ସହିତ ଆହୁରି ସମୃଦ୍ଧ ହୋଇଛି। ଜୈବିକ ଚାଷର ପ୍ରଚାର ପାଇଁ ଜୈବିକ ସାର ଏବଂ ନିମ ତେଲ ବ୍ୟବହାର ମାଧ୍ୟମରେ ଜୈବିକ କୃଷି ପଦ୍ଧତିକୁ ପ୍ରୋତ୍ସାହିତ କରାଯାଉଛି, ଯାହା ସ୍ଥାୟୀ ଏବଂ ପରିବେଶ ଅନୁକୂଳ ଚାଷକୁ ସୁନିଶ୍ଚିତ କରୁଛି। ଏହି ପରିପ୍ରେକ୍ଷୀରେ ଲଳିତ କୁଲୁ ଆରଏସପି ନିକଟରେ କୃତଜ୍ଞ ବୋଲି କହିଛନ୍ତି। ଏହି ବଗିଚା କେବଳ ପରିବେଶକୁ ଉନ୍ନତ କରିବ ନାହିଁ ବରଂ ଆଗାମୀ ବର୍ଷଗୁଡ଼ିକରେ ମୋ ପରିବାରକୁ ଜୀବିକାର ଏକ ନିର୍ଭରଯୋଗ୍ୟ ଉତ୍ସ ମଧ୍ୟ ପ୍ରଦାନ କରିବ। ପୂର୍ବରୁ, ଏହି ଜମି ଅବ୍ୟବହୃତ ଥିଲା - ବର୍ତ୍ତମାନ ଏହା ଜୀବନ ଏବଂ ଆଶାରେ ପରିପୂର୍ଣ୍ଣ ହୋଇଛି ବୋଲି ସେ କହିଛନ୍ତି।

# ବସ୍ତିବାସିନ୍ଦାଙ୍କ ମୌଳିକ ସମସ୍ୟାର ସମାଧାନ ଦାବି

**ରାଉରକେଲା, ୨୮।୭ (ସମିସ)**

ଇସ୍ପାତ ସହରାଞ୍ଚଳ ତଥା ବସ୍ତି ଅଞ୍ଚଳରେ ବାସ କରୁଥିବା ଜନସାଧାରଣଙ୍କ ମୌଳିକ ସମସ୍ୟା ଗୁଡିକର ସମାଧାନ ଦିଗରେ ଗୁରୁତ୍ୱାରୋପ କରିବାକୁ ନୂତନ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ରଙ୍କୁ ରଘୁନାଥପାଲି ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ଦାବି କରାଯାଇଛି। ଏନେଇ ସ୍ଥାନୀୟ ସର୍କିଟ ହାଉସ ଠାରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସୁବ୍ରତ ତରାଇଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ସୌଜନ୍ୟମୂଳକ ସାକ୍ଷାତ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ବସ୍ତି ଅଞ୍ଚଳରେ ରହିଥିବା ରାସ୍ତାଘାଟ, ପାନୀୟ ଜଳ, ସ୍ୱାସ୍ଥ୍ୟ, ପରିମଳ ବ୍ୟବସ୍ଥା ଭଳି ମୌଳିକ ସମସ୍ୟା ଗୁଡିକର ସମାଧାନ ଦିଗରେ ଆଲୋଚନା ହୋଇଥିଲା। ଏହାସହ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷ ଓ ବିଭାଗୀୟ ଅଧିକାରୀ ମାନଙ୍କ ଦାୟିତ୍?ରେ ନିଷ୍କ୍ରିୟତା ଓ ଅବହେଳା ଯୋଗୁଁ ସାଧାରଣ ଜନତା ଅତ୍ୟାବଶ୍ୟକ ମୌଳିକ ସେବାରୁ ବଞ୍ଚିତ ହେଉଛନ୍ତି ବୋଲି ଅଭିଯୋଗ କରାଯାଇଥିଲା। ତେବେ ସମସ୍ୟା ଗୁଡିକର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ବରିଷ୍ଠ ନେତା ସୁଧୀର ସୁନ୍ଦରରାୟ, ଆର୍ତ୍ତ ମହାରଣା, ପ୍ରଶାନ୍ତ ସେଠୀ, ସତ୍ୟାନନ୍ଦ ବେହେରା, ପ୍ରବୀର ମଝି, ଜାତ୍ରୁ ଓରାମ, ଚାମର ସିଂ ମୁଣ୍ଡାରୀ, ପ୍ରହ୍ଲାଦ ନାୟକ, ଜ୍ୟୋତି ରଞ୍ଜନ ମହାନ୍ତି, ବିରଜା ପ୍ରସନ୍ନ ଦାସ, ନାରୀ ନେତ୍ରୀ ସୁଭଦ୍ରା ପ୍ରଧାନ, ଜୟନ୍ତୀ ଦାସ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।








# କାମରେ ଆସୁନି ଦିବ୍ୟାଙ୍ଗଙ୍କୁ ମିଳିଥିବା ଇ-ଟ୍ରାଇ ସାଇକଲ

## ମରାମତି ହେଉନି କି ବଜାରରେ ମିଳୁନି ପାର୍ଟସ୍

## ସ୍ୱତନ୍ତ୍ର ତାଲିମ ପ୍ରଦାନ କରିବାକୁ 'ମୁକ୍ତାକାଶ' କର୍ମକର୍ତ୍ତା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ବ୍ରହ୍ମପୁର,୨୮ ।୭(ସମିସ): ଦିବ୍ୟାଙ୍ଗଙ୍କୁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ଇ-ଟ୍ରାଇ ସାଇକଲକୁ ନେଇ ଚିନ୍ତାରେ ପଡିଯାଇଛନ୍ତି ହିତାଧିକାରୀ। ଏଭଳି ଅଭିଯୋଗ ଆଣିଛନ୍ତି ଖୋଦ୍ ମୁକ୍ତାକାଶ ସଙ୍ଗଠନର ସଭାପତି ନିରଞ୍ଜନ ବାଡତ୍ୟା। ଶତକଡା ୮୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ଥିବା ହିତାଧିକାରୀଙ୍କୁ ହିଁ ସରକାରଙ୍କ ପକ୍ଷରୁ ଇ-ଟ୍ରାଇ ସାଇକଲ ବା ବ୍ୟାଟେରୀ ଗାଡି ଯୋଗାଇ ଦିଆଯାଉଛି। ପୂର୍ବରୁ ମାନୁଆଲ ଟ୍ରାଇ ସାଇକଲ ଯୋଗାଇ ଦିଆଯାଉଥିଲା। ଇ-ଟ୍ରାଇ ସାଇକଲ ଆସିବା ପରେ ଭିନ୍ନକ୍ଷମ ହିତାଧିକାରୀଙ୍କୁ ପ୍ରଥମେ ବହୁ ସୁବିଧା ହେବା ସହିତ କଷ୍ଟ ଲାଘବ ହୋଇଥିଲା। ତେବେ ପରବର୍ତ୍ତି ସମୟରେ ଏହି ଇ-ଟ୍ରାଇ ସାଇକଲ ବିଭିନ୍ନ କାରଣରୁ ସେମାନଙ୍କ ପାଇଁ ଚିନ୍ତା ଓ ମୁଣ୍ଡବ୍ୟଥାର କାରଣ ସାଜିଥିବା ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ଏନେଇ ଭିନ୍ନକ୍ଷମ ହିତାଧିକାରୀମାନେ ଦୀର୍ଘ ଦିନରୁ ସମସ୍ୟା ଭୋଗୁଥିବା ବେଳେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଗଞ୍ଜାମ ଜିଲ୍ଲାପାଳ କିର୍ତ୍ତି ଭାସନଙ୍କୁ ସୋମବାର ବ୍ରହ୍ମପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଳିତ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଛନ୍ତି ମୁକ୍ତାକାଶ ସଙ୍ଗଠନର ସଭାପତି ନିରଞ୍ଜନ ବାଡତ୍ୟା।



ନିରଞ୍ଜନଙ୍କ କହିବା କଥା ଶତକଡା ୮୦ପ୍ରତିଶତ ଭିନ୍ନକ୍ଷମ ଥିବା ହିତାଧିକାରୀ ଚାଲିବା କଷ୍ଟକର। ସେମାନଙ୍କ ପାଇଁ ଏଭଳି ଗାଡିର ଆବଶ୍ୟକତା ଅନେକ। ତେବେ ଏହି ବ୍ୟାଟେରୀ ଚାଳିତ ଇ-ଟ୍ରାଇ ସାଇକେଲ ଖୁବ୍‌ଶୀଘ୍ର ଖରାପ ହୋଇଯାଉଥିବା ବେଳେ ଏହାର ମରାମତି କରିବା ସମ୍ଭବପର ହେଉନାହିଁ।

ଏପରିକି ଖୋଲା ବଜାରରେ ଏହାର ଯନ୍ତ୍ରାଂଶ ଉପଲବ୍ଧ ହେଉନାହିଁ। ଫଳରେ ଥରେ ଗାଡି ଖରାପ ହେଲେ ତାହାକୁ ପୁନଃ କାର୍ଯ୍ୟକ୍ଷମ କରିବା ଏକ ରକମର ଅସମ୍ଭବ ହୋଇପଡୁଛି। ଏଣୁ ସହଜରେ ବଜାରରେ ଯାହାର ଯନ୍ତ୍ରାଂଶ ଉପଲବ୍ଧ ହେଉଥିବ ସେଭଳି ଗାଡି ଭିନ୍ନକ୍ଷମଙ୍କୁ ଯୋଗାଇ ଦେଲେ ସେମାନେ ଉପକୃତ ହୋଇପାରନ୍ତେ। ଅଥବା ଭିନ୍ନକ୍ଷମଙ୍କୁ ଏଭଳି ଗାଡିର ମରାମତି ସମ୍ପର୍କିତ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଗଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରନ୍ତା। ଉଭୟ ଦିଗ ଉପରେ ଧ୍ୟାନ ଦେଇ ଭିନ୍ନକ୍ଷମଙ୍କ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ମୁକ୍ତାକାଶ ପକ୍ଷରୁ ନିବେଦନ କରାଯାଇଛି। ସେପଟେ ଜିଲ୍ଲାପାଳ କିର୍ତ୍ତି ଭାସନ ଭିନ୍ନକ୍ଷମଙ୍କ ସମସ୍ୟାକୁ ଗୁରୁତର ଭାବେ ଗ୍ରହଣ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଅସହାୟ ପରିବାରକୁ ସହାୟତା



ପାତ୍ରପୁର,୨୮ ।୭(ସମିସ): ଆଜିବି ଦାରିଦ୍ର୍ୟ ସୀମା ରେଖା ତଳେ ଅନେକ ପରିବାର ବସବାସ କରୁଛନ୍ତି। ଲୋକଙ୍କ କଥା ଅନୁସାରେ ମଣିଷ ମୌଳିକ ସୁବିଧା କରିଲେ ଖାଦ୍ୟ, ବସ୍ତ୍ର ଓ ବାସଗୃହ ବୁଝାଏ । କିନ୍ତୁ ଆଜିର ଆଧୁନିକ ଯୁଗରେ ମୃତ୍ୟୁ ଲୋକର ଶୁଦ୍ଧିକ୍ରିୟା କରିବା ପାଇଁ ଅସହାୟ ହେବାର ଏକ ଘଟଣା ଦେଖିବାକୁ ମିଳିଛି। ଘଟଣାଟି ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ତଣ୍ଡିପୁର ପଞ୍ଚାୟତ ଅନ୍ତର୍ଗତ ପୋଲରାଜପୁର ଗ୍ରାମରେ ଘଟିଛି। ଗାଁର ନରସିଂହ ସାହୁଙ୍କ ମୃତ୍ୟୁ ଘଟିଥିବା ବେଳେ ଗରିବ ଶ୍ରେଣୀର ପରିବାର ହୋଇଥିବା ବେଳେ ନରସିଂହଙ୍କ ଶୁଦ୍ଧିକ୍ରିୟା କରିବା ପାଇଁ ପରିବାର ଅସହାୟ ପ୍ରକାଶ କରିଥିଲେ। ଘଟଣା ସମ୍ପର୍କରେ ଚିକିଟି ଗୋପବନ୍ଧୁ ସେବା ସମିତି ଖବର ପାଇ ସହାୟତାର ହାତ ବଢ଼ାଇଛି। ସମିତି ଉପଦେଷ୍ଟା ଡ଼. ପୁରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ସେବା ସମିତି ପକ୍ଷରୁ ପରିବାର ଲୋକଙ୍କୁ ୭ହଜାର ଟଙ୍କା ଓ ୨ପ୍ୟାକେଟ ଚାଉଳ ପ୍ରଦାନ କରାଯାଇଛି। ସହାୟତା ନରସିଂହଙ୍କ ପତ୍ନୀ ଦମୟନ୍ତୀ ସାହୁଙ୍କୁ ପ୍ରଦାନ କରାଯାଇଛି । ସହାୟତା ପ୍ରଦାନ ବେଳେ ସେବା ସମିତିର ମାଟା ଭୁବୁନି, ସମରଥ ବେହେରା, ମନୋଜ ମହାରଣା, ଅଜିତ ସାହୁ, ଅରୁଣ କୁମାର ପ୍ରଧାନ, ହେମନ୍ତ ସାହୁ, ଗୟା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେବା ସମିତିର ଏହି କାର୍ଯ୍ୟକୁ ଗ୍ରାମବାସୀ ସମେତ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି। ସେବା ସମିତି ପକ୍ଷରୁ ଏମିତି ଅନେକ ଅସହାୟ ସାହାର୍ଯ୍ୟ ତଥା ସାମାଜିକ କାର୍ଯ୍ୟ କରି ଆସିବାର ଅନେକ ନଜିର ରହିଛି।

## ମହିଳା ଓ ଶିଶୁ ବିକାଶ ସଚିବଙ୍କ ଡାକ୍ତରଖାନା ପରିଦର୍ଶନ



ଆସିକା,୨୮ ।୭(ସମିସ): ସୋମବାରଅପରାହ୍ନରେଆସିକାଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବ ତଥା ଗଞ୍ଜାମ ଜିଲ୍ଲା ସଚିବ ଦାୟିତ୍ୱରେ ଥିବା ଶୁଭ ଶର୍ମା ପରିଦର୍ଶନରେ ଆସି ଡାକ୍ତରଖାନା ଅଧିକ୍ଷକ ବାଲଗୋପାଲ ବେହେରାଙ୍କ ସହିତ ଆଲୋଚନା କରିଛନ୍ତି। ଆସିକା ଉପଖଣ୍ଡ ଡ଼ାକ୍ତରଖାନା ପୂର୍ବ ସରକାର ସମୟରେ ଏକ କୋଟି ଷାଠିଏ ଲକ୍ଷ୍ୟ ଟଙ୍କା ବ୍ୟୟରେ ନିର୍ମାଣ ହୋଇ ଥିବା ବେଳେ ଆବଶ୍ୟକ ଡାକ୍ତର, ନର୍ସ ପଦବୀ ପୂରଣ ଓ ଅନ୍ୟ କର୍ମଚାରୀଙ୍କ ପାଇଁ କ୍ୱାର୍ଟର, ବର୍ଷା ଜଳ ନିଷ୍କାସନ ନୂତନ ଆମ୍ବୁଲାନ୍ସ ବ୍ୟବସ୍ଥା ଆଦି ମୁଖ୍ୟ ସମସ୍ୟା ନେଇ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମେଡ଼ିକାଲ ଅଧୀକ୍ଷକ ଶ୍ରୀ ବେହେରା। ଏହି ଅବସରରେ ଏଡିଏମ ପ୍ରମୋଦ ପୃଷ୍ଟି, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ସିଡିପିଓ ଇନ୍ଦିରା ମହାପାତ୍ର, ଆସିକା ତହସିଲଦାର ସଙ୍ଗୀତା ସେଣ, ବିଡ଼ିଓ ଲିପିନା ଦାସଙ୍କ ସମେତ ସମସ୍ତ ଡାକ୍ତର, ନର୍ସ, କର୍ମଚାରୀ ଉପସ୍ଥିତ ଥିଲେ।

## ବ୍ରହ୍ମପୁରରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

ବ୍ରହ୍ମପୁର,୨୮ ।୭(ସମିସ): ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଗଞ୍ଜାମ ଜିଲ୍ଲାରେ ନୂତନ କରି ଯୋଗ ଦେଇଥିବା ଜିଲ୍ଲାପାଳ ଭି. କୀର୍ତ୍ତିଭାସନ, ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡ଼ା. ସର୍ବଣା ବିବେକ ଏମ୍, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ୍ ଅରବିନ୍ଦ ରାଜଶିର୍କେ ଓ ବ୍ରହ୍ମପୁର ଭାରପ୍ରାପ୍ତ ଉପଜିଲ୍ଲାପାଳ ତଥା ଛତ୍ରପୁର ଅତିରିକ୍ତ ଉପଜିଲ୍ଲାପାଳ ପାର୍ଥ ସାରଥୀ ହାଂସଦା ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିଥିଲେ। ଅଭିଯୋଗ ଗୁଡ଼ିକ ମୁଖ୍ୟତଃ ସ୍ୱାସ୍ଥ୍ୟ, ଶିକ୍ଷା, ଭତ୍ତା, ଜମି, ଶ୍ରମିକ କାର୍ଡ ଓ ରାସନ୍ କାର୍ଡ ସମେତ ଅନ୍ୟାନ୍ୟ ରହିଥିଲା। ସମୁଦାୟ ୧୧୨ଟି ଅଭିଯୋଗ ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୯୫ଟି ଓ ଗ୍ରାମ ଭିତ୍ତିକ ସମସ୍ୟା ୮ଟି ରହିଥିଲା। ସେଥିମଧ୍ୟରୁ ୫ଟି ଅଭିଯୋଗ ତୁରନ୍ତ ସମାଧାନ କରାଯାଇଥିଲା। ରେଡକ୍ରସ ପକ୍ଷରୁ ୪ଜଣଙ୍କୁ ୧୨ହଜାର ଟଙ୍କା ସହାୟତା ରାଶି ଚେକ୍ ଦ୍ୱାରା ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳ ଶ୍ରୀ କୀର୍ତ୍ତିଭାସନ ଜିଲ୍ଲାରେ ସୋମବାରଠାରୁ ନିଜ କାର୍ଯ୍ୟ ଆରମ୍ଭ କରିଛନ୍ତି। ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଗଞ୍ଜାମ ଜିଲ୍ଲାର ଉନ୍ନତି ଓ ସରକାରଙ୍କ ବିଭିନ୍ନ ଯୋଜନା ଲୋକ ଲୋଚନକୁ ପହଞ୍ଚାଇବାରେ ସମସ୍ତଙ୍କ ସହଯୋଗ କାମନା କରିବା ସହ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ବୋଲି କହିଥିଲେ। ଜନ ଶୁଣାଣି ଶିବିରରେ ଜିଲ୍ଲାସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ଓ ବ୍ରହ୍ମପୁର ଉପଖଣ୍ଡର ବିଡ଼ିଓ ଓ ତହସିଲଦାର ଉପସ୍ଥିତ ରହିଥିଲେ।

## ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକଙ୍କ ଦେହାନ୍ତ

ବୁଗୁଡ଼ା,୨୮ ।୭(ସମିସ): ବୁଗୁଡ଼ା ବ୍ଲକ ବି.କରଡ଼ାବାଡ଼ି ଗ୍ରାମସ୍ଥିତ ସର୍ଦ୍ଦାର ଅନ୍ତର୍ଯ୍ୟାମୀ ବିଦ୍ୟାପୀଠର ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ପ୍ରଫୁଲ୍ଲ କୁମାର ମହାପାତ୍ର(୭୨)ଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଚାରି ବର୍ଷ ହେବ ଶାରୀରିକ ଅସୁସ୍ଥତା ଅନୁଭବ କରିଆସୁଥିଲା ବେଳେ ଗତ ରବିବାର ସକାଳେ ତାଙ୍କର ଦେହାନ୍ତ ହୋଇଥିଲା। ଏ ଖବର ପ୍ରଚାରିତ ହେବା ପରେ ତାଙ୍କର ବି.କରଡ଼ାବାଡ଼ି ଗ୍ରାମସ୍ଥ ବାସଭବନରେ ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ଛାତ୍ରଗଣଙ୍କ ସମେତ ଗ୍ରାମବାସୀ ପହଞ୍ଚି ତାଙ୍କର ଅନ୍ତିମ ଦର୍ଶନ କରି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ସେ ୨୦୧୩ରେ ଅବସର ଗ୍ରହଣ କରିଥିଲେ ଏବଂ ସେ ଜଣେ କର୍ତ୍ତବ୍ୟନିଷ୍ଠ ଓ ଦକ୍ଷ କ୍ରୀଡା ଶିକ୍ଷକ ଭାବେ ଅଞ୍ଚଳରେ ଜଣାଶୁଣା ଥିଲେ। ୨୦୧୫ରେ ଶରୀର ଦାନ ନିମନ୍ତେ ଚୁକ୍ତି କରିଥିଲେ। ଫଳରେ ତାଙ୍କର ମର ଶରୀରକୁ ଏକ ଶୋଭାଯାତ୍ରାରେ ବି.କରଡ଼ାବାଡ଼ି ଗ୍ରାମ ପରିକ୍ରମା ପରେ ବ୍ରହ୍ମପୁର ଏମକେସିଜି କଲେଜକୁ ପ୍ରଦାନ କରାଯାଇଥିଲା।

## ଦାଦନ ଶ୍ରମିକଙ୍କ ମୃତ୍ୟୁ, ସହାୟତା ନିବେଦନ

ଦାରିଙ୍ଗବାଡି,୨୮ ।୭(ସମିସ): କନ୍ଧମାଳ ଜିଲ୍ଲା ଦାରିଙ୍ଗାବାଡି ବ୍ଲକ ବ୍ରାହ୍ମଣୀଗାଁ ଥାନା ଗଦାପୁର ପଞ୍ଚାୟତ ମାଣ୍ଡିପଙ୍କା ଗ୍ରାମର ରୁପାନ୍ତ ନାୟକ(୪୦) ଦାଦନ ଖଟିବାକୁ କେରଳ ଯାଇଥିଲେ। ହେଲେ



ଘରକୁ ଫେରିଲା ମୃତଦେହ। ରୁପାନ୍ତ ଗତ କିଛି ବର୍ଷ ହେଲା କେରଳରେ ସିମେଣ୍ଟ ବୋଝେଇ କାମ କରୁଥିଲେ। ଗତ ୨୧ ତାରିଖ ଦିନ କାମ କରିବା ସମୟରେ କୌଣସି କାରଣରୁ ପଡ଼ି ଯାଇଥିଲେ। ଏଥିରେ ତାଙ୍କ ମେରୁଦଣ୍ଡ ହାଡ଼ ଭାଙ୍ଗି ଯାଇଥିଲା। କେରଳର ଏକ ହସପିଟାଲରେ ଚିକିତ୍ସିତ ହେବା ପରେ ଏକ ଆମ୍ବୁଲାନ୍ସ ଭଡା କରି ପ୍ରଥମେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ଅଣାଯାଇଥିଲା। ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସିତ ହେବା ପରେ ଅଧିକ ଚିକିତ୍ସା ନିମନ୍ତେ ଡାକ୍ତର କଟକ ଏସସିବି ମେଡ଼ିକାଲକୁ ସ୍ଥାନାନ୍ତର କରିଥିଲେ। କଟକ ଏସସିବି ମେଡ଼ିକାଲରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ସୋମବାର ଦିନ ମୃତ୍ୟୁ ହୋଇଥିଲା। ରୁପାନ୍ତଙ୍କ ୫ ପୁଅ ଓ ଝିଅ ରହିଛନ୍ତି। ରୂପାନ୍ତଙ୍କ ମୃତ୍ୟୁ ପରେ ପରିବାର କେମିତି ଚଳିବ ଓ ପିଲାଏ କେମିତି ପାଠ ପଢ଼ିବେ ତାକୁ ନେଇ ଚିନ୍ତାରେ ରହିଛନ୍ତି ପତ୍ନୀ ଫିଲୋମୀନା ନାୟକ । ସହାୟତା ପାଇଁ ପ୍ରଶାସନଙ୍କ ନିକଟରେ ନିବେଦନ କରିଛନ୍ତି ପରିବାର ଲୋକେ।

## ହୃଦ୍‌ଘାତରେ ପର୍ଯ୍ୟଟକଙ୍କ ମୃତ୍ୟୁ

ବ୍ରହ୍ମପୁର,୨୮ ।୭(ସମିସ): ଗୋପାଳପୁର ବେଳାଭୂମି ବୁଲିବାକୁ ଆସିଥିବା ଜଣେ ପର୍ଯ୍ୟଟକଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତକ ଜଣଙ୍କ ପଶ୍ଚିମବଙ୍ଗ ହୁଗୁଳି ଜିଲ୍ଲା ପାଣ୍ଡୁଆ ଥାନା ଅଧୀନ କମଟାଇ ଗ୍ରାମର ଅନିମେଶ ଦାସ(୫୧)। ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଅନିମେଶ ଦାସ ସପରିବାର ଗତ ୨୬ରେ ଗୋପାଳପୁର ଆସି ଏକ ହୋଟେଲରେ ରହୁଥିଲେ। ସନ୍ଧ୍ୟାରେ ବେଳାଭୂମିରେ ବୁଲୁଥିବା ବେଳେ ହଠାତ୍ ସେ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ଏମେକେସିଜି ମେଡିକାଲ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କର ମୃତ୍ୟୁ ଘୋଷଣା କରିଥିଲେ।

● ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ମାମଲା

## ପୂର୍ବତନ ଆଇଟିଆଇ ଅଧ୍ୟକ୍ଷଙ୍କୁ ୩ ବର୍ଷ ଜେଲ୍

ଫୁଲବାଣୀ,୨୮ ।୭(ସମିସ): ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ଫୁଲବାଣୀ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ତତ୍କାଳୀନ ଅଧ୍ୟକ୍ଷ ସରୋଜକାନ୍ତ ରାୟ। ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ତାଙ୍କୁ ତିନି ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିବାସହ ତାଙ୍କୁ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟଅଧିକ ୪ ମାସ ଜେଲ ଭୋଗିବାକୁ ପଡିବ ବୋଲି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଗତ ୨୦୧୧ରେ ଶ୍ରୀ ରାୟ ସ୍ଥାନୀୟ ସରକାରୀ ଆଇଟିଆଇର ଅଧ୍ୟକ୍ଷ ଥିବାବେଳେ ତାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆସିଥିଲା। ଏ ନେଇ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ୨୬/୨୦୧୧ରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଇଥିଲା। ତଦନ୍ତ ବେଳେ ଶ୍ରୀ ରାୟଙ୍କ ସମୁଦାୟ ସମ୍ପତ୍ତିର ପରିମାଣ ୩୯,୭୮,୪୦୭ ଟଙ୍କା ଥିବା ଜଣାପଡିଥିଲା, ଯାହାକି ତାଙ୍କ ପ୍ରକୃତ ଆୟଠାରୁ ଶତକଡା ୬୭ ଭାଗ ଅଧିକ ବୋଲି ଆକଳନ କରିଥିଲା ଭିଜିଲାନ୍ସ ବିଭାଗ। ଆଜି ଏହି ମାମଲାର ଶୁଣାଣି କରି ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବିଚାରପତି ରାଜେଶ ଦାଶ ୪୭ ଜଣ ସାକ୍ଷୀଙ୍କ ବୟାନ ଓ ଅନ୍ୟ ତଥ୍ୟ ପ୍ରମାଣ ଆଧାରରେ ଉପରୋକ୍ତ ରାୟ ଶୁଣାଇଛନ୍ତି। ଅଭିଯୁକ୍ତ ଶ୍ରୀ ରାୟ ବର୍ତ୍ତମାନ ଢେଙ୍କାନାଳ ସରକାରୀ ପଲିଟେକନିକରେ ଅଧାପକ ଅଛନ୍ତି।

## ବିଶ୍ୱ ମାନବ ଚାଲାଣ ବିରୋଧୀ ଦିବସ ସଚେତନତା

ରାଇକିଆ,୨୮ ।୭(ସମିସ): ଆସନ୍ତା ୩୦ ତାରିଖ ହେଉଛି ବିଶ୍ୱ ମାନବ ଚାଲାଣ ବିରୋଧୀ ଦିବସ। ମାନବଚାଲାଣର ଶିକାର ହୋଇଥିବା ଲୋକଙ୍କ ପରିସ୍ଥିତି ବିଷୟରେ ସଚେତନତା ବୃଦ୍ଧି ଏବଂ ସେମାନଙ୍କ ଅଧିକାରକୁ ପ୍ରୋତ୍ସାହିତ ଏବଂ ସୁରକ୍ଷା କରିବା ପାଇଁ ଏହି ଦିବସ ପାଳନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ରାଇକିଆ ଆଶ୍ରୟ ଇଂଲିଶ ମିଡିୟମ ସ୍କୁଲ୍ ତରଫରୁ ସଚେତନତା କାର୍ଯ୍ୟକ୍ରମ କରାଯିବା ସହ ବିଡିଓ ସବ୍ୟସାଚୀ ସାହୁ, ସରପଞ୍ଚ ଗୀତାଞ୍ଜଳି ନାୟକ, ବେରେଡ଼ାକିଆ ସରପଞ୍ଚ ଅକ୍ଷୟ ପ୍ରଧାନଙ୍କ ସୁଶାସନ ସ୍ଥାନୀୟ ଅଞ୍ଚଳରେ ମାନବ ଚାଲାଣ ରୋକିବାରେ ସହାୟକ ହେଉଥିବାରୁ ଫୁଲତୋଡ଼ା ଦେଇ ଧନ୍ୟବାଦ୍ ଜ୍ଞାପନ କରାଯାଇଥିଲା। ବିଦ୍ୟାଳୟର ସମସ୍ତ କର୍ମଚାରୀ ଏବଂ ଶିକ୍ଷକ ଏଥିରେ ସାମିଲ ହୋଇଥିଲେ।

## କାମ ନ କରିବାରୁ ଅପହରଣ

# ଅଭିଯୁକ୍ତ ଗିରଫ, କାର୍ ଓ ବାଇକ୍ ଜବତ

ଭଞ୍ଜନଗର,୨୮ ।୭(ସମିସ): ଭୁବନେଶ୍ୱରର ଏକ ଫାଉଣ୍ଡେସନରେ କାମ କରୁଥିଲେ। ତେବେ କୌଣସି କାରଣରୁ ସେ ସେଠାରୁ ଗାଁକୁ ଫେରି ଆସିଥିଲେ। ହେଲେ କାମକୁ ନ ଫେରିଲେ ତାଙ୍କୁ ଅପହରଣ କରିଥିଲେ। ସ୍ତ୍ରୀଙ୍କ ଅଭିଯୋଗ ଆଧାରରେ ପୁଲିସ ଏହି ଘଟଣାର ଅଭିଯୁକ୍ତଙ୍କୁ ଗିରଫ କରିବା ଅପହୃତ ବ୍ୟକ୍ତିଙ୍କୁ ଉଦ୍ଧାର କରିଛି।

ଘଟଣା ହେଉଛି ଏମିତି, ଭଞ୍ଜନଗର ନିକଟସ୍ଥ ତାର ସିଂ ଗ୍ରାମର ଯୁବରାଜ ନାୟକ ଭୁବନେଶ୍ୱର କଳିଙ୍ଗ ନଗର ଅଞ୍ଚଳର ମନୋଜ କୁମାର ସାହୁଙ୍କ ଲୀଲା ଫାଉଣ୍ଡେସନରେ କାମ କରୁଥିଲେ। କିଛି ଦିନ ପୂର୍ବେ ସେ ନିଜ ଗ୍ରାମ ତାରସିଂକୁ ଫେରିଥିଲେ। ମାଲିକ ମନୋଜ କୁମାର ତାଙ୍କ ଯୁବରାଜଙ୍କୁ ଭୁବନେଶ୍ୱର ଫେରି ଆସିବାକୁ ଫୋନରେ କହିଥିଲେ ଏବଂ ଯଦି ସେ ନ ଆସନ୍ତି ତେବେ ତାଙ୍କୁ ଅପହରଣ କରିବାକୁ ଧମକ ମଧ୍ୟ ଦେଇଥିଲେ। ଗତ ୨୬ତାରିଖ ରାତିରେ ଯୁବରାଜ ଏବଂ ଗାଁର ପରମେଶ୍ୱର ନାଏକ ତାଙ୍କ ଗାଁର ଆରମ୍ଭରେ ଠିଆ ହୋଇଥିଲେ। ସେହି ସମୟରେ ୨ଜଣ ଅଜଣା ବ୍ୟକ୍ତି ଏକ ବାଇକ୍‌ରେ ଆସି ଉଭୟଙ୍କୁ ଅପହରଣ କରି ନେଇଥିଲେ। ଏହା ପରେ ଗରୁଡପଥର ଗ୍ରାମର ଏକ ମୋଡ଼ ନିକଟରେ ସେମାନେ ପରମେଶ୍ୱରଙ୍କୁ ଛାଡି ଯୁବରାଜଙ୍କୁ ଏକ କାରରେ ନେଇ ଯାଇଥିଲେ ଏବଂ ପରମେଶ୍ୱରଙ୍କୁ ଏସମ୍ପର୍କରେ କାହାକୁ ନ କହିବାକୁ ଧମକ ଦେଇ କହିଥିଲେ। ଯଦି କାହାରିକୁ କହିବ ତାହେଲେ ସେମାନେ ଯୁବରାଜଙ୍କୁ ହତ୍ୟା କରିବେ। ଏହା ପରେ ଯୁବରାଜଙ୍କ ସ୍ତ୍ରୀ ପ୍ରତିମା ନାଏକଙ୍କ ବଡ଼ ଭାଇ ଦିଲୀପ ନାଏକ ମନୋଜ ସାହୁଙ୍କୁ ଏସମ୍ପର୍କରେ ଫୋନରେ ଜଣାଇବା ପରେ ମାଲିକ ମନୋଜ କହିଥିଲେ ଯେ ଯଦି ସେମାନେ ଦେଢ଼ ଲକ୍ଷ ଟଙ୍କା ଦିଅନ୍ତି ତେବେ ସେମାନେ ଯୁବରାଜଙ୍କୁ ଛାଡିଦେବେ। ଅଭିଯୋଗ ଆଧାରରେ ପୁଲିସ ଅନୁସନ୍ଧାନ ଆରମ୍ଭ କରିଥିଲେ। ଅଭିଯୁକ୍ତ ମନୋଜ କୁମାର ସାହୁଙ୍କୁ ପୁଲିସ ଗିରଫ କରିବା ସହ ପୀଡିତ ଯୁବରାଜ ନାଏକଙ୍କୁ ଆଜି ଭୁବନେଶ୍ୱରରୁ ଉଦ୍ଧାର କରାଯାଇଛି ବୋଲି ତାର ସିଂ ଥାନା ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ କହିଛନ୍ତି।

■ ୟୁନିଫାଏଡ୍ ଅଟୋମେଶନ ସିଷ୍ଟମକୁ ଶିକ୍ଷକଙ୍କ ବିରୋଧ

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଇଓଙ୍କୁ ଦାବିପତ୍ର

ଭଞ୍ଜନଗର,୨୮ ।୭(ସମିସ): ରାଜ୍ୟ ସରକାରଙ୍କ ଗଣ ଶିକ୍ଷା ବିଭାଗ ପକ୍ଷରୁ ଗତ ସପ୍ତାହର ଗୁରୁବାର ଠାରୁ ୟୁନିଫାଏଡ ଅଟୋମେଶନ ସିଷ୍ଟମ ଲାଗୁ ହୋଇଛି। ଏହି ସିଷ୍ଟମ ଲାଗୁ ଦ୍ୱାରା ଶିକ୍ଷକ ମାନେ ବିଦ୍ୟାଳୟକୁ ଯିବାପରେ ନିଜ ମୋବାଇଲ ଫୋନରେ କ୍ଲକ ଇନ କରନ୍ତି। ବିଦ୍ୟାଳୟ ଛାଡ଼ିବା ସମୟରେ କ୍ଲକ ଆଉଟ କରନ୍ତି। ଏହାଦ୍ୱାରା ଶିକ୍ଷକମାନେ ବିଦ୍ୟାଳୟକୁ କେତେବେଳେ ଆସିଲେ କେତେବେଳେ ଗଲେ ତାହା ଜଣାପଡିଥାଏ। ରାଜଧାନୀଠାରୁ ଆରମ୍ଭ କରି ଭଞ୍ଜନଗର ପର୍ଯ୍ୟନ୍ତ ଅଧିକାରୀମାନେ ଯେତେବେଳେ ଚାହିଁବେ ଉକ୍ତ ସପ୍ଟରେ ଖୋଲି ଶିକ୍ଷକଙ୍କ ଉପସ୍ଥାନ ସମ୍ପର୍କରେ ଜାଣିପାରିବେ। ଏହିଭଳି ସିଷ୍ଟମକୁ ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ପକ୍ଷରୁ ଦୃଢ଼ ବିରୋଧ କରାଯାଇଛି। ଏନେଇ ସଂଘର କର୍ମକର୍ତ୍ତାମାନେ ଏକ ରାଲି ବାହାର କରି ସ୍ଥାନୀୟ ବିଇଓ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଇଓଙ୍କୁ ପ୍ରଦାନ କରାଯାଇଥିଲା। ଏହି ସମୟରେ ଶିକ୍ଷକ ସଂଘ ସଭାପତି ଜଗଦିଶ ନାୟକ, ସମ୍ପାଦକ ମନୋଜ ବେହେରା, ଯୁଗ୍ମ ସମ୍ପାଦକ ଶିଶିର କାନ୍ତ ପତି, ଏସ କେ ବେହେରା, ସରୋଜ କାନ୍ତ ଶତପଥି, ଗୋକୁଳ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ଗମ ଅଞ୍ଚଳରେ ନୂଆ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

ରାୟଗଡ଼,୨୮ ।୭(ସମିସ): ଗଜପତି ଜିଲ୍ଲା ରାୟଗଡ ବ୍ଲକ ଅନ୍ତର୍ଗତ ଅମେଡ଼ା ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷରେ ସୋମବାର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଶୁଣାଣିରେ ଜିଲ୍ଲାପାଳ ଶ୍ରୀମତୀ ମଧୁମିତା, ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା , ଡିଏଫ୍‌ଓ କେ.ନାଗାରାଜୁ , ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶଙ୍କର କେରକେଟା ଓ ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା ଓ ପିଏ ଆଇଟିଡିଏ ଅଂଶୁମାନ ମହାପାତ୍ର ଯୋଗ ଦେଇଥିଲେ। ଶୁଣାଣିରେ ଯୋଗଦାନ କରି ଅମେଡ଼ା ପଞ୍ଚାୟତ ସମେତ ଲୋବା, ଏଙ୍ଗାରସିଂ ଓ ପୋତ୍ତାର ପଞ୍ଚାୟତର ୪୮ ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା ୧୯, ଗ୍ରାମ ଭିତ୍ତିକ ସମସ୍ୟା ୨୯ ଅଭିଯୋଗ ଆସିଥିଲା। ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ



ସଶକ୍ତିକରଣ ବିଭାଗ ତରଫରୁ ୫ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଓ ପରିଚୟ ପତ୍ର ପ୍ରଦାନ କରାଯାଇଛି। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା,ସାମାଜିକ ସୁରକ୍ଷା,ଜମି ପଟ୍ଟା, ମନରେଗା, ଗୃହନିର୍ମାଣ, ରାସନ୍‌କାର୍ଡ, ଶିକ୍ଷା, ଜଳସେଚନ, ସ୍ୱାସ୍ଥ୍ୟ ଓ ରାସ୍ତା ସମସ୍ୟା ଭଳି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା। ଏହି ଅବସରରେ ଜିଲ୍ଲପାଳ ଚାରାରୋପଣ କରିଥିଲେ। ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ସମୟରେ ରାୟଗଡ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ, ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ସ୍ଥାନୀୟ ବିଡିଓ ସନ୍ତୋଷ କୁମାର ବାରିକ ,ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମହମ୍ମଦ ମୁବାରଖ ଆଲ୍ଲୀ, ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ସନ୍ତୋଷ କୁମାର ନାୟକ ଓ ସ୍ଥାନୀୟ ସରପଞ୍ଚ ଓ ଜନପ୍ରତିନିଧି ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଅଭିଯୋଗ ଉପସ୍ଥିତ ଥିଲେ।

ପ୍ରଥମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ ସୁମନ୍ତ ନାରାୟଣ ଆଚାର୍ଯ୍ୟ
ଆବିର୍ଭାବ: ୦୬.୦୬.୧୯୬୨
ତିରୋଧାନ: ୦୯.୦୮.୨୦୨୪
୰ ରୀନା ଦାଶ
ଆବିର୍ଭାବ: ୧୧.୦୭.୧୯୭୩
ତିରୋଧାନ: ୨୫.୦୧.୨୦୨୫
ମନେପଡୁଛି ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଏବଂ ଭଲପାଇବାର ସ୍ମୃତି । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପୁତ୍ର - ରାଜା, ଝିଅ- ମାମୁନି, ଜ୍ୱାଇଁ- ନିଳାଦ୍ରି, ନାତି- ଈଶାନ, ଆତ୍ମୀୟ ସ୍ୱଜନ

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଡଃ ସରୋଜ କୁମାର ସାମନ୍ତ
ଅଧ୍ୟକ୍ଷ ତଥା ସଂପାଦକ
ଗଞ୍ଜାମ ଆଇନ ମହାବିଦ୍ୟାଳୟ, ଆମ୍ବପୁଆ, ବ୍ରହ୍ମପୁର
ଆବିର୍ଭାବ - ତା. ୨୧. ୦୩. ୧୯୭୯ / ତିରୋଧାନ - ତା. ୧୮. ୦୭.୨୦୨୫
ହେ ପୁଣ୍ୟାତ୍ମା, ଆପଣ ଆମ୍ଭମାନଙ୍କୁ ଦୁଃଖ ସାଗରରେ ଭସାଇ ଦେଇ ଆରପାରିକୁ ଚାଲିଗଲେ। ଆପଣଙ୍କ ଅମଳିନ ସ୍ନେହ, ଶ୍ରଦ୍ଧା ଓ ମାର୍ଗଦର୍ଶନରୁ ଏବେ ଆମେ ବଞ୍ଚିତ। ଅଶ୍ରୁସିକ୍ତ ନୟନରେ ଆପଣଙ୍କ ସ୍ମୃତିକୁ ଝୁରିବା ବ୍ୟତିରକେ ଅନ୍ୟ ଉପାୟ୍ ନାହିଁ। ଈଶ୍ୱରଙ୍କ ଏ ଚରାଚର ସୃଷ୍ଟିରେ ଆପଣ ଯେଉଁଠି ଥିଲେ ବି ଆଲୋକବର୍ତ୍ତିକା ହୋଇ ଆମକୁ ଆଶୀର୍ବାଦ କରୁଥାଆନ୍ତୁ। ଆପଣଙ୍କ ଅମର ଆତ୍ମା ଚିର ଶାନ୍ତି ଲାଭ କରୁ, ଆଜି ଏକାଦଶାହ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଆପଣଙ୍କର ଶୋକସନ୍ତପ୍ତ
ଗଭୀର ଶ୍ରଦ୍ଧାଞ୍ଜଳି ସହ ମାନସ ମୋହିନୀ ସାମନ୍ତ (ମା), ସଂଜିପ ସାମନ୍ତ (ଭାଇ), ସରିତା ଓ ସୁନିତା (ଭଉଣୀ), ନମିତା (ଧର୍ମପତ୍ନୀ), ଶ୍ରଦ୍ଧା (ଝିଅ), ତନୁଶ୍ରୀ, ସୋନାକ୍ଷୀ, ମାନିକଲାଲ, ଆନନ୍ଦ, ମୁକେଶ, ମନୋଜ, ମାନସୀ ଓ ମିନତୀଙ୍କ ସମେତ ସାମନ୍ତ ପରିବାର ସଦସ୍ୟ ଓ ବନ୍ଧୁ ବର୍ଗ

# ଗିର୍ଲିମାଲରେ ଫୁଟି ପାରୁନି ବିକାଶର ପଦ୍ମ





କୋକସରା, ୨୮ ।୭ (ସମିସ)

ଦେଶ ସ୍ୱାଧୀନତାର ଦୀର୍ଘ ଦଶନ୍ଧି ପରେ ମଧ୍ୟ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ପଞ୍ଚାୟତର ବଣପାହାଡ଼ ଘେରା ଗିର୍ଲିମାଲ ଗାଁକୁ ବିକାଶ ପହଞ୍ଚି ପାରିନାହିଁ। ଏଠାକୁ ଯିବାକୁ ହେଲେ ନା ପୋଲ ଅଛି, ନା ରାସ୍ତା ଅଛି। ଆଜି ମଧ୍ୟ ଏଠାକାର ଲୋକେ ଅଭିଶପ୍ତ ଜୀବନ ଜିଉଁଛନ୍ତି। ଏ ପର୍ଯ୍ୟନ୍ତ ଗିର୍ଲିମାଲ ଗାଁରେ ବିକାଶର ପଦ୍ମ ଫୁଟି ପାରିନି।

ଗିର୍ଲିମାଲ ଆମପାଣି ପଞ୍ଚାୟତର ୬ନମ୍ବର ୱାର୍ଡରେ ରହିଛି। ଏହି ଗାଁରେ ପାଖାପାଖି ୨୦ଟି ପରିବାରର ଶହେରୁ ଅଧିକ ଲୋକ ବସବାସ କରୁଛନ୍ତି। ଗାଁର ମୁଖ୍ୟ ସମସ୍ୟା ହେଲା ରାସ୍ତା, ପାନୀୟ ଜଳ ଓ ବିଦ୍ୟୁତ୍। ଏହି ଗାଁକୁ ଯିବାକୁ ହେଲେ ୨୬ ନମ୍ବର ଜାତୀୟ ରାଜପଥ ବିରିମୁହାଣ ଛକଠାରୁ ପ୍ରାୟ ୧୨ କିଲୋମିଟର ଜଙ୍ଗଲିଆ ରାସ୍ତା ଦେଇ କୁଟୁରୁ ଗାଁକୁ ଗଲାପରେ ପାହାଡ଼ ଚଢି ଆହୁରି ୪କିମି ଦୂରକୁ ଯିବାକୁ ପଡ଼େ। ଅନ୍ୟ ରାସ୍ତାଦେଇ ଯିବାକୁ ହେଲେ ନବରଙ୍ଗପୁର ଜିଲ୍ଲାର ମୈଦଳପୁରଠାରୁ ଖୋଜରୀ, ବାର୍ଲି ଆଦି ଗାଁ ଦେଇ ଜଙ୍ଗଲିଆ ଅଙ୍କାବଙ୍କା ପଥୁରିଆ ରାସ୍ତାରେ ପ୍ରାୟ ୩୦କିମି ଗଲା ପରେ ଗିର୍ଲିମାଲ ପଡ଼ିଥାଏ। ରାସ୍ତା ସମସ୍ୟା ଯୋଗୁଁ ଗାଁରେ କାହାରି ଯଦି ସ୍ୱାସ୍ଥ୍ୟବସ୍ଥା ଖରାପ ହେଲା ତେବେ ଖଟିଆରେ ବୋହି ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବାକୁ ପଡେ। ସେହିପରି ଗାଁରେ ସରକାରୀ ସ୍ତରରେ ପାନୀୟ ଜଳ ନିମନ୍ତେ କୌଣସି ବ୍ୟବସ୍ଥା ନାହିଁ। କିଛି ଘରୋଇ ସଂସ୍ଥା

- ରାସ୍ତା, ପାଣି, ଆଲୁଅ ଆଦି ସବୁ ସୁବିଧାରୁ ଲୋକେ ବଞ୍ଚିତ
- କେବଳ ଜରୁରୀ ପରିସ୍ଥିତିରେ ସ୍ୱାସ୍ଥ୍ୟକର୍ମୀଙ୍କ ଦେଖା ମିଳେ
- ନିର୍ବାଚନ ପ୍ରଚାର ବେଳେ ମଧ୍ୟ କେବେ କେହି ଯାଇ ନାହାନ୍ତି
- ଗାଁର କେହି ଜଣେ ମଧ୍ୟ ପକ୍କା ଘର ପାଇ ନାହାନ୍ତି
- ଗାଁରେ ଜଣେ ମାତ୍ର ଯୁବକ କଲେଜ ପଢ଼ିଛନ୍ତି

ପକ୍ଷରୁ ଗାଁରେ ୨ଟି ନଳକୂପ କରାଯାଇଛି; ହେଲେ ତାହା ମଧ୍ୟ କାମରେ ଆସୁନାହିଁ। ଏହା ଫଳରେ ଝରଣାର ଗୋଳିଆ ପାଣି ପିଇ ସେଠାକାର ଆଦିବାସୀ ଶୋଷ ମେଣ୍ଟାଇ ଆସୁଛନ୍ତି। ଦୂଷିତ ପାଣି ପିଇବା ଯୋଗୁଁ ଅନେକ ରୋଗର ଶିକାର ମଧ୍ୟ ହେଉଥିବା ଗାଁ ଲୋକେ ଅଭିଯୋଗ କରିଛନ୍ତି। ଖାଲି ସେତିକି ନୁହେଁ; ଗାଁରେ ଆଜି ପର୍ଯ୍ୟନ୍ତ କାହାକୁ ମଧ୍ୟ ଆବାସ ଯୋଜନାରେ ଘର ଖଣ୍ଡିଏ ମିଳିପାରି ନାହିଁ। ବିଜୁଳି ତ ମାନଙ୍କ ପାଇଁ ସାତ ସପନ ପାଲଟିଛି। ଗାଁରେ ଏକମାତ୍ର ଯୁବକ କଲେଜ ପର୍ଯ୍ୟନ୍ତ ପାଠ ପଢ଼ିଥିବା ଜଣାପଡ଼ିଛି। ବାକି ସବୁ ପୁଅଝିଅ କିଏ ପ୍ରଥମରୁ ପାଠ ଛାଡିଛି ତ' ଆଉ କିଏ ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ଯାଏଁ ପାଠପଢ଼ିଥିବା ପ୍ରକାଶ କରିଛନ୍ତି। କୋମଳମତି ଶିଶୁମାନେ ଅଙ୍ଗନବାଡ଼ି କେନ୍ଦ୍ର ଯିବାକୁ ୪.କିମି ଦୂର କୁଟୁରୁ ଗାଁ ଯିବା ଲାଗି ପାହାଡ଼ ଚଢି ପହଞ୍ଚିବା ସମ୍ଭବ ହେଉନାହିଁ। ଗାଁକୁ ଆଜି ପର୍ଯ୍ୟନ୍ତ କେବେ କୌଣସି ବିଡ଼ିଓ, ବିଧାୟକ କିମ୍ବା ସାଂସଦଙ୍କ ପାଦ ମଧ୍ୟ ପଡ଼ିନାହିଁ। ଏମିତି କି ନିର୍ବାଚନ ସମୟରେ ପ୍ରଚାର ନିମନ୍ତେ ମଧ୍ୟ କେବେହେଲେ କୌଣସି ପ୍ରାର୍ଥୀ ଯାଇ ନାହାନ୍ତି କିମ୍ବା ପୋଷ୍ଟର ମଧ୍ୟ ପହଞ୍ଚି ପାରେନାହିଁ। କାହାଠାରୁ କେମିତି ଶୁଣି ଗାଁ ଲୋକେ ଭୋଟ ଦେବାପାଇଁ ଯାଆନ୍ତି ବୋଲି ପ୍ରକାଶ କରିଛନ୍ତି। ରାସ୍ତା, ପାନୀୟ ଜଳ ଭଳି ବିଭିନ୍ନ ସମସ୍ୟା ନେଇ ସେମାନେ ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟରେ ଅନେକ ସମୟ ଧରି ଅଭିଯୋଗ କରି ଆସୁଛନ୍ତି; ହେଲେ କାହାରି ଦୃଷ୍ଟି ପଡୁ ନ ଥିବାରୁ ଏହି ଗାଁରେ କାଣିଚାଏ ମଧ୍ୟ ବିକାଶ ହୋଇପାରି ନାହିଁ। ତେଣୁ ଏଠାରେ ବସବାସ କରୁଥିବା ଲୋକେ ଆମେ କ'ଣ ଜଙ୍ଗଲରେ ବସବାସ କରୁଥିବା ମଣିଷ ବୋଲି ଆମମାନଙ୍କୁ ସାଧାରଣ ମୌଳିକ ସୁବିଧା ମାଧ ଦରକାର ନାହିଁ କି ବୋଲି ପ୍ରଶ୍ନ କରିଛନ୍ତି। ଭୋଟ ଦେବାରେ ଆମେ କେବେ ହେଳା କରିନାହୁଁ; କିନ୍ତୁ ଆମମାନଙ୍କ ସୁବିଧା ନିମନ୍ତେ ନେତା ଓ ପ୍ରଶାସନ କାହିଁକି ବର୍ଷ ବର୍ଷ ଧରି ଅବହେଳା କରି ଆସୁଛନ୍ତି ବୋଲି ଗିର୍ଲିମାଲ ଗାଁ ଲୋକେ ଅସନ୍ତୋଷ ପ୍ରକାଶ କରିବା ସହ କ୍ଷୋଭ ପ୍ରକାଶ କରିଛନ୍ତି। ତେବେ ଏ ସମ୍ପର୍କରେ ଧର୍ମଗଡ଼ ବିଧାୟକ ସୁଧିର ପାଟ୍ଟଯୋଷୀଙ୍କ ମତାମତ ନେବାରୁ ଦୀର୍ଘ ବର୍ଷରୁ ସେହି ଗାଁ ଗୁଡ଼ିକରେ ସମସ୍ୟା ଲାଗି ରହିଛି। ଯାହାବି ସମସ୍ୟା ରହିଛି ସରକାରଙ୍କ ଦୃଷ୍ଟିକୁ ଆଣିବା ସହ ସେହି ସମସ୍ୟାର ସମାଧାନ କରିବା ପାଇଁ ନିଶ୍ଚିତ ଭାବରେ ଚେଷ୍ଟା କରିବେ। ସେହି ସବୁ ଗାଁଗୁଡିକୁ ଗସ୍ତ କରିବେ ବୋଲି କହିଛନ୍ତି।

# ଲିଛିପୁର ଅଙ୍ଗପୋଲ ମରାମତି କାମ ମନ୍ଥର

ସୋନପୁର, ୨୮ ।୭ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ଲିଛିପୁର-ଡୁଙ୍ଗୁରିପାଲିକୁ ସଂଯୋଗ କରୁଥିବା ରାସ୍ତାର ଅଙ୍ଗନଦୀ ପୋଲ ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ପୋଲର ଉଭୟ ପାର୍ଶ୍ୱରେ ଥିବା ସୁରକ୍ଷାବାଡ଼ ଭାଙ୍ଗି ଯାଇଛି। ପ୍ରାୟ ଦୁଇ ସପ୍ତାହ ହେବ ଭଙ୍ଗା ବାଡା ଭାଙ୍ଗି ମରାମତି କାର୍ଯ୍ୟ ଆରମ୍ଭ ହୋଇଛି; ହେଲେ ଏହା ମନ୍ଥର ଗତିରେ ଚାଲିଛି। ଏଥିଯୋଗୁଁ ଲୋକେ ରାତିରେ ଅସୁରକ୍ଷିତ ଭାବେ ଯିବା ଆସିବା କରୁଛନ୍ତି।



## ପାଣି କାଦୁଅ ସହ ଖାଲଖମାରେ ଭର୍ତ୍ତି ଶାନ୍ତିପାଲି ମଲ୍ଲିକ ଗୋଠ ରାସ୍ତା

# ୫ ବର୍ଷ ହେଲା ମାଟି ମୁଠାଏ ପଡ଼ିନି



ଶଗଡ଼ା, ୨୮ ।୭ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଯୋଗୀନ୍ଦ୍ରପୁର ପଞ୍ଚାୟତ ଶାନ୍ତିପାଲିରୁ ମଲ୍ଲିକଗୋଠ ଗ୍ରାମ ପର୍ଯ୍ୟନ୍ତ ଯାଇଥିବା ମାଟି ରାସ୍ତାଟି ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି। ଏହି ରାସ୍ତାରେ ଦୈନନ୍ଦିନ ଅନେକ ଗାଡି ମୋଟର ସହ ଶହ ଶହ ଲୋକ ଯାତାୟାତ କରିଥାନ୍ତି; ହେଲେ ରାସ୍ତାର ଅବସ୍ଥା ଦେଖି ଲୋକେ ଯିବାକୁ ଭୟ କରୁଛନ୍ତି। ସାମାନ୍ୟ ବର୍ଷା ହେଲେ ଏହି ରାସ୍ତା କାଦୁଅ ସାଙ୍ଗକୁ ଖାଲଖମାରେ ଭର୍ତ୍ତି ହୋଇ ଯାଉଛି। ଏଣୁ ଗାଡି ତ ଦୂରର କଥା ଚାଲି ଚାଲି ଯିବା ମଧ୍ୟ କଷ୍ଟକର ହୋଇ ପଡେ। ପାଣି କାଦୁଅ ରାସ୍ତାରେ ଯିବା ସମୟରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଯାତାୟାତ ସମୟରେ ଅନେକ ଲୋକ ପଡ଼ି ଯିବା ସହ ଗାଡି ମଧ୍ୟ ଭାଙ୍ଗି ଯାଇଥିବା ନଜିର ରହିଛି। ବର୍ଷା ଦିନରେ ଏହି ରାସ୍ତାରେ

**ବର୍ଷା ଦିନେ ବଢୁଛି ଲୋକଙ୍କ ସମସ୍ୟା**

ଯିବା ପାଇଁ ଅଞ୍ଚଳବାସୀଙ୍କୁ ଚିନ୍ତା ଘାରୁଛି। ରାଜ୍ୟ ସରକାର ଯାତାୟତକୁ ଦୃଷ୍ଟିରେ ରଖି ଗ୍ରାମାଞ୍ଚଳର ରାସ୍ତାକୁ ଉନ୍ନତ ମାନର କରିବା ପାଇଁ ଅନେକ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ସହ ଖାମଖିଆଲି ମନୋଭାବ ଯୋଗୁଁ ଏହି ରାସ୍ତାଟି ମରଣଯନ୍ତା ପାଲଟିଥିବା ଲୋକେ ଅଭିଯୋଗ କରିଛନ୍ତି। ଏହି ରାସ୍ତା ମରାମତି ପାଇଁ ସ୍ଥାନୀୟ ଲୋକେ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଏହାର କୌଣସି ସମାଧାନ ହୋଇ ପାରି ନାହିଁ।

# ଉନ୍ନୟନମୂଳକ କାର୍ଯ୍ୟରେ ଆରୋପ ପ୍ରତ୍ୟାରୋପ

## ● ସିନାପାଲିର ବିକାଶକୁ ନେଇ ପ୍ରଶ୍ନ, ପ୍ରଶାସନ ଚୁପ୍

ସିନାପାଲି, ୨୮ ।୭ (ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକର ନେତାମାନଙ୍କ ମଧ୍ୟରେ ତୁ ତୁ ମେ ମେ ଚାଲିଛି। ଉନ୍ନୟନମୂଳକ କାର୍ଯ୍ୟରେ ଆରୋପ ପ୍ରତ୍ୟାରୋପକୁ ନେଇ ଏବେ ସିନାପାଲିରେ ବେଶ୍ ଚର୍ଚ୍ଚା ସୃଷ୍ଟି କରିଛି। ଏଣୁ ସିନାପାଲି ଅଞ୍ଚଳର ବିକାଶକୁ ନେଇ ପ୍ରଶ୍ନ ଉଠିଛି। ଗତ ପଞ୍ଚାୟତ ନିର୍ବାଚନ ସମୟରେ ହୋଇଥିବା ପଦ ପଦବୀ ଲଢେଇ ସାଙ୍ଗକୁ ସାଧାରଣ ନିର୍ବାଚନରେ ନେତାମାନଙ୍କ ସପକ୍ଷ ଓ ବିପକ୍ଷ ମଧ୍ୟରେ ରହିଥିବା ଅନ୍ତର୍ଦ୍ୱନ୍ଦ୍ୱ ଏବେ ବି ଲାଗି ରହୁଛି। ଏହା ଫଳରେ ସାଧାରଣ ଲୋକମାନେ ନେତାମାନଙ୍କଠାରୁ ଅଞ୍ଚଳର ସମସ୍ୟା ସମାଧାନ ହେବାର ଯେଉଁ ଆଶା ରଖିଥିଲେ ତାହା ଆଶାରେ ରହିଯିବା ଭଳି ମନେ ହେଉଛି। କିଛି ଦିନ ତଳେ ରାଜ୍ୟସଭା ସାଂସଦ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ବ୍ୟୟଅଟକଳ ମୂଲ୍ୟରେ ସିନାପାଲି ଅଞ୍ଚଳରେ ପାଳିତ ହେଉଥିବା ଉଦନ୍ତୀ ମହୋତ୍ସବ ମଞ୍ଚ ନିର୍ମାଣରେ ଫାଟ ସୃଷ୍ଟି ହେବା ସହ ନିମ୍ନମାନର କାର୍ଯ୍ୟ ହୋଇଥିବା କିଛି ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ନୂଆପଡ଼ା ଜିଲ୍ଲାପାଳଙ୍କୁ ଅଭିଯୋଗ ପରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଏହାକୁ ନେଇ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଖଣ୍ଡନ କରାଯାଇଥିଲା। ଏହାର ସତ୍ୟତା ନାହିଁ। ଏପରିକି ଏହା ଉଦ୍ଦେଶ୍ୟମୂଳକ ଭାବେ ରାଜନୈତିକ ରାଗ ରଖି ଅତିରଞ୍ଜିତ କରି କିଛି ଗଣମାଧ୍ୟମରେ ପ୍ରକାଶ ପାଇଥିବା କୁହାଯାଇଛି। ଏହି କାର୍ଯ୍ୟର ଠିକା କାମ ମିଳି ନ ଥିବା ବେଳେ ରାଜନୈତିକ ଉଦ୍ଦେଶ୍ୟ ରଖି ଆକ୍ରୋଶମୂଳକ ଭାବରେ ଏହା କରାଯାଉଥିବା ବୋଲି ସ୍ପଷ୍ଟ କରାଯାଇଥିଲା। ଏହାର କିଛି ଦିନ ପରେ ପୁଣି ଏକ ଅଭିଯୋଗ ସାମ୍ନାକୁ ଆସିଛି। ସିନାପାଲି ବ୍ଲକ ଲିଟିଗୁଡା ପଞ୍ଚାୟତ କୋକପଦର ଗ୍ରାମରେ ୯ ଲକ୍ଷ ଟଙ୍କା ବ୍ୟୟଅଟକଳ ମୂଲ୍ୟରେ ନିର୍ମାଣ ହେଉଥିବା ଚେକଡ୍ୟାମ କାର୍ଯ୍ୟ ନିମ୍ନମାନର ହୋଇଥିବା ବେଳେ ସ୍ଥାନୀୟ ଶ୍ରମିକଙ୍କୁ ଉପେକ୍ଷା କରି ବଡ଼ ବଡ଼ ପଥର ଖଣ୍ଡ ପକାଇ ଗାର୍ଡ ୱାଲ କରାଯାଉଥିବା ନେଇ ନୂଆପଡ଼ା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଏହାକୁ ନେଇ ପଚାରିବାରୁ ରାଜନୈତିକ ଉଦ୍ଦେଶ୍ୟ ସାଧିତ ହୋଇ ନ ପାରିବାରୁ ରାଗ ରଖି ଉଦ୍ଦେଶ୍ୟ ମୂଳକ ଭାବରେ ଏହା କରାଯାଉଛି। କିଛି ଲୋକଙ୍କୁ ହାତ କରି ଏକ ବିପର୍ଯ୍ୟସ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ଦସ୍ତଖତ ଦେବାକୁ କହି ମିଥ୍ୟା ଅଭିଯୋଗ କରାଯାଉଛି। କାର୍ଯ୍ୟ ଚାଲୁ ରହିଛି। ସରକାରୀ ନିୟମ ଅନୁସାରେ କାର୍ଯ୍ୟ ହେଉଛି ବୋଲି କୁହାଯାଇଛି। ତେବେ ନେତାମନ୍ତ୍ରୀ ତଥା ରାଜନୈତିକ ନେତୃବୃନ୍ଦ ଅଞ୍ଚଳର ବିକାଶ ଦିଗରେ ସମର୍ପିତ ରହିଥାନ୍ତି। ସିନାପାଲି ଅଞ୍ଚଳର ନେତା ତଥା ରାଜନୈତିକ ନେତୃବୃନ୍ଦ କିନ୍ତୁ ନିଜର ସ୍ୱାର୍ଥ ପାଇଁ ଠିକାଦାର ସାଜିଛନ୍ତି। ସିନାପାଲି ବ୍ଲକ ଏକ ଆଦିବାସୀ ପ୍ରବଣ ଅଞ୍ଚଳ। ଏଠାରେ ଅନେକ ସମସ୍ୟା ରହିଛି। ପ୍ରଶାସନ କିନ୍ତୁ ଚୁପ୍ ବସିଛି।

# କେବଳ ପ୍ରତିଶ୍ରୁତିରେ ଦିନ ଗଡୁଛି

କେସିଙ୍ଗା, ୨୮ ।୭ (ସମିସ): କେସିଙ୍ଗାରୁ ଯେବେଠାରୁ ନିର୍ବାଚନ ମଣ୍ଡଳୀ ଉଠିଯାଇଛି ସେବେଠାରୁ କେସିଙ୍ଗା ଶ୍ରୀହୀନ ହୋଇ ଯାଇଛି। ନେତାମାନେ ନିର୍ବାଚନ ସମୟରେ ଓ ନିର୍ବାଚିତ ହେବାପରେ ବିଭିନ୍ନ କାର୍ଯ୍ୟକ୍ରମରେ ଅଞ୍ଚଳକୁ ଆସି ସବୁ ସମସ୍ୟାର ଶୀଘ୍ର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ଅଞ୍ଚଳରେ



ଅନେକ ସମସ୍ୟା ରହିଛି। ରୋଜଗାରରୁ ଆରମ୍ଭ କରି ସ୍ୱାସ୍ଥ୍ୟ, ରାସ୍ତାଘାଟ ଜଳସେଚନ ପର୍ଯ୍ୟନ୍ତ ସମସ୍ୟା ଲାଗି ରହିଛି। ଲୋକଙ୍କ ବିରୋଧ ସତ୍ତ୍ୱେ କେସିଙ୍ଗାରେ ରେଳ ଓଭର ବ୍ରିଜ ନିର୍ମାଣ ଚାଲିଛି। ତେବେ ଏହି ବିରୋଧ ପୋଲର ଅବସ୍ଥିତିକୁ ନେଇ କରାଯାଉଛି। ସେହିଭଳି ଡାକ୍ତରଖାନା ଅଛି; ହେଲେ ଏହା ରେଫରାଲ ସେଣ୍ଟର୍ ପାଲଟିଛି। ଚାଷ ଜମି ଅଛି; ହେଲେ ଜଳ ସେଚନର ବ୍ୟବସ୍ଥା ନାହିଁ। ଅଞ୍ଚଳର ସମସ୍ତ ମେଗା ଲିଫ୍ଟ ଇରିଗେସନ ପ୍ରୋଜେକ୍ଟ ନୂତନ ସରକାର ଆସିଲା ପରେ ବନ୍ଦ ପଡ଼ିଛି। କେଉଁଠି ଠିକା ସଂସ୍ଥାର ଅବଧି ପୂରି ଯାଇଥିବାରୁ ଲିଫ୍ଟ ଇରିଗେସନ ବନ୍ଦ ପଡ଼ିଛି ତ କେଉଁଠି ଅଧା କାମ ହୋଇ ପ୍ରକଳ୍ପ ଶେଷ ହୋଇପାରୁ ନାହିଁ। ୨ ଦିନ ତଳେ ରାଜ୍ୟସଭା ସାଂସଦ ସୁଜିତ କୁମାର କଳାହାଣ୍ଡି ଆସିବା ସମୟରେ କେସିଙ୍ଗା ରେଳ ଷ୍ଟେସନରେ ଓହ୍ଲାଇଥିଲେ। ସ୍ଥାନୀୟ ବ୍ଲକ ଅଧକ୍ଷ ଚନ୍ଦନ ସେନାପତିଙ୍କ ପ୍ରକୋଷ୍ଠରେ ବସି ସେ କିଛି ଦଳୀୟ ଶୀର୍ଷନେତା ଓ ସାମ୍ବାଦିକଙ୍କ ସହ ଅଞ୍ଚଳର ସମସ୍ୟା ଉପରେ ଆଲୋଚନା କରିଥିଲେ। ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ ସାଂସଦ କୁଆଡେ ଅଞ୍ଚଳର ସମସ୍ତ ସମସ୍ୟାର ସମାଧାନ ପାଇଁ ପୁଣି ଥରେ ପ୍ରତିଶ୍ରୁତି ଦେଇଛନ୍ତି। ସେପଟେ ଅଞ୍ଚଳରେ ଏକମାତ୍ର ସୂତାକଳ ଚାରି ଦଶନ୍ଧିରୁ ଅକାମୀ ହୋଇ ପଡ଼ିରହିଛି। ଏଥିପାଇଁ ଜୁନରେ କେସିଙ୍ଗା ନାଗରିକ ମଞ୍ଚ ଦୀର୍ଘଦିନ ଧରି ଆନ୍ଦୋଳନ ଚାଲିଥିଲା। ଜିଲ୍ଲାପାଳ ଆସି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏବେ ପୁଣି ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ ରାଜ୍ୟ ସରକାରଙ୍କ ନୂତନ ଟେକ୍ସଟାଇଲ ପାର୍କ ତାଲିକାରେ ସମ୍ବଲପୁର, ବଲାଙ୍ଗୀର, କେନ୍ଦୁଝର, ଜଗତସିଂପୁର, ଗଞ୍ଜାମ ଓ କଟକର ନାମ ଥିଲେ ମଧ୍ୟ କଳାହାଣ୍ଡି ଜିଲ୍ଲାର କେସିଙ୍ଗାର ନାମ ନାହିଁ। ତେଣୁ ଅଞ୍ଚଳରେ ଅସନ୍ତୋଷ ଦେଖା ଦେଇଛି। କଳାହାଣ୍ଡି ଜିଲ୍ଲା ସାରା ରାଜ୍ୟରେ କପାଚାଷରେ ଏକ ନମ୍ବର ସ୍ଥାନ ହାସଲ କରିଛି। ଏଠାରେ ଗୁଣାତ୍ମକ କପା ମିଳିଥାଏ। ଏହା ସତ୍ତ୍ୱେ କଳାହାଣ୍ଡିର ନାଁ ନ ରହିବା ଏଡିକାର ଲୋକଙ୍କୁ କଷ୍ଟ ଦେଇଛି। ଅନ୍ୟପକ୍ଷେ କୋଣାର୍କ ସୂତାକଳ ପାଇଁ ୪୦ ବର୍ଷ ତଳେ ଜମି ଦେଇଥିବା ମାଲିକମାନେ ଏବେ ଫେରସ୍ତ ନେବା ପାଇଁ ଅଣ୍ଟା ଭିଡ଼ିଲେଣି।

# ଦାୟିତ୍ୱ ନେଲେ ନୂଆ ଜିଲ୍ଲାପାଳ

ସୋନପୁର, ୨୮ ।୭ (ସମିସ): ସୁବର୍ଣ୍ଣପୁର ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ ଡ. ନୃପରାଜ ସାହୁ ସୋମବାର ପୂର୍ବାହ୍ନରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେରଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ଜିଲ୍ଲାପାଳଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପରେ ନୂତନ ଜିଲ୍ଲାପାଳ ସୁବର୍ଣ୍ଣପୁର ତରଭା



ପଞ୍ଚାୟତ ସମିତିରେ ଅନୁଷ୍ଠିତ ହେଉଥିବା ଅଭିଯୋଗ ଶୁଣାଣି ଶିବିରରେ ଯୋଗ ଦେଇଥିଲେ। ଅଭିଯୋଗ ଶୁଣାଣି ଶେଷ ହେବା ପରେ ଉପସ୍ଥିତ ସମସ୍ତ ଜିଲ୍ଲାସ୍ତରୀୟ ଓ ସମିତିସ୍ତରୀୟ ଅଧିକାରୀମାନଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ ସହିତ ପରିଚୟ ଆଦାନ ପ୍ରଦାନ କରିଥିଲେ। ଏହି ଅବସରରେ ସେ ଜିଲ୍ଲା ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସହଯୋଗ କାମନା କରିଥିଲେ। ଏହା ସହ କର୍ମଚାରୀ ଅଭାବ ସତ୍ତ୍ୱେ ଉପଲବ୍ଧ କର୍ମଚାରୀଙ୍କୁ ନେଇ ଆନ୍ତରିକତାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅଧିକାରୀ ଓ କର୍ମଚାରୀମାନେ ତାଙ୍କ ବିଭାଗ ବା କାର୍ଯ୍ୟାଳୟରେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକୁ ଉଚ୍ଚ ଅଧିକାରୀ ତଥା ଜିଲ୍ଲାପାଳଙ୍କ ଦୃଷ୍ଟିକୁ ଆଣି ଆଇନ ଓ ନିୟମ ଅନୁଯାୟୀ ସମାଧାନ ପାଇଁ ଚେଷ୍ଟା କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲାର କୃଷି ଓ କୃଷକଙ୍କ ସମସ୍ୟା, ସ୍ୱାସ୍ଥ୍ୟ ଓ ପରିମଳ, ଶିକ୍ଷା ଇତ୍ୟାଦି ସମସ୍ୟାର ସମାଧାନ, ପ୍ରତିକାର ଓ ପ୍ରତିଷେଧକମୂଳକ ପଦକ୍ଷେପ ନେବା ତାଙ୍କର ପ୍ରାଥମିକତା ରହିବ। ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ ଆନ୍ତରିକତାର ସହ କାର୍ଯ୍ୟ କରିବାକୁ ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଛନ୍ତି। ଜିଲ୍ଲାର ପ୍ରତ୍ୟେକ ବିଭାଗ ନିଜ ବିଭାଗୀୟ କାର୍ଯ୍ୟକ୍ରମର ଲାଭ ଯେପରି ସମସ୍ତ ଜନସାଧାରଣଙ୍କ ପାଖରେ ପହଞ୍ଚି ପାରିବ ସେଥିପାଇଁ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଛନ୍ତି। ପ୍ରତ୍ୟେକ କର୍ମଚାରୀ ନିଜ ନିଜ କାର୍ଯ୍ୟରେ ସ୍ୱଚ୍ଛତା ଓ ସମୟାନୁବର୍ତ୍ତୀ ହେବାକୁ ଗୁରୁତ୍ୱାରୋପ କରିଛନ୍ତି। ସୂଚନାଯୋଗ୍ୟ, ଏହା ପୂର୍ବରୁ ସେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଥିଲେ।

# ଗୋଲାମୁଣ୍ଡା ବ୍ଲକ ଅଞ୍ଚଳରେ ଚଢାଦରରେ ସାର ବିକ୍ରି

ଗୋଲାମୁଣ୍ଡା, ୨୮ ।୭ (ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଅଞ୍ଚଳରେ ରାସାୟନିକ ସାର ଚଢାଦରରେ ବିକ୍ରି ହେଉଥିବା ଦେଖାଦେଇଛି। ବିକ୍ରିମୂଲ୍ୟରେ କୌଣସି ସ୍ୱଚ୍ଛତା ରହୁନାହିଁ। ବ୍ଲକର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ଦରରେ ସାର ବିକ୍ରି ହେଉଥିବା ଦେଖା ଯାଉଛି। ସରକାରୀ ଧାର୍ଯ୍ୟ ଦରଠାରୁ ରାସାୟନିକ ସାର ୫୦ରୁ ୨୦୦ ଟଙ୍କା ଅଧିକ ମୂଲ୍ୟରେ ବିକ୍ରି ହେଉଛି। ୟୁରିଆ ବସ୍ତା ପିଛା ୩୦୦ ଟଙ୍କା ବିକ୍ରି ହେବାକୁ ଥିବା ବେଳେ କେତକ ସ୍ଥାନରେ ୪୦୦ ଟଙ୍କା, ଡିଏପି ସାର ୧୩୫୦ ପରିବର୍ତ୍ତେ ୧୫୦୦ ଟଙ୍କାରେ ବିକ୍ରି ହେଉଥିବା ଅଭିଯୋଗ ହେଉଛି। କୃଷି ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏଣୁ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଉଛି। ଚାଷୀଙ୍କ ଅଭିଯୋଗ ମୁତାବକ ଚଳିତ ଖରିଫ ଋତୁରେ ହୋଇଥିବା ଧାନ ତଥା କପା ଫସଲରେ ସାର ପ୍ରୟୋଗ ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ। ବ୍ଲକର ସମସ୍ତ ସମବାୟ ସମିତି ପର୍ଯ୍ୟାପ୍ତ ପରିମାଣରେ ସାର ରଖୁ ନାହାନ୍ତି। ଏହା ଫଳରେ ଖୁଚୁରା ବିକ୍ରୟ କେନ୍ଦ୍ରରେ ମାତ୍ରାଧିକ ଦର ଶୁଣି ଚାଷୀ ଚିନ୍ତାରେ ହତାଶ ହେଉଛନ୍ତି। ମହାଲିଙ୍ଗ, ଚପ୍ରିଆ, କୁହୁରା, ବଡଚେରଗାଁ, ମାନଝରି, ଦସପୁର, ଧାମନପୁର, ତୁମୁରା ଉଛୁଲା ଆଦି ଅଞ୍ଚଳର ଖୁଚୁରା ବିକ୍ରୟ କେନ୍ଦ୍ରରେ ଚଢା ଦରରେ ସାର ବିକ୍ରି ହେଉଛି। କେନ୍ଦ୍ରରେ ଦର ତାଲିକା ଟଙ୍ଗା ଯାଉନାହିଁ। ସାର ସହ କିଛି କିଟନାଶକ ଔଷୋଧ ଏବଂ ତରଳ ସାର ଟ୍ୟାଗ କରି ନେବାକୁ ଚାଷୀଙ୍କୁ ବାଧ କରାଯାଉଛି। ସେହିପରି କୋ-ଅପରେଟିଭ ସୋସାଇଟି ମାଧ୍ୟମରେ ଯୋଗାଣର ଉପକାର ଅନେକ ସମୟରେ ଚାଷୀ ପାଇପାରୁ ନାହାନ୍ତି। ତେବେ ଏ ସମ୍ପର୍କରେ ଗୋଲାମୁଣ୍ଡା ଗୋଷ୍ଠୀ କୃଷି ଅଧିକାରୀ ନୌକେଶ୍ୱର ନାଗଙ୍କୁ ପଚାରିବାରୁ ଏ ଦିଗରେ ଆମେ ଯତ୍ନବାନ ଅଛୁ। ଖୁବ୍ ଶୀଘ୍ର ଚଢଉ କରାଯିବ ବୋଲି କହିଛନ୍ତି।

# କୂଅରୁ ଗାଈ ଉଦ୍ଧାର କଲା ଅଗ୍ନିଶମ ବିଭାଗ

ଗୋଲାମୁଣ୍ଡା, ୨୮ ।୭ (ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ପଟେଲପଡ଼ାସ୍ଥିତ ଷ୍ଟେଟ ବ୍ୟାଙ୍କ ପାଖରେ ଥିବା ଏକ ଗଭୀର କୂଅ ଭିତରୁ ସୋମବାର ସକାଳ ୭ଟାରେ ଗୋଟିଏ ଗାଈକୁ ଉଦ୍ଧାର କରାଯାଇଛି। ଗାଈଟି କୂଅରେ ପଡ଼ିଥିବା ଦେଖି ଗ୍ରାମର ନରେନ୍ଦ୍ର ପଟେଲ ଶ୍ୟାମସୁନ୍ଦର ଅଗ୍ରୱାଲଙ୍କୁ ଯୋଗାଯୋଗ କରିଥିଲେ। ଶ୍ରୀ ଅଗ୍ରୱାଲ ତୁରନ୍ତ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଗାଈଟିକୁ କୂଅରୁ ଉଦ୍ଧାର କରିଥିଲେ।

# କଳା ମଣ୍ଡପ ନା ବ୍ୟବସାୟ ମଣ୍ଡପ

ବଲାଙ୍ଗିର, ୨୮ ।୭ (ସମିସ)

ବଲାଙ୍ଗିର ସହର ମଧ୍ୟଭାଗରେ ଥିବା କଳା ଓ ସଂସ୍କୃତିର ମଣ୍ଡପ ଏବେ ସାଜିଛି ବ୍ୟବସାୟର ମଣ୍ଡପ। ଦିନରେ ଯେଉଁ ମଣ୍ଡପକୁ ଅଞ୍ଚଳର କଳା ସଂସ୍କୃତିକୁ ବଞ୍ଚାଇ ରଖିବା ଉଦ୍ୟମରେ ତତକାଳିନ ପାଟଣା ମହାରାଜ ନିର୍ମାଣ କରାଇଥିଲେ। ଆଜିର ଦିନରେ ତାହା କେବଳ ବ୍ୟବସାୟିକ କାର୍ଯ୍ୟକ୍ରମରେ ବ୍ୟବହାର ହେଉଥିବା ଅଭିଯୋଗ ହୋଇଛି। କାଁ ଭାଁ କିଛି ହାତଗଣତି ସାଂସ୍କୃତିକ

- କାଁ ଭାଁ ହାତଗଣତି ସାଂସ୍କୃତିକ କାର୍ଯ୍ୟକ୍ରମରେ ବ୍ୟବହୃତ
- ମୀନାବଜାର, ମେଳାରେ ଅଧିକ ବ୍ୟବହାର ହେଉଛି
- ଆବର୍ଜନାମୟ, ସୌନ୍ଦର୍ଯ୍ୟକରଣ କାମ ହେଉନି

ଓ ରାଜନୈତିକ କାର୍ଯ୍ୟକ୍ରମକୁ ଛାଡିଦେଲେ ଏହା ପ୍ରାୟତଃ ବିଭିନ୍ନ ପ୍ରକାର ମେଳା, ମୀନାବଜାର ରେ ହିଁ ବ୍ୟବହାର ହେଉଥିବା ଦେଖିବାକୁ ମିଳୁଛି। ଫଳରେ ଯେଉଁ ଉଦ୍ଦେଶ୍ୟ ନେଇ ବଲାଙ୍ଗିରରେ କୋଶଳ କଳା ମଣ୍ଡପର ନିର୍ମାଣ କରାଯାଇଥିଲା ତାହା ପୂରଣ ହେବାର ବହୁ ଦୂରରେ ରହିଛି। ଅନେକ ସମୟରେ ଏହାକୁ ପୁନରୁଦ୍ଧାର କରିବା ସହ ନୂତନ ନିର୍ମାଣ ପାଇଁ ଦାବି ହେଉଛି ସତ କିନ୍ତୁ ତାହା ପୂରଣ ନହେବା ପଛରେ ବି ବ୍ୟବସାୟିକ ଉଦ୍ଦେଶ୍ୟ ରହିଥିବା ଚର୍ଚ୍ଚା ହେଉଛି।

ଏକଦା ବଲାଙ୍ଗିର ଜିଲ୍ଲା ତଥା ଅଞ୍ଚଳର କଳା, ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ତତକାଳିନ ପାଟଣା ମହାରାଜଙ୍କ ଦ୍ୱାରା ସହରର ମଧ୍ୟଭାଗରେ କୋସଳ କଳା ମଣ୍ଡପ ନିର୍ମାଣ କରାଯାଇଥିଲା। ଯେଉଁଠାରେ କି ବିଭିନ୍ନ କଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବାର ଲକ୍ଷ୍ୟ ରଖାଯାଇଥିଲା। ଏହିକ୍ରମରେ ପୂର୍ବରୁ ଅନେକ ପ୍ରସିଦ୍ଧ କଳାକାର ଏହି ମଣ୍ଡପ ଠାରେ ଥିବା ମଞ୍ଚରେ ନିଜ କଳା ପ୍ରଦର୍ଶନ କରିଆସୁଥିଲେ। ତେବେ ଏହି କଳା ମଣ୍ଡପ ଏବେ ବ୍ୟବସାୟିକ ମଣ୍ଡପ ସାଜିଥିବା ଦେଖିବାକୁ ମିଳିଛି। ଜିଲ୍ଲା ମହୋତ୍ସବ, ଭୂମିକା ପକ୍ଷରୁ ଆୟୋଜିତ ହେଉଥିବା ମଠଖାଇ ମହୋତ୍ସବ ଏହିଭଳି କିଛି ହାତ ଗଣତି ସାଂସ୍କୃତିକ କାର୍ଯ୍ୟକ୍ରମ ଏହି ମଣ୍ଡପରେ ଆୟୋଜିତ ହେଉଥିବା ବେଳେ ଏହା ଠାରୁ ଅଧିକ ବ୍ୟବସାୟିକ ମେଳା ଓ ପ୍ରଦର୍ଶନୀ ଅନୁଷ୍ଠିତ ହେଉଥିବା ଦେଖିବାକୁ ମଳିଛି। ଦଶହରା, ଶୀତଳ ଷଷ୍ଠୀ ସମୟରେ ମୀନାବଜାର, ଏହା ବାଦ ଅନେକ ସମୟରେ ହସ୍ତତନ୍ତ ମେଳା ଭଳି ବ୍ୟବସାୟ ମଣ୍ଡପରେ କରାଯାଉଛି। ଜିଲ୍ଲା କିମ୍ବା ରାଜ୍ୟସ୍ତରୀୟ ଉଭୟ ସରକାରୀ ଓ ଘରୋଇ କାର୍ଯ୍ୟକ୍ରମରେ ଏହାକୁ ବ୍ୟବହାର କରାଯାଉଛି। ଫଳରେ ଏହା ନଷ୍ଟ ହେଉଥିବା ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ଅନେକ ସମୟରେ ରାଜନେତା ମାନେ ଏହି କଳାର ପ୍ରାଣକେନ୍ଦ୍ରର ଉନ୍ନତିକରଣ ପାଇଁ ଦାବି



କରୁଥିବା ବେଳେ ଏଥିପ୍ରତି କିନ୍ତୁ କାହାର ନଜର ନାହିଁ। ଏହି ମଣ୍ଡପର ଉନ୍ନତିକରଣ ପାଇଁ ପୂର୍ବ ସରକାର ସମୟରେ ପ୍ରାୟ ୩ କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯାଇଥିଲା। କିନ୍ତୁ ଏହି ସବୁ ବ୍ୟବସାୟିକ ମନୋଭାବ ଯୋଗୁଁ ଏହା ସମ୍ପୂର୍ଣ୍ଣ ହୋଇପାରିନାହିଁ। ଅଧପନ୍ତରିଆ ହୋଇ ଏହା ପଡ଼ିରହିଥିବା ବେଳେ ଏହେ କେବେ ସରିବ ତାହା କହିବା ମୁସ୍କୁଲ। କେବଳ ଏତିକି ନୁହଁ ଏହି କଳା ମଣ୍ଡପରେ ସ୍ଥାନୀୟ କଳା ସଂସ୍କୃତି ସମ୍ପର୍କିତ ଏକ ସଂଗ୍ରହାଳୟ ରହିଥିବା ବେଳେ ତାହା ମଧ୍ୟ ବନ୍ଦ କରିଦିଆଯାଇଥିବା ଜଣାପଡ଼ିଛି। ଏହିଭଳି ଭାବେ ଏହି କଳା ମଣ୍ଡପ ଏବେ ବ୍ୟବସାୟିକ ମଣ୍ଡପ ସାଜିଥିବା ବେଳେ ଏହା କଳାକାରମାନଙ୍କୁ ବ୍ୟଥିତ କରିଛି। ଏହି ସବୁ କାରବାର ଦ୍ୱାରା ନା କଳାକାରମାନେ ଆସି ଏଠାରେ ଅଭ୍ୟାସ କରିପାରୁଛନ୍ତି ନା ତାଙ୍କ ବ୍ୟବହାରରେ ଏହା ଲାଗି ପାରୁଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ସହ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହୋଇଛି।

## କିଷାନ ମହାବିଦ୍ୟାଳୟରେ ବନ ମହୋତ୍ସବ



ଭେଡେନ,୨୮।୭(ସମିସ): ଭେଡେନ ଆଞ୍ଚଳିକ କିଷାନ ମହାବିଦ୍ୟାଳୟ ପରିସରରେ ଯୁବ ରେଡକ୍ରସ, ଜାତୀୟ ସେବା ଯୋଜନା ଓ ବରଗଡ଼ ସତ୍ୟସାଇ ସେବା ସଂସ୍ଥାର ମିଳିତ ଆନୁକୂଲ୍ୟରେ ବନ ମହୋସହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ମଞ୍ଜୁଳା ସାହୁଙ୍କ ତତ୍ତ୍ୱାବଧାନରେ ଜାତୀୟ ସେବା ଯୋଜନାର ସମ୍ପାଦକ ଅଧ୍ୟାପକ ଭୀଷ୍ମଦେବ ପଧାନ, ଅଧ୍ୟାପିକା କଳ୍ପନା ଝଙ୍କାର, ଯୁବ ରେଡକ୍ରସ ସଂସ୍ଥାର ସଂଯୋଜକ ଅଧ୍ୟାପକ ବିନୋଦ ବିହାରୀ ଭୋଇ, ବରଗଡ଼ ସତ୍ୟସାଇ ସେବା ସଂସ୍ଥାର ରମାକାନ୍ତ ସାହୁ, କାଁହୁଚରଣ ଦାଶ, ରୋହନ ବରାଇ ଯୋଗ ଦେଇଥିଲେ। ଅତିଥିମାନେ ମହାବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ବୃକ୍ଷରୋପଣ କରିଥିଲେ।

## ଭଟଲି ଥାନାରେ ଚାରାରୋପଣ



ବରଗଡ଼,୨୮।୭(ସମିସ): ପରିବେଶ ସୁରକ୍ଷା ନିମନ୍ତେ ରାଜ୍ୟ ସରକାର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରାଉଛନ୍ତି। ଏହି ଅବସରରେ ବରଗଡ଼ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାଇ ମିନାଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭଟଲି ଥାନାଧିକାରୀ ବିଭୁତି ଭୂଷଣ ଦଳେଇଙ୍କ ଉପସ୍ଥିତିରେ ସୋମବାର ଭଟଲି ଥାନା ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭଟଲି ବନାଞ୍ଚଳ ଅଧିକାରୀ ସୁବୋଧ ସାହୁ ବିଭିନ୍ନ କିସମର ଚାରା ଯୋଗାଇ ଦେଇଥିଲେ। ନୂଆଁପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହଯୋଗରେ ଥାନା ପରିସରରେ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଭଟଲି ଥାନାର ସମସ୍ତ କର୍ମଚାରୀ, ବନ ବିଭାଗର ସମସ୍ତ କର୍ମଚାରୀ ତଥା ନୂଆଁପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇ ଚାରାରୋପଣ କରିଥିଲେ। ଶେଷରେ ଭଟଲି ଥାନାଧିକାରୀ ଶ୍ରୀ ଦଳେଇ ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ।

# ସବୁଠି ଚାଷୀ ପଞ୍ଜୀକରଣ ନୂତନ ନିୟମ ବିରୋଧରେ ସ୍ୱର

- ଦାନା ବାନ୍ଧୁଛି ବଡ଼ଧରଣର ଆନ୍ଦୋଳନ
- ନୂତନ ପଞ୍ଜୀକରଣ ବ୍ୟବସ୍ଥା ତୁରନ୍ତ ବନ୍ଦ କରନ୍ତୁ- ସଂଯୁକ୍ତ କୃଷକ ସଂଗଠନ

ବରଗଡ଼,୨୮।୭(ସମିସ)



ଚଳିତ ଖରିଫ ଧାନ ବିକ୍ରି ପଞ୍ଜୀକରଣ ଗତ ୧୯ ଜୁଲାଇରୁ ଆରମ୍ଭ ହୋଇ ୨୮ ତାରିଖ ମଧ୍ୟରେ ମାତ୍ର ୧ ଲକ୍ଷ ୪୯ ହଜାର ଚାଷି ପଞ୍ଜୀକୃତ ହୋଇଛନ୍ତି। ଗତ ବର୍ଷ ୧୯ ଲକ୍ଷ ଚାଷୀ ପଞ୍ଜୀକରଣ କରାଇଥିଲେ ହେଲେ ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ, ୪୯ ହଜାର ୫୫୬ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ସେହିପରି ବରଗଡ଼ରେ ମଧ୍ୟ ସମାନ ସ୍ଥିତି ଗତ ବର୍ଷ ୧ ଲକ୍ଷ ୫୨ ହଜାର ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ଚଳିତ ବର୍ଷ ମାତ୍ର ୪୭୨୦ ଜଣ ପଞ୍ଜୀକୃତ ହୋଇଛନ୍ତି। ଏପରିକି ଗୋଟିଏ ଗୋଟିଏ ସୋସାଇଟିରେ ଜଣେ ଦୁଇ ଜଣ ଚାଷୀ ପଞ୍ଜୀକରଣ କରିପାରିଛନ୍ତି। ଆଉ ମାତ୍ର ୨୦ ଦିନ ବାକି ଅଛି। ଏତେ କମ୍ ସମୟ ମଧ୍ୟରେ କେମିତି ସମସ୍ତ ଚାଷୀ ପଞ୍ଜୀକୃତ ହୋଇପାରିବେ ବୋଲି ବରଗଡ଼ ଜିଲ୍ଲାର ସଂଯୁକ୍ତ କୃଷକ ସଂଗଠନ ଏବଂ ସଦସ୍ୟ ସଂଗଠନ ମାନେ ପ୍ରାୟ ୪୧ଟି ସୋସାଇଟିରେ ଦାବିପତ୍ର ଦେଇ ଅସନ୍ତୋଷ ଜଣାଇଛନ୍ତି।

ସରକାରଙ୍କ ନୂତନ ଧାନ ବିକ୍ରି ପଞ୍ଜୀକରଣ ନିର୍ଦ୍ଦେଶାବଳୀ ଅନୁସାରେ ନିଜର କିମ୍ବା ବଂଶୀୟ ଜମି ଭାଗ ନେଇ ଧାନ ଚାଷ କରୁଥିବା ଏବଂ ପାକ୍ସରୁ ଋଣ ନେଇଥିବା ସମସ୍ତ ଚାଷୀ ନୂତନ ଭାବେ ପଞ୍ଜୀକୃତ ହେବେ। ଆବଶ୍ୟକ କାଗଜପତ୍ର, ଜମିର ଖତିୟାନ, ମାଲିକର ଫଟୋ, ଆଧାର କାର୍ଡ, ବ୍ୟାଙ୍କ ପାସବୁକ ଏବଂ ନିଜ ନାଁରେ ଜମି ନ ଥିଲେ ରେକର୍ଡଧାରୀଙ୍କ ଠାରୁ ସହମତି ପତ୍ର ଦେବେ। ରେକର୍ଡଧାରୀଙ୍କ ମୃତ୍ୟୁ ହୋଇଥିଲେ, ରାଜସ୍ୱ ନିରୀକ୍ଷକଙ୍କ ଠାରୁ ବଂଶାବଳୀ ଆଣିବାକୁ ହେବ। ବଂଶାବଳୀରେ ବଂଶର ସମସ୍ତ ପୁରୁଷ ମହିଳା ସମାନ ଭାବେ ଜମିର ହକଦାର ହେବେ ଏବଂ ସମସ୍ତେ ଧାନକାର୍ଡ କରିପାରିବେ। ଯଦି ଚାଷ କରୁଥିବ ଚାଷୀ ନିଜ ନାମରେ ସମସ୍ତ ଜମିର ଧାନକାର୍ଡ ତିଆରି କାରିବାକୁ ଚାହିଁବ ତେବେ ସେ ସମସ୍ତ ବଂଶାନୁକ୍ରମିକ ସତ୍ତ୍ୱଧାରୀଙ୍କ ଲିଖିତ ସହମତି ହେଲା ପରେ ଧାନକାର୍ଡ ତିଆରି କରିପାରିବ। କିନ୍ତୁ ସେଥିପାଇଁ ସମସ୍ତ ସତ୍ତ୍ୱଧାରୀମାନଙ୍କୁ ସୋସାଇଟିକୁ ଆଣି ଉପସ୍ଥିତ କରିବାକୁ ହେବ। ସମସ୍ତଙ୍କ ଇ-କେୱାଇସି କରି ସମସ୍ତଙ୍କ ସହମତି ପତ୍ର ଦେବାକୁ ପଡିବ। ପ୍ରତ୍ୟେକ ପ୍ଲଟ ଅନଲାଇନ ହେବ। ସେହି ସମୟରେ ଫୋନକୁ ଓଟିପି ଆସିବ ତାହାକୁ ଗ୍ରହଣ କଲେ ଯାଇ ଧାନକାର୍ଡ ପଞ୍ଜୀକରଣ ହୋଇପାରିବ। ଗୋଟିଏ ପଞ୍ଜୀକରଣ ପାଇଁ ଅଧଘଣ୍ଟାରୁ ଅଧିକ ସମୟ ଲାଗୁଛି। ଏଣୁ ସମସ୍ତଙ୍କୁ ଏକତ୍ରିତ କରିବା ଅସମ୍ଭବ ପ୍ରାୟ। ଗୋଟିଏ ମାସ ଅବଧି ମଧ୍ୟରେ ଚାଷୀଙ୍କୁ ଏ ସମସ୍ତ ପ୍ରକ୍ରିୟା କରିବାକୁ ହେବ ନଚେତ ଧାନ ବିକ୍ରି ପାଇଁ ପୁଞ୍ଜିକୃତ ହୋଇପାରିବ ନାହିଁ। ସେପଟେ ଫସଲ ସମୟ ପାଇଁ ଚାଷୀ ପାଖେ ଏବେ ସମୟ ନାହିଁ। ଅନ୍ୟପଟେ ଓଡ଼ିଶାର ସର୍ବାଧିକ ଚାଷୀଙ୍କ ଯୌଥ ଜମିପଟ୍ଟା ଥିବାରୁ ସରକାରଙ୍କ ନୂତନ ନୀତି ପାଇଁ ସେମାନେ ଆପେ ଆପେ ଧାନ ବିକ୍ରିରୁ ବଞ୍ଚିତ ହେବେ। ଯାହାର ପ୍ରଭାବ କୃଷି ଅର୍ଥନୀତି ଓ କୃଷକ ସମାଜ ଉପରେ ଗଭୀର ଭାବେ ପ୍ରଭାବ ପଡିବ। ଦଲାଲଙ୍କ ପ୍ରାଦୁର୍ଭାବ ବଢ଼ିବା ସହ ଚାଷୀ ଧାନ ଅଭାବି ବିକ୍ରିର ସମ୍ମୁଖୀନ ହେବା ସହିତ ହତାଶ ହୋଇ ଚାଷକାର୍ଯ୍ୟ ଛାଡିବେ। ଅଞ୍ଚଳର ୮୦/୯୦ ପ୍ରତିଶତ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହେବେ।

ଏଣୁ ନୂତନ ନିୟମ ଦ୍ୱାରା ପ୍ରକୃତ ଚାଷୀ ଯେମିତି ବଞ୍ଚିତ ନ ହେଉ, ସମସ୍ତ ଚାଷୀ ସରଳ ଓ ସହଜ ପ୍ରଣାଳୀରେ ପଞ୍ଜୀକୃତ କରିପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ଚାଷୀ ଦାବି କରିଛନ୍ତି। ତୁରନ୍ତ ଏହି ଜଟିଳ ବ୍ୟବସ୍ଥାକୁ ବନ୍ଦ ନ କଲେ ଯେକୌଣସି ମୁହୂର୍ତ୍ତରେ ବଡ ଧରଣର ଆନ୍ଦୋଳନ କରାଯିବ ବୋଲି ଘୋଷଣା କରିଛନ୍ତି। ଏହି ଅବସରରେ ଝାରବନ୍ଧ, ଲହୁଦିଦରହା, ଲଖମରା, ପଳସଦା, ପଦ୍ମପୁର, ବରିକେଳ, ବୁଡେନ, ଦହିଗାଁ, ଜମଲା, କନ୍ ସିଂହା, ଗାଇସିଲଟ, କୁଣ୍ଡାଖାଇ, ଡାଙ୍ଗବାହାଲ, ବିଜେପୁର, ଏମ ଶ୍ରୀଗୀଡା, ମେଲଛାମୁଣ୍ଡା, ସନିମାଲ, ଘେଁସ, ସରକାଣ୍ଡ, ବରପାଲି, ଆଗଲପୁର, ସତଲମା, କୁମ୍ଭାରୀ, କଟାପାଲି, ଚଡେଇଗାଁ, ଉର୍ଦ୍ଦୁନା, କେସେଇପାଲି, ଭଟଲି, ଭୁକ୍ତା, କଣ୍ଡପଲା, ଲଖନପୁର, ଅଡଗାଁ, କଟାପାଲି, ଗୋବିନ୍ଦପୁର, ସରସରା, ତୋରା, ସିଆଲଖଣ୍ଡହତା, ରକ୍ଷୁଡା, ରେମଣ୍ଡା, ସଂକୀର୍ତ୍ତା, ଭେଡେନ ମୋଟ ୪୧ଟି ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକ ମାନଙ୍କୁ ଜଣାଇ ଦିଆଯାଇଛି।

## ନୂତନ ପଞ୍ଜୀକରଣ ନୀତିକୁ ବିରୋଧ



ଭେଡେନ: ଭେଡେନ ବ୍ଲକ୍ ସଂଯୁକ୍ତ କୃଷକ ସଙ୍ଗଠନ ସରକାରଙ୍କ ଧାନକାର୍ଡ ପଞ୍ଜୀକରଣ ନୂତନ ନୀତିକୁ ବିରୋଧ କରି ଭେଡେନ ବ୍ଲକରେ ଥିବା ବିଭିନ୍ନ ପାକ୍ସ ଭେଡେନ, ରେମଣ୍ଡା, ସିଆଲଖଣ୍ଡହତା, ରକ୍ଷୁଡାର ସମ୍ପାଦକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। କୃଷକ ସଙ୍ଗଠନର ସମସ୍ତ ସଦସ୍ୟ ତଥା ଅଞ୍ଚଳର ଚାଷୀ ବ୍ଲକ୍ ସ୍ଥିତ ରକ୍ଷୁଡା, ଭେଡେନ, ରେମଣ୍ଡା, ସିଆଲଖଣ୍ଡହତା ପାକ୍ସ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇଥିଲେ। ସରକାର ଅତି ଗମ୍ଭୀରତା ସହିତ ବିଚାର କରି ସମସ୍ତ ଚାଷୀ ଯେମିତି ପଞ୍ଜୀକୃତ ହୋଇ ପାରିବେ ସେଦିଗରେ ପଦକ୍ଷେପ ନେବା ପାଇଁ ଅଞ୍ଚଳର ଚାଷୀ ପ୍ରକାଶ କରିଛନ୍ତି। ସରକାରଙ୍କ ନୂତନ ନୀତି ନିୟମ ଚାଷୀ ମାରଣ ନୀତି ବୋଲି ଅଞ୍ଚଳର ଚାଷୀ କହିବା ସହ ଏହାକୁ ବନ୍ଦ କରାଯାଉ ବୋଲି ଦାବି କରିଛନ୍ତି। ଭେଡେନ ବ୍ଲକ୍ ସଂଯୁକ୍ତ କୃଷକ ସଙ୍ଗଠନର ଉତ୍ପଳ ଭୋଇ, ନରେନ୍ଦ୍ର ଭୋଇ, ସୁଦାମ ପାତ୍ର, ହରିଶଙ୍କର ବେହେରା, ଆନନ୍ଦ ସୁନା, ସୁରେନ୍ଦ୍ର କର୍ମୀଙ୍କ ସମେତ ଭେଡେନ ବ୍ଲକ୍ ଶତାଧିକ ଚାଷୀ ସମସ୍ତ ପାକ୍ସ କାର୍ଯ୍ୟାଳୟରେ ଉପସ୍ଥିତ ଥିଲେ।

## ଜଟିଳତା ସମାଧାନ ପାଇଁ ଦାବିପତ୍ର

ପଦ୍ମପୁର: ପଦ୍ମପୁର ଅଞ୍ଚଳର ବିଭିନ୍ନ ଗାଁର ଚାଷୀ ଧାନକାର୍ଡ ତିଆରି ଜଟିଳତାର ସମାଧାନ ପାଇଁ ସମସ୍ତ ପାକ୍ସକୁ ଦାବିପତ୍ର ପ୍ରଦାନ କରିଛନ୍ତି। ନୂତନ ନିୟମ ଦ୍ୱାରା ପ୍ରକୃତ ଚାଷୀ ଯେମିତି ବଞ୍ଚିତ ନ ହେଉ, ସମସ୍ତ ଚାଷୀ ସରଳ ଓ ସହଜ ପ୍ରଣାଳୀରେ ପଞ୍ଜୀକୃତ କରିପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ଚାଷୀ ଦାବି କରିଛନ୍ତି।




## ‘ଧାନ ବିକ୍ରି ପ୍ରକ୍ରିୟା ସରଳ କରାଯାଉ’



ବିଜେପୁର: ଧାନ ବିକ୍ରି ପ୍ରକ୍ରିୟା ସରଳୀକରଣ ପାଇଁ ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ୍ ଏମ-ଶ୍ରୀଗିଡା ସମବାୟ ସମିତି ଅଧୀନର ବିଭିନ୍ନ ଗାଁର କୃଷକ ଦାବି କରିଛନ୍ତି। ନୂତନ ନିୟମରେ ପ୍ରକୃତ ଚାଷୀ ଯେମିତି ବଞ୍ଚିତ ନ ହେବେ ଏବଂ ସମସ୍ତ ଚାଷୀ ସରଳ ଓ ସହଜ ପ୍ରଣାଳୀରେ ପଞ୍ଜୀକୃତ କରିପାରିବେ ସେଥିପାଇଁ ଚାଷୀ ସମବାୟ ସମିତି ଜରିଆରେ ଦାବି କରିଛନ୍ତି। ବହୁ ସଂଖ୍ୟାରେ ଚାଷୀଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ରକୁ କ୍ଷୀରୋଦ ସାହୁ, ଶିବ ସାହୁ, ଗଣନାଥ ପଧାନ, ସଦାଶିବ ମିଶ୍ର, ସଚ୍ଚିକାନ୍ତ ଭୋଇ ପ୍ରମୁଖ ଚାଷୀମାନେ ଉପସ୍ଥିତ ହୋଇ ଦାବିପତ୍ର ପ୍ରଦାନ କରିଛନ୍ତି।

## ବିଶ୍ୱ ହେପାଟାଇଟିସ୍ ଦିବସ




ବିକାଶ ନର୍ସିଂ କଲେଜ

ବରଗଡ଼,୨୮।୭(ସମିସ): ବିଶ୍ୱ ହେପାଟାଇଟିସ୍ ଦିବସର ପ୍ରସଙ୍ଗ ‘ହେପାଟାଇଟିସ୍ ଚାଲନ୍ତୁ ବୁଝିବା’କୁ ଆଧାର କରି ବିକାଶ ହାୟର ଏଜୁକେସ୍ନାଲ ଇନ୍‌ଷ୍ଟିଚ୍ୟୁସନ୍ସ ଅଧୀନ ବିକାଶ ନର୍ସିଂ କଲେଜ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ ବରାହଗୁଡାରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପଞ୍ଚମ ସେମିଷ୍ଟାରର ଛାତ୍ରଛାତ୍ରୀ ଏକ ରାଲି ଦ୍ୱାରା ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଘର ଘର ଯାଇ ଲୋକଙ୍କ ମଧ୍ୟରେ ଏହି ରୋଗର କାରଣ, ଲକ୍ଷଣ ଓ ପ୍ରତିରୋଧର କୌଶଳ ବିଷୟରେ ସ୍ୱାସ୍ଥ୍ୟ ସୂଚନା ଦେଇଥିଲେ। ଅଧ୍ୟାପିକା ଆରାଧନା ଦିଗଲ ଏବଂ ଅଧ୍ୟାପିକା ସୀମାଞ୍ଜଳି ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଅଧ୍ୟକ୍ଷା ଦିପାଞ୍ଜଳୀ ପଟେଲଙ୍କ ସହଯୋଗ ଏବଂ ମାର୍ଗଦର୍ଶନରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା।

ବରଗଡ଼: ପୁରୁଣା ହସ୍ପିଟାଲ ପରିସରରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଆନୁକୂଲ୍ୟରେ ବିଶ୍ୱ ହେପାଟାଇଟିସ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ବିଶ୍ୱଜିତ୍ ଯୋଶୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ.ଶ୍ରୀକୃଷ୍ଣ ବଲ୍ଲଭ ମହାନ୍ତି, ଡ.ବିନୟ ବେହେରା, ଡ.ସୁବାସ ଅଗ୍ରୱାଲ, ଡ.ସତିଶ ନାଏକ, ଡ.ଅଲିଶା ପ୍ରଧାନ ପ୍ରମୁଖ ବିଭାଗୀୟ ପଦାଧିକାରୀ ଉପସ୍ଥିତ ରହି ହେପାଟାଇଟିସ ଓ ତାର ନିରାକରଣ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ଜିଲ୍ଲା ତଥ୍ୟ ପ୍ରବନ୍ଧକ ଅଜିତ ମେହେରଙ୍କ ସମେତ ସ୍ୱାଗତିକା ମିଶ୍ର, ପ୍ରକାଶ ମହାପାତ୍ର, ଭାନୁପ୍ରୀୟା ପାତ୍ର ପ୍ରମୁଖ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ରାଣା ପ୍ରତାପ ସ୍କୁଲ ଛାତ୍ରୀ ଶାଳିନି ସା, ଧରିତ୍ରୀ ରାଉତ, ପ୍ରାଚୀ ଭୋସାଗରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସ୍ୱାସ୍ଥ୍ୟ ସଚେତନତା ସମ୍ବନ୍ଧୀୟ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ବିଭିନ୍ନ ନର୍ସିଂ ମହାବିଦ୍ୟାଳୟର ୬ ଜଣ ଛାତ୍ରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।



ଜିଲ୍ଲା ସ୍ୱାସ୍ଥ୍ୟ ସମିତି

## ବେଟି ବଚାଓ ବେଟି ପଢ଼ାଓ ସମ୍ବନ୍ଧରେ ସମନ୍ୱୟ ବୈଠକ

ବରଗଡ଼,୨୮।୭(ସମିସ): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ‘ବେଟି ବଚାଓ ବେଟି ପଢ଼ାଓ’ ଯୋଜନା ସମ୍ବନ୍ଧରେ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଶିଶୁ ଶ୍ରମିକ, କନ୍ୟାଭ୍ରୁଣ ହତ୍ୟା ଏବଂ ବାଲ୍ୟ ବିବାହ, ଶିଶୁ କନ୍ୟା ଜନ୍ମ ପୂର୍ବରୁ ଏବଂ ପରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା, ଲିଙ୍ଗଗତ ବୈଷମତାର କାରଣ ଏବଂ ଭାରତ, ଓଡ଼ିଶା ତଥା ବରଗଡ଼ ଜିଲ୍ଲାର କନ୍ୟା ଶିଶୁର ସ୍ଥିତି ଏବଂ ଲିଙ୍ଗଗତ ଅନୁପାତ, ଶିଶୁ ଅଧିକାର ନିମିତ୍ତ ବିଭିନ୍ନ ଆଇନ ବ୍ୟବସ୍ଥା, ଶିଶୁ କନ୍ୟାର ବିକାଶ ପାଇଁ ଯୋଜନାର କାର୍ଯ୍ୟକାରୀତା, ପ୍ରାସଙ୍ଗିକତା ଏବଂ ମୁଖ୍ୟ ଲକ୍ଷ୍ୟ ବିଷୟରେ ଆଲୋଚନା କରାଯାଇଥିଲା। ଏହି ଯୋଜନାର ବର୍ତ୍ତମାନ ଅବସ୍ଥା, ଅଗ୍ରଗତି ଓ ଭବିଷ୍ୟତ ଯୋଜନା ବିଷୟରେ ଆଲୋଚନା କରିବା ସହ ଜିଲ୍ଲାରେ ସାମୂହିକ ସଚେତନତା ପାଇଁ ବାର୍ଷିକ କାର୍ଯ୍ୟ ଖସଡା ପ୍ରସ୍ତୁତି କରାଯାଇଥିଲା। ସମସ୍ତ ବ୍ଲକ୍ ଓ ନଗର ସ୍ତରରେ ସଚେତନତା କାର୍ଯ୍ୟକ୍ରମ, ଛାତ୍ରୀମାନେ ପାଇଁ ଉତ୍ସାହବର୍ଦ୍ଧକ ପୁରସ୍କାର ଓ ସ୍ୱସ୍ଥ୍ୟ-ଶିକ୍ଷା ସମ୍ବନ୍ଧୀୟ ସେବା ସୁନିଶ୍ଚିତ କରିବା ପାଇଁ ସମସ୍ତ ବିଭାଗ ବିଶେଷ ପଦକ୍ଷେପ ନେବାକୁ ଏବଂ ଯୋଜନାକୁ ତୃଣମୂଳ ସ୍ତରରେ ଆନ୍ଦୋଳନ ଆକାର ଦେବା ପାଇଁ ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

## ବିଶ୍ୱ ଆଇଭିଏଫ ଦିବସ ପାଳିତ

ବରଗଡ଼,୨୮।୭(ସମିସ): ବରଗଡ଼ କିଶୋରୀ ଓ ଆଇଭିଏଫ ସେଣ୍ଟରରେ ଡାଇରେକ୍ଟର ସାଇ ସୁମିରନ ଓ ଡ.ପ୍ୟାରିଲାଲ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ବିଶ୍ୱ ଆଇଭିଏଫ ଦିବସ ପାଳିତ ହୋଇଯାଇଛି। ଅତିଥି ଭାବେ ଡ.ପିକେ ଦାଶ, ଡ.ପ୍ରଭାଶ ନାୟକ, ଡ.ଅଶ୍ୱିନୀ ଭୋଇ, ଡ.ଗଣେଶରାମ ଭୋଇ, ଡ.ସୁଶାନ୍ତ ଦେହୁରୀ, ଡ.ତାପସ ବୈକାର, ଡ.ସୀତଳ ଅଗ୍ରୱାଲ, ଡ.ସରୋଜ ମେହେର ପ୍ରମୁଖ ଯୋଗ ଦେଇଥିଲେ। ହିମାଂଶୁ ଶେଖର ବେହେରା ଓ ସୁଜିତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ୨୫ ଆଇଭିଏଫ ଦମ୍ପତି ଅତିଥି ଭାବେ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ଗାଇସିଲେଟ,୨୮।୭(ସମିସ): ଗାଇସିଲେଟ ବ୍ଲକ୍ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ମିଳିତ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ ଲୁହା, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପାଣ୍ଡବ ଶବର, ଉପଜିଲ୍ଲାପାଳ ଅରୁଗୁଲା ସ୍ନେହା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କୁବେର ମହନ୍ତ ଏବଂ ବ୍ଲକ୍ ଅଧ୍ୟକ୍ଷ ପ୍ରଣୟ ସାହୁ ପ୍ରମୁଖ ଅଭିଯୋଗ ଶୁଣିଥିଲେ। ଶିବିରରେ ସମୁଦାୟ ୧୮୪ଟି ଅଭିଯୋଗରୁ ୧୨୪ଟି ବ୍ୟକ୍ତିଗତ ଏବଂ ୬୦ଟି ସାମୂହିକ ଥିଲା। ସେଥିରୁ ଗୋଟିଏ ଅଭିଯୋଗର ତତ୍କାଳ ଶୁଣାଣି କରି ଅନ୍ୟସମସ୍ତ ସମସ୍ୟା ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଟ୍ରାକ୍ଟର ସହ କାଠ ଜବତ, ଜଣେ ଅଟକ

ଦହିତା,୨୮।୭(ସମିସ): ପଦ୍ମପୁର ଉପଖଣ୍ଡ ବୁଡେନ ଥାନା ଅଧୀନସ୍ଥ ସୁଲିଆ ପାଖରେ ବନ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ବଲାଙ୍ଗିର ଜିଲ୍ଲା ଟେଗ୍ରାପଥର ଗାଁର ଶିବ ସାହା (୫୦) ଏକ ନମ୍ବର ବିହୀନ ମହିନ୍ଦ୍ରା ଟ୍ରାକ୍ଟରରେ ୧୦ ଗଣ୍ଡି କେନ୍ଦୁ କାଠ ଚୋରି କରି ନେଉଥିଲେ। କୌଣସି ସୂତ୍ରରୁ ଖବର ପାଇ ବନାଞ୍ଚଳ ଅଧିକାରୀ ରଞ୍ଜିତ ସିଂ ବାବୁ, ବନପାଳ ସରୋଜ ସାହୁ, ପଦ୍ମିନୀ ଭୋଇ, ମନ ଥାଟେଇ, କୃଷ୍ଣଚନ୍ଦ୍ର ବଡଗୁଛିଆ ଚଢ଼ଉ କରିଥିଲେ। ଏ ସଂକ୍ରାନ୍ତରେ ମାମଲା ରୁଜୁ କରି ଅଭିଯୁକ୍ତ ଶିବ ସାହାକୁ ଅଟକ ରଖା ଯାଇଛି।

## ସଂକୀର୍ତ୍ତନ ପ୍ରେମୀ ମହାଦେବ ପ୍ରଧାନଙ୍କ ଦେହାନ୍ତ

ବରଗଡ଼,୨୮।୭(ସମିସ): ବରଗଡ଼ ବ୍ଲକ୍ କଳାପାଣି ପଞ୍ଚାୟତ ଅଧୀନ ବୁଦେଲପାଲି ଗାଁର ସଂକୀର୍ତ୍ତନ ସଂଗଠକ ମହାଦେବ ପ୍ରଧାନ (ବେଡା)ଙ୍କ ସୋମବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୭ ବର୍ଷ ବୟସ ହୋଇଥିଲା। ସେ ବୁଦେଲପାଲି ବୀର ବଜରଙ୍ଗ କୀର୍ତ୍ତନ ମଣ୍ଡଳୀର ମ୍ୟାନେଜର ଥିଲେ। ବରଗଡ଼ ଧନୁଯାତ୍ରା ପ୍ରଥମ ଦିନ ସାଂସ୍କୃତିକ ଶୋଭାଯାତ୍ରାରେ ତାଙ୍କର କୀର୍ତ୍ତନ ଦଳ ଭାଗ ନେଉଥିଲେ। ଗତକାଲି ସନ୍ଧ୍ୟା ପର୍ଯ୍ୟନ୍ତ କ୍ଷେତରେ କାମ କରିଥିଲେ। ଭୋରରେ ସେ ହଠାତ୍



ଅସୁସ୍ଥ ଅନୁଭବ କରିଥିଲେ। ପରେ ତାଙ୍କର ଦେହାନ୍ତ ହୋଇଥିଲା। ଦନ୍ତା ନଦୀ କୂଳ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର ହୋଇଥିଲା। ଏଥିରେ ପରିବାରବର୍ଗ, ଗଣଦୃଷ୍ଟିର ସମ୍ପାଦକ ଉମେଶ ବିଶ୍ୱାଳ, ସମାଜିକ କର୍ମୀ ପ୍ରଦୀପ ମାହାର, ନିବାସ ବିଶ୍ୱାଳ, ଋଷଭ ବିଶ୍ୱାଳ, ଆନନ୍ଦ ଭୁଏ, ଗୁହାଲୁ ସେଠ୍, ସୁରେନ୍ ଜାଲ୍, ସଂଗ୍ରାମ ପ୍ରଧାନ, ଘୁଲୁ ନାଏକ, ସଦାନନ୍ଦ ବିଶ୍ୱାଳ, ଲୁଲୁ ବିଶ୍ୱାଳ, ପୁଟୁ ବିଶ୍ୱାଳ ଓ ଗାଁର ସ୍ୱେଚ୍ଛାସେବୀ ଯୁବକ ମାନେ ସାମିଲ ଥିଲେ। ତାଙ୍କର ନିଜର ପୁଅ ଝିଅ ନ ଥିବାରୁ ଭାଇଙ୍କ ପୁଅ ମୁଖାଗ୍ନି ଦେଇଥିଲେ।

## ଶିକ୍ଷକ ହାରାଧନ ବାରିକଙ୍କ ପରଲୋକ

ଅତାବିରା,୨୮।୭(ସମିସ): ଗୋଡଭଗା ଗାଁ ନିବାସୀ ଶିକ୍ଷକ ହାରାଧନ ବାରିକଙ୍କ ପରଲୋକ ଘଟିଛି। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡି ଯିବାରୁ ଚିକିତ୍ସାପାଇଁ ବୁର୍ଲା ମେଡିକାଲକୁ ନିଆଯାଉଥିବା ସମୟରେ ବାଟରେ ତାଙ୍କର ପରଲୋକ ହୋଇଯାଇଥିଲା। ଶ୍ରୀ ବାରିକ ଗୋଡଭଗା ନାଗରିକ କମିଟିର ପ୍ରତିଷ୍ଠାତା ଥିବା ସହ ଦୀର୍ଘ ୧୮ ବର୍ଷ ଧରି ଏହି କମିଟିର ସଭାପତି ରହିଆସିଥିଲେ। ଏଥିସହ ବିଗତ ୪ ବର୍ଷରୁ ଅତାବିରା ବ୍ଲକ୍ ବାରିକ ସମାଜର ସଭାପତି ଥିଲେ। ଶ୍ରୀ ବାରିକ ଗୋଡଭଗାଠାରେ ସାରସ୍ୱତ ମହାବିଦ୍ୟାଳୟ ପ୍ରତିଷ୍ଠା, ବାଳିକା ହାଇସ୍କୁଲ ପ୍ରତିଷ୍ଠାରେ ସକ୍ରିୟ ସଦସ୍ୟ ରହିଥିବା ସହ ଗୋଡଭଗା ସରସ୍ୱତୀ ଶିଶୁମନ୍ଦିରର ପ୍ରତିଷ୍ଠାତା ସଦସ୍ୟ ଥିଲେ।



ଶିକ୍ଷକତା ଜୀବନରୁ ନିଜର ଜୀବନଯାତ୍ରା ଆରମ୍ଭ କରି ପଶ୍ଚିମ ଓଡ଼ିଶାର ବିଭିନ୍ନ ସାମାଜିକ ଅନୁଷ୍ଠାନ ମାନଙ୍କରେ ସେ ଜଡିତ ଥିଲେ। ତାଙ୍କର ବିୟୋଗ ଖବର ପ୍ରଚାରିତ ହେବାପରେ ଶେଷଦର୍ଶନ ପାଇଁ ଗୋଡଭଗା, ଅତାବିରା ତଥା ବରଗଡ଼, ସମ୍ବଲପୁରରୁ ବହୁମାନ୍ୟ ଗଣ୍ୟବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚିଥିଲେ। ସତୀଜୋର ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କର ଏକମାତ୍ର ପୁଅ ଗୌତମ ମୁଖାଗ୍ନି ଦେଇଥିଲେ।

# ପାଳିତ ଶିଶୁକନ୍ୟାକୁ ରାତି ଅଧରେ ନେଇଗଲା ପୁଲିସ



## ୨୦ ହଜାର ଟଙ୍କାରେ ଛୁଆ କିଣିବା ଅଭିଯୋଗ ଖଣ୍ଡନ

ପାଇକମାଳ,୨୮।୭(ସମିସ)

ବରଗଡ଼ ଜିଲ୍ଲା ପାଇକମାଳ ବସଷ୍ଟାଣ୍ଡ ପଡାରେ ସଞ୍ଜୟ ଗୁର୍ଲା ଓ ତାଙ୍କ ସହଧର୍ମିଣୀ ରୁହନ୍ତି। ଭଗବାନ ତାଙ୍କ କୋଳକୁ ସନ୍ତାନଟିଏ ନ ଦେବାରୁ ସେମାନେ ବହୁ କଷ୍ଟରେ ଟିଟିଲାଗଡ ନିକଟସ୍ଥ ଭାଲେଗାଁ ପଞ୍ଚାୟତ ବାଗଡେରା ଗାଁର ନୀଳରଣାଙ୍କ ୭ ଦିନର ଶିଶୁକନ୍ୟାକୁ ଝିଅ ଭାବେ ଗ୍ରହଣ କରିଥିଲେ। ରବି ମାଛଖଣ୍ଡଙ୍କ ଜରିଆରେ ଶିଶୁକନ୍ୟାକୁ ସେମାନେ ଏକ ମାସ ତଳେ ଘରକୁ ଆଣିଥିଲେ। ମାସେ କାଳ ନିଜ ସନ୍ତାନ ପରି ପାଳିବା ପରେ ରବିବାର ରାତି ଅଧରେ ଟିଟିଲାଗଡ ପୁଲିସ ସହ ସିଡବ୍ଲ୍ୟୁସି ଅଫିସର ଆସି ଶିଶୁକନ୍ୟାକୁ ତାଙ୍କ ଘରୁ ଉଠାଇ ନେଇଥିବା ସଞ୍ଜୟ ଗୁର୍ଲା କହିଛନ୍ତି। ତେବେ ବିଚିତ୍ର କଥା ହେଲା, ସଞ୍ଜୟ ନିଜେ ପିଲା ଛୁଆ ହେଉନଥିବା ମହିଳାଙ୍କୁ ଛୁଆ ହେବା ପାଇଁ ଜଡି ବୁଟି ଔଷଧ ଦେଇଥାନ୍ତି। ତେବେ ପାଇକମାଳର ଏହି ଗୁର୍ଲା ଦମ୍ପତି ୨୦ ହଜାର ଟଙ୍କା ଦେଇ ଛୁଆ କିଣିଥିବା ଅଭିଯୋଗ ହୋଇଛି। ମାତ୍ର ଅଭିଯୋଗକୁ ସଞ୍ଜୟ ଖଣ୍ଡନ କରିଛନ୍ତି। ପାଇକମାଳ ପୁଲିସକୁ ଏନେଇ ପଚାରିବାରୁ ସେମାନେ ଘଟଣା ବିଷୟରେ ବିଶେଷ କିଛି ଜାଣି ନଥିବା କହିବା ପ୍ରକାଶ କରିଥିଲେ। ତେବେ କେବଳ ଟିଟିଲାଗଡ ପୁଲିସ ଗୋଟିଏ ଶିଶୁକନ୍ୟାକୁ ଉଦ୍ଧାର କରିଥିବା ଥାନା ଅଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ ସ୍ୱୀକାର କରିଛନ୍ତି।





## ଛୋଟ ଦୋକାନରେ ବଡ଼ କାରବାର

# ବାହାରେ ଖିଲିପାନ; ଭିତରେ ନୀଳଜହର

ଭୁବନେଶ୍ୱର, ୨୮ ।୭ (ସମିସ)

ରାଜଧାନୀରେ ଥିବା ଛୋଟ ଦୋକାନରେ ଚାଲିଛି ବଡ଼ କାରବାର । ଚା' ହେଉ ଅବା ଖିଲିପାନ ଦୋକାନ; ଏଠାରେ ହେଉଛି ଗଞ୍ଜେଇ ସିଗାରେଟ୍ କାରବାର । ଚା' ସହ ଯୁବପିଢ଼ିଙ୍କୁ ଦୋକାନୀମାନେ ଏହା ବିକ୍ରି କରୁଛନ୍ତି । ରାଜଧାନୀର ଏକାଧିକ ଛୋଟ ଛୋଟ ଦୋକାନରେ

- **ସିପିଙ୍କ ନିର୍ଦ୍ଦେଶ ପରେ ଚା, ପାନ ଦୋକାନରେ ଚଢ଼ଉ**
- **ଚଢ଼ଉ ବେଳେ ଦୌଡ଼ି ପଳାଇଲେ ମହିଳା ବେପାରୀ**

ଏଭଳି କାରବାର ବେଶ୍ ବଢ଼ିଯାଇଛି । ସ୍ୱତନ୍ତ୍ର କୋର୍ଡ ୱାର୍ଡରେ ଏଭଳି କାରବାର ଚାଲୁଛି । କୋର୍ଡ କହିଲେ ଆଖି ପିଛୁଳାରେ ମିଳୁଛି ଗଞ୍ଜେଇ ସିଗାରେଟ୍ ଏବଂ ଡ୍ରଗ୍ସ । ରାସ୍ତାକଡ଼ ହେଉ କି ପାନ ଦୋକାନ, ରାଜଧାନୀରେ ବେଧଡ଼କ୍ ଚାଲିଛି ବେଆଇନ୍ ଗଞ୍ଜେଇ କାରବାର । କମିସନରେଟ୍ ପୁଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍ ଆଜି ଭୁବନେଶ୍ୱରର ବିଭିନ୍ନ ଚା ଖଟିରେ ମାରାଥନ୍ ଚଢ଼ଉ କରି ଜବତ କରିଛି ପୁଳାପୁଳା ଗଞ୍ଜେଇ ସିଗାରେଟ୍ ଓ ମାଦକ ଦ୍ରବ୍ୟ । ଗିରଫ ହୋଇଛନ୍ତି ଏକାଧିକ ଦୋକାନୀ । ତେବେ ତମାଣ୍ଡୋ ଅଞ୍ଚଳରେ ରେଡ୍ ବେଳେ ଦୌଡ଼ି ପଳାଉଥିବା ଜଣେ ଯୁବତୀଙ୍କୁ ମାଡ଼ିବସିଥିଲା ସ୍ପେଶାଲ କ୍ରାଇମ୍ ୟୁନିଟ । ମହିଳା ଜଣଙ୍କ ପୁଣି ପୁଲିସ ଉପରେ ପାଲଟା ଦାଦାଗିରି କରିଥିବା ଅଭିଯୋଗ ହୋଇଛି । ତେବେ ସିପିଙ୍କ ନିର୍ଦ୍ଦେଶ ପରେ ଆଜି ସ୍ପେଶାଲ କ୍ରାଇମ୍ ୟୁନିଟ୍ ଚଢଉ କରିଥିଲା ।



ଆହୁରି ମଧ୍ୟ ଏଭଳି କାରବାର କରୁଥିବା ଦୋକାନୀକୁ ସିପି ଚେତାବନୀ ଦେଇଛନ୍ତି । ରାଜଧାନୀକୁ ନିଶାମୁକ୍ତ କରିବାକୁ ଆଗକୁ ହେବ ବଡ଼ ଧରଣର ରେଡ୍ ।

ବାହାରକୁ ସିନା ଖିଲି ପାନ ଦୋକାନ । ହେଲେ ଭିତରେ ଚାଲିଛି ନୀଳଜହର କାରବାର । ଦିନରାତି ଏଠାରେ ଜମୁଛି ଖଟି । କପେ ଚା ସାଙ୍ଗକୁ ମିଳିଯାଉଛି ସ୍ପେଶାଲ ଗଞ୍ଜେଇ ସିଗାରେଟ୍ ଭେଟି । ପୁଳାପୁଳା ଗଞ୍ଜେଇ ସିଗାରେଟ୍ ସିଜ୍ କରୁଛି କମିସନରେଟ୍ ପୁଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍ ଗୋଗୋ, ଚାମ୍ପା, ସ୍ପେଶାଲ, ଏଚ୍ ୧୦, ବାବା କି କାଠି ଆବେ କୋଡ୍‌ୱାର୍ଡରେ ମାଗିଲେ ଚଟ୍ କରି ଦୋକାନୀ ବଢ଼ାଇ ଦେଉଛି ଗଞ୍ଜା ସିଗାରେଟ୍ । ଜେଲ ୫ ଥର ଗଲେବି ବାରମ୍ବାର ବେଲ୍‌ରେ ଆସି କରୁଛନ୍ତି ନିଶା କାରବାର ।

ଦୋକାନୀଙ୍କ ଟାଣପଣ, ଗଞ୍ଜେଇ ବିକି ୫ରୁ ୬ ଥର ଜେଲ ଗଲେଣି । ତଥାପି ବେପାର ଛାଡିପାରୁ ନାହାନ୍ତି । ଖାଲି ସେତିକି ନୁହେଁ କିଭଳି ଗଞ୍ଜେଇ ସିଗାରେଟ୍ ପ୍ରସ୍ତୁତି କରୁଛନ୍ତି ତା ପୁଲିସ ଆଗରେ ଡେମୋ ଦେଖାଇଥିଲେ ଜଣେ ଦୋକାନୀ । ତମାଣ୍ଡୋ ଥାନା ଅଞ୍ଚଳରେ ଏକ ମଲ ପାଖରେ ପାନ ଦୋକାନ । ଯେଉଁଠି ପୂର୍ବରୁ ମଧ୍ୟ ଅନେକ ଥର ପୁଲିସ ରେଡ୍ କରିଛି । ହେଲେ ଆଜି ଚଢଉ ବେଳେ ହଠାତ୍ ଏ ଦୋକାନରୁ ବାହାରି ଦୌଡ଼ି ପଳାଉଥିଲା ଜଣେ ଯୁବତୀ । ପୁଲିସ୍ କିନ୍ତୁ ମାଡି ବସିଲା । କାହିଁକି ଦୌଡ଼ିଲେ ବୋଲି ପଚରା ଯିବାରେ ଭାରି ଦମ୍ଭରେ କଥା ବାଁଆରେଇ ଥିଲେ ଯୁବତୀ । ତେବେ ସମ୍ପୃକ୍ତ ପାନ ଦୋକାନୀ ଓ ଉକ୍ତ ଯୁବତୀଙ୍କୁ ପୁଲିସ ଅଟକ ରଖି ପଚରାଉଚରା ଚଳାଇଛି ।

### ପୂର୍ବରୁ ଗୋଡ଼ାଇ ଧରିଥିଲା ପୁଲିସ

ପାନ ଦୋକାନରେ ଗଞ୍ଜେଇ ବେପାର ଚାଲିଥିବା ଅଭିଯୋଗରେ ଖଣ୍ଡଗିରି, ପାତ୍ରପଡ଼ା ଓ ସିଜୁଆ ଅଞ୍ଚଳରେ ୫ଟି ସ୍ଥାନରେ ରେଡ଼ କରି ଆଜି ପୁଳାପୁଳା ଗଞ୍ଜେଇ ସିଗାରେଟ୍, ଫଏଲ ପେପର, ଚିଲମ, ମୋଦକ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ଜବତ କରି ଏକାଧିକ ଲୋକଙ୍କୁ ଅଟକ ରଖିଛି ସ୍ପେଶାଲ କ୍ରାଇମ୍ ଟିମ୍ । ରାସ୍ତା କଡ଼, ଜନଗହଳିପୂର୍ଣ୍ଣ ସ୍ଥଳ ଅବା ଶିକ୍ଷାନୁଷ୍ଠାନ ପାଖ, ରାଜଧାନୀର ଏସବୁ ସ୍ଥାନରେ ବେଧଡକ୍ ଚାଲିଛି ଚୋରା ଗଞ୍ଜେଇ ବେପାର । ଗତ ଏପ୍ରିଲ୍ ୯ ତାରିଖରେ ପଟିଆ ଅଞ୍ଚଳର ଏକ ଘରୋଇ ଶିକ୍ଷାନୁଷ୍ଠାନ ପାଖରେ ରେଡ୍ କରି ପାନ ଦୋକାନରୁ ସିଜ୍ ହୋଇଥିଲା ପୁଳା ପୁଳା ଗଞ୍ଜେଇ ସିଗାରେଟ୍ । ସେହିପରି ମାର୍ଚ୍ଚ ୨୨ରେ ଦୂରଦର୍ଶନ ଗଳି ଅଞ୍ଚଳରେ ବି ଗଞ୍ଜେଇ ଦୋକାନୀ ଓ ଗ୍ରାହକଙ୍କୁ ଏମିତି ଗୋଡ଼ାଇ ଗୋଡ଼ାଇ ଧରିଥିଲା ପୁଲିସ । ଠିକ୍ ସେମିତି ଆଚାର୍ଯ୍ୟ ବିହାର ଛକ ପୂର୍ବ ବସ୍ତିରେ ବି ରେଡ୍ କରି ପାନ ଦୋକାନରୁ ଗଞ୍ଜେଇ ଇ ଜବତକରି ବେପାରିଙ୍କୁ ବାନ୍ଧିଥିଲା ସ୍ପେଶାଲ କ୍ରାଇମ୍ ୟୁନିଟ୍ ।

## ଟ୍ୱିନ୍‌ସିଟିରେ ଟ୍ରାଫିକ୍ ସମ୍ଭାଳିବେ ଛାତ୍ରଛାତ୍ରୀ



ଭୁବନେଶ୍ୱର, ୨୮ ।୭ (ସମିସ): ଟ୍ୱିନ୍‌ସିଟିରେ ଟ୍ରାଫିକ୍ ସମ୍ଭାଳିବେ ଛାତ୍ରଛାତ୍ରୀ । ରାଜଧାନୀରେ ଟ୍ରାଫିକ୍ ସମସ୍ୟା ବଢ଼ୁଥିବାରୁ ଏହାକୁ ସୁଧାରିବାକୁ ପୁଲିସ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି । ପ୍ରତି ଛକରେ ଟ୍ରାଫିକ୍ ଭଲେଣ୍ଟିୟର ରହିବେ ବୋଲି ସୂଚନା ଦେଲେ ପୁଲିସ କମିସନର ଏସ୍ ଦେବଦତ୍ତ ସିଂ । ଆଜି ୫୩ ଷ୍ଟୁଡେଣ୍ଟ ଟ୍ରାଫିକ୍ ଭଲେଣ୍ଟିୟର କମିସନରେଟ ପୁଲିସରେ ସାମିଲ ହୋଇଛନ୍ତି । ସମସ୍ତ ଛାତ୍ରଛାତ୍ରୀ ଭଲେଣ୍ଟିୟରଙ୍କୁ ନିର୍ଦ୍ଦିଷ୍ଟ ପୋଷାକ ସହ ଟୋପି ଦିଆଯାଇଛି । ସେମାନେ ଆସନ୍ତାକାଲି ଠାରୁ ସେମାନେ ବିଭିନ୍ନ ଛକରେ କାମ କରୁଛନ୍ତି । ଆଗକୁ ଏଭଳି ଛାତ୍ରଛାତ୍ରୀମାନେ ନିଯୁକ୍ତ ହେବେ । ଫଳରେ ଟ୍ରାଫିକ୍ ପରିଚାଳନା ସଠିକ ଭାବେ କାମ କରିହେବ । ସେମାନଙ୍କୁ ମାସିକ ମଧ୍ୟ ଅର୍ଥ ମିଳିବ ।

**ପୁଲିସରେ ସାମିଲ ହେଲେ ୫୩ ଟ୍ରାଫିକ୍ ଭଲେଣ୍ଟିୟର**

## ଝରକା ଭାଙ୍ଗି ଚୋରି; ଜଣେ ଗିରଫ

ଭୁବନେଶ୍ୱର, ୨୮ ।୭ (ସମିସ): ଝରକା ଭାଙ୍ଗି ଚୋରି କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛି ସାଲିଆ ସାହିର ସନ୍ତୋଷ ନାୟକ (୨୪) । ପୁଲିସ ସୂଚନା ଅନୁସାରେ, ନୟାଗଡ଼ର ପ୍ରକାଶ ଚନ୍ଦ୍ର ପାତ୍ର ସାଲିଆ ସାହି ଅନ୍ତର୍ଗତ ବସ୍ତି ବିକାଶ ପରିଷଦ ଅଞ୍ଚଳରେ ରହୁଛନ୍ତି । ଗତ ଶନିବାର ରାତିରେ ପ୍ରକାଶ ଓ ତାଙ୍କ ଡ୍ରାଇଭର ଶୋଇଥିଲେ । ସନ୍ତୋଷ ଘରର ଝରକା ଭାଙ୍ଗି ଭିତରେ ପଶି ଦୁଇଟି ଦାମୀ ମୋବାଇଲ ଫୋନ ଓ ୪୮୦୦ ଟଙ୍କା ଚୋରି କରି ନେଇଥିଲା । ଏନେଇ ସନ୍ତୋଷ ମୈତ୍ରୀ ବିହାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା । ଆଜି ହାତିଆଶୁଣି ଅଞ୍ଚଳରେ ଚଢ଼ଉ କରି ସନ୍ତୋଷକୁ ଗିରଫ କରିଥିଲା । ଛାନଭିନ ସମୟରେ ତା ଠାରୁ ଦୁଇଟି ମୋବାଇଲ ଫୋନ ଓ ୪ ହଜାର ୮୦୦ ଟଙ୍କା ମଧ୍ୟ ଜବତ କରିଥିଲା । ସନ୍ତୋଷ ନାମରେ ପୂର୍ବରୁ ମୈତ୍ରୀ ବିହାର ଓ ନୂଆପଲ୍ଲୀ ଥାନାରେ ଦୁଇଟି ଚୋରି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି ।



ମହିଳା ଆଟେଣ୍ଡାଣ୍ଟଙ୍କୁ ନର୍ସିଂ ଅଫିସରଙ୍କ ଅସଦାଚରଣ ପ୍ରତିବାଦରେ ଏମ୍ସ ମୁଖ୍ୟ ଫାଟକ ଆଗରେ ଧାରଣା

## ଜବରଦଖଲ ଉଚ୍ଛେଦକୁ ନେଇ ପ୍ରଶ୍ନବାଚୀ

# ପାଣ୍ଡରାରୁ ହଟିଲା; ଶ୍ୟାମପୁରରୁ କେବେ?

ଭୁବନେଶ୍ୱର, ୨୮ ।୭ (ସମିସ)

ବହୁମୂଲ୍ୟ ସରକାରୀ ଜମିକୁ ମାଡ଼ି ବସିଛନ୍ତି ମାଫିଆ । ଗତ କିଛିଦିନ ହେଲା ପାଣ୍ଡରା ଅଞ୍ଚଳରୁ ସରକାରୀ ଜମି ଜବରଦଖଲ ମୁକ୍ତ କରାଯାଉଥିବା ବେଳେ ଏବେ ଶ୍ୟାମପୁରରେ ଥିବା ବିଡିଏର ୬୮ ଏକରରୁ ଜମିକୁ କିଛି ମାଫିଆ ମିଶି ବିକ୍ରି କରିଦେଇଛନ୍ତି । ତେବେ ଏହି ଜମି କେବେ ଜବରଦଖଲମୁକ୍ତ ହେବ ତାକୁ ନେଇ ଉଠିଛି ପ୍ରଶ୍ନ ।

ଖବର ନେବାରୁ ଜଣାପଡ଼ିଛି ଯେ, ଏହି ଜମି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଡିଏକୁ ପ୍ରଦାନ କରାଯାଇଥିଲା । ୨୦୨୪ରେ ଏଠାରେ ଉଚ୍ଛେଦ କରାଯାଇ ଏହା ସରକାରୀ ସମ୍ପତ୍ତି ବୋଲି ଲେଖାଯାଇଥିଲା । ହେଲେ ଏହା ସତ୍ତ୍ୱେ ମଧ୍ୟ ସେଠାରେ ଜବରଦଖଲ ବଢ଼ିଚାଲିଛି । ଜମିକୁ ଜଗିବା ଲାଗି ନିୟୋଜିତ ହୋଇଥଲବା ୪ ଜଣ ସୁରକ୍ଷାକର୍ମୀଙ୍କୁ ମଧ୍ୟ ହଟାଇ ଆଣିଥିବା କଥା ନଜରକୁ ଆସିଛି । ଆଫଡେବଲ ହାଉସିଂ ପ୍ରକଳ୍ପ ନାଁରେ ସାଧାରଣ ପ୍ରଶାସନ ବିଭାଗ ଶ୍ୟାମପୁର ମୌଜାରେ ବିଡିଏକୁ ଦେଇଥିବା ୬୮.୪୪୫ ଏକର ଜମିରୁ ବେଆଇନ ନିର୍ମାଣ ହଟିବା ବଦଳରେ ବଢୁଥିବା ନଜରକୁ ଆସିଛି । ୨୦୨୪ ଜୁନ ମାସରେ ବିଡିଏ ଉଚ୍ଛେଦ ଦଳ ସମ୍ପୃକ୍ତ ଜମିରୁ କିଛି ମାତ୍ରାରେ ଉଚ୍ଛେଦ କରିଥିଲା । ଜମି ସୁରକ୍ଷା ଲାଗି ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରିଥିଲା । କିନ୍ତୁ ସମୟାନୁକ୍ରମେ କୌଣସି ପଦକ୍ଷେପ ନିଆ ନ ଯିବାରୁ ଏଠାରେ ଜବରଦଖଲ ବଢ଼ିବାରେ ଲାଗିଛି । ୬୮ ଏକର ଭଳି ସରକାରୀ ଜମି ଉପରୁ ଜବରଦଖଲ ନ ହଟିବା ନେଇ ନାନା ପ୍ରଶ୍ନ ସାମ୍ନାକୁ ଆସୁଥିବାବେଳେ ବିଡିଏ କାହା ଚାପରେ ଉଚ୍ଛେଦ କରୁନାହିଁ । ସେନେଇ ଚର୍ଚ୍ଚା ଜୋର ଧରିଛି । ସୂଚନାଯୋଗ୍ୟ, ୨୦୨୪ ଜୁନରେ ତରବରିଆ ଭାବେ ବିଡିଏ ଏନଫୋର୍ସମେଣ୍ଟ ଟିମ୍ ବିନା ପୁଲିସ ସହାୟତାରେ ଉଚ୍ଛେଦ କରିବାକୁ ଯାଇଥିବାବେଳେ କିଛି ମୂଳଦୁଆ ଓ ପାଚେରି ଭାଙ୍ଗି ଫେରିଥିଲା । ଇତି ମଧ୍ୟରେ ବର୍ଷେ ଅତିକ୍ରମ କରିଥିବାବେଳେ ଦ୍ୱିତୀୟ ଥର ଉଚ୍ଛେଦ କଥା ତ ଦୂରର କଥା ଏନେଇ ପରବର୍ତ୍ତୀ ଆଲୋଚନା ମଧ୍ୟ କରାଯାଇନାହିଁ । ଫଳରେ ଉକ୍ତ ଜମିରେ ପୁଣି ବେଧଡକ ନିର୍ମାଣ ଚାଲୁ ରହିଛି । ବିଡିଏ ବରିଷ୍ଠ ଅଧିକାରୀଙ୍କ ସୂଚନାରେ ଉକ୍ତ ଜମିକୁ ଡିମାର୍କେସନ୍ ପରେ ସୁରକ୍ଷିତ କରିବାକୁ ୨ ସିଫ୍ଟରେ ୪ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯାଇଥିଲା । କିଛି ପରବର୍ତ୍ତୀ ସମୟରେ ସେମାନଙ୍କୁ ମଧ୍ୟ ହଟାଇ ଦିଆଯାଇଛି । ଜମି ଉପରେ ନିର୍ମାଣ କରାଯିବ ନାହିଁ ବୋଲି ଧାରା ୧୪୪ ଜାରି ହୋଇଥିବାବେଳେ ସମ୍ପୃକ୍ତ ଅଞ୍ଚଳର କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କ ପ୍ରରୋଚନାରେ ବେଆଇନ୍ ଜବରଦଖଲ ବୃଦ୍ଧିପାଇବାରେ ଲାଗିଥିବା ବିଡିଏ ଅଧିକାରୀ ଜଣକ କହିଛନ୍ତି ।

ମୋଟ ୬୮ ଏକର ଜମିରୁ ଯଦିଓ ୮ ଏକର ଜମିରେ ମାମଲା ରହିଛି, କିନ୍ତୁ ବାକି ୬୦ ଏକର ଜମିରେ ମଧ୍ୟ ବହୁ ବେଆଇନ୍ ନିର୍ମାଣ ଜାରି ରହିଛି । ଜାନୁଆରୀ ମାସରେ ଯେଉଁଠି ବିଡିଏ ଟିମ୍ ୧୦ ଘର ଭାଙ୍ଗିଥିଲା, ଏବେ ସେଠାରେ ୫୦୦ରୁ ଊର୍ଦ୍ଧ୍ୱ ବେଆଇନ୍ ଘର ନିର୍ମାଣ ହେବା ସହ ପ୍ଲଟିଂ ଚାଲୁ ରହିଛି । ରାତାରାତି ନୂଆ ପ୍ଲଟିଂ ହେଉଛି । ବିଡିଏ ଲୋକଦେଖାଣିଆ ଭାବେ କେବଳ ଉକ୍ତ ଜମିର ବିଭିନ୍ନ ସ୍ଥାନରେ ଏହା ସରକାରୀ ସମ୍ପତ୍ତି ଅନୁପ୍ରବେଶ ଦଣ୍ଡନୀୟ ବୋଲି ସାଇନବୋର୍ଡ ମାରି ଚୁପ୍ ବସିଥିବା ନଜରକୁ ଆସିଛି ।

### ଗୋଟିଏ ଦିନରେ ଭାଙ୍ଗିଲା ୪୦ ଘର

ପାଣ୍ଡରା ମୌଜାରେ ଜବରଦଖଲ ଉଚ୍ଛେଦ ଅଭିଯାନରେ ଗୋଟିଏ ଦିନରେ ୪୦ ଘର ଭଙ୍ଗାଯାଇଛି । ଯେଉଁଥିରେ ୧୮ କୋଠାଘର ୨୨ ଆଜବେଷ୍ଟସ ଘର ରହିଛି । ଏହା ସହ ୧୨ଟି ବାଥରୁମ୍ ରହିଛି । ଏହା ସହ ୧୦୦ ଫୁଟ୍ ପାଚେରି ଏବଂ ପାଣି ଟାଙ୍କିକୁ ଭାଙ୍ଗି ମାଟିରେ ମିଶାଇ ଦିଆଯାଇଛି । ବିଗତ ୫ଦିନ ମଧ୍ୟରେ ମୋଟ୍ ୧୦୦୦ ଡେସିମଲ ଜମିକୁ ଜବରଦଖଲମୁକ୍ତ କରାଯାଇଛି । ସୂଚନାଯୋଗ୍ୟ ଏଠାରେ ମୋଟ୍ ୨.୬ ଏକର ଜମିରେ ଜବରଦଖଲ ହୋଇଥିଲା । ଯେଉଁଥିରେ ବହୁ ତଳ ପ୍ରସାଦ, ବୃଦ୍ଧାଶ୍ରମ ଏବଂ ଫାର୍ମ ହାଉସ୍ ଗଢି ଉଠିଥିଲା ।

## ବିବାହ ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ; ପ୍ରେମିକ ଗିରଫ

ଭୁବନେଶ୍ୱର, ୨୮ ।୭ (ସମିସ): ବିବାହ ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ କରିଥିବା ଅଭିଯୋଗରେ ପ୍ରେମିକକୁ ଗିରଫ କରିଛି ମହିଳା ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛି ଧଉଳି ଅଞ୍ଚଳରେ ରହୁଥିବା କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇର ପ୍ରିୟାଂଶୁ ଜେନା (୨୪) ।



ପୁଲିସ ସୂଚନା ଅନୁସାରେ, ଗତ ୨୦୨୨ ମସିହାରେ ପୀଡ଼ିତା ଓ ପ୍ରିୟାଂଶୁ ମଧ୍ୟରେ ଚିହ୍ନା ପରିଚୟ ହୋଇଥିଲା । ଉଭୟ ପରସ୍ପର ମଧ୍ୟରେ ମୋବାଇଲ ନମ୍ବର ଆଦାନପ୍ରଦାନ କରିଥିଲେ ଏବଂ ନିୟମିତ ଭାବେ ଯୋଗାଯୋଗରେ ରହିଥିଲେ । ଏହାର କିଛିଦିନ ପରେ ପ୍ରିୟାଂଶୁ ରାଜଧାନୀର ଏକ ହୋଟେଲକୁ ଆସି ତାଙ୍କୁ ଦେଖା କରିବା ଲାଗି କହିଥିଲେ । ପ୍ରିୟାଂଶୁର କଥା ରକ୍ଷା କରି ଯୁବତୀ ଜଣକ ସମ୍ପୃକ୍ତ ହୋଟେଲକୁ ଯାଇଥିଲେ । ସେଠାରେ ପ୍ରିୟାଂଶୁ ତାଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ କରିଥିଲା । ଏଥିସହିତ ତାଙ୍କ ନିକଟରୁ ଟଙ୍କା ନେଇ ଯାଇଥିଲା । ଗତ ମାର୍ଚ୍ଚ ମାସ ୨୭ ତାରିଖ ଦିନ ପ୍ରିୟାଂଶୁ ପୁଣି ତାଙ୍କୁ ହୋଟେଲକୁ ଡାକି ଦେଖା କରିଥିଲା । ସେଠାରେ ପହଞ୍ଚିବା ପରେ ପ୍ରିୟାଂଶୁ ଟଙ୍କା ମାଗିବାରୁ ଯୁବତୀ ଟଙ୍କା ଦେବାକୁ ମନା କରିଥିଲେ । ବିବାହ କରିବା ସମ୍ପର୍କରେ ପଚାରିଥିଲେ । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଭୀଷଣ ଝଗଡ଼ା ହୋଇଥିଲା । ଏନେଇ ପୀଡ଼ିତା ମହିଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା । ଆଜି ପ୍ରିୟାଂଶୁକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## 'ବିଶ୍ୱ ଚେତନାରେ ଶ୍ରୀଜଗନ୍ନାଥ' ଉନ୍ମୋଚିତ

ଭୁବନେଶ୍ୱର, ୨୮ ।୭ (ସମିସ): ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନର ୪୦ ତମ ଆଲୋଚନାଚକ୍ର ବୀର ସୁରେନ୍ଦ୍ର ସାଏ ନଗର ପ୍ରତିଷ୍ଠାନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନାଚକ୍ରରେ ଅନ୍ତର୍ଜାତୀୟ ଗବେଷକ ପ୍ରବୀର ପଟନାୟକ ସଭାପତିତ୍ୱ କରିଥିବା ବେଳେ ପ୍ର. ପ୍ରମୋଦ କୁମାର ପରିଡ଼ା ସଂଯୋଜନା କରିଥିଲେ । ମୁଖ୍ୟ ଅତିଥି ଭାବରେ ଡା. ଅଂଶୁମାନ କର ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ପର୍ବ ମଧ୍ୟରୁ ମହାପ୍ରଭୁଙ୍କର ନୀଳାଦ୍ରିବିଜେ ଲୀଳା ଉପରେ ବିଶେଷଭାବରେ ଆଲୋକପାତ କରିଥିଲେ । ଏହି ଅବସରରେ ଡ଼ ଆମ୍ବରୀଶ ଶତପଥୀଙ୍କ ରଚିତ ପୁସ୍ତକ 'ବିଶ୍ୱ ଚେତନାରେ ଶ୍ରୀଜଗନ୍ନାଥ' ଉନ୍ମୋଚିତ ହୋଇଥିଲା । ବିଦେଶୀ ଗବେଷିକା ମାଏରା ଓ ସାନ୍ଦ୍ରା ଓଡ଼ିଶା ଓ ଶ୍ରୀଜଗନ୍ନାଥ ପ୍ରତି ତାଙ୍କର ଭଲପାଇବା ଉପରେ ନିଜ ନିଜ ର ମତ ଉପସ୍ଥାପନା କରିଥିଲେ । ପରେ ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା । ପ୍ରଫୁଲ୍ଲ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।








## ତୃତୀୟ ପାଳିରେ ଶ୍ରୀଲିଙ୍ଗରାଜଙ୍କୁ ୨୦ ହଜାର ଜଳଲାଗି

ଭୁବନେଶ୍ୱର, ୨୮ ।୭ (ସମିସ): ହର ହର ମହାଦେବ ଧ୍ୱନିରେ ପ୍ରକମ୍ପିତ ହେଉଥିଲା ଏକାମ୍ର ବିଭିନ୍ନ ଶୈବ ପୀଠ । ମହାଦେବଙ୍କ ଉପରେ ଜଳଲାଗି କରିବା ପାଇଁ ଅପେକ୍ଷାରତ ଶହ ଶହ କାଉଡ଼ିଆ ଓଁ ନମଃ ଶିବାୟ, ଓଁ ନମଃ ଶିବାୟ ଜପ କରୁଥିଲେ । ଏହିପରି ଲିଙ୍ଗରାଜଙ୍କୁ ଜଳ ଲାଗି କରିବା ପାଇଁ ପୁରୁଣା ଭୁବନେଶ୍ୱରରେ କାଉଡ଼ିଆମାଙ୍କ ଭିଡ଼ ଲାଗିରହିଥିଲା ।



ଗତ ଦୁଇ ସୋମବାର ଅପେକ୍ଷା ଚଳିତ ସୋମବାରରେ ଜଳଲାଗି କରିବା ପାଇଁ ଏକାମ୍ର କ୍ଷେତ୍ରକୁ ଅନେକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଲିଙ୍ଗରାଜ ମନ୍ଦିର ସମେତ ଅନ୍ୟ ଶୈବ ପୀଠଗୁଡ଼ିକରେ ରବିବାର ଦିନରୁ କାଉଡ଼ିଆ ମାନେ ପହଞ୍ଚିଥିଲେ । ମଧ୍ୟରାତ୍ରିରୁ ସ୍ନାନ ସାରି ଜଳଲାଗି କରିବା ପାଇଁ ଧାଡ଼ିରେ ଛିଡ଼ା ହୋଇଥିଲେ । ଲିଙ୍ଗରାଜ ମନ୍ଦିରରେ ପ୍ରାୟ ୨୦ ହଜାରରୁ ଅଧିକ କାଉଡ଼ିଆ ଠାକୁରଙ୍କୁ ଜଳଲାଗି କରିଥିଲେ । ଏଥିସହିତ ଏକାମ୍ରର ଅନ୍ୟ ଶୈବ ପୀଠଗୁଡ଼ିକରେ ପ୍ରାୟ ୧୦ ହଜାରରୁ ଅଧିକ କାଉଡ଼ିଆ ଜଳଲାଗି କରିଥିଲେ ।

ଭୋର ସାଢେ ୩ଟାରେ ମଙ୍ଗଳ ଆଳତି ଓ ଅବକାଶ ନୀତି କରାଯାଇ ୪ଟାରେ ସାହାଣମେଲା ଦର୍ଶନ ଆରମ୍ଭ ହୋଇଥିଲା । କାଉଡ଼ିଆମନଙ୍କୁ ଧାଡ଼ି କରି ମନ୍ଦିରକୁ ଛଡ଼ା ଯାଇଥିଲା । ମଧ୍ୟାହ୍ନ ୧.୩୦ଟା ପର୍ଯ୍ୟନ୍ତ ସାହାଣମେଲା ଦର୍ଶନ ହୋଇଥିଲା । କାଉଡ଼ିଆଙ୍କ ଜଳଲାଗି କରିବା ପାଇଁ ପ୍ରଶାସନ ପକ୍ଷରୁ ଆଡ଼କାଠ ଠାରୁ ତମ୍ବାପାତ୍ର ଶ୍ରୀଜିଉଙ୍କ ପର୍ଯ୍ୟନ୍ତ ଜଳଲାଗି କରି ଆଡ଼କାଠ ଦର୍ଶନ କରିଥିଲେ । କାଉଡ଼ିଆଙ୍କ ଶୃଙ୍ଖଳିତ ଦର୍ଶନ ଓ ଜଳଲାଗି ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା ।




୨୮/୭/୨୦୨୫ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୪,୬୯,୩୫୨/- ସୁନା: ୦୨.୦୦୦ ଗ୍ରାମ୍ ରୁପା: ୪୧.୨୦୦ ଗ୍ରାମ୍







## 'ସକାଳ' ଓ 'ନନ୍ଦିଘୋଷ' ଟିଭି ପକ୍ଷରୁ ଚାରା ବଣ୍ଟନ

# 'ପ୍ରକୃତିର ସଂରକ୍ଷଣ ପ୍ରତ୍ୟେକଙ୍କ ଦାୟିତ୍ୱ'





### ବାଲୁଖଣ୍ଡର ସୁରକ୍ଷା ଓ ସଂରକ୍ଷଣ ପାଇଁ ମିଳିତ ପ୍ରୟାସ ଲୋଡ଼ା

ପୁରୀ,୨୮।୭ (ସମିସ)

ଆଗାମୀ ପିଢ଼ିକୁ ଏକ ସୁସ୍ଥ, ସୁନ୍ଦର ତଥା ସବୁଜ ପରିବେଶ ଭେଟି ଦେବାକୁ ହେଲେ ଆମକୁ ପରିବେଶ ସୁରକ୍ଷା ଦିଗରେ ବ୍ରତୀ ହେବକୁ ପଡ଼ିବ। କାରଣ ପ୍ରକୃତି ଉପରେ ମଣିଷର ଅତ୍ୟାଚାର ବଢ଼ିଛି। ପାଣି, ପବନ, ମାଟି ଦିନକୁ ଦିନ ପ୍ରଦୂଷିତ ହେବାରେ ଲାଗିଛି। ପରସ୍ପରକୁ ଆମେ ଦୋଷାରୋପ କରୁଛେ। ହେଲେ ବାସ୍ତବରେ କିଏ ପ୍ରକୃତି ବା ପରିବେଷ ସୁରକ୍ଷାର ଦାୟିତ୍ୱ ନେବ ତାହା ଆଜିର ବଡ଼ ପ୍ରଶ୍ନ। ପ୍ରକୃତି ସୁରକ୍ଷିତ ନ ରହିଲେ ମନୁଷ୍ୟ, ଜୀବଜଗତ ସମସ୍ତେ ଅସୁରକ୍ଷିତ ହୋଇପଡ଼ିବେ। ତେଣୁ ପ୍ରକୃତିର ସଂରକ୍ଷଣକୁ ଗୁରୁତ୍ୱ ଦେଇ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ସ୍ତରରେ ଉଦ୍ୟମ କରିବା ଦରକାର ବୋଲି ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳନ ଅବସରରେ ମତ ଦେଇଛନ୍ତି ଅତିଥିଗଣ। ସୋମବାର ଦୈନିକ ଖବରକାଗଜ 'ସକାଳ' ଏବଂ 'ନନ୍ଦିଘୋଷ' ଟିଭି ପକ୍ଷରୁ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳନ ଅବସରରେ ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରୀ-କୋଣାର୍କ ରାସ୍ତାର ଭୂଦାନ ଛକ ନିକଟସ୍ଥ ଭିକ୍ଟୋରିଆ ପେଟ୍ରୋଲ ପମ୍ପରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍କଳ ବିଦ୍ୱତ୍ ପରିଷଦର ଅଧ୍ୟକ୍ଷ ମନୋଜ ରଥ ଚାରାବଣ୍ଟନର ଶୁଭାରମ୍ଭ କରିଥିଲେ। ଶ୍ରୀ ରଥ କହିଥିଲେ, ପ୍ରକୃତି ସୁରକ୍ଷିତ ରହିଲେ ମାନବ ସମାଜ ସହିତ ସ୍ଥାବର, ଜଙ୍ଗମ, ପ୍ରାଣୀ ସମସ୍ତେ ସୁରକ୍ଷିତ ରହିବେ। ପ୍ରକୃତିର ପରିସୀମାକୁ ମନୁଷ୍ୟ ସବୁବେଳେ ଅତିକ୍ରମ କରିଚାଲିଛି। ଯେଉଁ ଜଙ୍ଗଲରେ ବନ୍ୟଜନ୍ତୁ ରହିଥାନ୍ତି ଏବଂ ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷ ରହିଥାଏ ତା' ଉପରେ ମଣିଷ ଦାଉ ସାଧୁଛି। ଏବେ ଗଛ କାଟି କଂକ୍ରିଟ ଜଙ୍ଗଲ ତିଆରି କରାଯାଉଛି। ଏଭଳି କ୍ରୁର ବ୍ୟବହାର ଦ୍ୱାରା ମନୁଷ୍ୟ ନିଜେ ହିଁ ବିପଦକୁ ଆହ୍ୱାନ ଦେଉଛି। ତେଣୁ ଏଭଳି ମାନସିକତାରେ ପରିବର୍ତ୍ତନ ଦରକାର। ବ୍ୟାପକ ବୃକ୍ଷରୋପଣ ସାଙ୍ଗକୁ ମାଟି, ପାଣି, ପବନ କିପରି ସୁରକ୍ଷିତ ରହିବ ସେ ଦିଗରେ ସମସ୍ତେ ପ୍ରୟାସ କରିବା ଉଚିତ୍ ବୋଲି ଶ୍ରୀ ରଥ କହିବା ସହ ପ୍ରତ୍ୟେକଙ୍କୁ ପଣସ, ନେହୁଆ, ପେସ୍ତା, ଚାଉଳିଆ, ଆତ, ବରକୋଳି ଆଦି ବିଭିନ୍ନ ପ୍ରଜାତିର ୩୦୦ରୁ ଊର୍ଦ୍ଧ୍ୱ ଫଳଗଛ ଚାରା ବାଣ୍ଟିଥିଲେ।

ଏହି ଅବସରରେ ପରିବେଶ, ବେଳାଭୂମି ଏବଂ ବାଲୁଖଣ୍ଡ ଅଭୟାରଣ୍ୟର ସୁରକ୍ଷା ଦିଗରେ କାମ କରୁଥିବା ଯୁବ ପରିବେଶବିତ୍ ପ୍ରକୃତି ବନ୍ଧୁ ତଥା ସେଭ୍ କୋଷ୍ଟାଲ ଲାଇଫ୍‌ର ପ୍ରତିଷ୍ଠାତା ସରୋଜ କୁମାର ଜେନା ଏବଂ ପରିବେଶ ସୁରକ୍ଷାର ଅନ୍ୟତମ ପ୍ରହରୀ ଯୁବ ସ୍ୱେଚ୍ଛାସେବୀ ତଥା ହାପିନେସ୍ ଫାଉଣ୍ଡେସନର ପ୍ରତିଷ୍ଠାତା ଇଂ. ପ୍ରଦୀପ୍ତ କୁମାର ପ୍ରଧାନଙ୍କୁ ମୁଖ୍ୟଅତିଥି ଶ୍ରୀ ରଥ ସମ୍ବର୍ଦ୍ଧିତ କରିଥିଲେ।

ଯୁବ ପରିବେଶବିତ୍ ଶ୍ରୀ ଜେନା କହିଥିଲେ, 'ସକାଳ' ଏବଂ 'ନନ୍ଦିଘୋଷ' ଟିଭିର ଏହିଭଳି ପ୍ରୟାସ ସମସ୍ତଙ୍କ ପାଇଁ ଉଦାହରଣ ହେବା ଦରକାର। କାରଣ ଗଛଚାରା ବାଣ୍ଟିବା ଏକ ମହତ୍‌କାମ। ପେଟ୍ରୋଲ ପମ୍ପରେ ସଚେତନ କରିବା ଏକ ଦୃଷ୍ଟାନ୍ତମୂଳକ ଉଦାହରଣ। ପୃଥିବୀର ବିଷବଳୟ ଭିତରେ ବିଷପିଇ ଅମ୍ଳଜାନ ଦେଇ ଏ ଜଗତକୁ ଉଦ୍ଧାର କରୁଥିବା ବୃକ୍ଷରାଜିମାନଙ୍କୁ ସୁରକ୍ଷା ଦେବା ଜରୁରୀ ହୋଇପଡ଼ିଛି। ପୁରୀ ଜିଲ୍ଲାର ଅମ୍ଳଜାନଥଳି ଭାବେ ପରିଚିତ ବାଲୁଖଣ୍ଡର ସୁରକ୍ଷା ଓ ସଂରକ୍ଷଣ ପାଇଁ ମିଳିତ ପ୍ରୟାସ ହେବା ସହ ପ୍ଲାଷ୍ଟିକ୍‌ମୁକ୍ତ ଅଭୟାରଣ୍ୟ ପାଇଁ ସମସ୍ତେ ସଂକଳ୍ପ କରିବାକୁ ଶ୍ରୀ ଜେନା ଅନୁରୋଧ କରିଥିଲେ। ସେହିପରି ଯୁବ ସ୍ୱେଚ୍ଛାସେବୀ ଶ୍ରୀ ପ୍ରଧାନ ପରିବେଶର ସୁରକ୍ଷା ଓ ସଂରକ୍ଷଣ ପ୍ରତ୍ୟେକ ବ୍ୟକ୍ତିଙ୍କର ଦାୟିତ୍ୱ। ଆମ ଚତୁଃପାର୍ଶ୍ୱରେ ଖାଲିଥିବା ଜାଗାରେ ପ୍ରତ୍ୟେକ ଗଛଟିଏ ଲଗାଇବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଶ୍ରୀ ରଥଙ୍କୁ 'ସକାଳ'ର ଜିଲ୍ଲା ପ୍ରତିନିଧି ହେମନ୍ତ ନାୟକ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ନନ୍ଦିଘୋଷ ଟିଭିର ରିପୋର୍ଟର ଶିବପ୍ରସାଦ ଦାସ, କ୍ୟାମେରା ମ୍ୟାନ୍ ସାଗର ମଲ୍ଲିକ, ବିକାଶ ପୃଷ୍ଟିଙ୍କ ସମେତ ବିକାଶ ମହାନ୍ତି, ଅଜିତ୍ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଯୁବ ସ୍ୱେଚ୍ଛାସେବୀ ଦୁଷ୍ମନ୍ତ ସାହୁ ଏଥିରେ ସହଯୋଗ କରିଥିଲେ।

## ଅଯୋଧ୍ୟା ଗଲା ଶ୍ରୀକ୍ଷେତ୍ରର ଚାରା



ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳନ ଅବସରରେ 'ସକାଳ' ଏବଂ 'ନନ୍ଦିଘୋଷ' ଟିଭି ପକ୍ଷରୁ ସୋମବାର ପୁରୀ-କୋଣାର୍କ ରାସ୍ତାର ଭିକ୍ଟୋରିଆ ପେଟ୍ରୋଲ ପମ୍ପରେ ଚାରା ବଣ୍ଟନ କରାଯାଇଥିଲା। ଏହି ଅବସରରେ ପେଟ୍ରୋଲ ପକାଇବାକୁ ଆସୁଥିବା ପ୍ରତ୍ୟେକ ଗାଡ଼ି ଚାଳକଙ୍କୁ ବୃକ୍ଷରୋପଣ ଲାଗି ସଚେତନ କରାଯିବା ସହ ଚାରା ପ୍ରଦାନ କରାଯାଇଥିଲା। ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଚାରା ବଣ୍ଟନ କରାଯାଇଥିଲା। ତେବେ ପୁରୀ, କୋଣାର୍କ ବୁଲିବାକୁ ଆସିଥିବା ଅଯୋଧ୍ୟାର କିଛି ଯାତ୍ରୀ ଟାଙ୍କିରେ ତାଙ୍କ ଗାଡ଼ି ପେଟ୍ରୋଲ ପକାଉଥିବାବେଳେ ସେମାନେ ଚାରାବଣ୍ଟନ କାର୍ଯ୍ୟକ୍ରମ ଦେଖି ଚାରା ନେବା ପାଇଁ ଆଗ୍ରହ ଦେଖାଇଥିଲେ। ସେମାନଙ୍କୁ ମଧ୍ୟ ବିଭିନ୍ନ ଫଳଗଛର ଚାରା ବଣ୍ଟନ କରାଯାଇଥିଲା। ସେମାନେ କହିଥିଲେ, ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଦାରୁ ଦେବତା। ତେଣୁ ଶ୍ରୀକ୍ଷେତ୍ର ଦାରୁ ସ୍ମୃତିସ୍ୱରୂପ ଆମେ ସେହି ଦାରୁ (ଗଛଚାରା) ନେଇ ଅଯୋଧ୍ୟାରେ ରୋପଣ କରିବୁ।

● ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

## ୭୭ ଅଭିଯୋଗରୁ ୫୩ ବ୍ୟକ୍ତିଗତ

ପୁରୀ,୨୮।୭ (ସମିସ): ପୁରୀ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର କୃଷ୍ଣପ୍ରସାଦ ବ୍ଲକ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିବ୍ୟରଞ୍ଜନ ପରିଡ଼ା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୋଟ୍ ୭୭ଟି ଅଭିଯୋଗ ମିଳିଥିଲା। ସେଥିରୁ ୫୩ଟି ବ୍ୟକ୍ତିଗତ, ୨୦ଟି ଗ୍ରାମ ସମ୍ବନ୍ଧୀୟ ଓ ୪ଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ସମ୍ପର୍କରେ ରହିଥିଲା। ତତ୍‌କ୍ଷଣାତ୍ ୨ଟିର ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗମାନଙ୍କୁ ପ୍ରେରଣ କରାଯାଇଥିଲା। ଏହି ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଏସ୍‌ପି ସୌମ୍ୟରଞ୍ଜନ ମଲ୍ଲିକ, କୃଷ୍ଣପ୍ରସାଦ ବିଡିଓ ଅମୀୟ କୁମାର ପଣ୍ଡା, ଭାରପ୍ରାପ୍ତ ତହସିଲ୍‌ଦାର ବିକାଶ ସେଠୀ, ଭାରପ୍ରାପ୍ତ ଅଭିଯୋଗ ଶୁଣାଣି ଅଧିକାରୀ ପଞ୍ଚାନନ ପରିଜା ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ଅଗଷ୍ଟ ୪ରେ ଜିଲ୍ଲା ସଦର ମହକୁମାଠାରେ, ୧୧ରେ ବ୍ରହ୍ମଗିରି ବ୍ଲକ୍ ସମ୍ମିଳନୀ କକ୍ଷରେ, ୧୮ ରେ ସତ୍ୟବାଦୀ ବ୍ଲକ୍ ସମ୍ମିଳନୀ କକ୍ଷରେ ଓ ୨୫ରେ ଅସ୍ତରଙ୍ଗ ବ୍ଲକ୍ ସମ୍ମିଳନୀ କକ୍ଷରେ ପୂର୍ବାହ୍ଣ ୧୦ଟା ସମୟରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ ବୋଲି ଅଭିଯୋଗ ପ୍ରକୋଷ୍ଠ ସୂତ୍ରରୁ ପ୍ରକାଶ।

### ଶ୍ରାବଣ ତୃତୀୟ ସୋମବାର

## ଶ୍ରୀଲୋକନାଥଙ୍କୁ ଜଳଲାଗି କଲେ ୨୫,୩୫୩ କାଉଡ଼ିଆ

ପୁରୀ,୨୮।୭ (ସମିସ)

ଶ୍ରାବଣ ମାସ ତୃତୀୟ ସୋମବାର ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ମନ୍ଦିରରେ କାଉଡ଼ିଆଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ରାଜ୍ୟର ବିଭିନ୍ନ ନଦୀରୁ ଜଳ ଆଣି ୨୫,୩୫୩ କାଉଡ଼ିଆ ଶ୍ରୀଲୋକନାଥଙ୍କୁ ଜଳଲାଗି କରିଛନ୍ତି। ମନ୍ଦିର ଦ୍ୱାର ଫିଟାଯିବା ପରେ ଜଳଲାଗି ପାଇଁ କାଉଡ଼ିଆଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ବାବା ଲୋକନାଥଙ୍କ ଦର୍ଶନ ପରେ ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଛନ୍ତି। ରବିବାରଠାରୁ ଶ୍ରୀକ୍ଷେତ୍ରକୁ ବୋଲବମ୍ ଭକ୍ତଙ୍କ ଆଗମନ ଜୋର୍ ଧରିଥିଲା। ଭୁବନେଶ୍ୱର ପାର୍ଶ୍ୱରୁ ଆସୁଥିବା ଭକ୍ତମାନେ ବାଟମଙ୍ଗଳା, ଅଠରନଳା ଦେଇ ପୁରୀକୁ ପ୍ରବେଶ କରିଥିଲେ। ସେହିପରି ପୁରୀ ବାଇପାସ୍ ମଙ୍ଗଳାଘାଟ ଛକ ଦେଇ ଅନେକ କାଉଡ଼ିଆ ଲୋକନାଥ ପୀଠକୁ ଯାଇଥିଲେ। ସନ୍ଧ୍ୟା ପରଠାରୁ ବ୍ୟାରିକେଡ୍‌ରେ ଲାଇନ ଲଗାଇଥିଲେ କାଉଡ଼ିଆ। ରାତି ୧୦ଟା ବେଳକୁ ହଜାର ହଜାର ସଂଖ୍ୟାରେ ବୋଲବମ ଭକ୍ତ ଧାଡ଼ି ଲଗାଇ ଦେଇଥିଲେ। ଶୃଙ୍ଖଳିତ ଜଳଲାଗି ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ରାତି ୧୨ଟାରେ ଦ୍ୱାର ଫିଟାଯାଇଥିଲା। ମଙ୍ଗଳଆଳତି ଓ ଅବକାଶ ପରେ ରାତି ୧୨ଟା ୨୦ରୁ ଜଳଲାଗି ଆରମ୍ଭ ହୋଇ ସୋମବାର ଅପରାହ୍ଣ ପ୍ରାୟ ୩ଟା ପର୍ଯ୍ୟନ୍ତ ଜାରି ରହିଥିଲା।

ବ୍ୟାରିକେଡ୍ ଦେଇ ପାର୍ବତୀ ସାଗର କଡ଼େ କଡ଼େ ଯାଇଥିଲେ। ରୋଷଘର ଦୁଆରମୁହଁରେ ପ୍ରବେଶ କରି ନାଟମ୍ବର ମନ୍ଦିର ପଛପଟେ ଯାଇ ଲକ୍ଷ୍ମୀଙ୍କ ଦ୍ୱାରରେ ସ୍ଥାପିତ ପ୍ରଭୁ ଶ୍ରୀଲୋକନାଥଙ୍କ ଲିଙ୍ଗରେ ପାଣି ଢାଳିଥିଲେ। ଏହାପରେ ସିଂହଦ୍ୱାର ଦେଇ ବାହାରକୁ ବାହାରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ଲାଗି ପୁଲିସ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା।

## ଶ୍ରୀମନ୍ଦିରରେ ଖସାପଡ଼ା ନୀତି ସମ୍ପନ୍ନ

ପୁରୀ,୨୮।୭ (ସମିସ): ଶ୍ରୀମନ୍ଦିରରେ ସୋମବାର ମହାପ୍ରଭୁଙ୍କ ଖସାପଡ଼ା ଲାଗି ନୀତି ସମ୍ପନ୍ନ ହୋଇଛି। ଏହି ନୀତି ପାଇଁ ସନ୍ଧ୍ୟା ୬ଟାରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ଏହାପରେ ୬ଟା ୫ରେ ଖସାପଡ଼ା ଲାଗିକୁ ଦଇତାପତିମାନେ ପ୍ରବେଶ କରିଥିଲେ। ନୀତି ଶେଷ ପରେ ମହାସ୍ନାନ କରାଯାଇଥିଲା। ଖସାପଡ଼ା ହେଉଛି ଏକ ଗୁପ୍ତ ନୀତି। ଏହି ନୀତି ପାଇଁ ପୂର୍ବଦିନରୁ ଦେଉଳ କରଣ ଧଳାକନା ଶୁଖାଇ ଗାରଦରେ ଜମା ଦେଇଥାନ୍ତି। ଶୁଦ୍ଧସୁଆର ଖଳି, କଇଁଥ ଅଠା ଯୋଗାଇଥାନ୍ତି। ମଧ୍ୟାହ୍ନ ଧୂପ ପରେ ଜୟ ବିଜୟ ଦ୍ୱାର ବନ୍ଦ ହୁଏ। ବେହେରଣ ଦ୍ୱାର ଦେଇ ଦଇତାପତି ସେବକମାନେ ଗର୍ଭଗୃହକୁ ଯାଇ ରତ୍ନସିଂହାସନ ଉପରେ ମହାପ୍ରଭୁଙ୍କ ଏହି ଗୁପ୍ତ ନୀତି ସମ୍ପନ୍ନ କରିଥାନ୍ତି। ଧଳାକନା, ଖଳି ଓ କଇଁଥ ଅଠାକୁ ବ୍ୟବହାର କରି ମହାପ୍ରଭୁଙ୍କ ଶ୍ରୀଅଙ୍ଗକୁ ସଜାଇଥାନ୍ତି।

## ପିସ୍ତଲ ଦେଖାଇ ଦାଦାବଟି ଆଦାୟ; ୨ ଗିରଫ

ପୁରୀ,୨୮।୭ (ସମିସ): ଦାଦାବଟି ଆଦାୟବେଳେ ଚଢ଼ଉ କରି ଚନ୍ଦନପୁର ଥାନା ପୁଲିସ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଚନ୍ଦନପୁର ଜେନାସାହିର ଦେବରାଜ ନାୟକ (୨୪) ଓ କପ୍ତେଶ୍ୱରର ଅସିତ ମଲ୍ଲିକ (୨୪)। ସୂଚନା ଅନୁଯାୟୀ, ସୋମବାର ଚନ୍ଦନପୁର ଥାନା ପୁଲିସ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ପୁଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା ଯେ, ଜେନାସାହି ଛକ ନିକଟରେ ଦୁଇଜଣ ଯୁବକ ପିସ୍ତଲ ଦେଖାଇ ଦାଦାବଟି ଆଦାୟ କରୁଛନ୍ତି। ପୁଲିସ ସେଠାରେ ଚଢ଼ଉ କରି ଦୁଇ ଯୁବକଙ୍କୁ କାବୁ କରିଥିଲା। ସେମାନଙ୍କୁ ଯାଞ୍ଚ ପରେ ଗୋଟିଏ ପିସ୍ତଲ ଏବଂ ୫୫୦ ଟଙ୍କା ଜବତ କରିଥିଲା ପୁଲିସ। ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି।





ବ୍ୟାଘ୍ର ଦିବସରେ ବେଳାଭୂମିରେ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା



ବିଶାଳ ଚାଷୀ ଆନ୍ଦୋଳନ

## ରେଳ ଧକ୍କାରେ ଟ୍ରାକ୍ଟର ଚୁର୍‌ମାର୍

ସାକ୍ଷୀଗୋପାଳ,୨୮।୭ (ସମିସ): ସତ୍ୟବାଦୀ ଥାନା ଅନ୍ତର୍ଗତ ବୀରରାମଚନ୍ଦ୍ରପୁର ପଞ୍ଚାୟତର ମାଦେଲା ଗହୀର ନିକଟରେ ବୁଧଙ୍ଗ କେନାଲ ଉପରେ ନିର୍ମିତ ରେଳବାଇ ପୋଲ ଉପରେ ଏକ ଦୁର୍ଘଟଣା ଘଟିଛି। ରେଳ ଧକ୍କାରେ ଏକ ଟ୍ରାକ୍ଟର ଚୁର୍‌ମାର୍ ହୋଇଯାଇଛି। ସାକ୍ଷୀଗୋପାଳ ରେଳ ଷ୍ଟେସନ ଓ ବୀର ପୁରୁଷୋତ୍ତମପୁର ରେଳ ଷ୍ଟେସନ ମଧ୍ୟବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ଏହି ମାଦେଲା ପୋଲ ନିକଟରେ ଏକ ଟ୍ରାକ୍ଟର ରେଳ ଧାରଣା ପାର୍ ହେବା ସମୟରେ ରେଳ ଧାରଣା ପାର୍ଶ୍ୱରେ ପାଇପ୍ ଲାଇନ୍ ପକାଇବା ନିମନ୍ତେ ଖୋଳାଯାଇଥିବା ଗାତରେ ଟ୍ରାକ୍ଟରଟି ଅଟକି ରହିଥିଲା। ଅପରାହ୍ଣ ୩ଟା ୧୬ ମିନିଟ୍‌ରେ ପୁରୀରୁ ଆସୁଥିବା ପୁରୀ-ବୈଦ୍ୟନାଥ ଧାମ ଏକ୍ସପ୍ରେସ୍ ଟ୍ରେନ୍ ରେଳ ଧାରଣା ଉପରେ ଅଟକି ରହିଥିବା ଟ୍ରାକ୍ଟରକୁ ଧକ୍କା ଦେଇଥିଲା। ଟ୍ରାକ୍ଟରର ଆଗଚକା ଦ୍ୱୟ ଓ ଇଞ୍ଜିନ୍ ପ୍ରାୟ ୨୦୦ ମିଟର ଦୂରରେ ଛିଟିକି ପଡ଼ିଥିଲା। ରେଳ ଡ୍ରାଇଭର ରେଳ ଧାରଣା ଉପରେ ଟ୍ରାକ୍ଟରଟିକୁ ଦେଖି ରେଳର ଗତି କମାଇ ଦେଇଥିଲେ। ରେଳ ଡ୍ରାଇଭରଙ୍କ ଏହି ଉପସ୍ଥିତ ବୁଦ୍ଧି ଯୋଗୁଁ ଏକ ବଡ଼ ଧରଣର ରେଳ ଦୁର୍ଘଟଣାରୁ ରେଳ ଓ ରେଳ ଯାତ୍ରୀମାନେ ବର୍ତ୍ତି ଯାଇଛନ୍ତି। ଖବର ପାଇ ରେଳବାଇ ଥାନା, ପୁରୀ ଆଇଆଇସି ହରିଦର୍ଶନ ଶର୍ମା, ଏସ୍‌ଆଇ ସ୍ମୃତିରେଖା ଦତ୍ତ, ଆସିଷ୍ଟାଣ୍ଟ ସିକ୍ୟୁରିଟି ଅଫିସର, ଖୋର୍ଦ୍ଧା ପ୍ରେମଦୀପ ସଞ୍ଜୟ ଓ ଜିଆର୍‌ପି ଥାନା ଆଇଆଇସି ସନ୍ତୋଷ କୁମାର ବାହିନୀପତିଙ୍କ ସମେତ ବିଭାଗୀୟ ଅନ୍ୟ ଅଧିକାରୀମାନେ ଦୁର୍ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଦୁର୍ଘଟଣା ସମ୍ପର୍କରେ ଉପସ୍ଥିତ ସ୍ଥାନୀୟ ଜନସାଧାରଣଙ୍କୁ ପଚରାଉଚରା କରିଥିଲେ। ଏକ ଜେସିବି ସାହାଯ୍ୟରେ ଦୁର୍ଘଟଣାସ୍ଥଳରୁ ଟ୍ରାକ୍ଟରଟିକୁ ସ୍ଥାନାନ୍ତର କରିଥିଲେ। ଏହି ଦୁର୍ଘଟଣାରେ ପୁରୀ ହରିଦ୍ୱାର ଏକ୍ସପ୍ରେସ୍ ଟ୍ରେନ୍ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି ବୋଲି ରେଳବାଇ ଥାନା, ପୁରୀ ଆଇଆଇସି ହରିଦର୍ଶନ ଶର୍ମା ପ୍ରକାଶ କରିଛନ୍ତି।



### ଡେଲାଙ୍ଗରେ ବଢୁଛି ବେଆଇନ ମାଙ୍କଡ଼ା ଚୋରା ଚାଲାଣ

## ଖଣି ବିଭାଗର ଚଢ଼ଉ; ହାଇୱା ଓ ଜେସିବି ମେସିନ ଜବତ





ଡେଲାଙ୍ଗ,୨୮।୭ (ସମିସ): ଡେଲାଙ୍ଗ ତହସିଲ୍ ଅଧୀନ ବିଭିନ୍ନ ଖଣିରେ ଦିନକୁ ଦିନ ବେଆଇନ ମାଙ୍କଡ଼ା ପଥର ଓ ମୋରମ୍ ଚୋରା ଚାଲାଣ ବଢ଼ିବାରେ ଲାଗିଛି। ଖଣି ମାଫିଆମାନେ ବଡ଼ ବଡ଼ ମାଲ୍‌ବାହୀ ଗାଡ଼ି ଜରିଆରେ ରାତିରେ ମାଙ୍କଡ଼ା ପଥର, ମୋରମ୍ ଓ ଅନ୍ୟାନ୍ୟ ଖଣିଜ ପଦାର୍ଥ ବେଆଇନ ଚୋରାଚାଲାଣ କରି କୋଟି କୋଟି ଟଙ୍କା ଆୟ କରୁଥିବାବେଳେ ସରକାରଙ୍କ ରାଜସ୍ୱ ହାନୀ ହେଉଛି। ଖଣି ମାଫିଆମାନଙ୍କୁ କାବୁ କରିବାରେ ସ୍ଥାନୀୟ ପ୍ରଶାସନ ଅସମର୍ଥ ପାଲଟିଥିବାରୁ ସେମାନଙ୍କ ସହିତ ପ୍ରଶାସନିକ ଅଧିକାରୀ ସାଲିସ୍ କରି ଖଣି ଚଳାଉଥିବା ଲୋକେ ଅଭିଯୋଗ କରିଛନ୍ତି। ଏନେଇ ବାରମ୍ବାର ଅଭିଯୋଗ ହେବାପରେ ଏବେ ଖଣି ବିଭାଗ ତତ୍ପରତା ଦେଖାଇଛି। ଡେଲାଙ୍ଗ ଥାନା ଅଧୀନ କୁଆପଦା, ଯମୁନା ଝାରପଡ଼ା, ଆରାଗଡ଼, ଡୁରୁମଲ ଆଦି ଅଞ୍ଚଳରେ ଥିବା ବିଭିନ୍ନ ଖଣିରୁ ମୋରମ୍ ଓ ମାଙ୍କଡ଼ା ପଥର ଚୋରାଚାଲାଣ ହେଉଛି। କୁଆପଦା ପିତାନାଳ ଖଣିରେ ବେଆଇନ ଭାବେ ମୋରମ୍ ଓ ମାଙ୍କଡ଼ା ପଥର ଚୋରା ଚାଲାଣ କରାଯାଉଥିବା ପୁରୀ ଜିଲ୍ଲା ଖଣି ବିଭାଗ ନିକଟରେ ବିଶେଷ ସୂତ୍ରରୁ ଖବର ପହଞ୍ଚିଥିଲା। ତେବେ ଜିଲ୍ଲା ଖଣି ବିଭାଗ ଅଧିକାରୀ ସମୀର କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୁଲିସ ବାହିନୀ ରାତିରେ ସମ୍ପୃକ୍ତ ଖଣିରେ ଚଢ଼ଉ କରିବା ସହିତ ଘଟଣାସ୍ଥଳରୁ ଗୋଟିଏ ଜେସିବି ମେସିନ ଓ ଗୋଟିଏ ହାଇୱା ଗାଡ଼ିକୁ ଜବତ କରିଥିଲେ।

ପୁଲିସର ଅଚାନକ ଚଢ଼ଉ ଦେଖି ଦୁଇଟିଯାକ ଗାଡ଼ିର ଚାଳକ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ବେଆଇନ୍ ଖନନରେ ଲିପ୍ତଥିବା ଗାଡ଼ି ଦୁଇଟିକୁ ଖଣିରୁ ଜବତ କରାଯାଇ ଡେଲାଙ୍ଗ ପୁଲିସ ସହାୟତାରେ ଥାନାକୁ ଅଣାଯାଇଥିବା ବେଳେ ଗାଡ଼ିଗୁଡ଼ିକର କାଗଜପତ୍ର ଯାଞ୍ଚ ପରେ ଜରିମାନା ସ୍ପଷ୍ଟ କରାଯିବ ବୋଲି ଜଣାପଡ଼ିଛି। ଅନ୍ୟପଟେ ଏହି ଚଢ଼ଉ ପରେ ବେଆଇନ ଚୋରା ଚାଲାଣରେ ଲିପ୍ତଥିବା ଖଣି ମାଫିଆ ମହଲରେ ଭୟର ବାତାବରଣ ସୃଷ୍ଟି ହୋଇଥିବାବେଳେ ଆଗକୁ ଏହିପରି ଚଢ଼ଉ ଜାରି ରହିବ ବୋଲି ଖଣି ଅଧିକାରୀ ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି। ଏନେଇ ଡେଲାଙ୍ଗ ଥାନା ଅଧିକାରୀ ଶ୍ୟାମଘନ ବାରିକ କହିଛନ୍ତି, ଖଣି ବିଭାଗ ପକ୍ଷରୁ କୁଆପଦା ଖଣିରେ ହୋଇଥିବା ଚଢ଼ଉରେ ଡେଲାଙ୍ଗ ପୁଲିସ ସହାୟତା କରିଥିଲେ। ସେଠାରୁ ଜବତ ଗାଡ଼ିଗୁଡ଼ିକୁ ଥାନାରେ ରଖାଯାଇଥିବା ବେଳେ ସେଗୁଡ଼ିକର କାଗଜପତ୍ର ଯାଞ୍ଚ କରାଯାଇ ଖଣି ବିଭାଗ ପକ୍ଷରୁ ଜରିମାନା ସ୍ପଷ୍ଟ କରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ବାରିକ ସୂଚନା ଦେଇଛନ୍ତି। ଅନ୍ୟପଟେ ରାତି ଅଧରେ ଡେଲାଙ୍ଗ ଥାନା ସାମ୍ନା ଦେଇ ଏକାଧିକ ମାଲ୍‌ବାହୀ ଭାରୀଯାନ ଜରିଆରେ ମାଙ୍କଡ଼ା ପଥର ସହିତ ମୋରମ୍ ଓ ବାଲି ଚୋରା ଚାଲାଣ କରାଯାଉଥିବା ବେଳେ ଏଗୁଡ଼ିକୁ ଯାଞ୍ଚ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଦୁର୍ଦ୍ଦଶା ବଢ଼ାଉଛି ବୈତରଣୀ

# ଶହଶହ ଏକର ଜମିରେ ଲହଡ଼ି ଭାଙ୍ଗୁଛି ବନ୍ୟାପାଣି





ଭଦ୍ରକ/ଆରଡି, ୨୮ ।୭ (ସମିସ):

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକର ତଳିଆ ଅଞ୍ଚଳଭାବେ ପରିଚିତ ଆରଡି, ମୁଆ, ସନ୍ତରା, ସିଙ୍ଗିପୁର, ବାଟୋଳ, ଶୀତଳପୁର, ଓଳଗ, ଷାଠିବାଙ୍କୁଡା ଦେଖାଦେଇଥିବା ବୈତରଣୀ ନଦୀର ବନ୍ୟା, କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ରବିବାରଠାରୁ ଆରଡି, ଓଳଗ, ବୋଡକ, ଦୋହରାପାଟଣା, ଅମୃତମଣୀ, ସୁନ୍ଦରପୁର,

- ଦୋହରା ଓ ବୋଡକ ଗାଁର ଅଧିକାଂଶ ଘର ପାଣିଘେରରେ
- ନଦୀବନ୍ଧ ସ୍ଥିତି ପରଖିଲେ ନିର୍ବାହୀଯନ୍ତ୍ରୀ

ଖଟୁଆପାଟଣା, ପାରଡିଆ, ଚମ୍ପାସାହି, ନାନ୍ଦପୁର, ପହଣା, କୋଇଲିଖିଆ, ପାଳଟପୁର, ବାଙ୍କମୁଆ ଆଦି ୨୦ଟି ଗାଁ ପ୍ରଭାବିତ ହୋଇଛି। ଏହି ଅଞ୍ଚଳରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ସାମାନ୍ୟ ସୁଧାର ଆସିଥିଲେ ମଧ୍ୟ ଏବେ ବି ବହୁ ଅଞ୍ଚଳ ଜଳମଗ୍ନ ହୋଇରହିଛି। ଆଖଣ୍ଡଳମଣି-କୁଆଖିଆ ୨୦ନଂ. ଜାତୀୟ ରାଜପଥର ବୋଡକ ନିକଟରେ



ବୈତରଣୀ ନଦୀ କୂଳ ଲଙ୍ଘିବାରୁ ୨ ଫୁଟ ଉଚ୍ଚରେ ବନ୍ୟାପାଣି ପ୍ରବାହିତ ହେଉଥିଲା। ସୋମବାର କମିବାରୁ ଯାତାୟତ ଧୀରେ ଧୀରେ ସ୍ୱଭାବିକ ହୋଇଥିଲା; ହେଲେ ଉକ୍ତ ୨୦ନମ୍ବର ଜାତୀୟ ରାଜପଥର ମୁଆ ଘୋଷରାଠାରେ ବନ୍ୟାପାଣି ପ୍ରବାହିତ ହେବା ସହ ଧାନଖଣିଆ-ଆରଡି ରାସ୍ତାର ସତସଙ୍ଗ କେନ୍ଦ୍ରରେ ବନ୍ୟାପାଣି ୨/୩ ଫୁଟ ଉଚ୍ଚରେ ପ୍ରବାହିତ ହେଉଛି। ଏପରିକି ଶହଶହ ଏକର ଚାଷଜମି ଜଳମଗ୍ନ ହୋଇ ରହିଛି। ସେହିପରି ବୈତରଣୀ ନଦୀ ଆରଡି ପୀଠଠାରେ ସାଳନ୍ଦୀ ନଦୀରେ ମିଶିଥିବାରୁ ଉଭୟ ନଦୀ ଉଛୁଳା ରହିବା ସହ ଅନେକ ତଳିଆ ଅଞ୍ଚଳ ବନ୍ୟା ଘେରରେ ରହିଥିବା ବେଳେ ନଦୀକୂଳ ଦୋହରା ଓ ବୋଡକ କିଛି ସାହିରେ ବନ୍ୟା ପାଣି ପଶିଛି। ଏପଟେ ରାଜ୍ୟ ଜଳସେଚନ ବିଭାଗର ନିବାହୀ ଯନ୍ତ୍ରୀଙ୍କ ସହ ଏକ ୪ ଜଣିଆ ଟିମ୍ ବୈତରଣୀ ନଦୀର ଷାଠିବାଙ୍କୁଡା, ବୋଡକ ଆଦି ସ୍ଥାନ ବୁଲି ଦେଖିଛନ୍ତି।

### ବନ୍ୟା ପାଇଁ ୩୯ଟି ସ୍କୁଲ ୨ଦିନ ପାଇଁ ବନ୍ଦ



ବୈତରଣୀ ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତି ରବିବାରଠାରୁ କ୍ରମଶଃ ହ୍ରାସ ପାଇଥିଲେ ବି ଉପରମୁଣ୍ଡରୁ ଆସୁଥିବା ବନ୍ୟାପାଣି ଭଣ୍ଡାରିପୋଖରୀ, ଧାମନଗର ଓ ଚାନ୍ଦବାଲିରେ ସାମ୍ଭାବ୍ୟ ବନ୍ୟା ପରିସ୍ଥିତି ସୃଷ୍ଟି କରିଛି। ବିସ୍ତୃତ ଅଞ୍ଚଳକୁ ଏବେ ବି ବନ୍ୟାଜଳ ଘେରି ରହିଛି। ଫଳରେ ଧାମନଗର ଓ ଚାନ୍ଦବାଲି ବ୍ଲକର ବହୁ ସ୍କୁଲ ପାଣିଘେରରେ ରହିଛି । ବିଶେଷ କରି ଧାମନଗର ବ୍ଲକର ୪ଟି ବନ୍ୟା ପ୍ରବଣ ପଞ୍ଚାୟତ-ହସନାବାଦ, ଅର୍ଜୁନପୁର, ସୋହଡା ଓ ପଧାନୀରେ ଥିବା ୩୨ଟି ସ୍କୁଲ ପାଣିଘେରରେ ରହିଥିବାରୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ୨ଦିନ ଲାଗି (ସୋମବାର ଓ ମଙ୍ଗଳବାର) ସ୍କୁଲ ଛୁଟି ଘୋଷଣା କରାଯାଇଛି। ସୂଚନାନୁଯାୟୀ, ସୋହଡା ଓ ପଧାନୀ ପଞ୍ଚାୟତର ସମସ୍ତ ସ୍କୁଲ ବା ବିଦ୍ୟାଳୟକୁ ଛୁଟି ଘୋଷଣା କରାଯାଇଥିବା ବେଳେ ଅର୍ଜୁନପୁର ପଞ୍ଚାୟତର ୫ଟି ସ୍କୁଲ ଓ ହସନାବାଦ ପଞ୍ଚାୟତର ୨ଟି ସ୍କୁଲକୁ ୨ଦିନ ଲାଗି ଛୁଟି ଘୋଷଣା କରାଯାଇଛି। ଅନ୍ୟପକ୍ଷରେ ବନ୍ୟା କବଳିତ ଚାନ୍ଦବାଲି ବ୍ଲକର ୫ଟି ସ୍କୁଲ-ସନ୍ତରା ସ୍କୁଲ, ମୁଆଁ ସ୍କୁଲ, ବିଏସଏସ୍ ହାଇସ୍କୁଲ, ବାଙ୍କମୁହାଣ ସ୍କୁଲ ଓ ବୋଡକ ସ୍କୁଲକୁ ମଧ୍ୟ ପ୍ରଶାସନ ପକ୍ଷରୁ ୨ଦିନ ଲାଗି ଛୁଟି ଘୋଷଣା କରିଛି।

---

**ଶ୍ରାବଣ ମାସର ତୃତୀୟ ସୋମବାର**

## ବାବାମଣିଙ୍କୁ ଜଳଲାଗି କଲେ ୬୦ ହଜାର କାଉଡ଼ିଆ




ଭଦ୍ରକ/ଆରଡି,୨୮ ।୭ (ସମିସ): ଶ୍ରାବଣ ମାସର ତୃତୀୟ ସୋମବାରରେ ଆଖଣ୍ଡଳମଣିଙ୍କୁ ଜଳାଲାଗି କରିବା ପାଇଁ ପୀଠରେ ୬୦ ହଜାର କାଉଡିଆଙ୍କ ଭିଡ ଲାଗିଥିଲା। ହଜାର ହଜାର କାଉଡିଆଙ୍କ ଭିଡକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ପୀଠରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସେହିପରି ପୀଠରେ ଥିବା ବୈତରଣୀ ଓ ସାଳନ୍ଦୀ ନଦୀର ତିନିତର, ମୁଆଁ, ଧାନଖଣିଆ ୩ଟି ନଦୀଘାଟକୁ ଜଗି ରହିଥିଲେ ଓଡ୍ରାଫଟିମ ଓ ଅଗ୍ନିଶମ ବାହିନୀ। ବୈତରଣୀରେ ବନ୍ୟାପାଣି ପ୍ରବାହିତ ହେଉଥିବାରୁ ଭରାନଦୀରେ କାଉଡିଆଙ୍କ ଜଳପରିବହନ ଉପରେ ଗୁରୁତ୍ୱ ଦିଆଯିବା ସହିତ ଡଙ୍ଗାରେ ଅଧିକ ସଂଖ୍ୟକ କାଉଡିଆ ପାରି ନକରିବାକୁ ୨ଜଣ ଅଧିକାରୀଙ୍କ ସହ ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା;



ହେଲେ ହଜାରହଜାର କାଉଡ଼ିଆଙ୍କୁ ନଦୀ ପାର ପାଇଁ ଅଣାୟତ ହୋଇଥିଲା। ଫଳରେ ଅଧିକ ସଂଖ୍ୟକ ପୁଲିସ ଅଧିକାରୀ ରହି ଭକ୍ତଙ୍କୁ ସୁରୁଖୁରୁରେ ପାରି କରିଥିଲେ। ଏପଟେ କାଉଡ଼ିଆଙ୍କ ଭିଡ଼କୁ ଦୃଷ୍ଟିରେ ରଖି ରବିବାର ମଧ୍ୟରାତ୍ରରୁ ମଣିବାବାଙ୍କ ଉପରେ ଜଳଲାଗି କରିଥିଲେ କାଉଡିଆ। ଅନ୍ୟପଟେ ବୈତରଣୀରେ ଆସିଥିବା ବନ୍ୟାପାଣି ଆଖଣ୍ଡଳମଣି-ଯାଜପୁର ଜାତୀୟ ରାଜପଥର ବୋଡକଠାରେ ୨ଫୁଟ ଉଚ୍ଚରେ ପ୍ରବାହିତ ହେଉଥିବାରୁ ରାତିରେ କାଉଡ଼ିଆଙ୍କ ଯାତାୟତ ବନ୍ଦ ରଖିଥିଲା ପ୍ରଶାସନ।

- ପୀଠରେ କଡା ସୁରକ୍ଷା; ୩ ନଦୀଘାଟକୁ ଜଗିରହିଲେ ଓଡ୍ରାଫଟିମ ଓ ଅଗ୍ନିଶମ ବାହିନୀ
- ବନ୍ୟା ଭୟରେ ରାତିରେ ବନ୍ଦ ରହିଲା ଆଖଣ୍ଡଳମଣି-ଯାଜପୁର ରାସ୍ତା

## ଜିଲ୍ଲାସ୍ତରୀୟ ଜନଶୁଣାଣି ଶିବିର



ଭଦ୍ରକ,୨୮ ।୭ (ସମିସ):ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସଭା ଗୃହରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ସହିତ ଏସ୍‌ପି ମନୋଜ କୁମାର ରାଉତ, ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁଧିରଞ୍ଜନ ନାୟକ, ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର ଜ୍ଞାନରଂଜନ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଞ୍ଜୀବ ମହାପାତ୍ର, ତହସିଲଦାର ଭବତୋଷ ମଲ୍ଲିକ ଓ ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗଦେଇଥିଲେ। ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଦାଖଲ ହୋଇଥିବା ଅଭିଯୋଗ ପତ୍ରକୁ ସମାଧାନ ପାଇଁ ପଦକ୍ଷେପ ନେଇଥିଲେ। ଶିବିରରେ ମୋଟ ୨୦୯ ଆବେଦନପତ୍ର ଦାଖଲ ହୋଇଥିଲା। ସେଥିରୁ ୧୭୦ଟି ବ୍ୟକ୍ତିଗତ ଥିଲାବେଳେ ୩୫ଟି ସାମୂହିକ ଥିଲା। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୩ ଜଣଙ୍କୁ ୨୫ ହଜାର ଟଙ୍କା ଓ ରେଡକ୍ରସରୁ ଜଣଙ୍କୁ ୫୦୦୦ ଟଙ୍କା ମୋଟ ୩୦୦୦୦ ଟଙ୍କା ପ୍ରଦାନ କରାଯାଇଥିଲା।

---

## ସମ୍ଭାବନା ସାହିତ୍ୟ ସଂସଦର କବିତା ଆସର

ଭଦ୍ରକ,୨୮ ।୭ (ସମିସ): ରବିବାର ଭାଗବତ କଲ୍ୟାଣ ମଣ୍ଡପ ଠାରେ ଯୁବ କବି ତଥା ସମ୍ଭାବନା ସାହିତ୍ୟ ସଂସଦର ସମ୍ପାଦକ ଋତୁରାଜ ଅକ୍ଷୟ କୁମାରଙ୍କ ଆବାହକତ୍ୱରେ ଭିନ୍ନ ସ୍ୱାଦର ଏକ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଏହି କବିତା ଆସରରେ ଶତାଧିକ ଯୁବ ଓ ବର୍ଷିଆନ କବି ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ପ୍ରେମ ପୃଥିବୀର ସମ୍ପାଦକ କୈଳାଶ ଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ଭାବେ ଅମୃତ ଦର୍ଶନର ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସମ୍ମାନିତ ବକ୍ତା ଭାବେ ଓଁ ମିତ୍ରାୟଃ ନମଃ (ପଣ୍ଡିଚେରୀ ଆଶ୍ରମରୁ ପ୍ରକାଶିତ) ପତ୍ରିକାର ସମ୍ପାଦକ ପ୍ର. ଅଟଳ ବିହାରୀ ନାୟକ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ତ୍ୟାଗଭୂମିର ସଭାପତି ଅଜୟ କୁମାର ନାୟକ, ସମୀକ୍ଷକ ଭାବେ କଥାକାର ଓ କବି ବିପ୍ଳବ ପତି, ସଭାର ସଂଯୋଜକ ଭାବେ କବି ସୁକାନ୍ତ କୁମାର ବେହେରା ଯୋଗ ଦେଇଥିଲେ। ସମ୍ଭାବନା ଶ୍ରେଷ୍ଠ କବିତା ସମ୍ମାନ ୨୦୨୫ ପ୍ରାଧ୍ୟାପକ କବି କିଶୋର ପାଣିଗ୍ରାହୀ, ପ୍ରୀତିଲତା ପଣ୍ଡା, ବିଜୟ କୁମାର ଜେନା, ସୁକାନ୍ତ କୁମାର ବେହେରା ଓ ପ୍ରୀତିପଦ୍ମା ଦାସ ସମ୍ବର୍ଦ୍ଧିତ ହୋଇଛନ୍ତି। ସେହିପରି ସମ୍ଭାବନା କବିତା ସମ୍ମାନ ୨୦୨୫ରେ ଅଧ୍ୟାପିକା ଡ.ହରପ୍ରିୟା ସେଠୀ, ମନୋଜ କୁମାର ପଣ୍ଡା, ଇଂ.ଶଶାଙ୍କ ଶେଖର ପଣ୍ଡା, ଲିପ୍ସା ସାହୁ ଓ ସସ୍ମିତା ସାହୁ ସମ୍ମାନିତ ହୋଇଛନ୍ତି।



ନିମନ୍ତ୍ରିତ ଅତିଥିମାନଙ୍କ ମଧ୍ୟରେ ଶାନ୍ତନୁ ରାଉତ, ପବିତ୍ର ପାଣିଗ୍ରାହୀ, ବୈକୁଣ୍ଠ ନାଥ ବିଶ୍ୱାଳ, ରୂପକ ରାୟ, କବି ହରିଶ ଦାସ, ମଧୁସ୍ମିତା ନାୟକ, କବି ବିପ୍ଳବ ହୋତା, ଜାନକୀ ପାଢ଼ୀ, ମନୋରମା ରାୟ, ବିଜୟ କୁମାର ବହଳୀ ପ୍ରମୁଖ ଯୋଗଦାନ କରିଥିଲେ। ସମ୍ଭାବନା ସାହିତ୍ୟ ସଂସଦର କଳା ସମ୍ପାଦକ ଓ ଡ଼ିଶାର ବିଶିଷ୍ଟ ଚିତ୍ରଶିଳ୍ପୀ ଚୂଡାମଣି ଦାସଙ୍କର ଯୋଗଦାନ ଏବଂ ଯୁବ ଗୀତିକାର ଅରୁପାନନ୍ଦ ନାୟକ, ଆଦ୍ୟାଶା ଓ ଆରାଧ୍ୟାଙ୍କର ମଂଚ ପରିଚାଳନା ତଥା କବିତା ସାରେଗାମାର ପ୍ରତ୍ୟେକ କବିତାକୁ ବେହେଲା (ଭାଓଲିନ) ସ୍ୱରରେ ରସାପ୍ଳୁତ କରିଥିବା ବେହେଲା ବାଦକ ସଙ୍ଗୀତ ଗୁରୁ 'ମେଘବର୍ଣ୍ଣ'ଙ୍କର ଯାଦୁକରୀ ଅଙ୍ଗୁଳି ଚାଳନା ସମସ୍ତଙ୍କୁ ବିମୋହିତ କରିଥିଲା। ଶେଷରେ ଅରୁପାନନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**ମେଧା ସମ୍ମାନ ସମାରୋହ-୨୦୨୫**

## 'ବିକାଶ ପୁରୁଷ ଥିଲେ ବିଜୟଶ୍ରୀ ରାଉତରାୟ'

ବାସୁଦେବପୁର,୨୮ ।୭ (ସମିସ):

ବାସୁଦେବପୁର ନୀଳମଣି ଟାଉନହଲ ପରିସରରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବିଜୟଶ୍ରୀ ରାଉତରାୟଙ୍କ ୭୨ତମ ଜୟନ୍ତୀ ଅବସରରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନ ସମାରୋହ-୨୦୨୫ ଅନୁଷ୍ଠିତ ହୋଇଯାଇଛି । ସମାରୋହ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଚାନ୍ଦବାଲି ବିଧାୟକ ଡ.ବ୍ୟୋମକେଶ ରାୟ, ଭଣ୍ଡାରୀପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ସୋର ବିଧାୟକ ମାଧବ ଧଡା, ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ରାଜୁ ଦାସ, ଜଗନ୍ନାଥ ସ୍ୱାଇଁ, ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ତିହିଡି ବ୍ଲକ ଅଧ୍ୟକ୍ଷ ଅବନ୍ତୀ ଦାସ, ବାସୁଦେବପୁର ପୌରପାଳିକା ଅଧ୍ୟକ୍ଷ ନିବେଦିତା ବେହେରା ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ । ବିଜୟଶ୍ରୀ ରାଉତରାୟଙ୍କ କେବଳ ଜଣେ ନେତା ନଥିଲେ । ସେ ଜଣେ ମେଧାବୀ ଛାତ୍ର ବୃକ୍ଷ ପ୍ରିୟ ପରିବେଶବିତ୍ ଭାବେ ବେଶ ଜଣାଶୁଣା ବୋଲି ବକ୍ତାମାନେ କହିଥିଲେ । ସେ ସ୍ୱଷ୍ଟବାଦୀ ନେତା ଥିଲେ। ବାସୁଦେବପୁରରେ ବିକାଶ ପୁରୁଷ ଭାବେ ପ୍ରତି ଗାଁକୁ ରାସ୍ତା,ପୋଲ, ପ୍ରତି ଗାଁରେ ସ୍କୁଲ ଘର ନିର୍ମାଣ, ବାତ୍ୟା ଆଶ୍ରୟସ୍ଥଳୀ, ମେଡିକାଲ ଆଦି ନିର୍ମାଣ କରିଥିଲେ। ଆଜି ତାଙ୍କରି ସ୍ମୃତିରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିଥିଲେ । ବିଜୟଶ୍ରୀ ସ୍ମୃତି କମିଟି ପକ୍ଷରୁ ବାସୁଦେବପୁର ବ୍ଲକର ଦୃଷ୍ଟି ବାଧିତ ଶିକ୍ଷକ ଭାସ୍କରଚନ୍ଦ୍ର ମଳିକ, ସମାଜସେବୀ ଅକ୍ଷୟ କୁମାର ମହାନ୍ତିଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବାସୁଦେବପୁର ବ୍ଲକର ଚଳିତ ମ୍ୟାଟ୍ରିକ ପରୀକ୍ଷାର ୨୦ ଜଣ ଏ ୱାନ ଗ୍ରେଡରେ ପାସ୍ କରିଥିବା ଛାତ୍ରଛାତ୍ରୀଙ୍କୁ ମେଧାବୀ ସମ୍ମାନକୁ ଅତିଥିମାନଙ୍କ କର କମଳରେ ମାନପତ୍ର ଉପଢୌକନ ନଗଦ ଅର୍ଥ ଓ ଏକ ଗଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।



**ସମସ୍ୟାରେ ବୀଣାପାଣି ଉଚ୍ଚ ବିଦ୍ୟାଳୟ**

## ୬ବର୍ଷ ହେଲା ନାହାନ୍ତି ସଂସ୍କୃତ ଶିକ୍ଷକ

ଦୋଳସାହି,୨୮ ।୭ (ସମିସ): ତିହିଡି ବ୍ଲକ ଗୁଆମାଳ ପଞ୍ଚାୟତ ବୀଣାପାଣି ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ୬ ବର୍ଷ ହେବ ସଂସ୍କୃତ ଶିକ୍ଷକ ନାହାନ୍ତି। ଫଳରେ ଛାତ୍ରଛାତ୍ରୀ ସଂସ୍କୃତ ବିଷୟ ପାଠ ପଢି ନପାରି ଦୁର୍ଦ୍ଦଶା ଭୋଗୁଛନ୍ତି । ପ୍ରଧାନଶିକ୍ଷକ ସରୋଜ ଦାସ ତାଙ୍କ ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଏନେଇ ଅବଗତ କରି ଆସୁଥିଲା ବେଳେ ଏହାର କୌଣସି ସୁଫଳ ଅଦ୍ୟାବଧି ମିଳିନାହିଁ। ଫଳରେ ଛାତ୍ରଛାତ୍ରୀ ଓ ଅଭିଭାବକମହଲରେ ଅସନ୍ତୋଷ ପ୍ରକାଶ ପାଇଛି । କେବଳ ଶିକ୍ଷକ ଅଭାବ ନୁହଁ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅନୁଯାୟୀ ଶ୍ରେଣୀ ଗୃହ ମଧ୍ୟ ନାହିଁ। ପାଚେରୀ ପୂର୍ଣ୍ଣାଙ୍ଗ ହୋଇନଥିବା ନେଇ ଅସନ୍ତୋଷ ଦେଖାଦେଇଛି। ବିଦ୍ୟାଳୟ ଛୁଟି ହେବା ପରେ ବିଦ୍ୟାଳୟ ପରିସରରେ ବହୁ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳି ପାଲଟିଛି। ଏଥିସହ ବିଦ୍ୟାଳୟର ବିଭିନ୍ନ ସାମଗ୍ରୀ ଚୋରୀ ହେଉଥିବା ବେଳେ ଥାନାରେ କୌଣସି ଅଭିଯୋଗ ବିଦ୍ୟାଳୟ ପକ୍ଷରୁ କରାଯାଉ ନାହିଁ । ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀ ଏଦିଗରେ ଗୁରୁତର ସହ ଦୃଷ୍ଟି ଦେବାକୁ ଦାବି ହୋଇଛି ।



## ଶ୍ରାବଣରେ 'ବିନା ପିଆଜ ରସୁଣ' ଭୋଜନ ବେପାର

# ମନ୍ଦିରରେ ୧୫୦, ରାସ୍ତାକଡ଼ରେ ୮୦

ଭୁବନେଶ୍ୱର, ୨୮।୭ (ସମିସ)

ବର୍ତ୍ତମାନ ଚାଲିଛି ଶ୍ରାବଣ ମାସ। ପ୍ରତିଦିନ ଅନେକ କାଉଡିଆ ଜଳାଭିଷେକ ପାଇଁ ପାଣି ଭାର ନେଇ ଯାଉଛନ୍ତି। ଏଣୁ ମାସ ବ୍ୟାପୀ ବିନା ପିଆଜ, ରସୁଣରେ ବିଶୁଦ୍ଧ ଆହାର ମଧ୍ୟ ଗ୍ରହଣ କରୁଛନ୍ତି। ଯେଉଁଥିପାଇଁ ରାଜଧାନୀ ରାସ୍ତାକଡ଼ରେ ଖୋଲିଥିବା ଝୁମ୍ପୁଡ଼ି ହୋଟେଲ୍‌ରେ ବିନା ପିଆଜ ରସୁଣ ଆହରର ଚାହିଦା ବଢ଼ିବାରେ ଲାଗିଛି।

**ଆପ ମାଧ୍ୟମରେ ପହଞ୍ଚି ଯାଉଛି ବିଶୁଦ୍ଧ ଭୋଜନ**

ସେହିପରି ରାଜଧାନୀକୁ ମଧ୍ୟ ପ୍ରତିଦିନ ଶହ ଶହ କାଉଡିଆ ପାଣି ଢାଳିବାକୁ ଆସୁଛନ୍ତି। ତେଣୁ ମୁଖ୍ୟ ସ୍ଥାନ ଭାବେ ସେମାନେ ଲିଙ୍ଗରାଜ ମନ୍ଦିରକୁ ଜଳଲାଗି ପାଇଁ ଧାଡ଼ି ଲଗାଇଛନ୍ତି। ସେଥିପାଇଁ କିଛି ନିରାମିଷ ହୋଟେଲଗୁଡିକ ସାମ୍ନାରେ ନିରାମିଷ ଏବଂ ବିନା ପିଆଜ ରସୁଣରେ ଖାଦ୍ୟ ପ୍ରସ୍ତୁତର ବୋର୍ଡ ଲଗାଇ ଗ୍ରାହକ ତଥା କାଉଡ଼ିଆଙ୍କୁ ଆକୃଷ୍ଟ କରୁଥିବାବେଳେ ଏହାକୁ ନଜରରେ ରଖି ଆଉ କିଛି ବ୍ୟବସାୟୀ ତମ୍ବୁ ପକାଇ ନିଜର ଅସ୍ଥାୟୀ ନିରାମିଷ ହୋଟେଲ ରାସ୍ତା କଡ଼ରେ ଖୋଲି ବସିଛନ୍ତି। ଯେପରି କାଉଡିଆମାନେ ଫେରିଲାବେଳେ ସେଠାକୁ ହିଁ ଯିବେ। ବର୍ତ୍ତମାନ ସମୟରେ




ବିଭିନ୍ନ ଶୈବ ପୀଠ ନିକଟରେ ଏପରି ଅନେକ ଅସ୍ଥାୟୀ ହୋଟେଲ ଦେଖିବାକୁ ମିଳୁଛି। ଯେଉଁଠି ଦୋକାନୀ ମାନେ ବିନା ପିଆଜ ରସୁଣର ଖାଦ୍ୟ ଶ୍ରାବଣ ମାସକୁ ନଜରରେ ରଖି ପ୍ରସ୍ତୁତ କରୁଛନ୍ତି। କେବଳ ମିଲ ନୁହଁ ବରଂ ଜଳଖିଆ ମଧ୍ୟ ବିନା ପିଆଜ ରସୁଣରେ ତିଆରି ହେଉଛି। ବିଭିନ୍ନ ହୋଟେଲରେ ଏବେ ନିରାମିଷ ଖାଦ୍ୟ ହିଁ ଲୋକ ଖୋଜୁଥିବା ପରିଲକ୍ଷିତ ହେଉଛି। ଯେଉଁଠି ଗୋଟେ ମିଲ ପିଛା ପାଖାପାଖି ୧୦୦ ରୁ ୧୫୦ ଟଙ୍କା ରହୁଛି। ସେହିପରି ରାସ୍ତା କଡର ଅସ୍ଥାୟୀ ହୋଟେଲରେ ମିଲ ପିଛା ୭୦ ରୁ ୧୦୦ ଟଙ୍କା ଆଇଟମ ଅନୁଯାୟୀ ରହୁଛି।

ଅନ୍ୟପଟେ ବିଭିନ୍ନ ମନ୍ଦିରରରେ ମଧ୍ୟ ଅନ୍ନ ପ୍ରସାଦ ଅର୍ଡର ଦେଇ ଲୋକ ସ୍ୱତନ୍ତ୍ର ଭାବେ ଏହି ଦିନଗୁଡିକରେ ନେଉଥିବା ଦେଖିବାକୁ ମିଳିଛି। ରାଜଧାନୀର ପ୍ରମୁଖ ମନ୍ଦିର ତଥା ଲିଙ୍ଗରାଜ ମନ୍ଦିର, ଅନନ୍ତ ବାସୁଦେବ ମନ୍ଦିର, ଜଗନ୍ନାଥ ମନ୍ଦିର ଏବଂ କାଳୀ ମନ୍ଦିର, କେଦାରଗୌରୀ ଆଦି ସ୍ଥାନରେ ହିଁ ଲୋକ ଅଧିକ ନିର୍ଭର କରୁଛନ୍ତି। ଏ ନେଇ ଅନନ୍ତ ବାସୁଦେବ ମନ୍ଦିରର ଜଣେ ପୂଜାରୀ କୁହନ୍ତି, ସବୁସମୟରେ ମନ୍ଦିରରେ ଅଭଡା ପାଇଁ ଗହଳି ଲାଗୁଥିଲେ ହେଁ ବର୍ତ୍ତମାନ ଶ୍ରାବଣ ମାସ ପାଇଁ ଅବଡ଼ା ନେବାକୁ ଲୋକ ଅଧିକ ଆସୁଛନ୍ତି। ଏହିସବୁ ମନ୍ଦିରରେ ମିଲ ପିଛା ୧୦୦ ରୁ ୧୫୦ ଟଙ୍କା ରହିଛି।

ସେହିପରି ଅନଲାଇନ୍‌ରେ ମଧ୍ୟ 'ମୋ ଆହାର' ଭଳି କିଛି ଆପ ମାଧ୍ୟମରେ ଲୋକ ଘରେ ବସି ମନ୍ଦିରର ପ୍ରସାଦ ଅର୍ଡର କରୁଛନ୍ତି। ଫଳରେ ତାଙ୍କୁ ମନ୍ଦିର ନଯାଇ ମଧ୍ୟ ଘରେ ବସି ପ୍ରସାଦ ପାର୍ସଲ ଯୋଗେ ମିଳିଯାଉଛି।

## କେଜିଏଫ୍ ପକ୍ଷରୁ ହେପାଟାଇଟିସ ଦିବସ




ଭୁବନେଶ୍ୱର, ୨୮।୭ (ସମିସ): କଳିଙ୍ଗ ଗେଷ୍ଟ୍ରୋଏଣ୍ଟେରୋଲୋଜି ଫାଉଣ୍ଡେସନ ବା କେଜିଏଫ୍ ତରଫରୁ ୧୫ତମ ବିଶ୍ୱ ହେପାଟାଇଟିସ ଦିବସ ପାଳନ ହୋଇଛି। ଚଳିତ ବର୍ଷର ବିଷୟ 'ଚାଲ ଏହାକୁ ଦୂର କରିବା' (ଲେଟ୍ ବ୍ରେକ ଇଟ୍ ଡାଉନ) ରହିଥିଲା। ହେପାଟାଇଟିସ ରୋଗର ପ୍ରାଥମିକ ଉପଚାର, ନିଦାନ, ନିରାକରଣକୁ ଗୁରୁତ୍ୱ ଦେବା ସହ ସଚେତନତା ସୃଷ୍ଟି କରିବା ହେଉଛି ଏହାର ମୂଳ ଉଦ୍ଦେଶ୍ୟ। ସାମାଜିକ ଓ ଅର୍ଥନୈତିକ ସ୍ତରରେ ଯେପରି ସମସ୍ତଙ୍କ କ୍ଷେତ୍ରରେ ଏହି ସଚେତନତା ପହଞ୍ଚି ପାରିବ ତା'କୁ ଗୁରୁତ୍ୱ ଦିଆଯାଇଛି। ଗତ ୨୦୦୧ ମସିହାଠାରୁ କେଜିଏଫ୍ ତରଫରୁ ହେପାଟାଇଟିସର ସଫଳ ନିରାକରଣ ପାଇଁ ପ୍ରୟାସ ଜାରି ରହିଛି। ଅନୁଷ୍ଠାନର ସେକ୍ରେଟାରୀ ତୁହିନ କାନ୍ତି ଘୋଷ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଭୁବନେଶ୍ୱର ମେ-ଫେୟାର କନଭେନ୍ସନ ସେଣ୍ଟରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ପଦ୍ମଶ୍ରୀ ଡଃ ସୁବ୍ରତ କୁମାର ଆଚାର୍ଯ୍ୟ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପତ୍ରିକା 'ସିରିଞ୍ଜି ଭିତରେ କାଳି' ଉନ୍ମୋଚିତ ହୋଇଥିଲା। ପ୍ରଫେସର ଅନୁପ କୁମାର ଦାସ କେଜିଏଫ୍ ସମ୍ମାନରେ ସମ୍ମାନିତ ହୋଇଥିବାବେଳେ ବ୍ଲୁମବର୍ଗ ଓରେସନ ଆୱାର୍ଡ଼ ହେପାଟୋଲୋଜିଷ୍ଟ ପ୍ରଫେସର ନାମ୍ବି ରିଓଙ୍କୁ ପ୍ରଦାନ କରାଯାଇଥିଲା।

## ଶ୍ରାଦ୍ଧବାର୍ଷିକୀରେ କଲାମଙ୍କୁ ସଙ୍ଗୀତରେ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୮।୭ (ସମିସ): ଚେତନା ସ୍ୱତନ୍ତ୍ର ଶିକ୍ଷା ମହାବିଦ୍ୟାଳୟର ସମ୍ମିଳନୀ କକ୍ଷଠାରେ ଡ଼ଃ ଏପିଜେ ଅବଦୁଲ କଲାମଙ୍କ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ବୈଜ୍ଞାନିକ, ଭାରତର ପୂର୍ବତନ ରାଷ୍ଟ୍ରପତି ଭାରତ ରତ୍ନ ସ୍ୱର୍ଗତ ଡ଼ଃ ଏପିଜେ ଅବଦୁଲ କଲାମଙ୍କ ଦଶମ ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚେତନା ସ୍ୱତନ୍ତ୍ର ବିଦ୍ୟାଳୟର ସଙ୍ଗୀତ ଶିକ୍ଷୟିତ୍ରୀ ସ୍ମୃତି ତ୍ରିପାଠୀ ଏବଂ ଅନ୍ୟମାନଙ୍କ ଦ୍ୱାରା ଡ଼ଃ କଲାମଙ୍କୁ ଶ୍ରଦ୍ଧାଞ୍ଜଳି ପୂର୍ବକ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଡ଼ଃ ବସନ୍ତ କୁମାର କର, ଜୁଏଲସ୍ ଇଣ୍ଟରନ୍ୟାସନାଲ୍‌ର ପ୍ରତିଷ୍ଠାତା ସଦସ୍ୟ ତଥା ସାଧାରଣ ସମ୍ପାଦକ ପ୍ରଫେସର ନାରାୟଣ ଚନ୍ଦ୍ର ପତି, ଡ଼ଃ ଏପିଜେ ଅବଦୁଲ କଲାମଙ୍କ ସ୍ମୃତି ସଂସଦର ଅଧ୍ୟକ୍ଷ ମନୋଜ କୁମାର ମହାପାତ୍ର, ମୁଖ୍ୟବକ୍ତା ଚିତ୍ତରଞ୍ଜନ ମିଶ୍ର, ସମ୍ମାନିତ ଅତିଥି ଡ଼ଃ ରାମ କୁମାର ମହାପାତ୍ର, ବୈଜ୍ଞାନିକ କାର୍ତ୍ତିକ ସ୍ୱାଇଁ, ଡଃ ଜ୍ଞାନଦେବ ମହାରଣା, ଏନ ସି ମହାପାତ୍ର ପ୍ରମୁଖ ଯୋଗଦେଇ ଡ଼ଃ ଏପିଜେ ଅବଦୁଲ କଲାମଙ୍କ ଅବଦାନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଚେତନା ସ୍ୱତନ୍ତ୍ର ଶିକ୍ଷା ମହାବିଦ୍ୟାଳୟର ଉପାଧ୍ୟକ୍ଷ ଲଲାଟେନ୍ଦୁ କର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଚେତନା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ବିନୟ ଭୂଷଣ ମହାପାତ୍ର ଏବଂ ଅବଦୁଲ କଲାମ ସ୍ମୃତି ସଂସଦର ସଦସ୍ୟ ଭରତ ଚନ୍ଦ୍ର ବେହେରା ପରିଚାଳନା କରିଥିଲେ।

## ଚଲାପଥର ସମ୍ପାଦକଙ୍କୁ ଉତ୍କଳ ସାହିତ୍ୟ ସମାଜ ସମ୍ମାନ

ଭୁବନେଶ୍ୱର, ୨୮।୭ (ସମିସ): ଓଡ଼ିଶାର ସର୍ବପୁରାତନ ଉତ୍କଳ ସାହିତ୍ୟ ସମାଜର ୧୨୩ତମ ଉତ୍ସବରେ ମାନ୍ୟବର ନ୍ୟାୟମୂର୍ତ୍ତି ବିଶ୍ୱନାଥ ରଥ, ଅଧ୍ୟକ୍ଷ ଓଡ଼ିଶା ଆଇନ୍ କମିଶନ, ଉତ୍କଳ ସାହିତ୍ୟ ସମାଜର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ପ୍ରଫେସର ଡକ୍ଟର ନିହାର ରଞ୍ଜନ ପଟ୍ଟନାୟକ, ଉତ୍କଳ ସାହିତ୍ୟ ସମାଜର ପ୍ରାକ୍ତନ ସଭାପତି ଡକ୍ଟର ବିଜୟାନନ୍ଦ ସିଂହ, କାର୍ଯ୍ୟ ନିର୍ବାହିକା ସଦସ୍ୟା ସରୋଜିନୀ ମିଶ୍ର, ପ୍ରଧାପକ ଆଦିତ୍ୟ ପ୍ରତାପ ଧଳ, ଡକ୍ଟର ସୁନାମଣି ରାଉତ ପ୍ରମୁଖଙ୍କ ଉପସ୍ଥିତିରେ ଓଡ଼ିଶାର ବରିଷ୍ଠ ସାମ୍ବାଦିକ, କବି, ସାହିତ୍ୟିକ, ଲେଖକ, ସାହିତ୍ୟ, ସଂସ୍କୃତିର ସଂଗଠକ, ଚଲାପଥର ସମ୍ପାଦକ, ହଳଧର ଧୀରଙ୍କୁ ବ୍ରହ୍ମାନନ୍ଦ ପଣ୍ଡା ସାଂସ୍କୃତିକ ସଂଗଠନ ସମ୍ମାନ ମାନ୍ୟବର ନ୍ୟାୟମୂର୍ତ୍ତି ରଥ ପ୍ରଦାନ କରିଥିଲେ।

## ଏଫ୍‌ଏଫ୍‌ସିର ସ୍ୱଚ୍ଛ ଭାରତ ଓ ସ୍ୱଚ୍ଛ ଭୁବନେଶ୍ୱର କାର୍ଯ୍ୟକ୍ରମ



ଭୁବନେଶ୍ୱର, ୨୮।୭ (ସମିସ): ୱାକର୍ସ ଇଣ୍ଟରନେସନାଲ ଦ୍ୱାରା ଅନୁବନ୍ଧିତ ଫନ୍ ଆଣ୍ଡ ଫିଟନେସ୍ ୱାକର୍ସ କ୍ଲବ ପକ୍ଷରୁ ସ୍ୱଚ୍ଛ ଭାରତ ଓ ସ୍ୱଚ୍ଛ ଭୁବନେଶ୍ୱର କାର୍ଯ୍ୟକ୍ରମ ଏନ୍-୩ ଯୁଧିଷ୍ଠିର ଦାସ ପାର୍କରେ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭବେ ୱାକରସ୍ ଇଣ୍ଟରନେସନାଲ୍ ଡ଼ିଷ୍ଟ୍ରିକ୍ଟ ଗଭର୍ଣ୍ଣର ମୁକ୍ତିକାନ୍ତ ଅଗଷ୍ଟି ଓ ସମ୍ମାନନୀୟ ଅତିଥିଭବେ କର୍ପୋରେଟର ମାନସୀରାଣୀ ସୁନ୍ଦରାୟ, ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ଯୋଗଦେଇ ଭୁବନେଶ୍ୱର ମହାନଗର ନିଗମର ୩୦ ଜଣ ସ୍ୱଚ୍ଛ ସେବକଙ୍କୁ ତାଙ୍କର ନିରବଚ୍ଛିନ୍ନ ସେବା ମନୋବୃତ୍ତି ଯୋଗୁଁ ସମ୍ମାନିତ କରାଯାଇଥିଲା। ସ୍ୱଚ୍ଛତା ଏକ ଗୁରୁତ୍ୱପୂର୍ଣ୍ଣ ଜୀବନଶୈଳୀ ଯାହା ବ୍ୟକ୍ତିଗତ, ସାମାଜିକ ଓ ପାରିବେଶିକସ୍ତରରେ ସୁସ୍ଥତା ଓ ସମୃଦ୍ଧି ଆଣିଥାଏ ବୋଲି ଉପସ୍ଥିତ ଏଫ୍‌ଏଫ୍‌ସିର ସଭାପତି ଆଶିଷ ପଟ୍ଟନାୟକ, ଜୋନ ଚେୟାରଙ୍ଗସ୍ର'ର କେଦାର ପଟ୍ଟନାୟକ, ଭାଇସ ପ୍ରେସିଡ଼େଣ୍ଟ ରିୟାଖାନ୍, ପ୍ରଦୀପ୍ତ ପଣ୍ଡା, ସମ୍ପାଦକ ସୁଧାକର ପଡ଼ଙ୍ଗୀ ପ୍ରମୁଖ ପ୍ରକାଶ କରିଛନ୍ତି।

## ବିଶୁନିଆପଡ଼ା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଚାରାରୋପଣ



ବାଲିଅନ୍ତା, ୨୮।୭ (ସମିସ): ବାଲିଅନ୍ତା ବ୍ଲକ ପୁରଣ ପଧାନ ଗ୍ରାମ ପଞ୍ଚାୟତ ଅଧୀନ ବିଶୁନିଆପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଜି ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଇନଜୀବୀ ସୁରେଶ କୁମାର ଦାସ, ପ୍ରକୃତି ବନ୍ଧୁ ନିରଞ୍ଜନ ସେନାପତି, ପ୍ରଧାନ ଶିକ୍ଷୟିତ୍ରୀ ସୁନେଇ ନାୟକ, ସହକାରୀ ଶିକ୍ଷକ ସୁଧାଂଶୁ ଶେଖର ବେହେରା, ଡଲି ପାତ୍ର, ଜାଜ୍ଞେଶ୍ୱରୀ ରାଉତ, ସୁଦିପ୍ତ ପ୍ରଧାନ ଓ ଗ୍ରାମସାଥୀ ରମେଶ ଚନ୍ଦ୍ର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସ୍କୁଲ ପରିସରରେ ପିଜୁଳି, ବଉଳ, ଅଁଳା ଏବଂ ଆମ୍ବ ଆଦି ଚାରାରୋପଣ କରିଥିଲେ। ଏହା ସହିତ ସ୍ଥାନୀୟ ଲୋକ ଏବଂ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଚାରା ବଣ୍ଟନ କରାଯାଇଥିଲା।

## ଅବ୍ୟବସ୍ଥା ମଧ୍ୟରେ ପ୍ରାଚୀଧାରରୁ ପାଣି ଉଠାଉଛନ୍ତି କାଉଡ଼ିଆ



ବାଲିଅନ୍ତା, ୨୮।୭ (ସମିସ): ବାଲିଅନ୍ତା ବ୍ଲକ ଭିଙ୍ଗାରପୁର ପଞ୍ଚାୟତ ଅଧୀନ ରାମଚନ୍ଦ୍ରପୁରସ୍ଥିତ ପ୍ରାଚୀଧାରରୁ କାଉଡିଆମାନେ ବଡ଼ ଅବ୍ୟବସ୍ଥାରେ ପାଣି ଉଠାଉଛନ୍ତି। କାଉଡ଼ିଆମାନେ ନଦୀଘାଟରୁ ସୁବିଧାରେ ପାଣି ଉଠାଣ ନେଇ ପ୍ରଶାସନ ପକ୍ଷରୁ କିଛି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଉଠାଣସ୍ଥାନ ସଫାସୁତୁରା କରାଯାଉ ନାହିଁ କିମ୍ବା ଲାଇଟ ଲଗାଯାଉ ନାହିଁ। କିଛି ବର୍ଷ ହେଲା ରାମଚନ୍ଦ୍ରପୁର ସ୍ଥିତ ପ୍ରାଚୀ ଧାରରୁ ଶ୍ରାବଣ ମାସରେ ପାଣି ଭାର ନେଇ ଶହ ଶହ ଶ୍ରଦ୍ଧାଳୁ ବକ୍ରେଶ୍ୱର ମନ୍ଦିର, ନୀଳକଣ୍ଠେଶ୍ୱର, ବେଲେଶ୍ୱର, ବଟେଶ୍ୱର, ଚମ୍ପେଶ୍ୱର, ରୁଦ୍ରେଶ୍ୱର, ଲୋକନାଥ, ଲକ୍ଷେଶ୍ୱର ଆଦି ଶୈବପୀଠକୁ ଜଳ ଲାଗି କରିବାକୁ ଯାଇଥାନ୍ତି। ହେଲେ ଏହି ଐତିହ୍ୟସ୍ଥଳୀର ଏଯାଏ ବିକାଶ ହୋଇପାରି ନାହିଁ। ଏସମ୍ପର୍କରେ ଭିଗାରପୁର ସରପଞ୍ଚ ହୃଷୀକେଶ ବେହେରାଙ୍କୁ ଯୋଗାଯୋଗ କରାଯିବାରେ ଏହା କୁରାଙ୍ଗ ଗ୍ରାମ ପଞ୍ଚାୟତ ଏବଂ ନଛିପୁର ମୌଜା ଏବଂ ବାଲିଅନ୍ତା ସୀମାନ୍ତ ଅଞ୍ଚଳରେ ରହିଥିବାରୁ ବିକାଶ କାର୍ଯ୍ୟ ସମ୍ଭବପର ହୋଇପାରି ନାହିଁ। ଅପରପକ୍ଷରେ ଏଭଳି ମହାନ ଐତିହ୍ୟ ସ୍ଥଳୀର ବିକାଶ କାର୍ଯ୍ୟ ନେଇ ପ୍ରଶାସନିକ ସ୍ତରରେ ଆନ୍ତରିକ ଉଦ୍ୟମର ଆବଶ୍ୟକତା ରହିଛି ବୋଲି ସମାଜସେବୀ ଅଜୟ ଜେନା କହିଛନ୍ତି।

## ହାଇଟେକ୍‌ର ମ୍ୟାନେଜିଂ ଟ୍ରଷ୍ଟି ସୁରେଶ ପାଣିଗ୍ରାହୀ ସମ୍ମାନିତ

ଭୁବନେଶ୍ୱର, ୨୮।୭ (ସମିସ): 'ଦି ଇଣ୍ଟରଭ୍ୟୁ ଟାଇମ୍ସ' ପକ୍ଷରୁ ଜାତୀୟ ସିଇଓ କନକ୍ଲେଭ ଭୁବନେଶ୍ୱରର ଏକ ତାରକା ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଅକଲ୍ୟାଣ୍ଟର ଭାରତର କମ୍ପ୍ଟ୍ରୋଲ ଜେନେରାଲ ଡ. ମଦନ ମୋହନ ସେଠୀ ଉଦ୍‌ଘାଟନ କରିଥବାବେଳେ ମୁଖ୍ୟ ଅତିଥି ଭାବେ ଯାଜପୁର ସାଂସଦ ଡଃ ରବୀନ୍ଦ୍ର ନାରାୟଣ ବେହେରା, ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ର, ଓକାକ୍ ପରିଚାଳନା ନିର୍ଦ୍ଦେଶକ ମାନସ ରଞ୍ଜନ ପଣ୍ଡାଙ୍କ ସମେତ ଡିଜି ଡିଆରଡିଓ ଇ ଓ ସିଏସ୍ ଡ. ବିକେ ଦାସ ଏବଂ ଡ. ପ୍ରବୀର ପାଲ୍ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।



ଏହି କାର୍ଯ୍ୟକ୍ରମରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ପ୍ରେରଣା ଦାୟୀ ପ୍ରଚାରକ ଭାବେ ଓଡ଼ିଶାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ମ୍ୟାନେଜିଙ୍ଗ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀଙ୍କୁ ସମ୍ମାନିତ କରାଯାଇଛି। ହାଇଟେକ୍ ଗ୍ରୁପ୍‌ର ସଦାସର୍ବଦା ଅନେକ ଗୁଡିଏ ସମାଜ ପାଇଁ ହିତ କାର୍ଯ୍ୟ ଲୋକଲୋଚନକୁ ଆସି ଏହା ସମସ୍ତଙ୍କର ଆଦୃତ ହେବାରେ ଲାଗିଛି ବୋଲି ମ୍ୟାନେଜିଙ୍ଗ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀ କହିଛନ୍ତି। ଏହି ଅବସରରେ ସ୍ୱାସ୍ଥ୍ୟ ଓ ଜୀବନଶୈଳୀ, ଦକ୍ଷତା ଓ ଶିକ୍ଷା, ପ୍ରଯୁକ୍ତି ବିଦ୍ୟା ଓ କୃତ୍ରିମ ବୁଦ୍ଧିମତ୍ତା, ଷ୍ଟାର୍ଟଅପ୍ ଭଳି ବିଭିନ୍ନ ପର୍ଯ୍ୟାୟରେ ସ୍ୱତନ୍ତ୍ର ଅତିଥିଙ୍କ ଉପସ୍ଥିତିରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

## ବିପିୟୁଟିର ନିଯୁକ୍ତି ପତ୍ର ବଣ୍ଟନ ଉତ୍ସବ

ଭୁବନେଶ୍ୱର, ୨୮।୭ (ସମିସ): ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି) ପକ୍ଷରୁ ବିଶ୍ୱ ଦକ୍ଷତା କେନ୍ଦ୍ର ଠାରେ ନିଯୁକ୍ତି ପତ୍ର ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଛି। ବିପିୟୁଟି ଏବଂ ଏହାର ଅନୁବନ୍ଧିତ ବିଭିନ୍ନ ବୈଷୟିକ ଶିକ୍ଷାନୁଷ୍ଠାନରୁ କୃତକାର୍ଯ୍ୟ ହୋଇ ଦେଶ ବିଦେଶରେ ନିଯୁକ୍ତି ପାଇଥିବା ପିଲାମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ବିପିୟୁଟି କୁଳପତି ପ୍ରଫେସର ଅମୀୟ କୁମାର ରଥ, ଇଞ୍ଜର୍ ଟେକ୍ନୋଲୋଜିର ମୁଖ୍ୟ ଜ୍ୟୋତିର୍ମୟ ରଥ, କୋଗ୍ନିଜାଣ୍ଟ କେନ୍ଦ୍ରର ମୁଖ୍ୟ ସତୀଶ ପ୍ରଧାନ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ, ପବ୍ଲିକ୍ ଆଣ୍ଡ ଇନ୍‌ଫରମ୍ସନ୍ ଟେକନୋଲୋଜିର ଇନ୍‌ଚାର୍ଜ ମନୋରଞ୍ଜନ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ କର୍ମଯୋଗୀ ହେବାକୁ ପରାମର୍ଶ ଦେଇଛନ୍ତି। ଶେଷରେ ବିପିୟୁଟିର ଉପ-କୁଳସଚିବ ଡ. ଶୁଭେନ୍ଦୁ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିବାବେଳେ ପ୍ରଫେସର ବିଦ୍ୟା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କୁଟୁମ୍ବ ପେନ୍‌ସନ ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ଭୁବନେଶ୍ୱର, ୨୮।୭ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୪ ଅଗଷ୍ଟ ୯ ତାରିଖ କ୍ରାନ୍ତି ଦିବସରେ ରାଜ୍ୟର ସହିଦ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ଲାଗି କୁଟୁମ୍ବ ପେନସନ ଘୋଷଣା କରିଥିଲେ। ସେହି ଘୋଷଣାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଲାଗି ସରକାରଙ୍କ ପାଖରେ ଦାବି କରାଯାଇଛି। ଅଖିଳ ଭାରତ ସ୍ୱାଧୀନତା ସଂଗ୍ରାମୀ ଓ ଉତ୍ତରଦାୟାଦ ସଂଗଠନର ସାଧାରଣ ସମ୍ପାଦକ ବିଜୟ କୁମାର ତ୍ରିପାଠୀଙ୍କ ସହ ସଂଗଠନର ୩ ଜଣ କର୍ମକର୍ତ୍ତା ସର୍ବଶ୍ରୀ କୁଳମଣି ରାଉତ, ଶିବନାରାୟଣ ମିଶ୍ର ଓ ଶରତ ଚନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ଯାଇ ଦାବିପତ୍ର ପ୍ରଦାନ କରିଛନ୍ତି। ସୋମବାର ଉତ୍ତରଦାୟାଦ ସଂଗଠନର କାର୍ଯ୍ୟକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କୁ ପ୍ରଦାନ କରିଥିଲେ। ଶ୍ରୀ ସାହୁ ଏହାକୁ ଗ୍ରହଣ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଲାଗି ଅର୍ଥ ବିଭାଗକୁ ପଠାଇଛନ୍ତି ଏବଂ ସରକାର ଉପଯୁକ୍ତ ପଦକ୍ଷେପ ନେବେ ବୋଲି ଆଶ୍ୱାସନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ୧୯୭୫ ଜରୁରିକାଳୀନ ସ୍ଥିତିର ବନ୍ଦୀଙ୍କୁ ସମ୍ମାନ ପେନସନ ଇତିମଧ୍ୟରେ ଦିଆଗଲାଣି। ମୁଖ୍ୟମନ୍ତ୍ରୀ ଉଭୟ କୁଟୁମ୍ବ ପେନସନ ଓ ଜରୁରିକାଳୀନ ସମ୍ମାନ ଭତ୍ତା ଅଗଷ୍ଟ କ୍ରାନ୍ତି ସମାବେଶରେ ଘୋଷଣା କରିଥିବା କୁଟୁମ୍ବ ପେନସନ ପ୍ରକ୍ରିୟା ଏବେବି ଚୂଡ଼ାନ୍ତ ମୋହର ଅପେକ୍ଷାରେ ରହିଛି।

## ଏୟୁ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ପକ୍ଷରୁ ୪ ପୁଲିସ ବୁଥ୍




ଭୁବନେଶ୍ୱର, ୨୮।୭ (ସମିସ): ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଏୟୁ ସ୍ମଲ ଫାଇନାନ୍ସ ବ୍ୟାଙ୍କ ପକ୍ଷରୁ ଭୁବନେଶ୍ୱରରେ ଚାରିଟି ପୂର୍ଣ୍ଣ ସୁସଜ୍ଜିତ ପୁଲିସ ବୁଥ୍ ସ୍ଥାପନ କରାଯାଇଛି। ଏହି ପଦକ୍ଷେପ ରାଜଧାନୀର ସଡ଼କ ସୁରକ୍ଷା ଏବଂ ଗୋଷ୍ଠୀ କଲ୍ୟାଣ କାର୍ଯ୍ୟକ୍ରମରେ ସହାୟକ ହେବ। ଏହି ବୁଥ ଗୁଡ଼ିକ ରାଜଧାନୀର ଭିଡ଼ ନିୟନ୍ତ୍ରଣ ସହାୟକ ହେବ। ବ୍ୟାଙ୍କର ସିଏସ୍‌ଆର କାର୍ଯ୍ୟକ୍ରମ ଅଧୀନରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ନୂଆକରି ଉଦ୍‌ଘାଟିତ ବୁଥ୍ ଗୁଡ଼ିକ ରାଜଧାନୀ ବ୍ୟସ୍ତବହୁଳ ଅଞ୍ଚଳ କେଶୁରା ଛକ, ଗ୍ୟାରେଜ ଛକ, ପଳାଶୁଣି ଏବଂ ରାଜମହଲ ଛକରେ ଅବସ୍ଥାପିତ କରାଯାଇଛି। ପ୍ରତ୍ୟେକ ବୁଥରେ ବସିବା ବ୍ୟବସ୍ଥା, ପଙ୍ଖା ଏବଂ ମାଇକ ବ୍ୟବସ୍ଥା ଭଳି ଅତ୍ୟାବଶ୍ୟକ ସୁବିଧା ଯୋଗାଇ ଦିଆଯାଇଛି।

**ଆମ ରାଜଧାନୀ ଆମ ଐତିହ୍ୟ**

## ଧୂସର ବାଲୁକା ପଥରରେ ନିର୍ମିତ ପାବକେଶ୍ୱର ମନ୍ଦିର



ଭୁବନେଶ୍ୱର, ୨୮।୭ (ସମିସ): ରାଜଧାନୀର ଐତିହ୍ୟସମ୍ପନ୍ନ ପୁରାତନ ମନ୍ଦିରଗୁଡ଼ିକ ମଧ୍ୟରୁ ଦଶମ ଶତାବ୍ଦୀର ପାବକେଶ୍ୱର ମନ୍ଦିର ବା ଦୈତେଶ୍ୱର ମନ୍ଦିର ଅନ୍ୟତମ। ବିନ୍ଦୁ ସାଗରରୁ କେଦାରଗୌରୀ ମନ୍ଦିର ଗଲାବେଳେ ବାମପାର୍ଶ୍ୱରେ ଦେଖିବାକୁ ମିଳେ କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ନିର୍ମିତ ଦୈତେଶ୍ୱର ମନ୍ଦିର। ଲିଙ୍ଗରାଜ ମନ୍ଦିର ଚାରିପାଖରେ ଘେରି ରହିଛି ଏପରି ଅନେକ ଶତାବ୍ଦୀ ଶତାବ୍ଦୀର ପୁରାତନ ମନ୍ଦିର। ଏହା କେବଳ ଐତିହ୍ୟ କୀର୍ତ୍ତିରାଜିର ମୂକ ସାକ୍ଷୀ ନୁହେଁ ବରଂ ଲୋକଙ୍କ ଆଧ୍ୟାତ୍ମିକ ଭାବନା ସହ ମଧ୍ୟ ଜଡ଼ିତ। ଓଡ଼ିଶା ଇତିହାସର ଏପରି ଅନେକ ଗୌରବମୟ ଅତୀତକୁ ଛାତିରେ ଧରି ରଖିଛି ଏହି ସହର।

ଇତିହାସ ଅନୁଯାୟୀ ଦୈତେଶ୍ୱର ମନ୍ଦିର ଆଉ ଏକ ନାମରେ ମଧ୍ୟ ଜଣାଯାଏ। ଦ୍ୱାଦଶ ଶତାବ୍ଦୀ ପୂର୍ବରୁ ଏହାକୁ ଦୈତେଶ୍ୱର ମନ୍ଦିର ବୋଲି କୁହାଯାଉଥିଲା। ହେଲେ ପରବର୍ତ୍ତୀ ସମୟ ଏହାକୁ ପାବକେଶ୍ୱର ମନ୍ଦିର ମଧ୍ୟ କୁହାଯାଉଛି। ମନ୍ଦିରଟି ଦଶମରୁ ଏକାଦଶ ଶତାବ୍ଦୀରେ ନିର୍ମିତ ବୋଲି କୁହାଯାଏ। ମନ୍ଦିରର ଆରାଧ୍ୟ ଦେବତା ହେଉଛନ୍ତି ପ୍ରଭୁ ଶିବ। ମନ୍ଦିରର ପୂର୍ବଆଡ଼କୁ ବାରଣ୍ଡା ସହିତ ସଲଗ୍ନ ବିମାନ ରହିଛି। ୫୨ ଫୁଟ୍ ଉଚ୍ଚତା ବିଶିଷ୍ଟ ଏହି ମନ୍ଦିର ଧୂସର ବାଲୁକା ପଥରରେ ନିର୍ମିତ। ମନ୍ଦିରରେ ପରିଲକ୍ଷିତ ହେଉଥିବା ସବୁଠୁ ଆଶ୍ଚର୍ଯ୍ୟ କଥା ହେଲା ମନ୍ଦିରରେ କୌଣସି ମୂର୍ତ୍ତି କଳାରେ ଅଳଙ୍କାର ଦେଖିବାକୁ ମିଳେ ନାହିଁ।

### ଏବେ କେମିତି ରହିଛି



ମନ୍ଦିରର ତିନି ପାର୍ଶ୍ୱରେ ଘରୋଇ କୋଠା ଏବଂ ମାର୍କେଟ ଘେରି ରହିଛି। ମନ୍ଦିରର ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ଧୀରେ ଧୀରେ ଏହି ଐତିହ୍ୟ ନଷ୍ଟ ହେବାକୁ ବସିଲାଣି। ମନ୍ଦିର ପରିସରରେ ଲୋକଙ୍କ ଗାଡ଼ି ପାର୍କିଂ ହେବାର ଦୃଶ୍ୟ ଦେଖିବାକୁ ମିଳୁଥିବାବେଳେ ମନ୍ଦିରର ଚାରିପଟ ବଣ ଜଙ୍ଗଲ ହୋଇ ସୌନ୍ଦର୍ଯ୍ୟ ହରାଇବାକୁ ଲାଗିଲାଣି। କେଉଁଠି ଗଛ ଲତା ମାଡ଼ିଗଲାଣି ତ କେଉଁଠି ଅଳିଆ ହୋଇପଡ଼ିଛି। ବର୍ଷାଦିନ ଯୋଗୁଁ ଚାରିପଟେ ଆହୁରି ଅନାବନା ଗଛ ମାଡିଗଲାଣି। ରାଜ୍ୟ ତଥା ଦେଶର ଐତିହ୍ୟସ୍ଥଳୀଗୁଡ଼ିକର ଏପରି ଦୃଶ୍ୟ ପର୍ଯ୍ୟଟକଙ୍କୁ ନିରାଶ କରିବା ସହ ଗବେଷକଙ୍କୁ ମଧ୍ୟ ନିରାଶ କରୁଛି। ରାସ୍ତା ପାର୍ଶ୍ୱରେ ଥାଇ ମଧ୍ୟ ନଜର ଆଢୁଆଳରେ ରହିଯାଉଛି। ମନ୍ଦିରର ପରିସରରେ ଏପରି ଗଛଲତା ମାଡ଼ି ଯିବାରୁ ପର୍ଯ୍ୟଟକ ଭିତରକୁ ପଶିବାକୁ ସଂକୋଚ ପ୍ରକାଶ କରୁଛନ୍ତି। ମନ୍ଦିର ପାଇଁ ପୂଜକ ଥିଲେ ମଧ୍ୟ ରକ୍ଷଣାବେକ୍ଷଣ ପାଇଁ ଅନ୍ୟ କୌଣସି କର୍ମଚାରୀ ନାହାନ୍ତି।

# ଅଫିସରଙ୍କ କଲର ଧରିଲେ ଚାଷୀ



ଜିଲ୍ଲା ସହକାରୀ ଅଧିକାରୀ ରେବତିସ୍ ନାଏକ ଓ ସମବାୟ ବିଭାଗର ସହକାରୀ ନିବନ୍ଧକ ପାଣୁ ଚରଣ ସାହୁଙ୍କୁ ଠେଲାପେଲା କରିଥିଲେ। ଏଭଳିକି ଉତ୍ତ୍ୟକ୍ତ ଚାଷୀ ଏହି ଅଧିକାରୀମାନଙ୍କ ସାର୍ଟ କଲର ଧରିବାକୁ ପଛାଇ ନ ଥିଲେ। ପରେ ନୂତନ ଜିଲ୍ଲାପାଳ ଡ. ନୃପରାଜ୍ ସାହୁଙ୍କୁ ଭେଟିଥିଲେ। ଧାନକିଣାରେ ଅନିୟମିତତା

**ତରଭା, ୨୮ ।୭ (ସମିସ):** ତରଭା ବ୍ଲକ ସଭା ଗୃହରେ ସୋମବାର ଅଭିଯୋଗ ଶୁଣାଣି ଶିବିର ଚାଲିଥିବାବେଳେ ବାହାରେ ଅଭାବନୀୟ ଘଟଣା ଘଟିଥିଲା। ଧାନବିକ୍ରିର ପ୍ରାପ୍ୟକୁ ନେଇ ମରାଡୁଗୋଛା ପେକ୍ସ ଅଧୀନ ଚାଷୀ ଏବଂ ଧାନ ବିକ୍ରିର ପ୍ରାପ୍ୟ ଏଯାବତ୍ ପାଇ ନ ଥିବା ଅଭିଯୋଗ କରିଥିଲେ। ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେବା ପରେ ଅସନ୍ତୋଷ ଚାଷୀ ଶାନ୍ତ ପଡ଼ିଥିଲେ।

### ଆବାସ ଯୋଜନାରେ ଅନିୟମିତତା

# ଜଣକ ନାଁରେ ମଞ୍ଜୁର, ଆଉ ଜଣକୁ ପ୍ରଥମ କିସ୍ତି

**ଶଗଡ଼ା, ୨୮ ।୭ (ସମିସ)**

ସରକାର ଗରିବ ଓ ଅସହାୟ ଲୋକଙ୍କ ଉନ୍ନତି ଲାଗି ଅନେକ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଅନେକ କ୍ଷେତ୍ରରେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଯୋଜନାର ସୁଫଳ ପାଉ ନ ଥିବା ବେଳେ ପ୍ରକୃତ ହିତାଧିକାରୀଙ୍କୁ ଆବାସ ଘର ମିଳୁନାହିଁ। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶିମିଳିପଦର ପଞ୍ଚାୟତ ଗବଯୋର ଗ୍ରାମରୁ ଏଭଳି ଏକ ଅଭିଯୋଗ ଆସିଛି। ଗ୍ରାମର ସେବକ ମେହେରଙ୍କ ସ୍ତ୍ରୀ ଜୟନ୍ତୀ ମେହେରଙ୍କ ନାମରେ ସରକାରଙ୍କ ପକ୍ଷରୁ ୨୦୨୪-୨୫ ମସିହାରେ ତାଙ୍କ ନାମ ଆବାସ ଘର ତାଲିକାରେ ଘର ମଞ୍ଜୁର ହୋଇଥିଲା। ହେଲେ ପରବର୍ତ୍ତୀ ସମୟରେ ବିଭାଗୀୟ ଅଧିକାରୀ ଜୟନ୍ତୀଙ୍କୁ ଆବଶ୍ୟକୀୟ କାଗଜପତ୍ର ସବୁ ମାଗିଥିଲେ। ହେଲେ ଦୀର୍ଘ ମାସ ବିତି ଯାଇଥିଲେ ସୁଦ୍ଧା ଜୟନ୍ତୀଙ୍କ ଆକାଉଣ୍ଟକୁ କୌଣସି ଟଙ୍କା ଆସି ନ ଥିଲା। ଟଙ୍କା ଆସି ନ ଥିବା ନେଇ ଜୟନ୍ତୀ ପଞ୍ଚାୟତ ନିର୍ବାହୀ ଅଧିକାରୀ ରିଲିପ ନାଏକଙ୍କୁ ଅଭିଯୋଗ କରିଥିଲେ ସୁଦ୍ଧା ପଞ୍ଚାୟତ ନିର୍ବାହୀଅଧିକାରୀ କୌଣସି କଥା ଶୁଣି ନ ଥିବା କହିଛନ୍ତି। ପଞ୍ଚାୟତ ନିର୍ବାହୀ ଅଧିକାରୀ ଜାଣିଶୁଣି ଚଞ୍ଚକତା କରି ତାଙ୍କ ଘର ସହାୟତା ରାଶି ଅନ୍ୟ ଜଣକୁ ପ୍ରଦାନ କରିଥିବା ଅଭିଯୋଗ ହୋଇଛି। ବାରମ୍ବାର ଅଭିଯୋଗ ପରେ ନିରାଶ ହୋଇ ଜୟନ୍ତୀ ଆଜି କଣ୍ଟାମାଳ ବିଡ଼ିଓଙ୍କୁ ଅଭିଯୋଗ କରିଛନ୍ତି। ବିଡ଼ିଓ ଅନୁପସ୍ଥିତ ଥିବାରୁ ଜିପିଓଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଥିବା ଜଣା ପଡ଼ିଛି। ଶିମିଳିପଦର ପଞ୍ଚାୟତରେ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ସମସ୍ତ ଆବାସ ଯୋଜନାର ଅନିୟମିତତାର ନିରପେକ୍ଷ ତଦନ୍ତ କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଏହାର ନିରପେକ୍ଷ ତଦନ୍ତ କରି ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜୟନ୍ତୀ ଦାବି କରିଛନ୍ତି। ଅନିୟମିତତା ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଯୋଗାଯୋଗ କରା ଯାଇଥିଲେ ସୁଦ୍ଧା ଫୋନ ଉଠାଇ ନ ଥିବାରୁ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।

**ଟଙ୍କା ପ୍ରଦାନରେ ଡଞ୍ଚକତା**

## ୨୨ ଦିନ ପରେ ମିଳିଲା ଇଞ୍ଜିନିୟର ଛାତ୍ରଙ୍କ ମୃତଦେହ

**ବଣାଇଁ, ୨୮ ।୭ (ସମିସ):** ବୁଲିବାକୁ ଆସି ବାଦଲଗିରି ଜଳପ୍ରପାତରେ ଭାସିଯାଇଥିବା ଇଞ୍ଜିନିୟରିଂ ଛାତ୍ରଙ୍କ ମୃତଦେହ ୨୨ ଦିନପରେ ମିଳିଛି। ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ଥାନା ଲିପଲୋଇ ପାନପଡ଼ାର ୧୩ ଜଣ ସାଙ୍ଗ ଗତ ୬ ତାରିଖ ଦିନ ପିକ୍‌ନିକ୍ କରିବାକୁ ଗୁରୁଣ୍ଡିଆ ବ୍ଲକ ବାଦଲଗିରି ଜଳପ୍ରପାତ ଆସିଥିଲେ। ସେଠାରେ ସମସ୍ତେ ଗାଧୋଉଥିବା ସମୟରେ ୨୬ ବର୍ଷିୟ ଗୌରବ ଭାସି ଯାଇଥିଲେ। ବହୁ ଖୋଜାଖୋଜି ପରେ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ଗୁରୁଣ୍ଡିଆ ଥାନା ଓ ଅଗ୍ନିଶମ ବିଭାଗ, ଓଡ୍ରାଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ୪ ଦିନ ଧରି ବହୁତ୍ ଖୋଜା ଖୋଜି କରି ନିରାଶ ହୋଇ ଫେରିଥିଲେ। ସୋମବାର ସକାଳୁ ଏକ ଶବ ଭାସୁଥିବାର ଦେଖି ଗାଁ ଲୋକେ ଗୁରୁଣ୍ଡିଆ ଥାନାକୁ ଖବର ଦେଇଥିଲେ। ଗୁରୁଣ୍ଡିଆ ଥାନା ଅଧିକାରୀ ପହଞ୍ଚି ଶବକୁ ଚିହ୍ନଟ କରିବା ପରେ ପରିବାରକୁ ଖବର ଦେଇଥିଲେ, ପରିବାର ଲୋକେ ପହଞ୍ଚି ଶବକୁ ଚିହ୍ନଟ କରିଥିଲେ।



## ବିପୁଳ ମହୁଲ ପୋଚ ସହ ଦେଶୀ ମଦ ଜବତ

**ଶଗଡ଼ା, ୨୮ ।୭ (ସମିସ):** ଘଣ୍ଟାପଡ଼ା ଥାନା ପ୍ରତିମାଲ ଗ୍ରାମ ରାସ୍ତା ନିକଟରେ ଦେଶୀ ମଦ ଚୋରା ଚାଲାଣ ହେଉଥିବା ବେଳେ କଣ୍ଟାମାଳ ଅବକାରୀ ବିଭାଗ ଖବର ପାଇ ଚଢ଼ଉ କରିଥିଲା। ଗ୍ରାମର ଉଛବ ସାହୁ (୩୦) ନିକଟରୁ ୭ ଲିଟର ଦେଶୀ ମଦ ଜବତ କରି ତାକୁ ଅଟକ ରଖିଥିଲା। ଏ ନେଇ କଣ୍ଟାମାଳ ଅବକାରୀ ପକ୍ଷରୁ ଏକ ମାମଲା ରୁଜୁ କରି ତାକୁ ସେବା ନୋଟିସ୍ ଦେଇ ଛାଡି ଦିଆଯାଇଥିବା ଅବକାରୀ ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି କଣ୍ଟାମାଳ ଅବକାରୀ ଟିମ୍ ଶିମିଳି ଜୋରା ଗ୍ରାମ ନିକଟସ୍ଥ ନାଳରେ ଦେଶୀ ମଦ ପ୍ରସ୍ତୁତି ଚାଲିଥିବା ଖବର ପାଇ ଚଢ଼ଉ କରି ୩୫୦ ଲିଟର ମହୁଲ ପୋଚ ନଷ୍ଟ କରିଛି।

## ଗଣେଶ ପୂଜା ପାଇଁ ପ୍ରସ୍ତୁତି

**ବୌଦ୍ଧ, ୨୮ ।୭ (ସମିସ):** ବୌଦ୍ଧ ପୁରାତନ ଗଡ଼ଜାତ ଅମଳର ଗଣେଶ ବଜାରରେ ଗଣେଶ ପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ପ୍ରସ୍ତୁତି ବୈଠକରେ ବଜାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସର୍ବସମ୍ମତି କ୍ରମେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ରଞ୍ଜିତ ସାହୁ ସଭାପତି ହୋଇଥିବାବେଳେ ସଚିବ ଭାବେ ସୁରଜ ଅଗ୍ରୱାଲ, କୋଷାଧକ୍ଷ ଭାବେ ମୋହିତ ଅଗ୍ରୱାଲ ଚୟନ ହୋଇଛନ୍ତି।

## କଣ୍ଟାମାଳ ଡୁମାଳ ସମାଜ ତରଫରୁ ପ୍ରସାଦ ବଣ୍ଟନ

**ଶଗଡ଼ା, ୨୮ ।୭ (ସମିସ):** ଶ୍ରାବଣ ମାସର ତୃତୀୟ ସୋମବାର ଉପଲକ୍ଷେ ସ୍ଥାନୀୟ ଡୁମାଳ ସମାଜ ତରଫରୁ କଣ୍ଟାମାଳ ବ୍ଲକ ଗୁନାପଥରସ୍ଥିତ ପ୍ରସିଦ୍ଧ ଶୈବ ପୀଠ ଶ୍ରୀ ଶ୍ରୀ ଜଳେଶ୍ୱର ବାବା ମନ୍ଦିରଠାରେ କାଉଡିଆ ଏବଂ ଶୈବଭକ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସିଦ୍ଧବାବା ମଠର ମହନ୍ତଙ୍କ ତତ୍ତ୍ୱାବଧାନରେ ଶମ୍ଭୁ ପାତ୍ର, କାଶୀବିଶ୍ୱନାଥ କର୍ଣ୍ଣ, ସୁରଥ ପ୍ରଧାନ, ଅରୁଣ ପ୍ରଧାନ, ଦେବେନ୍ଦ୍ର ବସ୍ତିଆ, ରଞ୍ଜନ ପାତ୍ର, ବେଣୁଧର କର୍ଣ୍ଣ, ସତ୍ୟନାରାୟଣ ମହାକୁଡ଼ ଓ ଅନ୍ୟମାନେ ପରିଚାଳନା କରିଥିଲେ। ମଠର କର୍ମକର୍ତ୍ତା ସହଯୋଗ କରିଥିଲେ।

## କପିଳେଶ୍ୱର ବାବାଙ୍କ ପୀଠରେ ଜଳାଭିଷେକ

**ପଲଶାଗୋରା, ୨୮ ।୭ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରାର କପିଳେଶ୍ୱର ବାବାଙ୍କ ପୀଠରେ ସୋମବାର ଜଳାଭିଷେକ ଅନୁଷ୍ଠିତ ହୋଇଯାଇଛି। ଭକ୍ତମାନେ ନିକଟରେ ଥିବା କାନ୍ଧୁଲମୁଣ୍ଡା ପୋଖରୀରୁ ପୂଜା ପରେ ଜଳ ଆଣି ମନ୍ଦିର ଭିତରେ ଢାଳିଥିଲେ। ମନ୍ଦିରରେ ରୁଦ୍ରାଭିଷେକ କରାଯାଇଥିଲା।

# ୬ ବର୍ଷରେ ବଜ୍ରପାତ ନେଲାଣି ୧୪ ଜୀବନ

**ବୌଦ୍ଧ, ୨୮ ।୭ (ସମିସ):** ଓଡ଼ିଶା ଏକ ବଜ୍ରପାତ ପ୍ରବଣ ରାଜ୍ୟ ହୋଇଥିବା ବେଳେ ବଜ୍ରପାତକୁ ସରକାର ବିପର୍ଯ୍ୟୟ ତାଲିକାରେ ସାମିଲ କରିଛନ୍ତି।ବଜ୍ରପାତ ଜନିତ ମୃତ୍ୟୁକୁ ରୋକିବା ପାଇଁ ବ୍ୟାପକ ତାଳଗଛ ଲଗାଇବାକୁ ସରକାର ନିଷ୍ପତ୍ତି ନେଇ ତାଳଗଛ ବ୍ୟାପକ ଭାବରେ ରୋପଣ କରିଛନ୍ତି। ତାଳଗଛ ବଜ୍ରପାତ ମୃତ୍ୟୁକୁ ରୋକିବାରେ ଏକ ରକ୍ଷାକବଜ ଭଳି କାର୍ଯ୍ୟ କରିବ। ବୌଦ୍ଧଜିଲ୍ଲାରେ ଛଅ ବର୍ଷରେ ବଜ୍ରାଘାତରେ ୧୪ ଜଣଙ୍କର ଜୀବନ ଯାଇଥିବା ଜଣାପଡ଼ିଛି। ଜିଲ୍ଲାରେ ପ୍ରତିବର୍ଷ ବଜ୍ରାଘାତରେ ଯାଉଛି ଅନେକ ନିରିହ ଜୀବନ। ବିଶେଷ କରି ବର୍ଷା ଦିନ ବିଲରେ କାମ କରୁଥିବା ବେଳେ ବଜ୍ରପାତରେ ଅଧିକାଂଶଙ୍କ ଜୀବନ ଯାଇଥିବା ଜଣାପଡ଼ିଛି। ବର୍ଷା ଦିନେ ବିଲରେ କାମ କରୁଥିବା ସମୟରେ ବଜ୍ରପାତ ହେବା ସମୟରେ ଲୋକମାନେ ସୁରକ୍ଷିତ ସ୍ଥାନକୁ ଯିବାରେ ଅସାବଧାନତା ଅବଲମ୍ବନ କରିଥାନ୍ତି। ଯାହାଫଳରେ ମୂଲ୍ୟବାନ ଜୀବନ ଦେବାକୁ ପଡ଼ିଥାଏ। ବଜ୍ରପାତକୁ ନେଇ ପ୍ରଶାସନ ପକ୍ଷରୁ ସଚେତନତା କରାଯାଉଥିଲେ ମଧ୍ୟ ଲୋକଙ୍କ ପାଖରେ ସଚେତନତା ବାର୍ତ୍ତା ଠିକ ଭାବରେ ପହଞ୍ଚି ପାରୁନାହିଁ। ପ୍ରତି ବର୍ଷ ପ୍ରଶାସନ ପକ୍ଷରୁ ବଜ୍ରପାତରୁ କିପରି ଜୀବନକୁ ସୁରକ୍ଷିତ ରଖିବେ ସେଥିପାଇଁ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିଲେ ମଧ୍ୟ ସଚେତନତାର ଅଭାବ ଯୋଗୁଁ ବଜ୍ରପାତରେ ପ୍ରାଣହାନୀ ଘଟୁଛି। ବଜ୍ରପାତରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବାରୁ ସରକାର ତାଳଗଛ ରୋପଣ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ବୌଦ୍ଧଜିଲ୍ଲାରେ ବିଭିନ୍ନ ଗ୍ରାମରେ

**ରୋକିବା ପାଇଁ ତାଳଗଛ ରୋପଣ ଆରମ୍ଭ**

ବ୍ୟାପକ ତାଳବଣମାନ ରହିଥିଲା। ହେଲେ ଧିରେ ଧିରେ ତାଳଗଛ ସବୁ ଲୋପ ପାଇବାକୁ ଗଲାଣି। ଏପରକି ବାହାର ରାଜ୍ୟକୁ ତାଳଗଛ ଚାଲାଣ ହୋଇଛି। ଗତ ୨୦୨୩ରୁ ସରକାର ତାଳଗଛ କାଟିବା ଉପରେ ରୋକ ଲଗାଇବା ପରେ ଧିରେ ଧିରେ ତାଳଗଛ ଚାଲାଣ ଉପରେ ରୋକ ଲାଗିଥିବା ଜଣାପଡ଼ିଛି। ବନ ବିଭାଗ ମଧ୍ୟ ଏଥିପ୍ରତି ଦୃଷ୍ଟି ଦେଇଛି। ବୌଦ୍ଧଜିଲ୍ଲାରେ ଗତ ଦୁଇ ବର୍ଷରେ ୫୮ ହଜାର ତଳଗଛ ଲଗାଯାଇଥିବା ବେଳେ ଚଳିତ ବର୍ଷ ସରକାର ୫୦ ହଜାର ତାଳଗଛ ଲଗାଇବାକୁ ବୌଦ୍ଧ ବନ ବିଭାଗକୁ ଲକ୍ଷ୍ୟ ଦିଆଯାଇଛି। ଜିଲ୍ଲାରେ ବନ ବିଭାଗ ପକ୍ଷରୁ ୨୦୨୩ ମସିହାରେ ୫ ହଜାର ତାଳଗଛ ଲଗାଯାଇଥିଲା। ଯାହାକି ନଗରେଗା ପ୍ଲାସେନରେ ଲଗାଯାଇଥିଲା। ୨୦୨୪ ରେ ୫୩ ହଜାର ତାଳଗଛ ରିଜର୍ଭ ଫରେଷ୍ଟ ଏରିଆର ସୀମାରେ ଲଗାଯାଇଥିଲା। ଯାହାଫଳରେ ବଜ୍ରପାତରୁ ରକ୍ଷା ମିଳିବା ସହିତ ସଂରକ୍ଷିତ ଜଙ୍ଗଲ ସୀମାର ଚିହ୍ନଟ ହୋଇପାରିବ। ଚଳିତ ବର୍ଷ ୫୦ ହଜାର ତାଳଗଛ ଲାଗାଇବାକୁ ଲକ୍ଷ ଦିଆଯାଇଥିବା ବେଳେ ବନ ବିଭାଗ ପକ୍ଷରୁ ଟିକେ ଅଲଗା ପଦକ୍ଷେପ ଗ୍ରହଣ କରାଯାଇଛି। ଜନବସତି ନିକଟରେ ତାଳଗଛ ଲଗାଇବା ପ୍ରକ୍ରିୟା ଆରମ୍ଭ କରାଯାଇଛି। ଜନବସତି ନିକଟରେ ଥିବା ଏନଆରଜିଏସ, ଗ୍ରୀନ ମହାନଦୀ ମିଶନ ପ୍ଲାସେନ ପାଖାପାଖି ଲଗାଯିବାର ଯୋଜନା ରଖାଯାଇଛି। ଗାଁ ପାଖରେ ତାଳଗଛ ଲଗାଇଲେ ଲୋକଙ୍କ ପାଖରେ ତାଳଗଛ ରହିବ। ବଜ୍ରପାତ ସାଧାରଣତଃ ଉଚ୍ଚ ସ୍ଥାନକୁ ମାରିଥାଏ। ତାଳଗଛ ଯେହେତୁ ଉଚ୍ଚ ତେଣୁ ତାଳଗଛକୁ ଅଧିକ ବଜ୍ରପାତ ମାରିଥାଏ। ଯଦି ବଜ୍ରାଘାତ ହୁଏ ତାହାହେଲେ ବଜ୍ରାଘାତ ତାଳଗଛକୁ ମାରିବ ଓ ଲୋକ ଜୀବନ ସୁରକ୍ଷିତ ରହିବ। ଆସନ୍ତା ଦୁଇ ମାସ ମଧ୍ୟରେ ସମସ୍ତ ତାଳଗଛ ଲଗା ହୋଇପାରିବ।

## ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ



**ମନମୁଣ୍ଡା, ୨୮ ।୭ (ସମିସ):** ଖଟଖଟିଆ ସରକାରୀ ଉପ୍ରା ବିଦ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ଅବସରରେ ଏହା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ରଞ୍ଜୁ ଅମାତଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସଭାରେ ପ୍ରଧାନ ଶିକ୍ଷକ ବିଜୟଲକ୍ଷ୍ମୀ ଶଥପଥୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ କଣ୍ଟାମାଳ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୁର୍ଗାଚରଣ ପ୍ରଧାନ ଯୋଗଦେଇ ଚାରାରୋପଣର ଉପକରିତା ଦିଗ ଉପରେ ଆଲୋକପାତ କରିବା ସହ ସ୍କୁଲ ପରିସରରେ ଚାରାରୋପଣ କରିଥିଲେ। ଶିକ୍ଷକ ସମୀର ପ୍ରଧାନ ଯୋଗଦେଇ ଚାରାରୋପଣରେ ସହଯୋଗ କରିଥିଲେ। ଶିକ୍ଷକ ସୁରେନ୍ଦ୍ର କମ୍ପ ଛାତ୍ରଛାତ୍ରୀଙ୍କୁ ମା' ପାଇଁ ଗଛଟିଏ କହି ପ୍ରତ୍ୟେକ ଛାତ୍ରଛାତ୍ରୀ ଚାରା ରୋପଣ କରିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଶୈଳେନ୍ଦ୍ର ବସ୍ତିଆ, ନୃପମଣୀ ମହାଲିକ, ସ୍ନେହାପ୍ରଭା ମହାପାତ୍ର, ଦୀପ୍ତିମୟୀ ବୈଠାରୁ, ବନିତା ମେହେର ପ୍ରକୃତିର ସୁରକ୍ଷା ଜୀବନ ରକ୍ଷା ସମ୍ପର୍କରେ କହିଥିଲେ। ଏଥିରେ ବିଦ୍ୟାଳୟ ଇକୋ କ୍ଲବ୍‌ର ମୁଖ୍ୟ ଛାତ୍ର ଦୁର୍ବାଦଳ ଅମାତ, ମୁଖ୍ୟମନ୍ତ୍ରୀ ଅଜିତ ନାଏକ, ଉପମୁଖ୍ୟମନ୍ତ୍ରୀ ଗାୟତ୍ରୀ ବାରିକ ପ୍ରମୁଖ ଗଛ ହିଁ ଜୀବନ ଓ ଗଛ ବଞ୍ଚିଲେ ଆମେ ବଞ୍ଚିବା ବୋଲି କହିଥିଲେ।

# ଟିକରପଡ଼ା ପଞ୍ଚାୟତରେ ଅଭିଯୋଗ ଶୁଣାଣି

**ବୌଦ୍ଧ, ୨୮ ।୭ (ସମିସ):** ବୌଦ୍ଧ ବ୍ଲକ ଟିକରପଡ଼ା ପଞ୍ଚାୟତ ପରିସରରେ ପ୍ରଶାସନ ପକ୍ଷରୁ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ୩୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଏଥିରେ ୨୯ଟି ବ୍ୟକ୍ତିଗତ ଓ ୫ଟି ସାମୂହିକ ଅଭିଯୋଗ ଥିଲା। ଏହି ଅବସରରେ ଜଣଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିବା ବେଳେ ୫ ଜଣଙ୍କୁ ପେନସନ ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳ ସୁବ୍ରତ ପଣ୍ଡା, ଏସ୍‌ପି ରାହୁଲ ଗୋଏଲ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ପ୍ରବୀଣ ବାଣୁଆ ପ୍ରମୁଖ ଉପସ୍ଥିତ ଥିଲେ।




### ଡୁମୁଲିଆ- ରାଶିପତ୍ରା ରାସ୍ତା ବିପର୍ଯ୍ୟସ୍ତ

# ମରାମତି ଦାବିକଲେ ଗ୍ରାମବାସୀ

**ବାଲିଶଙ୍କରା, ୨୮।୭ (ସମିସ):** ଡୁମୁଲିଆ-ରାଶିପତ୍ରା ପର୍ଯ୍ୟନ୍ତ ରାସ୍ତା କାଦୁଅ ପଚପଚ ହୋଇଯିବାରୁ ଗମନାଗମନ ଠପ୍ ହୋଇଯାଇଛି। ଜନସାଧାରଣ ଠାରୁ ଧରି ଛାତ୍ରଛାତ୍ରୀ, ରୋଗୀମାନେ ଏହି ରାସ୍ତା ଦେଇ ଯିବାବେଳେ ହଇରାଣ ହରକତ ହେଉଛନ୍ତି। ଏହି ରାସ୍ତାର ମରାମତି ପାଇଁ ଗ୍ରାମବାସୀ ବାରମ୍ବାର ଅଭିଯୋଗ କଲେ ମଧ୍ୟ ରାସ୍ତା ମରାମତି ହେଉନାହିଁ ବୋଲି ଅଭିଯୋଗ କରିଛନ୍ତି। ସୁନ୍ଦରଗଡ଼ ଜିଲ୍ଲାର ବାଲିଶଙ୍କରା ବ୍ଲକ ଡୁମୁଲିଆ ପଞ୍ଚାୟତର ଡୁମୁଲିଆ ବସ୍ତିରୁ ରାଶିପତ୍ରା ପର୍ଯ୍ୟନ୍ତ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାସ୍ତାର ମରାମତି ପାଇଁ ୩ ବର୍ଷରୁ ଊର୍ଦ୍ଧ୍ୱ ହେବ ଗ୍ରାମବାସୀ ଦାବି କରୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉନାହିଁ। ଏହି ରାସ୍ତାଦେଇ ଲୋକେ କଲେଜ ତହସିଲ, ଡାକ୍ତରଖାନାକୁ କମ ଦୂରତାରେ ଯିବା ଆସିବା କରିଥାନ୍ତି। କିନ୍ତୁ ଡୁମୁଲିଆ ବସ୍ତିରୁ ପଞ୍ଚାୟତ କାର୍ଯ୍ୟାଳୟକୁ ୩୦ ନମ୍ବର ରାଜ୍ୟ ରାଜପଥ ଦେଇ ଗଲେ ଅଧିକ ରାସ୍ତା ଯିବାକୁ ପଡ଼ିଥାଏ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହି ରାସ୍ତାକୁ ତୁରନ୍ତ ମରାମତି କରିବା ପାଇଁ ପ୍ରଶାସନ ପଦକ୍ଷେପ ନେବା ପାଇଁ ଡୁମୁଲିଆ ପଞ୍ଚାୟତବାସୀ ଦାବି କରିଛନ୍ତି।



# ବହୁବିଧ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ଭେଟିଲେ ସାମ୍ବାଦିକ



**ତରଭା, ୨୮ ।୭ (ସମିସ):** ତରଭା ବ୍ଲକ ସାମ୍ବାଦିକ ସଂଘର ସଦସ୍ୟମାନେ ସୋନପୁରର ନୂତନ ଜିଲ୍ଲାପାଳ ନୃପରାଜ ସାହୁଙ୍କୁ ଭେଟି ଅଞ୍ଚଳର ବହୁବିଧ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି।ସୋମବାର ଜିଲ୍ଲାପାଳ ଶ୍ରୀ ସାହୁ ତରଭା ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ଜନଶୁଣାଣି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିଲେ।ସଂଘର ସଭାପତି ଅଶୋକ ସାହୁ, ସମ୍ପାଦକ ମାନଭଞ୍ଜନ ମିଶ୍ର, କପିଳାସ ସେଠ, ଅନ୍ତର୍ଯ୍ୟାମୀ ସାହୁ, କଲ୍ୟାଣ ନାଏକ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୁଖ୍ୟ ଚିକିତ୍ସକଙ୍କ ସମେତ ଖାଲି ପଡ଼ିଥିବା ଅନ୍ୟାନ୍ୟ ଡାକ୍ତର ପଦ ପୂରଣ, ସରକାର ଯୋଗାଇ ଦେଇଥିବା ଅଲଟ୍ରାସାଉଣ୍ଡ ଯନ୍ତ୍ରକୁ କାର୍ଯ୍ୟକ୍ଷମ କରାଇବା, ତରଭା ବ୍ଲକ ଅନ୍ତର୍ଗତ ଜାମକନିରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଖାଲି ପଡ଼ିଥିବା ଅଧକ୍ଷ, ଇଂରାଜୀ ଶିକ୍ଷକ ଓ କିରାଣୀ ପଦବୀ ପୂରଣ ସହ ଛାତ୍ରଛାତ୍ରୀଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ହଷ୍ଟେଲକୁ କାର୍ଯ୍ୟକ୍ଷମ କରିବା, ଅଧପନ୍ତରିଆ ହୋଇପଡ଼ିଥିବା ତରଭା ନିବୃତ୍ତିକୋର ବାଇପାସ ରାସ୍ତା, ରିଂ ରୋଡ ଓ ନିବୃତ୍ତିକୋର ନୂତନ ବ୍ରିଜର ସଂଯୋଗୀ କରଣରାସ୍ତାକୁ ସମ୍ପୂର୍ଣ୍ଣ କରିବା ଇତ୍ୟାଦି ବିଷୟରେ ଜିଲ୍ଲାପାଳ ସହ ଆଲୋଚନା କରିଥିଲେ। ଜିଲ୍ଲାପାଳ ଶ୍ରୀ ସାହୁ ସାମ୍ବାଦିକଙ୍କ ଗହଣରେ ନବନିର୍ମିତ ବସଷ୍ଟାଣ୍ଡ, ବାଇପାସ ରାସ୍ତା ଓ ନୂତନ ପୋଲକୁ ସଂଯୋଗ କରୁଥିବା ରାସ୍ତା ପରିଦର୍ଶନ କରିଥିଲେ। ବସଷ୍ଟାଣ୍ଡରେ ସମ୍ପୃକ୍ତ ଠିକାଦାରଙ୍କ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସିଡିଓ ଅଶ୍ୱିନୀ ମେହେର, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ରାଜେନ୍ଦ୍ର ମାଝୀ, ଉପଜିଲ୍ଲାପାଳ ଡ଼.ସୌମ୍ୟସ୍ୱରୂପା ରଥ, ତହସିଲଦାର ଶ୍ୱେତାଲିନା ମାହାଣା, ବିଡ଼ିଓ ଗାଙ୍ଗରାମ ବୁଡେକ, ବ୍ଲକ ଅଧକ୍ଷ ସରୋଜ କମ୍ପ, ତରଭା ଏନଏସି ସହକାରୀ ଯନ୍ତ୍ରୀ ବିଶ୍ୱରଞ୍ଜନ ନାଏକ, କିରାଣୀ ବିଶ୍ୱରଞ୍ଜନ ମିଶ୍ର ଉପସ୍ଥିତ ଥିଲେ।

# ୧ରୁ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ୍ ର୍‌ୟାଙ୍କି ଟୁର୍ଣ୍ଣାମେଣ୍ଟ

**ବୌଦ୍ଧ, ୨୮ ।୭ (ସମିସ)**

ବୌଦ୍ଧ ବ୍ୟାଡମିଣ୍ଟନ୍ ଆସୋସିଏସନ୍ ପକ୍ଷରୁ ଆସନ୍ତା ଅଗଷ୍ଟ ୧ ତାରିଖରୁ ୩ ତାରିଖ ପର୍ଯ୍ୟନ୍ତ ବୌଦ୍ଧ ଇଣ୍ଡୋର ଷ୍ଟାଡିୟମରେ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ୍ ରାଙ୍କି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏନେଇ ସୋମବାର ସନ୍ଧ୍ୟାରେ ଇଣ୍ଡୋର ଷ୍ଟାଡିୟମ ଠାରେ ବୌଦ୍ଧ ବ୍ୟାଡମିଣ୍ଟନ୍ ଆସୋସିଏସନ୍ ପକ୍ଷରୁ ଆସୋସିଏସନ ର ସଭାପତି ପ୍ରଦୋଷ କୁମାର ମହାରଣାଙ୍କ ଅଧକ୍ଷତାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ସଚିବ ସୁନ୍ଦର ପ୍ରକାଶ ସୂଚନା ଦେଇ କହିଥିଲେ ଯେ ଏହି ସବୁ ଇଭେଣ୍ଟକୁ ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ୍ ଆସୋସିଏସନ ଦ୍ୱାରା ଆନୁଷ୍ଠାନିକ ଭାବରେ ଅନୁମୋଦିତ କରାଯାଇଛି। ଏଥିରେ ପୁରୁଷ ସିଙ୍ଗଲସ, ପୁରୁଷ ଡବଲସ, ମହିଳା ସିଙ୍ଗଲସ, ମହିଳା ସିଙ୍ଗଲସ ଏବଂ ମିଶ୍ରିତ ସିଙ୍ଗଲସରେ ବିଭିନ୍ନ ବର୍ଗରେ ରାଜ୍ୟର ଶୀର୍ଷ ସ୍ଥାନ ପାଇଥିବା ଖେଳାଳିଙ୍କ ସମେତ ମୋଟ ୧୩୬ ଜଣ ପ୍ରବେଶ ଗ୍ରହଣ କରିଛନ୍ତି। ଯେଉଁଥିରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଖେଳାଳିମାନେ ଆସିଛନ୍ତି ଓ ଟୁର୍ଣ୍ଣାମେଣ୍ଟକୁ ସୁପରିଚାଳନା ପାଇଁ ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ୍ ଆସୋସିଏସନ ଦ୍ୱାରା ୨୫ ଜଣ ବୈଷୟିକ ଅଧିକାରୀ ଏବଂ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ଉତ୍ସବ ୧ ତାରିଖ ସନ୍ଧ୍ୟା ୭ ଟାରେ ଅନୁଷ୍ଠିତ ହେବ। ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ମୁଖ୍ୟଅତିଥି ଭାବରେ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସାମ୍ବାଦିକ ସମ୍ମିଳନୀ କ୍ୟାସିଅର ଶିବାନନ୍ଦ ସାହୁ, ପରାମର୍ଶଦାତା ଜୁଲିୟସ୍ ମହାକୁଡ, ଉପାଧକ୍ଷ ପରେଶ ବେହେରା, ଇସି ସଦସ୍ୟ ଆଲୋକ ରଥ, ଇସି ସଦସ୍ୟ ଗଣେଶ ମହାପାତ୍ର, ବିଭୁଦତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।




## କୃଷକ ଉତ୍ପାଦକ ସଂସ୍ଥା ପକ୍ଷରୁ ତାଲିମ୍ ଶିବିର

**ଶଗଡ଼ା, ୨୮ ।୭ (ସମିସ):** ବୌଦ୍ଧ ଜିଲ୍ଲାର କଣ୍ଟାମାଳ ବ୍ଲକ ଅଧୀନ ଖଟଖଟିଆ ପଞ୍ଚାୟତର କୁମରକେଳି ଗ୍ରାମର ନୀଳକଣ୍ଠେଶ୍ୱର କୃଷକ ଉତ୍ପାଦକ ସଂସ୍ଥାର କାର୍ଯ୍ୟାଳୟରେ ଏକ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇ ଯାଇଛି। ନୀଳକଣ୍ଠେଶ୍ୱର କୃଷକ ସଂସ୍ଥା ପକ୍ଷରୁ ମିଳିତ ଉଦ୍ୟମରେ ଚାଷୀଙ୍କୁ ତୈଳ ବୀଜ ରାଶି ବିହନ ବଣ୍ଟନ କରାଯାଇଥିଲା। ୩୦ ଜଣ ଚାଷୀଙ୍କୁ ନେଇ ଏକ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତପନ ଦାଶ, କୃଷି ବୈଜ୍ଞାନିକ ଡ. ମୟୂରୀ ସିଂ ସରଦାର ଓ ନୀଳକଣ୍ଠେଶ୍ୱର କୃଷକ ସଂସ୍ଥାର ସଭାପତି ପରମକ୍ଷନନ୍ଦ ପ୍ରଧାନ ଯୋଗଦେଇ ଚାଷୀଙ୍କୁ ତୈଳ ବୀଜ ରାଶି ଫସଲ ଉପରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ତ୍ରିନାଥ ସାହୁ, ନୀଳକଣ୍ଠେଶ୍ୱର କୃଷକ ଉତ୍ପାଦକ ସଂସ୍ଥାର ଜୟକୃଷ୍ଣ ପ୍ରଧାନ, ରାଜନ ନାଏକ, ତୃତୀୟା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।



# ‘ସକାଳ’ ଓ ‘ନନ୍ଦିଘୋଷ ଟିଭି’ ପକ୍ଷରୁ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସରେ ଚାରାବଣ୍ଟନ

ସମ୍ବଲପୁର, ୨୮।୭ (ସମିସ)

ଜଳବାୟୁ ସନ୍ତୁଳନ ରକ୍ଷା ଏବଂ ପରିବେଶ ସୁରକ୍ଷା ପାଇଁ ବୃକ୍ଷ ଲଗାଇବା ଅତ୍ୟାବଶ୍ୟକ। ଗଛ ବଞ୍ଚିଲେ ମଣିଷ ବଞ୍ଚିବ, ଜୀବଜନ୍ତୁ ବଞ୍ଚିରହିବେ। ସୁରକ୍ଷିତ ରହିବ ପରିବେଶ। ଆମ ପ୍ରକୃତି ହେବ ସୁରକ୍ଷିତ। ସାମ୍ପ୍ରତିକ ସମୟର ଏହି ଆହ୍ୱାନକୁ ନେଇ ଆଜି ଦୈନିକ ‘ସକାଳ’ ଓ ‘ନନ୍ଦିଘୋଷ ଟିଭି’ ପକ୍ଷରୁ ‘ବିଶ୍ୱ ପରିବେଶ ସଂରକ୍ଷଣ ଦିବସ’ ସମ୍ବଲପୁରର ତିନୋଟି ପେଟ୍ରୋଲ ପମ୍ପରେ ପାଳନ କରାଯାଇଛି। ପେଟ୍ରୋଲ ଓ ଡିଜେଲ୍ ନେବାକୁ ଆସୁଥିବା ଶହ ଶହ ଗ୍ରାହକଙ୍କୁ ଆମ୍ବ, ପିଜୁଳି, ଲେମ୍ବୁ, ସଜନା, ଜାମୁ, ଅଁଳା, ନିମ୍ବ ଆଦି ଚାରାବଣ୍ଟନ କରାଯାଇଛି। ଏହି ଅବସରରେ ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ଗୋଲବଜାର ପେଟ୍ରୋଲ ପମ୍ପରେ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଡଃ ସତ୍ୟ ନାରାୟଣ ନନ୍ଦ, ବୁଢ଼ାରଜା ପେଟ୍ରୋଲ ପମ୍ପରେ ପରିବେଶବିତ୍ ସୁବ୍ରତ ନାଥ ଓ ମୁଦିପଡ଼ା ପେଟ୍ରୋଲ ପମ୍ପରେ ମୃତ୍ତିକା ସଂରକ୍ଷଣ ପାଇଁ କାମ କରୁଥିବା ଚିନ୍ମୟ ଘେଁସ ଅତିଥି ଭାବେ ଯୋଗଦେଇ ଚାରାବଣ୍ଟନ ଶୁଭାରମ୍ଭ କରିଥିଲେ। ଏହାସହ ଅତିଥିମାନେ ଜନସାଧାରଣଙ୍କୁ ବୃକ୍ଷର ଉପକାରିତା ଏବଂ ପରିବେଶ ସଂରକ୍ଷଣ ଦିଗରେ ଭୂମିକା ବିଷୟରେ ଅବଗତ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ପେଟ୍ରୋଲ ପମ୍ପର ମାଲିକ ଓ ସମ୍ବଲପୁରବାସୀ ଉପସ୍ଥିତ ଥିଲେ। ସକାଳ ଓ ନନ୍ଦିଘୋଷ ପରିବାରର ସଦସ୍ୟମାନେ ସହଯୋଗ କରିଥିଲେ। ପରିବେଶ ସଂରକ୍ଷଣ ପାଇଁ ଦୈନିକ ‘ସକାଳ’ ଓ ‘ନନ୍ଦିଘୋଷ ଟିଭି’ର ଅନନ୍ୟ ଉଦ୍ୟମକୁ ସାଧାରଣରେ ସ୍ୱାଗତ କରାଯାଇଛି। ସମ୍ବଲପୁର ନନ୍ଦିଘୋଷ ଟିଭିର ସମୀର ଷଡ଼ଙ୍ଗୀ ଓ ନିଲୁ ସାହୁ, ସକାଳ ଜିଲ୍ଲା ପ୍ରତିନିଧି ସୁକାନ୍ତ କୁମାର କର, ଶୁଭମ ଖଡ଼ିରତ୍ନ, ନରସିଂହ ବଗର୍ତ୍ତୀ, ପ୍ରସାରଣ ବିଭାଗର ସନତ ସ୍ୱାଇଁ, ବିଜ୍ଞାପନ ବିଭାଗର ବ୍ରିଜେଶ ଷଡ଼ଙ୍ଗୀ, ସୁଧୀର ସିଂ, ନିରଞ୍ଜନ ଲେଙ୍କା, ଯୁଗଳ ପ୍ରଧାନ, ଗୋଲକ ମୋହନ ଛତ୍ରିଆ, ଉପେନ୍ଦ୍ର ବରିହା, ଅଜୟ ସୁନା, ସୌମ୍ୟରଞ୍ଜନ ସିଂ, ଅମିତ ସିଂ, ରାମ ନାରାୟଣ ବାଗ, ରିତେନ ବନଛୋର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।












ସମ୍ବଲପୁର ଜିଲ୍ଲା ଶାସନ ନିକଟସ୍ଥ ଷଡ଼ାସିଂଘାରେ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ଅବସରରେ ଚାରାରୋପଣ କରୁଛନ୍ତି ମୀନକେତନ ବେରିହା, ସୁବଳ ଝାଙ୍କର, ମହନା ବାଗ, ଅଲେଖ ପାତ୍ର ପ୍ରମୁଖ।

## ସ୍ତ୍ରୀକୁ ହତ୍ୟା !, ସ୍ୱାମୀ ଅଟକ

**ସମ୍ବଲପୁର, ୨୮।୭ (ସମିସ):** ଅଇଁଠାପାଲି ଥାନାଞ୍ଚଳରେ ଜଣେ ମହିଳାଙ୍କୁ ହତ୍ୟା କରାଯାଇଛି। ସେ ହେଲେ କରମଟୋଲି ବାସିନ୍ଦା କୁଲ୍‌ମୁଣି ମୁଣ୍ଡା(୪୮)। ସ୍ୱାମୀ ଲୋରେନ୍ସ ମୁଣ୍ଡାକୁ ପୁଲିସ ଅଟକ ରଖି ପଚରାଉଚରା କରାଯାଉଥିବା ସଦର ଏସଡ଼ିପିଓ କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଦମ୍ପତି ଝାଡ଼ଖଣ୍ଡ ବୋଲି ଜଣାପଡ଼ିଛି। ଉଭୟ ପରସ୍ପରକୁ ଦ୍ୱିତୀୟ ବିବାହ କରିଥିଲେ। ଏଠାରେ ଶ୍ରମିକ ଭାବରେ କାମ କରନ୍ତି। ପ୍ରତିଦିନ କୁଲ୍‌ମଣି ତାଙ୍କ ଝିଅ ପାଖକୁ ଯାଆନ୍ତି। ଆଜି ନଯିବାରୁ ଅପରାହ୍ନ ସମୟରେ ଝିଅ ତା ବାପ ଘରକୁ ଯାଇଥଲେ। ଭିତରୁ କବାଟ ବନ୍ଦ ଥିବାରୁ ସେ କାବଟ ବାଡେଇ ପଡ଼ୋଶୀଙ୍କ ସାହାଯ୍ୟରେ ଭିତରକୁ ପଶିଥିଲେ। ସେଠାରେ କେହି ନଥିବା ଦେଖିବାକୁ ପାଇ ମାକୁ ଖୋଜିଥିଲେ। ଏକ ରୁମ ଭିତରୁ ବନ୍ଦ ଥିବାରୁ ସେ କବାଟ ଭାଙ୍ଗି ଭିତରକୁ ପସିଥିଲେ। ସେଠାରେ ତାଙ୍କ ମା’ର ମୃତଦେହ ଥିବା ଦେଖିବାକୁ ପାଇଥିଲେ। ଏହକୁ ଧାନଅଖାରେ ଘୋଡ଼ାଯାଇଥିଲା। ଏହାପରେ ସେ ଏ ସମ୍ପର୍କରେ ପୁଲିସରୁ ଜଣାଇଥିଲେ। ପୁଲିସ ଘଟଣା ସ୍ଥଳରେ ତଦନ୍ତ ଆରମ୍ଭ କରିଛି। ମାଜିଷ୍ଟ୍ରେଟଙ୍କ ଅନୁମତି ନମିଳିବାରୁ ଶବ ଉଦ୍ଧାର କରାଯାଇନି। ଆସନ୍ତା କାଲି ଅନୁମତି ମିଳିବାପରେ ଶବ ବ୍ୟବଚ୍ଛେଦ କରାଯିବ। ତଦନ୍ତ ପରେ ଘଟଣାର ସତ୍ୟାସତ ଜଣାପଡ଼ିବ ବୋଲି ପୁଲିସ ପ୍ରକାଶ କରିଛି।

## ଗଞ୍ଜେଇ ଜବତ, ଜଣେ ଗିରଫ

**ରେଢ଼ାଖୋଲ, ୨୮।୭(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଅବକାରୀ ବିଭାଗ ପକ୍ଷରୁ ସୋମବାର ଦିନ ଚଢ଼ଉ କରି ବେଆଇନ ଚୋରା ଚାଲାଣ ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ବୌଦ୍ଧ ଜିଲ୍ଲାର ଅରୁଣ ରଣା। ଅଭିଯୁକ୍ତଙ୍କ ପାଖରୁ ଅବକାରୀ ବିଭାଗ ୫ କେଜି ଗଞ୍ଜେଇ ଜବତ କରିଛି। ସୂଚନା ଯୋଗ୍ୟ ଯେ ରେଢ଼ାଖୋଲ ଅବକାରୀ ବିଭାଗ ଇନ୍ସପେକ୍ଟର ଦୃବଦଳ ବିଶ୍ୱାଳଙ୍କ ନେତୃତ୍ୱରେ କନ୍ଧରା ଛକ ନିକଟରେ ପାଟ୍ରୋଲିଂ ଚାଲିଥିବା ବେଳେ ବୌଦ୍ଧରୁ ରେଢ଼ାଖୋଲ ଅଭିମୁଖେ ଆସୁଥିବା ବାଇକ୍‌କୁ ଯାଞ୍ଚ କରିଥିଲେ। ବାଇକ୍ ଡିକିରୁ ୫ କେଜି ଗଞ୍ଜେଇ ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରାଯାଇଥିଲା। ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ପକ୍ଷରୁ ମାମଲା ରୁଜୁ କରି ଉକ୍ତ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

## ୬୧୫ରେ ପହଞ୍ଚିଲା ହୀରାକୁଦ ଜଳସ୍ତର

**ସମ୍ବଲପୁର, ୨୮।୭ (ସମିସ) :** ଉପରମୁଣ୍ଡରେ ବର୍ଷା ଯୋଗୁଁ ବଢ଼ୁଛି ହୀରାକୁଦ ଜଳଭଣ୍ଡାରର ଜଳସ୍ତର। ହୀରାକୁଦ ଜଳସ୍ତର ୬୧୫.୧୦ ଫୁଟ୍ ଥିବାବେଳେ ୨୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଜଳସ୍ତର ବୃଦ୍ଧିକୁ ଦେଖି ଅଧିକ ସଂଖ୍ୟକ ଗେଟ୍ ଖୋଲାଯିବାର ସମ୍ଭାବନା ରହିଛି। ଗତ ୬ ତାରିଖ ଜଳଭଣ୍ଡାରରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇ ଜାରି ରହିଛି। ଉଲ୍ଲେଖଯୋଗ୍ୟ ଯେ, ହୀରାକୁଦ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଜୁଲାଇ ୩୧ ତାରିଖ ସୁଦ୍ଧା ଜଳସ୍ତର ୬୦୫ ଫୁଟ୍ ରହିବା ଆବଶ୍ୟକ। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳସ୍ତର ୬୧୭.୨୯ ଫୁଟ୍ ରହିଥିଲା।

ଆଜି ସୋମବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୫.୧୦ ଫୁଟ୍ ରହିଛି। ନଦୀବନ୍ଧର ବାମପଟର ୧୩ଟି ଓ ଡାହାଣ ପଟର ୭ଟି ମୋଟ ୨୦ଟି ସ୍ଲୁଇସ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩, ୦୨, ୫୧୪ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩, ୪୫, ୪୧୭ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୩, ୦୫, ୬୦୦ ଘନଫୁଟ, ପାୱାର ଚେନାଲ ଦେଇ ୩୫, ୮୦୭ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ, କେନାଲ ପାଇଁ ୩, ୭୭୬ ଘନଫୁଟ ଜଳ ନିଷ୍କାସିତ ହେଉଛି। ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୧.୭୩ ମିମି ଏବଂ ତଳମୁଣ୍ଡରେ ୧.୫୯ ମିମି ବର୍ଷା ହୋଇଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୨, ୮୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୩୭, ୩୯୧ କ୍ୟୁସେକ୍, ଖଇରମାଳଠାରେ ୪, ୪୨, ୦୦୦ କ୍ୟୁସେକ୍, ବାରମୁଲଠାରେ ୪, ୦୪, ୦୦୦ କ୍ୟୁସେକ୍ ଏବଂ ମୁଣ୍ଡଲୀଠାରେ ୪, ୮୦, ୦୨୭ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

## ଦ୍ରୌପଦୀ ଆଜି ମଧ୍ୟ ବିବସନା ହେଉଛନ୍ତି, କୋଟି ବସ୍ତ୍ର ଦେବାକୁ କେହିନାହାନ୍ତି

**ସମ୍ବଲପୁର, ୨୮।୭ (ସମିସ) :** ଦ୍ରୌପଦୀ ଆଜି ମଧ୍ୟ ବିବସନା ହେଉଛନ୍ତି ମାତ୍ର ବ୍ୟକ୍ତିତ୍ୱ ଓ ଚେତନାର ଅଭାବରେ କୋଟି ବସ୍ତ୍ର ଦେବାକୁ ଆଜି କେହି ନାହାନ୍ତି ବୋଲି କହିଛନ୍ତି ମୁକ୍ତକଣ୍ଠ ପ୍ରଧାନ। ସୈରିନ୍ଧ୍ରୀ ନାୟକ ଶ୍ରାଦ୍ଧ ବାର୍ଷିକୀ ଅବସରରେ ମ୍ୟୁନିସିପାଲିଟି ଛକ ନିକଟସ୍ଥ ସାମ୍ବାଦିକ ଭବନଠାରେ ଏକ ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଯାଇଛି। ସୈରିନ୍ଧ୍ରୀ ନାୟକ ମେମୋରିଆଲ ଟ୍ରଷ୍ଟ ସଭାପତି ଡଃ ନିରୂପମା ବଡ଼ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମାରକୀ ବକ୍ତୃତାରେ ଶ୍ରୀ ପ୍ରଧାନ ଆହୁରି ମଧ୍ୟ କହିଲେ ଯେ, ପୂର୍ବେ ବ୍ୟକ୍ତିତ୍ୱର ବିକାଶ ଆଧାରିତ ଶିକ୍ଷା, ସାହିତ୍ୟ, ପରମ୍ପରା ଥିଲା। ବେଦ ପୁରାଣ ଏଥିରେ ସହାୟକ ଗ୍ରନ୍ଥ ଥିଲା। ବେଦ ପଠନ ସମସ୍ତଙ୍କ ପକ୍ଷେ ସମ୍ଭବପର ନୁହେଁ, ସେଥିପାଇଁ ଉପନିଷଦ ସୃଷ୍ଟି ହେଲା। ମାତ୍ର ପ୍ରକୃତିର ମଣିଷ ପ୍ରକୃତିଠାରୁ ଦୂରେଇ ଗଲା। ଅଧ୍ୟୟନ ଡିଗ୍ରୀ ବା ଚାକିରୀ ସର୍ବସ୍ୱ ହୋଇ ରହିଗଲା। ଏହାର ଉପରାନ୍ତ ଆଉ ଅଧ୍ୟୟନର ପ୍ରୟୋଜନ ନଥିବା ବିବେଚନା କରାଗଲା। ବେଦ, ପୁରାଣ ପଠନକୁ ସେକ୍ୟୁଲାର ନୁହେଁ, ରିଲିଜିୟସ ଅଧ୍ୟୟନ ବୋଲି ଆଖ୍ୟାୟିତ କରାଗଲା। ଫଳରେ ଭୋଗବାଦ ମଣିଷ ଜୀବନର ଲକ୍ଷ୍ୟ ପାଲଟିଗଲା। ଭୋଗବାଦ ମଣିଷର ସବୁ ସୁ-ଗୁଣକୁ ଚୋରାଇନେଲା। ତ୍ୟାଗ, ତିତିକ୍ଷା, ସାହିତ୍ୟର ଅବହେଳାରୁ ଆମେ ଆମ ପୂର୍ବ ଗୌରବକୁ ହରାଇ ବସିଛୁ। ଚେତନା ଓ ବ୍ୟକ୍ତିତ୍ୱର ଉତ୍ତରଣକୁ ମଣିଷ ନିଜର ପ୍ରୟୋଜନ ବୋଲି ବିବେଚନା କଲେ ସମାଜରେ ଘଟୁଥିବା ବିଘଟନ, ବ୍ୟଭିଚାରର ମାତ୍ରା ଯଥେଷ୍ଟ ହ୍ରାସ ପାଇବ ବୋଲି ସେ ମତ ରଖିଥିଲେ। ବିଶିଷ୍ଟ କବି ଓ ଲେଖକ ମନୋରଞ୍ଜନ ସାହୁ ନିଜର ପାରମ୍ପରିକ ଶୈଳୀରେ କଟାକ୍ଷ ପୂର୍ଣ୍ଣ କବିତା ଆବୃତ୍ତି କରିଥିଲେ। ସୈରିନ୍ଧ୍ରୀ ନାୟକ ମେମୋରିଆଲ ଟ୍ରଷ୍ଟ ସମ୍ପାଦକ ଦୀପକ କୁମାର ପଣ୍ଡା ସ୍ୱାଗତ ଭାଷଣ ଏବଂ ଶେଷରେ ରବୀନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



## ଜିଲ୍ଲା ଓକିଲ ସଂଘ ପରିସରରେ ଅତ୍ୟାଧୁନିକ ଇ-ଲାଇବ୍ରେରୀ ସ୍ଥାପନ ଦାବି

**ସମ୍ବଲପୁର, ୨୮।୭ (ସମିସ) :** ସମ୍ବଲପୁର ଜିଲ୍ଲା ଓକିଲ ସଂଘ ପରିସରରେ ଏକ ଅତ୍ୟାଧୁନିକ ଇ-ଲାଇବ୍ରେରୀ ସ୍ଥାପନ କରିବାକୁ ନେଇ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ପଶ୍ଚିମ ଓଡ଼ିଶାର ସର୍ବବୃହତ ଓକିଲ ସଂଘର ପ୍ରାୟ ୨ ହଜାର ସଦସ୍ୟ ରହିଛନ୍ତି। ସଂଘ କାର୍ଯ୍ୟାଳୟ ପରିସରରେ ଏକ ଲାଇବ୍ରେରୀ ଉପର ମହଲାରେ ଥିବାରୁ ଅନେକ ବରିଷ୍ଠ ସଦସ୍ୟ ଯିବା ଆସିବାରେ କଷ୍ଟ ହେଉଛି। ଏଣୁ ଗୋଟିଏ ନୂତନ ଇ-ଲାଇବ୍ରେରୀ ଯାହାକି ଅତ୍ୟାଧୁନିକ ପ୍ରଣାଳୀରେ କରାଗଲେ ସମସ୍ତ ସଦସ୍ୟ ଉପକୃତ ହୋଇପାରନ୍ତେ। ଯୁଗପଯୋଗୀ ଭାବେ ଏକ ଡିଜିଟାଲ ଆଇନଗତ ଗବେଷକ, ଉପକରଣ, ଅନଲାଇନ ପତ୍ରିକା, ଇ-କୋର୍ଟ ସେବା ଏବଂ କାଗଜବିହୀନ ଫାଇଲିଙ୍ଗ ସୁବିଧା ଉପରେ ନିର୍ଭରଶୀଳତାକୁ ସାହାଯ୍ୟ କରିବ। ଇ-ଲାଇବ୍ରେରୀ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାପାଇଁ ବିଧାୟକ ପାଣ୍ଠି ବା କମ୍ପାନୀ ସିଏସ୍‌ଆର୍ ପାଣ୍ଠି ମାଧ୍ୟମରେ ପ୍ରଦାନ କରିବାକୁ ବିଧାୟକ ଶ୍ରୀ ମିଶ୍ରଙ୍କୁ ଅନୁରୋଧ କରାଯାଇଥିଲା। ପ୍ରତିନିଧି ଦଳରେ ସଂଘର ସହସମ୍ପାଦକ ପ୍ରଦୀପ ସୂପକାର, ଉପସଭାପତି ଅରବିନ୍ଦ ନାୟକ, କାର୍ଯ୍ୟକାରିଣୀ ସଦସ୍ୟ ପ୍ରତୀକ ମହାପାତ୍ର ଏବଂ ସଂଘର ବରିଷ୍ଠ ସଦସ୍ୟ ଫଣୀଭୂଷଣ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ।

## ସାମ୍ବାଦିକ ନବୀନ ଦାଶଙ୍କ ପରଲୋକ

**ସମ୍ବଲପୁର, ୨୮।୭ (ସମିସ):** ଗତ ୧୯ ତାରିଖ ଦୁର୍ଘଟଣାରେ ଗୁରୁତର ହୋଇ ଭିମସାର୍ ଆଇସିୟୁରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିବା ସାମ୍ବାଦିକ ନବୀନ ଦାଶ (୪୨)ଙ୍କ ସୋମବାର ପୂର୍ବାହ୍ନ ୧୧.୪୫ ମିନିଟ ପରଲୋକ ଘଟିଛି।

ଭିମସାର୍‌ରେ ନବୀନ ଦାସଙ୍କ ଶବ ବ୍ୟବଚ୍ଛେଦ ପରେ ସ୍ଥାନୀୟ ରାଜଘାଟରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁଅ ବିକାଶ ମୁଖାଗ୍ନି ଦେଇଥିଲେ। ନବୀନ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଶୋକର ଛାୟାର ଖେଳିଯାଇଛି। କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଗଭୀର ଶୋକପ୍ରକାଶ କରିଛନ୍ତି। ସେହିପରି ପୂର୍ବତନ ମନ୍ତ୍ରୀ ଇଂ. ରୋହିତ ପୂଜାରୀ, ପୂର୍ବତନ ବିଧାୟକ ନାଉରୀ ନାଏକ, ଜିଲ୍ଲା ସୂଚନା ଏବଂ ଲୋକସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲ୍ଲୁ, ବିଜେପି ନେତା ଗୋବିନ୍ଦ ଅଗ୍ରୱାଲ, ବିଜେପି ଜିଲ୍ଲା ସଭାପତି ଗିରୀଶ ପଟେଲ, ଡଃ ପ୍ରମୋଦ ରଥ, ସରୋଜ ସାହୁ, ସୁଧୀର ବହିଦାର, କଂଗ୍ରେସ ନେତା ଜୟଶଙ୍କର ମିଶ୍ର, ଚାଷୀ ନେତା ଅଶୋକ ପ୍ରଧାନ, ନାଟ୍ୟକାର ଭୋଳା ମହନ୍ତ, ସାମାଜିକ କର୍ମୀ ରାମଦାସ ପଣ୍ଡାଙ୍କ ସମେତ ବରିଷ୍ଠ ଓ କନିଷ୍ଠ ସାମ୍ବାଦିକମାନେ ପହଞ୍ଚି ଅନ୍ତିମ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଏହାସହ ଜିଲ୍ଲା ଓକିଲ ସଂଘ, ସେତୁ, ଓଡ଼ିଶା ସାଂସ୍କୃତିକ ସମାଜ, ଉତ୍ସର୍ଗ, ସମ୍ବଲ, ବରିଷ୍ଠ ନାଗରିକ ସଂଘ ଆଦି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୋକପ୍ରକାଶ କରାଯାଇଛି। ସେହିପରି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, କେନ୍ଦ୍ରମନ୍ତ୍ରୀ ତଥା ସାଂସଦଙ୍କ ପ୍ରତିନିଧି ରମେଶ ଚନ୍ଦ୍ର ସାହୁ, ପୂର୍ବତନ ବିଧାୟକ ବୃନ୍ଦାବନ ମାଝୀ, ବିଡ଼ିଓ ରବୀନ୍ଦ୍ର ସେଠୀ, ବ୍ଲକ ଅଧ୍ୟକ୍ଷା ଆଶ୍ରିତା ଭୋଇ, ବ୍ଲକ ସାମ୍ବାଦିକ ୟୁନିଅନ୍ ସଭାପତି କ୍ଷିତିରଞ୍ଜନ ପଧାନ, ସମାଜସେବୀ ଆଦିପ୍ରସାଦ ମହାକୁଲ, ଆଡଭୋକେଟ ସରୋଜ ପଟ୍ଟନାୟକ, କାନନବାଲା ପଟ୍ଟନାୟକ, ବିଜେପି ଜମନକିରା ମଣ୍ଡଳ ସଭାପତି ବିଜୟ କୁମାର ନାଏକ, ଗୁଣ୍ଡୁରୁଟୁଆଁ ମଣ୍ଡଳ ସଭାପତି ମନୋଜ ମାଝୀ, ବ୍ଲକ କଂଗ୍ରେସ ସଭାପତି କେଦାରନାଥ ବରିହା, ବରିଷ୍ଠ ନାଗରିକ ପରିଷଦ ସଂଘ ସଭାପତି ଗୋକୁଳାନନ୍ଦ ଦାନୀ, ମୁକ୍ତେଶ୍ୱର ମନ୍ଦିର ଟ୍ରଷ୍ଟବୋର୍ଡ ସଭାପତି ପି.କେ କନ୍ନପା, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଶ୍ରୀକାନ୍ତ ପଟେଲ, ଯୁବ ନାଗରିକ ସୁରକ୍ଷା ମଞ୍ଚ ସଭାପତି ଅବଦୁଲ ଗୁଲାମ କାଦିର୍ ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି।









### ଗ୍ରାମୀଣ ଆବାସ ଯୋଜନା ପ୍ରହସନ

## ପଲିଥିନ୍ ତଳେ ବିତୁଛି ଜୀବନ

କୁଚିଣ୍ଡା, ୨୮।୭ (ସମିସ)

ଗ୍ରାମାଞ୍ଚଳର ଗରିବ ପରିବାରକୁ ପକ୍କା ଓ ନିରାପଦ ଆଶ୍ରୟ ସ୍ଥଳ ଯୋଗାଇ ଦେବାର ମହତ ଉଦ୍ଦେଶ୍ୟରେ ସରକାର ଗ୍ରାମୀଣ ଆବାସ ଯୋଜନାରେ ଲକ୍ଷ ଲକ୍ଷ ଘର ଯୋଗାଇ ଦେଉଛନ୍ତି, ମାତ୍ର କିଛି ଚାଲାକ ଓ ପ୍ରଭାବଶାଳୀ ବ୍ୟକ୍ତି ନିର୍ବାଚିତ ପ୍ରତିନିଧି ଓ ସରକାରୀ କର୍ମଚାରୀଙ୍କୁ ହାତ କରି ଏହାର ସୁବିଧା ନେଇ ଯାଉଥିବା ବେଳେ ପ୍ରକୃତ ହିତାଧିକାରୀ ପାଇଁ ଏହି ଯୋଜନାରେ ଘର ପାଇବା ସାତ ସପନ ହୋଇଛି। ବକ୍ସମା ପଞ୍ଚାୟତର ସରଧାପାଲି ଗ୍ରାମରେ ଏମିତି ଘଟଣା ଦେଖିବାକୁ ମିଳିଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ବକ୍ସମା ପଞ୍ଚାୟତର ସରଧାପାଲି ଗ୍ରାମର ଚନ୍ଦନ ନାୟକ ତାଙ୍କ ସ୍ତ୍ରୀ ଓ ଚାରି ଛୁଆଙ୍କ ସହ ଏକ ମାଟି ଘରେ ରହୁଥିଲେ। ଗତ ୨୦୨୨ ମସିହା ଜୁଲାଇ ମାସରେ ବର୍ଷାରେ ତାଙ୍କର ଭଙ୍ଗା ଦଦରା ମାଟି ଘରଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା। ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସ୍ଥାନୀୟ ନିର୍ବାଚିତ ଜନପ୍ରତିନିଧି ଓ ସରକାରୀ ଅଧିକାରୀ ମାନେ ତାଙ୍କ ନିକଟକୁ ଯାଇ କିଛି ଶୁଖିଲା ଖାଦ୍ୟ ଦେଇ ତାଙ୍କୁ ଅତି ଶୀଘ୍ର ଘର ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଇତି ମଧ୍ୟରେ ତିନି ବର୍ଷ ବିତି ଯାଇଥିଲେ ମଧ୍ୟ ଚନ୍ଦନଙ୍କ ପରିବାରକୁ କୌଣସି ଯୋଜନାରେ ହେଲେ ମଧ୍ୟ ଘର ଖଣ୍ଡିଏ ମିଳିପାରି ନାହିଁ। ଆଜିକୁ ତିନି ବର୍ଷ ହେବ ପଲିଥିନ୍ ତଳେ ଜୀବନକୁ ବିପଦରେ ପକାଇ ନିଜ ପରିବାର ସହ ରହୁଛନ୍ତି। ପ୍ରଶାସନ ଏହି ଗରିବ ପରିବାରକୁ ତୁରନ୍ତ ଘର ପ୍ରଦାନ କରିବାକୁ ଜନସାଧାରଣରେ ଦାବି ହେଉଛି।



## ବଲାଙ୍ଗିରରେ ଶିଶୁବିକ୍ରି ଘଟଣା

# ଟିଟିଲାଗଡ଼ରୁ ବିକ୍ରି, ପାଇକମାଳରୁ ଉଦ୍ଧାର

ବଲାଙ୍ଗିର, ୨୮।୭(ସମିସ)

ରାଜ୍ୟର ଅନ୍ୟତମ ପଛୁଆ ଜିଲ୍ଲା ଭାବେ ବଲାଙ୍ଗିର ଜିଲ୍ଲାର ଦୁର୍ନାମ ରହିଛି। ଏହି ପଛୁଆ ଜିଲ୍ଲାର ଶିଶୁବିକ୍ରି ଘଟଣା ପ୍ରାୟତଃ ସବୁବେଳେ ଆଗରେ ରହିଥାଏ। ଦାରିଦ୍ର୍ୟତା ନାମରେ ଶିଶୁବିକ୍ରି ଅଭିଯୋଗ ହୋଇଥାଏ। ନାଟକୀୟ ଢଙ୍ଗରେ ଶିଶୁ ବିକ୍ରି, ପରେ ଶିଶୁ ଉଦ୍ଧାର ତା ପରେ ପୁଣି ଶିଶୁକୁ ପ୍ରଶାସନକୁ ହସ୍ତାନ୍ତର କରାଯାଉଥିବା ଅନେକ ମାମଲା ବଲାଙ୍ଗିର ଜିଲ୍ଲାରେ ସାମ୍ନାକୁ ଆସିଛି। ଗୋଟିଏ ପଟେ ରାଜ୍ୟରେ ମହିଳାମାନଙ୍କୁ ସୁଭଦ୍ରା ଟଙ୍କା ଦେଇ ସ୍ୱାବଲମ୍ବନ, ଲକ୍ଷପତି ଦିଦିର ସ୍ୱପ୍ନ ଦେଖାଯାଉଥିବା ବେଳେ ଅନ୍ୟପଟେ ସେହି ମହିଳାମାନେ ଟଙ୍କା ପାଇଁ ନିଜ ଜନ୍ମ କଲା ଶିଶୁକୁ ବିକ୍ରି କରିଦେବାକୁ ପଛାଉନାହାନ୍ତି। ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ଅଞ୍ଚଳରୁ ପୁଣି ଶିଶୁ ବିକ୍ରି ଘଟଣା ସାମ୍ନାକୁ ଆସିଛି।ତେବେ ଏହା ନୂଆ ନୁହଁ ଏହିଭଳି ଅନେକ ଉଦାହରଣ ରହିଛି। କିନ୍ତୁ ଏହି ଘଟଣାରେ ପ୍ରଶାସନ ପକ୍ଷରୁ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଏହି କାରବାର କରିବାକୁ ମଧ୍ୟ ମହିଳାମାନେ ପଛାଉନାହାନ୍ତି।

ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ବ୍ଲକ ଭାଲେଗାଁ ପଞ୍ଚାୟତର ବାଗଡ଼େର ଗାଁର ନୀଳ ରଣା ୨୦ ହଜାର ଟଙ୍କାରେ ନିଜ କନ୍ୟା ଶିଶୁକୁ ବିକ୍ରି କରିଦେଇଥିବା କହିଥିଲେ। ଦାରିଦ୍ର୍ୟତା ଯୋଗୁଁ ଶିଶୁର ଲାଳନ ପାଳନ ପାଇଁ ତାଙ୍କ ପାଖରେ ଟଙ୍କା ନଥିବାରୁ ସେମାନେ ବାଧ୍ୟ ହୋଇ ଶିଶୁକୁ ଅନ୍ୟ ହାତକୁ ଟେକିଦେଇଥିବା କହିଥିଲେ। ଏହି କଥାକୁ ସ୍ୱୀକାର କରିବା ସମୟରେ ସେମାନଙ୍କ ପାଖରେ ସାମାନ୍ୟ ପଶ୍ଚାତାପ ମଧ୍ୟ ନଥିଲା। ବେଶ ଆରାମରେ ଏନେଇ କହିଦେଇଥିଲେ। ଏନେଇ ଖବର ପ୍ରକାଶ ପାଇବା ପରେ ଉକ୍ତ ଶିଶୁକୁ ପ୍ରଶାସନ ପାଇକମାଳ ଅଞ୍ଚଳରୁ ଉଦ୍ଧାର କରିଥିବା ଜଣାପଡ଼ିଛି। ତେବେ ଏନେଇ ଟିଟିଲାଗଡ଼ ପୁଲିସ ଛାନଭିନ ଚଳାଇଥିବା ବେଳେ ଏହି ଘଟଣା ରବି ମଛଖଣ୍ଡ ନାମକ ଜଣେ ଦଲାଲ ରହିଥିବା ଆଲୋଚନା ହେଉଛି। ଏଯାଏଁ ପୁଲିସ କାହାକୁ ଗିରଫ କରିନଥିବା ଜଣାପଡ଼ିଛି। ତେବେ ଏହି ମାମଲା କାହିଁକି ଗତ କିଛି ବର୍ଷ ଭିତରେ ବଲାଙ୍ଗିର ଜିଲ୍ଲାରେ ଘଟିଥିବା ଅନେକ ଶିଶୁବିକ୍ରି ଘଟଣାକୁ ଅନଦେଖା କରାଯାଇଥିବା ଅଭିଯୋଗ ହୋଇଛି। ଏହି ବେଆଇନ କାରବାର କରୁଥିବା ବାପା ମା, ଦଲାଲ ତଥା କିଣୁଥିବା ଦମ୍ପତିଙ୍କ ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଫଳରେ ଏହି କାରବାର ବନ୍ଦ ହେବ କଣ ଦିନକୁଦିନ ବଢ଼ିଚାଲିଛି।

### ଜିଲ୍ଲାରେ ବଢୁଛି ଶିଶୁବିକ୍ରି ମାମଲା

### ଦାରିଦ୍ର୍ୟତା ଦ୍ୱାହି ଦେଇ ଖସିବାକୁ ଉଦ୍ୟମ

ପୂର୍ବରୁ ମଧ୍ୟ ବଲାଙ୍ଗିର ଜିଲ୍ଲାରେ ଶିଶୁ ବିକ୍ରି ଘଟଣା ସାମ୍ନାକୁ ଆସିଥିଲା। ଗତ ଏପ୍ରିଲ ୬ ତାରିଖରେ ମାଲପଡ଼ାରେ ରହୁଥିବା ଜଣେ ବିଧବା ମହିଳା ଏକ ଶିଶୁ ଜନ୍ମ କରିଥିଲେ। ଯାହାକୁ ସେ ବିକ୍ରି କରିଦେଇଥିବା ଅଭିଯୋଗ ହୋଇଥିଲା। ପରବର୍ତ୍ତି ସମୟରେ ପୁଲିସ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଶିଶୁ ମଙ୍ଗଳ କମିଟି ମିଶି ଉଦ୍ଧାର କରିଥିଲେ। ଏହି ଘଟଣାରେ ପୁଲିସ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା। ଏହି ଘଟଣାର ଠିକ କିଛି ମାସ ପୂର୍ବରୁ ଲାଠୋର ଥାନା ସାନଗୁର୍ଜିଭଟା ଗାଁରେ ଜଣେ ଦମ୍ପତ୍ତି ନିଜ ଶିଶୁକୁ ବିକ୍ରି କରିଦେଇଥିବା ଅଭିଯୋଗ ହୋଇଥିଲା। ଶିଶୁ ଜନ୍ମ କଲା ମାଆକୁ ଶିଶୁ କିଣିଥିବା ଦମ୍ପତି ରାୟପୁରରେ ଚିକିତ୍ସା କରାଉଥିବା ବେଳେ ଏହା ସାମ୍ନାକୁ ଆସିଥିଲା। ଏହି ଘଟଣାରେ ମଧ୍ୟ ପୁଲିସ ଓ ପ୍ରଶାସନ ମିଳିତ ଭାବେ ଶିଶୁକୁ ଉଦ୍ଧାର କରିବା ସହ ତିନି ଜଣଙ୍କୁ ଗିରଫ କରିଥିଲେ। ଉଦ୍ଧାର ଶିଶୁକନ୍ୟାକୁ ମା -ବାପା କୁ ହସ୍ତାନ୍ତର କରାଯାଇଥିବା ବେଳେ ପରବର୍ତ୍ତି ସମୟରେ କିଛି ମାସ ପରେ ଉକ୍ତ ଦମ୍ପତି ଆସି ପୁଣି ପ୍ରଶାସନ ହାତକୁ ଶିଶୁକୁ ଟେକିଦେଇ ଦାଦନ ଯାଇଥିଲେ। ସେହିପରି ୨୦୨୩ ଅଗଷ୍ଟ ୫ ତାରିଖରେ ଟିଟିଲାଗଡ଼ ବ୍ଲକ ଝାଙ୍କରପଡ଼ାର ଜଣେ ଦମ୍ପତି ସ୍ଥାନୀୟ ଏକ ଦଲାଲ ଜରିଆରେ ୫ଦିନର ଶିଶୁକୁ ଅଢେଇ ଲକ୍ଷ ଟଙ୍କାରେ ବିକ୍ରି କରିଦେଇଥିବା ଅଭିଯୋଗ ହୋଇଥିଲା। କିଛି ଦିନ ପରେ ଉକ୍ତ ଶିଶୁକୁ ପ୍ରଶାସନ ଉଦ୍ଧାର କରିଥିବା ବେଳେ ବିକ୍ରି କରିଥିବା ସନ୍ତୋଷ, ଦଲାଲ ରାମଜାନ ସେଖ, ଭବାନୀପାଟଣାର ରାଜା ଦୁର୍ଗା କୁ ଗିରଫ କରିଥିଲା। ଏହାର କିଛି ଦିନ ପୂର୍ବରୁ ଟିଟିଲାଗଡ଼ ଅକ୍ଷୟ ପଟେଲ ନାମକ ଜଣେ ବ୍ୟକ୍ତି ତାଙ୍କ ଶିଶୁକୁ ସ୍ତ୍ରୀ ବିକ୍ରି କରିଦେଇଥିବା ଅଭିଯୋଗ ହୋଇଥିଲା। ଅଢେଇ ବର୍ଷର ଶିଶୁକୁ ବିକ୍ରି ହୋଇଥିବା ନେଇ ଅଭିଯୋଗ ହୋଇଥିବା ବେଳେ ଏହି ଘଟଣାକୁ ସେହି ସମୟରେ ଅଣଦେଖା କରାଯାଇଥିଲା। ତେବେ ଏହି ସବୁ ଶିଶୁ ବିକ୍ରି ଘଟଣାରୁ ଦାରିଦ୍ର୍ୟତା ଓ ମାମଲାକୁ ଅଣଦେଖା କରାଯିବା ଭଳି ଦୁଇଟି ବିଷୟ ସାମ୍ନାକୁ ଆସିଛି। ଶିଶୁବିକ୍ରି ଭଳି ଏକ ବେଆଇନ କାରବାରରେ ସମ୍ପୃକ୍ତ ଥିବା ଲୋକମାନଙ୍କ ବିରୋଧରେ ପୁଲିସ ଓ ପ୍ରଶାସନ କଠୋର କାର୍ଯ୍ୟାନୁଷ୍ଠାନ ନେଉନଥିବା ଦେଖିବାକୁ ମିଳିଛି। ଯାହାକି ତାଙ୍କୁ ସାହସ ଯୋଗାଉଥିବା ଅଭିଯୋଗ ହୋଇଛି। ଯଦି ଶିଶୁ ବିକ୍ରି ଘଟଣାକୁ ପୁଲିସ ଗୁରୁତର ସହ ନେଇ ଏହି କାରବାରରେ ଲିପ୍ତ ଥିବା ବ୍ୟକ୍ତି ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତା ତେବେ ହୁଏତ ଏହିଭଳି ମାମଲା ଜିଲ୍ଲାରେ ନିୟନ୍ତ୍ରଣ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀମାନେ ମତ ରଖିଛନ୍ତି।

## ଦୁଇ ବାଇକ ମୁହାଁମୁହିଁ ଧକ୍କା;ଜଣେ ମୃତ

ଲୋଇସିଂହା, ୨୮।୭(ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ଅନ୍ତର୍ଗତ ରୁଗୁଡିଖାଲ ରାମପୁର ମଝିରେ ୨୬ ନଂ ଜାତୀୟ ରାଜପଥ ଉପରେ ଏକ ସଡକ ଦୁର୍ଘଟଣାରେ ଜଣକର ମୃତ୍ୟୁ ହୋଇଥିବା ବେଳେ ତିନି ଜଣ ଆହତ ହୋଇଥିବା ଜଣାପଡ଼ିଛି। ତେବେ ମୃତ ମହିଳା ଜଣକ ବରଗଡ଼ ସହର ମଙ୍ଗଳପଡ଼ାର ଜ୍ୟୋସ୍ନା ତାଣ୍ଡି ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ ବରଗଡ଼ ସହର ମଙ୍ଗଳପଡ଼ାର ଶୁକଦେବ ତାଣ୍ଡି ଓ ତାଙ୍କ ସ୍ତ୍ରୀ ଜ୍ୟୋସ୍ନା ତାଣ୍ଡି ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଗଇଁତଲା କୁ ଆସିଥିଲେ। ସୋମବାର ଉଭୟ ନିଜ କାମ ସାରି ବରଗଡ଼ କୁ ଫେରୁଥିବା ବେଳେ ରୁହୁଡିଖାଲ-ରାମପୁର ମଝିରେ ଥିବା ଗୁଗୁଲ ଢାବା ନିକଟରେ ତାଙ୍କୁ ସାମ୍ନା ପଟରୁ ଆସୁଥିବା ଏକ ବାଇକ୍ ଧକ୍କା ଦେଇଥିଲା। ଫଳରେ ଉଭୟ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣା ପରେ ଆହତ ବ୍ୟକ୍ତିମାନଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଲୋଇସିଂହା ପୁଲିସ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ଦୁର୍ଘଟଣାଗ୍ରସ୍ତ ମହିଳା ଜ୍ୟୋସ୍ନା ତାଣ୍ଡିଙ୍କୁ ମୃତ ଘୋଷଣା କରିଥିଲେ। ତେବେ ମୃତଦେହକୁ ପୁଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଥାନା ଅଧିକାରୀ ଯାଜ୍ଞସେନୀ ନାୟକ ସୂଚନା ଦେଇଛନ୍ତି।

## ବେନକେରା ଆଶ୍ରମ ବିଦ୍ୟାଳୟରେ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ



ଖପ୍ରାଖୋଲ, ୨୮।୭(ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ବେନକେରା ଆଶ୍ରମ ବିଦ୍ୟାଳୟରେ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଆନନ୍ଦିନୀ ସୁନା, ଏଡି. ଡବ୍ଲ୍ୟୁ ବଂଶୀଧର କିସାନ ଓ ଅନ୍ୟାନ୍ୟ ସହକାରୀ ଶିକ୍ଷକ ସହିତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରକୃତି ସଂରକ୍ଷଣର ଆବଶ୍ୟକତା, ମୃତ୍ତିକା ସଂରକ୍ଷଣ, ଜଳ ସଂରକ୍ଷଣ, ଜଙ୍ଗଲ ସଂରକ୍ଷଣ ଓ ଅନ୍ୟାନ୍ୟ ପରିବେଶ ସମ୍ପର୍କିତ ସୁରକ୍ଷା ଉପରେ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ବିଶଦ ଭାବେ ବିବରଣୀ ଦେଇଥିଲେ। ଏହା ସହିତ ବୃକ୍ଷ ରୋପଣ କାର୍ଯ୍ୟ ସମ୍ପାଦନ କରାଯାଇଥିଲା।ଏହି ଅବସରରେ ମୁଖ୍ୟଅତିଥି ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ଆବାହକ ଜୟସିଂହ ପୁଝାରି ଗନ୍ଧମାର୍ଦ୍ଦନର ଉପାଦେୟତା ଏବଂ ଭବିଷ୍ୟତରେ ସମସ୍ତ ଛାତ୍ରଛାତ୍ରୀ ପ୍ରକୃତି ରକ୍ଷାର ରକ୍ଷକ ସାଜିବାକୁ ପ୍ରତିଜ୍ଞା ନେବା ଉଚିତ ବଲି ସଚେତନତା ବାର୍ତ୍ତା ଦେଇଥିଲେ। ଲୋକ ଉନ୍ନତି ସଂଗଠନ ତରଫରୁ ସିନିଅର ପ୍ରୋଗ୍ରାମ କୋର୍ଡିନେଟର ବିଶ୍ୱନାଥ ବାଗ, ବ୍ଲକ ସଂଯୋଜିକା ସୁଭଦ୍ରା ସୁନା ଏବଂ ଜନସାଥୀ ଅଭିଳାଷ ଭୋଇ, ସୁଧେସ୍ନା ଭୋଇ ଓ ସରୋଜିନୀ ସାହୁ ଉପସ୍ଥିତ ଥିଲେ।

## ତୁରେକେଲା ଶିଶୁ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ



ତୁରେକେଲା, ୨୮।୭(ସମିସ): ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକରେ ଅଙ୍ଗନୱାଡି କେନ୍ଦ୍ର ଶିଶୁ ପୋଷାକ ଯୋଗାଣରେ ବ୍ୟାପକ ଅନ୍ୟାୟମିତା ହେଉଥିବା ଅଭିଯୋଗରେ ତୁରେକେଲା ବ୍ଲକ ସ୍ୱୟଂ ସହାୟକ ଗୋଷ୍ଠୀ ସଂଘ ମହିଳାମାନେ ତୁରେକେଲା ଶିଶୁ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଅଭିଯୋଗ ଅନୁସାରେ ଚଳିତ ବର୍ଷ ତୁରେକେଲା ବ୍ଲକର ପ୍ରାକ୍ ଶିକ୍ଷାର ପୋଷାକ ଯୋଗାଣ ବିତରଣରେ ବ୍ୟାପକ ଅନିୟମିତା କରି ତୁରେକେଲା ବ୍ଲକର ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ଅଣ ଦେଖା କରି ଅନ୍ୟ ବ୍ଲକମାନଙ୍କ ଠାରୁ ହାତଗୁଞ୍ଜି ନେଇ ସେମାନଙ୍କ ସହ ଟେଣ୍ଡର ଫିକ୍ସିଙ୍ଗ କରି ସେମାନଙ୍କୁ ଯୋଗାଣ ବିତରଣ ଦାୟିତ୍ୱ ଦିଆଯାଇଥିବା ବେଳେ ତୁରେକେଲା ବ୍ଲକର ଅନେକ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ପ୍ରାକ୍ ପୋଷାକ ବିତରଣ ପାଇଁ ଯୋଗ୍ୟତା ଥିଲେ ମଧ୍ୟ ତାଙ୍କୁ ଅଣଦେଖା କରାଯାଉଥିବା ସେମାନେ ସିଧାସଳଖ ଅଭିଯୋଗ ଆଣିଛନ୍ତି। ତୁରେକେଲା ବ୍ଲକ ଦାୟିତ୍ୱ ଥିବା କର୍ମଚାରୀଙ୍କ ଜଣକ ସବୁ ବେଳେ ତାଙ୍କ ଏହିଭଳି ମନମୁଖୀ କାର୍ଯ୍ୟକଳାପ କରି ଆସୁଥିବା ତାଙ୍କ ନାରେ ପୂର୍ବରୁ ଅଭିଯୋଗ ହେଉଛି କିନ୍ତୁ ଜିଲ୍ଲା ପ୍ରଶାସନ ଏହାର ଉପରେ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରୁନାହିଁ। ସେପଟେ ତୁରେକେଲା ଶିଶୁ ପ୍ରକଳ୍ପ ଅଧିକାରିଙ୍କ କାର୍ଯ୍ୟାଳୟ ଘେରାଉ କରି ମୁଖ୍ୟ ଗେଟ୍ ସମୁଖୀନରେ ତାଲା ପକାଇ ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରି ସହ ଉତ୍ତେଜନା ପରିସ୍ଥିତ ଦେଖା ଦେଇଥିବା ବେଳେ ଘଟଣାସ୍ଥଳ ରେ ତୁରେକେଲା ପୁଲିସ ପହଞ୍ଚି ବୁଝାସୁଝା କରିଛି। ସେପଟେ ଏନେଇ ସ୍ୱୟଂ ସହାୟକ ଗୋଷ୍ଠୀ ସଂଘ ମହିଳାଙ୍କୁ ତୁରେକେଲା ବ୍ଲକ ସିଡିପିଓ ବୁଝାଶୁଝା କରିବା ପରେ ମହିଳାମାନେ ଆନ୍ଦୋଳନ ଓହରି ଥିଲେ।

## ବନ ବିଭାଗକୁ ଚେତାବନୀ

## ମରିବୁ ପଛେ ଜମି ଛାଡିବୁ ନାହିଁ

ତୁରେକେଲା, ୨୮।୭(ସମିସ): ଜଙ୍ଗଲ ଜମିରେ ବୃକ୍ଷରୋପଣ କରିବାକୁ ବନ ବିଭାଗ ଯାଇଥିବା ବେଳେ ମରିବୁ ପଛେ ଛାଡିବୁ ନାହିଁ ଜମି ପାଇଁ ଜୀବନ ଦେବୁ ବୋଲି କହି ବିରୋଧ କରିଛନ୍ତି ସ୍ଥାନୀୟ ଲୋକେ। ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ କମେଇମୁଣ୍ଡା ପଞ୍ଚାୟତ ଗୋଦରାମୁଣ୍ଡା ଗାଁରେ ଏଭଳି ବିରୋଧ ଦେଖିବାକୁ ମିଳିଛି। ଚଳିତ ବର୍ଷ ବନ ବିଭାଗ ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ବୃକ୍ଷରୋପଣ କରାଯାଇଥିବା ବେଳେ ଅନେକ ଜବର ଦଖଲ କରିଥିବା ଚାଷ ଜମିରୁ ଉଚ୍ଛେଦ କରି ବୃକ୍ଷରୋପଣ କରାଯାଉଛି। ଗୋଦରାମୁଣ୍ଡା ଗାଁରେ ଅନେକ ଲୋକ ହେକ୍ଟର ହେକ୍ଟର ଜମି ଅକ୍ତିଆର କରି ଚାଷ କରୁଥିବା ବେଳେ ସେହି ଜମିମାନଙ୍କରେ ବୃକ୍ଷରୋପଣ କରିବା ପ୍ରୟାସ କରିଥିବା ବେଳେ ଚାଷ ଜମିରେ ବୃକ୍ଷରୋପଣ କରେଇ ଦେବୁ ନାହିଁ। ଗୋଦରାମୁଣ୍ଡା ଗାଁ ଲୋକେ ବର୍ଷ ବର୍ଷ ହେଲା ଏହି ଜମିରେ ଚାଷ କରି ଆମ ଜୀବନ ବିତାଉଛୁ ଆମେ ଏହି ଜମି ଛାଡିବୁ ନାହିଁ ଜୀବନ ପଛେ ଚାଲିଯାଉ ଯଦି ବନ ବିଭାଗ ଅଧିକାରୀ ବାବୁ ବୃକ୍ଷରୋପଣ କଲେ ଆକ୍ରମଣ କରିବାକୁ ପଛେଇବୁ ନାହିଁ ବୋଲି ଖୋଲମଖୋଲ ଚେତାବନୀ ଦେଉଛନ୍ତି। ଏନେଇ ବନପାଳ ନବ ଦାସଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## କାଉଡ଼ିଆଙ୍କ ଜଳଲାଗି

ବେଲପଡ଼ା, ୨୮।୭(ସମିସ): ବୋଲବମ କାଉଡ଼ିଆ ପ୍ରସିଦ୍ଧ ବେଲପଡ଼ା ବ୍ଲକ ମଣ୍ଡଳଗାଁର ହରିଶଙ୍କର ମନ୍ଦିର ନିକଟରେ ବୋହି ଯାଉଥିବା ପାପନାଶିନି ଝରଣାରୁ ଜଳ ନେଇ କେନକେବା ଗାଁ ଶିବ ମନ୍ଦିରରେ ଜଳ ଅର୍ପଣ କରିଛନ୍ତି। ପ୍ରାୟ ୬୦ କିଲୋମିଟର ବାଟ ଚାଲି ଚାଲି ଆସି ଶିବପଞ୍ଚାକ୍ଷର ମନ୍ତ୍ର ଜପି ଗାଁ ପରିକ୍ରମା ପରେ ବାବାଙ୍କ ଠାରେ ଜଳ ଅର୍ପଣ କରାଯାଇଛି। ଶ୍ୟାମସୁନ୍ଦର ଶର୍ମା, ସୌଦାଗର ସେଠ, ସୁଦାମ ଖମାରି, କଳାକାନ୍ହୁ ସେଠ ପ୍ରମୁଖ ସହଯୋଗ କରିଥଲେ



## ମୁରିବାହାଲ ବ୍ଲକ୍‌ରେ ଅଭିଯୋଗ ଶୁଣାଣି

କଣ୍ଟାବାଞ୍ଜି/ମୁରିବାହାଲ, ୨୮।୭(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପ୍ରଶାସନର ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱାର, ବଲାଙ୍ଗିର ଆରକ୍ଷୀ ଅଧିକ୍ଷକ ଅଭିଳାଷ ଜୀ, ଉପ ଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ, କଣ୍ଟାବାଞ୍ଜି ଏସ୍‌ଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ୪୪ ଟି ଅଭିଯୋଗ ଦରଖାସ୍ତ ଦାଖଲ ହୋଇଥିଲା। ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁରିବାହାଲ ବିଡ଼ିଓ ବାସନ୍ତୀ ସେଠୀ ତଥା ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଲୋକେ ବ୍ୟକ୍ତିଗତ ଓ ସାମୁହିକ ଅଭିଯୋଗକୁ ଦୃଷ୍ଟି ଆକର୍ଷଣ କରିଥିଲେ।




## ଐତିହାସିକ ପୂର୍ଣ୍ଣଚନ୍ଦ୍ର ରଥଙ୍କୁ ଶ୍ରଦ୍ଧାଞ୍ଜଳି

ବଲାଙ୍ଗିର, ୨୮।୭(ସମିସ): ସୃଜନୀ ପରିବାର ଆନୁକୂଲ୍ୟରେ ଐତିହାସିକ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ରଥଙ୍କୁ ସମର୍ପିତ ସ୍ମୃତି-ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ 'ପ୍ରଣମାମୀ ପ୍ରଣମ୍ୟ ପୂର୍ଣ୍ଣଚନ୍ଦ୍ର' ଦେଶ ତଥା ବିଦେଶର ବହୁ ବରେଣ୍ୟ ଅତିଥି ତଥା ଆଲୋଚକଙ୍କ ଉପସ୍ଥିତିରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଚଳଚ୍ଚିତ୍ର ଅଭିନେତା ତଥା ନାଟ୍ୟ ନିର୍ଦ୍ଦେଶକ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ସଭାର ଉଦ୍‌ଘାଟକ ଭାବେ ଯୋଗ ଦେଇ ଐତିହାସିକ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ରଥଙ୍କ ନେତୃତ୍ୱରେ ସ୍ୱାଧୀନତାର ପୂର୍ବ ଓ ପରବର୍ତ୍ତି ସମୟରେ ଅବିଭକ୍ତ ବଲାଙ୍ଗିର ଓ ସୁବର୍ଣ୍ଣପୁରରେ ଗଢି ଉଠିଥିବା ସାମାଜିକ, ସାଂସ୍କୃତିକ ତଥା ରାଜନୈତିକ ଆନ୍ଦୋଳନ ସମୂହର ଏକ ବିଶ୍ଳେଷଣାତ୍ମକ ଚିତ୍ର ଉପସ୍ଥାପନ କରିଥିଲେ। ସୁବର୍ଣ୍ଣପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଡ. ସନ୍ତୋଷ ପାଢ଼ୀ ବରେଣ୍ୟ ମୁଖ୍ୟଅତିଥି ଏବଂ ଡିଏଭି କଲେଜ ଟିଟିଲାଗଡ଼ର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଡ.ଶିବ ପ୍ରସାଦ ବେହେରା ବରେଣ୍ୟ ମୁଖ୍ୟବକ୍ତା ରୂପେ ସଭାରେ ଯୋଗ ଦେଇ ଐତିହାସିକ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ରଥ କରିଥିବା ଶିକ୍ଷା, ସ୍ୱାସ୍ଥ୍ୟ ତଥା ସାମାଜିକ କ୍ଷେତ୍ରରେ ବିକାଶମୂଳକ ପଦକ୍ଷେପ ପ୍ରସଙ୍ଗରେ ଆଲୋଚନା କରିଥିଲେ। ବଲାଙ୍ଗିରର ରାଜେନ୍ଦ୍ର କଲେଜ ସ୍ଥାପନ, ଆୟୁର୍ବେଦ ଚିକିତ୍ସାଳୟ ସ୍ଥାପନ ତଥା ରାଜ୍ୟର ଐତିହାସିକ କିର୍ତ୍ତିରାଜିର ସଂରକ୍ଷଣ ପାଇଁ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ରଥଙ୍କ ପ୍ରଚେଷ୍ଟାକୁ ଉଭୟ ବକ୍ତା ନିଜସ୍ୱ ବକ୍ତବ୍ୟ ମାଧ୍ୟମରେ ଆଲୋକପାତ କରିଥିଲେ। ଉକ୍ତ ଆଭାସୀ ସଭାରେ ବରେଣ୍ୟ ଅତିଥି ତଥା ଆଲୋଚକ ବୃନ୍ଦ ଭାବରେ ସୁବର୍ଣ୍ଣପୁର ମହାବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଡ. ସୁଦାମ ଦିପ, ଐତିହାସିକ ତଥା ଦର୍ଶନଶାସ୍ତ୍ରବିତ ସାଲେଗ୍ରାମ ହୋତା, ଐତିହାସିକ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ରଥଙ୍କ ସାନପୁଅ ଧର୍ମବ୍ରତ ରଥ ଓ ବଡ ନାତୁଣୀ ଡକ୍ଟର ସଙ୍ଗୀତା ରଥ ଆଦି ଯୋଗ ଦେଇ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ରଥଙ୍କ ବିଭିନ୍ନ କ୍ଷେତ୍ରରେ ଅବଦାନ ଓ କୃତି ପ୍ରସଙ୍ଗରେ ଆଲୋକପାତ କରିଥିଲେ। ସୃଜନୀ ପରିବାର ସମ୍ପାଦକ ଅଶୋକ କୁମାର ସାମନ୍ତ ଅତିଥି ପରିଚୟ ପ୍ରଦାନ ସହ ସଭାରେ ଉଦ୍ଦେଶ୍ୟଜ୍ଞାପନ କରିଥିଲେ। ସୃଜନୀ ପରିବାର ମୁଖ୍ୟ ଉପଦେଷ୍ଟା ଆଶୁତୋଷ ସାମନ୍ତସିଂହାର (ଆଇଏଫ୍‌ଏସ୍ ଅବସରପ୍ରାପ୍ତ), ଉପଦେଷ୍ଟା ଗୋଦାବରୀଶ ମିଶ୍ର ଏବଂ ଉପଦେଷ୍ଟା ତଥା ସାହିତ୍ୟ ସାଧିକା ଡ.ବାସନ୍ତୀ ମହାନ୍ତିଙ୍କ ସହ ସୁଦୁର ଆମେରିକାରେ ଅବସ୍ଥାପିତ କରୁଥିବା ସୃଜନୀ ପରିବାରର ସଦସ୍ୟ ସମେତ ବହୁ ମାନ୍ୟଗଣ୍ୟ ସୁଧୀ ତଥା ବିଦ୍ୱାନଙ୍କ ଭବ୍ୟ ଉପସ୍ଥିତି ସଭାକୁ ମହିମା ମଣ୍ଡିତ କରିଥିଲେ। ସୃଜନୀ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଡ.କୈବଲ୍ୟ ମିଶ୍ର, ଆକାଶବାଣୀ ଭବାନୀପାଟଣାର ଉଦ୍‌ଘୋଷିକା ସୁମତି ମୁଣ୍ଡଙ୍କ ଉପସ୍ଥାପନା ସହ ଆକାଶବାଣୀ ସ୍ୱୀକୃତିପ୍ରାପ୍ତ କଣ୍ଠଶିଳ୍ପୀ କୃଷ୍ଣଚନ୍ଦ୍ର ସିନ୍ଧରୀଆଙ୍କ ସଙ୍ଗୀତ ପରିବେଷଣରେ ସଭା ସଙ୍ଗୀତମୟ କରିବା ସହ ସମସ୍ତ ବିଶିଷ୍ଟ ସ୍ୱର୍ଗତ ରଥଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସୃଜନୀର ସମ୍ପାଦକ ଅଶୋକ ସାମନ୍ତଙ୍କ ଧନ୍ୟବାଦାର୍ପଣ କରିଥିଲେ।

## ଦମେଇପାଲି ପଞ୍ଚାୟତରେ ଜନଶୁଣାଣି



ଖପ୍ରାଖୋଲ, ୨୮।୭(ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଦମେଇପାଲି ସଦର ପଞ୍ଚାୟତ କାର୍ଯ୍ୟଳୟ ଠାରେ ସରପଞ୍ଚ ତାରାବତି ତାଣ୍ଡିଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ଓ ଜିପିଇଓ ପରମେଶ୍ୱର ନାଏକଙ୍କ ଅନୁପସ୍ଥିତିରେ ଯୋଗାଣ ଅଧିକାରୀ ବିକାଶ ବାର୍ଲା, ଏପିଓ ପ୍ରଶାନ୍ତ ସାହୁ, ଜନ ମଙ୍ଗଳ ଅଧିକାରିଣୀ ପ୍ରତୀକ୍ଷା ସାହୁ, ପ୍ରମୁଖ ଅଧିକାରୀମାନେ ଯୋଗ ଦେଇଥିଲେ। ବିଭିନ୍ନ ଅଭିଯୋଗକୁ ନେଇଁ ସମୁଦାୟ ୨୭ ଟି ଅଭିଯୋଗ ପତ୍ର ଦାଖଲ ହୋଇଥିବା ବେଳେ ଏଥି ମଧ୍ୟରୁ ଆବାସ ଗୃହ, ପାଣି ସମସ୍ୟା ପାଇଁ, ବାର୍ଦ୍ଧକ୍ୟ ଭତ୍ତା ଓ ରାସନକାର୍ଡ ପାଇଁ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ପିଇଓ ନୀଳାମ୍ବର ମାଝୀ, ଏଡିଇଓ ଦେବେଶ କୁମାର ମିଶ୍ର, ନାଏବ ସରପଞ୍ଚ, ୱାର୍ଡ ସଭ୍ୟ ଉପସ୍ଥିତ ଥିଲେ।

ପ୍ରଥମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



✓ ସୁମନ୍ତ ନାରାୟଣ ଆଚାର୍ଯ୍ୟ
ଆବିର୍ଭାବ: ୦୬.୦୬.୧୯୬୨
ତିରୋଧାନ: ୦୯.୦୮.୨୦୨୪
✓ ରୀନା ଦାଶ
ଆବିର୍ଭାବ: ୧୧.୦୭.୧୯୭୩
ତିରୋଧାନ: ୨୫.୦୧.୨୦୨୫
ମନେପଡୁଛି ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଏବଂ ଭଲପାଇବାର ସ୍ମୃତି । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପୁତ୍ର - ରାଜା, ଝିଅ- ମାମୁନି, ଜ୍ୱାଇଁ- ନିଳାଦ୍ରି, ନାତି- ଈଶାନ, ଆତ୍ମୀୟ ସ୍ୱଜନ

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ଡଃ ସରୋଜ କୁମାର ସାମନ୍ତ
ଅଧ୍ୟକ୍ଷ ତଥା ସଂପାଦକ
ଗଞ୍ଜାମ ଆଇନ ମହାବିଦ୍ୟାଳୟ, ଆମ୍ବପୁଆ, ବ୍ରହ୍ମପୁର
ଆବିର୍ଭାବ - ତା. ୨୧. ୦୩. ୧୯୭୯ / ତିରୋଧାନ - ତା. ୧୮. ୦୭.୨୦୨୫
ହେ ପୁଣ୍ୟାତ୍ମା, ଆପଣ ଆମ୍ଭମାନଙ୍କୁ ଦୁଃଖ ସାଗରରେ ଭସାଇ ଦେଇ ଆରପାରିକୁ ଚାଲିଗଲେ। ଆପଣଙ୍କ ଅମଳିନ ସ୍ନେହ, ଶ୍ରଦ୍ଧା ଓ ମାର୍ଗଦର୍ଶନରୁ ଏବେ ଆମେ ବଞ୍ଚିତ । ଅଶ୍ରୁସିକ୍ତ ନୟନରେ ଆପଣଙ୍କ ସ୍ମୃତିକୁ ଝୁରିବା ବ୍ୟତିରେକେ ଅନ୍ୟ ଉପାୟ୍ ନାହିଁ। ଈଶ୍ୱରଙ୍କ ଏ ଚରାଚର ସୃଷ୍ଟିରେ ଆପଣ ଯେଉଁଠି ଥିଲେ ବି ଆଲୋକବର୍ତ୍ତିକା ହୋଇ ଆମକୁ ଆଶୀର୍ବାଦ କରୁଥାଆନ୍ତୁ। ଆପଣଙ୍କ ଅମର ଆତ୍ମା ଚିର ଶାନ୍ତି ଲାଭ କରୁ, ଆଜି ଏକାଦଶାହ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଆପଣଙ୍କର ଶୋକସନ୍ତପ୍ତ
ଗଭୀର ଶ୍ରଦ୍ଧାଞ୍ଜଳି ସହ ମାନସ ମୋହିନୀ ସାମନ୍ତ (ମା), ସଂଜିପ ସାମନ୍ତ (ଭାଇ), ସରିତା ଓ ସୁନିତା (ଭଉଣୀ), ନମିତା (ଧର୍ମପତ୍ନୀ), ଶ୍ରଦ୍ଧା (ଝିଅ), ତନୁଶ୍ରୀ, ସୋନାକ୍ଷୀ, ମାନିକଲାଲ, ଆନନ୍ଦ, ମୁକେଶ, ମନୋଜ, ମାନସୀ ଓ ମିନତୀଙ୍କ ସମେତ ସାମନ୍ତ ପରିବାର ସଦସ୍ୟ ଓ ବନ୍ଧୁ ବର୍ଗ

## ଛାତ୍ରଙ୍କ ଦ୍ୱାରା ବିଲେଇ ଫିଙ୍ଗାଯିବା ଘଟଣା

# ପ୍ରଧାନଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍‌ର କଣ୍ଟ ପୂରିଲା

ପାଟଣାଗଡ଼, ୨୮।୭(ସମିସ)

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଘୁମେର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗତ ୪ ତାରିଖ ଦିନ ଶିକ୍ଷାଦାନ ପାଇଁ ଆସିଥିବା ସ୍କୁଲର ତିନି ଜଣ ଛାତ୍ରଙ୍କୁ ଜିଅନ୍ତା ବିଲେଇ ଫିଙ୍ଗାଇବା ଘଟଣାରେ ତଦନ୍ତ ପ୍ରକ୍ରିୟା ଶେଷ ହୋଇସାରିଛି। ତେବେ ଏହି ଘଟଣାରେ ଜିଲ୍ଲାଶିକ୍ଷାଧିକାରୀ ପ୍ରଦୀପ ନାଗ ଘଟଣାକୁ ଗୁରୁତ୍ୱସହ ନେଇ ମଙ୍ଗଳବାର ତୁରନ୍ତ ପ୍ରଧାନଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ବିଇଓ ପାଟଣାଗଡ଼ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ବୁଧବାର ବିଇଓ ଶ୍ରୀ ମାଝୀ ଲେଟର ନଂ ୧୬୬୦ ଅନୁସାରେ ପ୍ରଧାନଶିକ୍ଷକ ହିମାଂଶୁ ସେଠଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଥିଲେ। ଏନେଇ ମେମୋ ନଂ ୧୬୬୧ ଅନୁସାରେ ଲିଖିତ ଅଭିଯୋଗ କରିଥିବା ଅଭିଭାବକଙ୍କୁ ଓ ମେମୋ ନଂ ୧୬୬୨ ଅନୁସାରେ ଜିଲ୍ଲା ଶିକ୍ଷାଧିକାରୀ ବଲାଙ୍ଗିରଙ୍କୁ ଅବଗତ କରାଯାଇଛି। କାରଣ ଦର୍ଶାଅ ନୋଟିସ ଅନୁସାରେ କାହିଁକି ଶିକ୍ଷାଦାନ ପାଇଁ ସ୍କୁଲକୁ ଆସିଥିବା ଛାତ୍ରମାନଙ୍କୁ ଜିଅନ୍ତା ବିଲେଇ ଫିଙ୍ଗାଯାଇଛି। ଏହାର କୈଫିୟତ ଦେବାକୁ କୁହାଯାଇଛି ଏଥିସହ କାହିଁକି ଆପଣଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ ବୋଲି ଦର୍ଶାଯାଇଛି। ତେବେ ସୋମବାର କାରଣଦର୍ଶାଅ ନୋଟିସର କଣ୍ଟ ପୂରିଯାଇଥିବା ବେଳେ ଏନେଇ ଶିକ୍ଷାବିଭାଗ କଣ ପଦକ୍ଷେପ ନେଇଛି ବିଇଓ ଶ୍ରୀ ମାଝୀଙ୍କୁ ବାରମ୍ବାର ଫୋନ କରିଥିଲେ ମଧ୍ୟ ଉଠାଇନଥିଲେ। ଅନ୍ୟପଟେ ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ ନାଗ ବଲାଙ୍ଗିରଙ୍କୁ ପଚାରିବାରୁ ଏ ଘଟଣାରେ କାର୍ଯ୍ୟାନୁଷ୍ଠାନ ନେବାକୁ ପାଟଣାଗଡ଼ ବିଇଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଓ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଥିଲେ। ଅନ୍ୟପଟେ ପ୍ରଧାନଶିକ୍ଷକ ଜଣକ ସ୍କୁଲର ଛାତ୍ରମାନଙ୍କ ଦ୍ୱାରା ଜିଅନ୍ତା ବିଲେଇ ଫିଙ୍ଗାଇବା ଭଳି ଏକ ସମ୍ବେଦନଶୀଳ ଘଟଣାରେ ଅଭିଭାବକ ଜଣକ ପାଟଣାଗଡ଼ ବିଇଓଙ୍କୁ ଲିଖିତ ଅଭିଯୋଗ ପରେ ମଧ୍ୟ ଚୁପ ରହିଥିଲେ। ତେବେ ଅଭିଭାବକ ଜଣକ ଜିଲ୍ଲା ଶିକ୍ଷାଧିକାରୀ ବଲାଙ୍ଗିରଙ୍କୁ ଅବଗତ ପରେ ବାଧ୍ୟ ହୋଇ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଅବଧି ପରେ ମଧ୍ୟ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ବିରୋଧରେ ସ୍ପଷ୍ଟ ପ୍ରମାଣ ଥିଲେ ସୁଦ୍ଧା ଏହି ଘଟଣାରେ ବିଇଓ ଶ୍ରୀ ମାଝୀ ଗଣମାଧ୍ୟମର ଫୋନ ନ ଉଠାଇ କାହିଁକି ମୁହଁ ଖୋଲୁନାହାନ୍ତି ତାହା ତାଙ୍କ ସ୍ୱଚ୍ଛତାକୁ ନେଇ ଅଭିଭାବକ ତଥା ବୁଦ୍ଧିଜୀବୀ ମହଲରେ ସନ୍ଦେହ ବଢ଼ିବାରେ ଲାଗିଛି। ଅନ୍ୟପଟେ ପ୍ରଧାନଶିକ୍ଷକ ଜଣକ ଏହି ଘଟଣାକୁ ଚପାଇଦେବାକୁ ଜୋରସୋର ଉଦ୍ୟମ ଜାରିରଖିଥିବା ଅଭିଯୋଗ ହେଉଛି।

## ବୀର ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

# ଗାଁ ମଶାଣୀରେ ତୋପ ସଲାମି ସହ ଯବାନଙ୍କ ଶେଷକୃତ ସମ୍ପନ୍ନ



ଚମ୍ପୁଆ/ନାରଦପୁର, ୨୮।୭ (ସମିସ): ଝୁମ୍ପୁରା ବ୍ଲକ୍ ଅଧୀନ ଦ୍ୱିତୀୟ ଧନୁର୍ଜୟପୁର ଗ୍ରାମର ବୀର ଯବାନ ବିଜୟ କୁମାର ପ୍ରଧାନଙ୍କ ଶେଷକୃତ ଗାଁ ମଶାଣୀରେ ସମ୍ପନ୍ନ ହୋଇଛି। ସୀମା ସୁରକ୍ଷାବଳ ଓ ପୁଲିସ ପକ୍ଷରୁ ସ୍ୱର୍ଗତ ପ୍ରଧାନଙ୍କୁ ତୋପ ସଲାମି ପ୍ରଦାନ କରାଯାଇଥିଲା। ସୂଚନା ଯୋଗ୍ୟକି ଯବାନ ବିଜୟ କୁମାର ପ୍ରଧାନ ଭାରତୀୟ ସୀମା ସୁରକ୍ଷା ବଳରେ ଫାର୍ମାସିଷ୍ଟ ଭାବେ ସିଲିଗୁଡିରେ କାର୍ଯ୍ୟରତ ଥିଲେ। ଗତ ଶନିବାର ତାଙ୍କର ମୃତ୍ୟୁ ଘଟିଥିଲା। ୪୬ ବାଟାଲିୟନର ଏଏସ୍‌ଆଇ ଭାବେ କାର୍ଯ୍ୟ କରୁଥିବା ବିଜୟଙ୍କ ମରଶରୀର ପର୍ଶଳାରେ ପହଞ୍ଚିବା ପରେ ଶତାଧିକ ଗ୍ରାମବାସୀ ମଟର ସାଇକଲ ଶୋଭାଯାତ୍ରାରେ ବିଜୟ କୁମାର ଅମର ରହେ ଓ ଭାରତ ମାତାକି ଜୟ ଧ୍ୱନିଦେଇ ତାଙ୍କ ପୈତୃକ ଗ୍ରାମ ଦ୍ୱିତୀୟ ଧନୁର୍ଜୟପୁରକୁ ନେଇଥିଲେ। ସେଠାରେ ଗ୍ରାମବାସୀ ଓ ପରିବାର ଲୋକଙ୍କ ସମେତ ବିଭିନ୍ନ ଅଧିକାରୀମାନେ ତାଙ୍କର ଶେଷ ଦର୍ଶନ କରିଥିଲେ। ପରେ ତାଙ୍କ ମର ଶରୀରକୁ ଗାଁ ମୁଣ୍ଡ ମଶାଣୀକୁ ନିଆଯାଇଥିବା ବେଳେ ସେଠାରେ ଆନୁଷ୍ଠାନିକ ଭାବେ ତୋପ ସଲାମି ପ୍ରଦାନ କରାଯାଇଥିଲା। ସ୍ୱର୍ଗତ ପ୍ରଧାନ ୧୫ ନଭେମ୍ବର ୨୦୧୦ ମସିହାରେ ଭାରତୀୟ ସୀମା ସୁରକ୍ଷା ବଳରେ ଯୋଗଦେଇଥିଲେ। ଏବେ ସେ ପଶ୍ଚିମବଙ୍ଗର ନିଉଜଲପାଇଗୁଡିରେ ନିୟୋଜିତ ଥିଲେ। ତାଙ୍କର ଧର୍ମପତ୍ନୀ ଶୁଭଶ୍ରୀ ପ୍ରଧାନ ଏବଂ ବାରବର୍ଷର ଝିଅ ଓ ପାଞ୍ଚବର୍ଷର ପୁଅ ଅଛନ୍ତି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକପ୍ରକାଶ ପାଇଛି। ପ୍ରଶାସନ ପକ୍ଷରୁ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ଅତିରିକ୍ତ ଅରକ୍ଷୀ ଅଧିକ୍ଷକ ହରପ୍ରିୟା ନାଏକ, ଚମ୍ପୁଆ ଆଇଆଇସି ରମାକାନ୍ତ ମୁଦୁଲୀ, ଝୁମ୍ପୁରା ବିଡିଓ ହୃଦାନନ୍ଦ ଓଢା, ତହସିଲଦାର ରୋହିତ ବାଗ, ସରପଞ୍ଚ ହେମନ୍ତୀ ମୁଦି, ସମିତି ସଭ୍ୟ ଅଯୋଧ୍ୟା ନାଏକ ପ୍ରମୁଖ ଘଟଣାସ୍ଥଳରେ ଉପସ୍ଥିତ ରହିଥିଲେ।

## ମହିଳାଙ୍କ ମୃତ୍ୟୁ ଘଟଣାରେ ସ୍ୱାମୀ ଗିରଫ

ରାମଚନ୍ଦ୍ରପୁର,୨୮।୭(ସମିସ): ରାମଚନ୍ଦ୍ରପୁର ଥାନା ତରୁଆଁ ପଞ୍ଚାୟତ ପାଟସୁରା ଗ୍ରାମରେ ଜଣେ ମହିଳାଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟଣାରେ ସ୍ୱାମୀ ଗିରଫ। ଘଟଣାରୁ ଜଣାଯାଏ ପାଟସୁରା ଗ୍ରାମର ପ୍ରଦୀପ ରାଉତ(୩୫) ଧର୍ମଶାଳା ଥାନା କୋଟପୁର ଗ୍ରାମର ଟିକିନା ରାଉତ(୩୦)ଙ୍କୁ ୨୦୧୮ ମସିହାରେ ପ୍ରେମ ବିବାହ କରିଥିଲେ। ଦୁଇଦିନ ତଳେ ଟିକିନା ଖାଇପିଇ ଶାଶୂଘରେ ଶୋଇଥିଲେ। ହେଲେ ସକାଳୁ ଆଉ ଉଠି ନଥିଲେ। ପରିବାର ଲୋକେ କବାଟ ଖୋଲି ଦେଖିଲା ବେଳକୁ ଟିକିନାର ମୃତ୍ୟୁ ହୋଇଯାଇଥିଲା। ପରିବାର ଲୋକଙ୍କ ଠାରୁ ଖବର ପାଇ ରାମଚନ୍ଦ୍ରପୁର ପୁଲିସ ପହଞ୍ଚି ଶବ ଜବତ କରି ୨୧୭/୨୫ରେ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଇଥିଲେ। ତଦନ୍ତ ଜାରି ରଖିଥିବା ବେଳେ ନବବଧୂ ଟିକିନାର ବାପ ଘର ଲୋକେ ଥାନାରେ ପହଞ୍ଚି ତାଙ୍କ ଝିଅକୁ ମାରି ଦିଆଯାଇଥିବା ପାଲଟା ଅଭିଯୋଗ କରିଥିଲେ। ଘଟଣାରେ ଥାନା ଅଧିକାରୀ ମନୋଜ ସ୍ୱାଇଁଙ୍କ ନିର୍ଦ୍ଦେଶରେ ଅଭିଯୁକ୍ତ ସ୍ୱାମୀ ପ୍ରଦୀପଙ୍କୁ ଥାନାରେ ଅଟକ ରଖି ପଚାରା ଉଚାରା ଜାରି ରଖିଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆଧାରରେ ଅଭିଯୁକ୍ତ ସ୍ୱାମୀକୁ ଆଜି ଗିରଫ କରି କୋର୍ଟଚାଲାଣ କରିଛି ରାମଚନ୍ଦ୍ରପୁର ପୁଲିସ।

## ବାର୍‌ହା ଆକ୍ରମଣରେ ଯୁବକ ଗୁରୁତର

ତୁରୁମୁଙ୍ଗା,୨୮।୭(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ତୋଣ୍ଡ ବିଟ୍ ଡୁମୁରିଆ ଗ୍ରାମରେ ସୋମବାର ସକାଳୁ ବାର୍‌ହା ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଗୁରୁତର ଯୁବକ ହେଲେ ଅଜିତ କୁମାର ମହାନ୍ତ(୪୦)। ସୋମବାର ସକାଳୁ ସେ ଘର ଠାରୁ ୩୦ମିଟର ଦୂରରେ ଠିଆ ହୋଇଥିବା ବେଳେ ହଠାତ ଏକ ବାର୍‌ହା ଆସି ତାଙ୍କ ଡାହାଣ ଜଙ୍ଘ ପଛ ପାର୍ଶ୍ୱକୁ କାମୁଡ଼ି ପଳାଇ ଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତୀ କରିଥିଲେ।

## ବରାଙ୍ଗା ଜଙ୍ଗଲରେ ଧାନଚାଷକୁ ନେଇ ଉତ୍ତେଜନା

ଆନନ୍ଦପୁର,୨୮।୭(ସମିସ): ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡର ବରାଙ୍ଗ ସଂରକ୍ଷିତ ଜଙ୍ଗଲର ପୁରୁଣା ବାନ୍ଧଗୋଡା ତିଗିରିଆକୁ ଲାଗିଥିବା ଜଙ୍ଗଲ ଜମିକୁ କେତେକ ବ୍ୟକ୍ତି କରାୟତ କରି ଚାଷଜମିରେ ପରିଣତ କରିବା ଏବଂ ଧାନଚାଷ ପାଇଁ ରୁଆପୋତା କରିବା ଘଟଣାରେ ଉତ୍ତେଜନା ପ୍ରକାଶ ପାଇଛି। ଚଳିତ ବର୍ଷ ଏପରି କରିଥିବାରୁ ଗୋରୁଗାଈ ଚାରଣ ଓ ସ୍ଥାନୀୟ ଲୋକ କୃଷିକାମ ପାଇଁ ଯାତାୟାତ କରିବାରେ ବ୍ୟାଘାତ ସୃଷ୍ଟି ହୋଇଛି। କେତେକ ଅସାଧୁ ବ୍ୟକ୍ତି ଏବର୍ଷ ଟ୍ରାକ୍ଟରରେ କାଦୁଅ କରି ଧାନ ରୋଇଦେଇଛନ୍ତି। ଯାହା ଫଳରେ ଗୋରୁଗାଈ ଓ ଲୋକଙ୍କ ଯାତାୟାତ ଅସୁବିଧା ହେଉଛି। ଏନେଇ ଗ୍ରାମବାସୀଙ୍କ ତରଫରୁ ଖୁବ ଶୀଘ୍ର ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି।



'ସକାଳ' ପ୍ରଭାବ

# ସ୍ଥାୟୀ ନିର୍ମାଣ ପୂର୍ବରୁ ମରାମତି ଆରମ୍ଭ

### ସ୍ୱାଭାବିକ ହେଲା ଚଳପ୍ରଚଳ

ହାଟଡ଼ିହୀ,୨୮।୭(ସମିସ)

ହାଟଡ଼ିହୀ ବ୍ଲକ୍ ଅଧୀନ ଟୁକୁଣାରୁ ଆମ୍ବୋ ଯାଏଁ ଲମ୍ବିଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତାଟି ଅତି ଶୋଚନୀୟ ହୋଇ ପଡ଼ିଥିବା ବେଳେ ଏନେଇ ଚଳିତ ମାସ ୧୬ତାରିଖରେ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ରାସ୍ତାଟି ଅତି ଶୋଚନୀୟ ହୋଇଥିବାରୁ ସେଥିରେ ଯା'ଆସ କରିବା କଷ୍ଟଦାୟକ ହୋଇପଡୁଥିଲା।





ରାସ୍ତାରେ ବଡ଼ ବଡ଼ ଖାଲଖମା ସୃଷ୍ଟିହୋଇ ଦୁଇଚକିଆରୁ ଚାରିଚକିଆ ଯାନବାହନ ଯିବାରେ ନାନା ସମସ୍ୟା ଉପୁଜୁଥିଲା। ଏନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ସତ୍ୟଭାମା ବିଶ୍ୱାଳ, ରୋଜାଲିନ ବେହେରା, ସୁନୟନା ବେହେରା, ସ୍ମୃତିରେଖା ନାୟକ, ସତ୍ୟବ୍ରତ ବିଶ୍ୱାଳ, କାଳନ୍ଦୀ ବେହେରା, ଗୋବିନ୍ଦ ଶଙ୍ଖୁଆ, ଖଗେଶ୍ୱର ବେହେରା, ଦେବବ୍ରତ ବିଶ୍ୱାଳ, ଶଙ୍କର୍ଷଣ ବେହେରା, ରାଜେନ୍ଦ୍ର ଶଙ୍ଖୁଆ, ଅମୀ ବେହେରା, ବିଭୁନ୍ ନାୟକ, ବଳରାମ ଶଙ୍ଖୁଆ ପ୍ରମୁଖ ରାସ୍ତାର ପୁନଃମରାମତି କରିବାକୁ ଦାବି କରିବା ସହ ସ୍ଥାନୀୟ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଖବର ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ତତ୍ପରତା ଦେଖାଦେଇଛି। ବର୍ତ୍ତମାନ ବର୍ଷାଦିନ ସକାଶେ ଏହାର ନିର୍ମାଣ କାର୍ଯ୍ୟ ହୋଇପାରୁ ନଥିବାରୁ କର୍ମଚଳା ପାଇଁ ବିଭାଗ ପକ୍ଷରୁ ବଡ଼ ବଡ଼ ଖାଲଖମାଗୁଡ଼ିକୁ ପୋତି ଦିଆଯାଇଛି। ଯାହାଫଳରେ ରାସ୍ତାର ନବୀକରଣ ହେବାଯାଏଁ ପଥଚାରୀମାନେ ସୁବିଧାରେ ଯା'ଆସ କରିପାରିବେ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି।

### ଶ୍ରାବଣର ତୃତୀୟ ସୋମବାର

# ଜିଲ୍ଲାର ବିଭିନ୍ନ ଶୈବପୀଠରେ କାଉଡ଼ିଆ ଭକ୍ତଙ୍କ ଭିଡ଼

### ନୀଳକଣ୍ଠେଶ୍ୱର ମନ୍ଦିରରେ ଜଳାଭିଷେକ ପାଇଁ ଲମ୍ବା ଲାଇନ

କେନ୍ଦୁଝର,୨୮।୭(ସମିସ): ପବିତ୍ର ଶ୍ରାବଣ ମାସର ତୃତୀୟ ସୋମବାରରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଶୈବପୀଠଗୁଡ଼ିକ ଗୈରିକମୟ ହୋଇଉଠିଛି। ଜିଲ୍ଲାର ଅନ୍ୟତମ ପ୍ରଶିଦ୍ଧ ଶୈବପୀଠ ବାର୍ହା ଟିପୁରାର ନୀଳକଣ୍ଠେଶ୍ୱର ମନ୍ଦିରରେ କାଉଡ଼ିଆମାନଙ୍କର ଲମ୍ବା ଲାଇନ ପରିଲକ୍ଷିତ ହୋଇଥିଲା। ପୂଣ୍ୟତୋୟା ବୈତରଣୀର ଉତ୍ପତ୍ତିସ୍ଥଳ ଗୋନାସିକାରୁ ଆରମ୍ଭ କରି ଜିଲ୍ଲାର ଅନ୍ୟତମ ସୀମାନ୍ତ ହାବଳେଶ୍ୱର ପର୍ଯ୍ୟନ୍ତ ବିଭିନ୍ନ ଶୈବାଳୟରେ ଶ୍ରାବଣ ସୋମବାରରେ କାଉଡ଼ିଆ ଭକ୍ତମାନେ ଶୁଦ୍ଧପୁତ ଭାବରେ ଅତି ନିଷ୍ଠାର ସହ ଦେବ ଦେବ ମହାଦେବଙ୍କୁ ଜଳାଭିଷେକ କରାଇଥିଲେ। ବହୁଭକ୍ତଙ୍କ ଗହଣରେ ପବିତ୍ର ଶିବମନ୍ଦିରଗୁଡ଼ିକରେ ଭିଡ଼ ପରିଲକ୍ଷିତ ହୋଇଛି। ଗୋନାସିକାର ବ୍ରହ୍ମେଶ୍ୱର ମନ୍ଦିର, ଦେଓଗାଁର କୁଶଳେଶ୍ୱର ମନ୍ଦିର, ସିଦ୍ଧମଠର ଧବଳେଶ୍ୱର, ଶ୍ରୀ ବଳଦେବଜୀଉ ମନ୍ଦିରରେ ଥିବା ପ୍ରଭୁ ବାଞ୍ଛେଶ୍ୱର, ମୁର୍ଗା ମହାଦେବରେ ଥିବା ଶ୍ରୀ ଗିରିଶ୍ୱର, ପାଟଣାରେ ଥିବା ପ୍ରଭୁ ପରମେଶ୍ୱର ଓ ଆନନ୍ଦେଶ୍ୱର, ବୋଦାପଳସାରେ ଥିବା ଶ୍ରୀ ଚନ୍ଦ୍ରଶେଖର, ବଡଶାସନରେ ଥିବା ପ୍ରଭୁ ବାଲୁଙ୍କେଶ୍ୱର, ଧୂର୍ପଦାର ଶ୍ରୀ ଆଖଣ୍ଡଳମଣୀ, ପୁରୁଣା ସହରର ପ୍ରଭୁ ମୁକ୍ତେଶ୍ୱର, ଟୁକୁଣାରେ ଥିବା କୁଣ୍ଡେଶ୍ୱର, ବାର୍ହାଟିପୁରାରେ ଥିବା ଶ୍ରୀ ନୀଳକଣ୍ଠେଶ୍ୱର, ଘଟଗାଁରେ ଥିବା ଶ୍ରୀ ଘଟକେଶ୍ୱର, କେନ୍ଦୁଝର ଅନୁଗୁଳ ସୀମାନ୍ତବର୍ତ୍ତୀ ଖୁଲୁଡିଠାରେ ଥିବା ଶ୍ରୀ ଗିରିଶ୍ୱର, ଶୁଆକାଟୀରେ ଥିବା ପ୍ରଭୁ ପାଟେଶ୍ୱର, ଏକାମ୍ର ବନବିହାରୀରେ ଥିବା ପ୍ରଭୁ ମହାଦେବ, ଗୁଆବାଡିରେ ଥିବା ଗୁଆ ମାଳିଶ୍ୱର, ଲକ୍ଷ୍ମୀପାଦଠାରେ ଥିବା ବାବା ଚନ୍ଦ୍ରଶେଖର, ରାଙ୍କିଠାରେ ଥିବା ପ୍ରଭୁ ସ୍ୱପ୍ନେଶ୍ୱର, ନରଣପୁର ଘଡଘଡି ମନ୍ଦିର ପ୍ରଭୁ ମହାଦେବ, ତୁରୁମୁଙ୍ଗାରେ ଥିବା ପ୍ରଭୁ ଗିରିଜାଶଙ୍କର, ଡେଙ୍ଗାପୁରରଥିବା ପ୍ରଭୁ ବିଶେଶ୍ୱରଆଦି ଶୈବପୀଠରେ ଭକ୍ତମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଗତ ଶନିବାର ଓ ରବିବାରଠାରୁ କାଉଡିଆ ଭକ୍ତମାନେ ବିଭିନ୍ନ ନଦୀରୁ ଜଳ ଉଠାଇ ଦୀର୍ଘ ରାସ୍ତା ଅତିକ୍ରମ କରି ବିଭିନ୍ନ ଶିବାଳୟରେ ଲମ୍ବାଧାଡିରେ ମହାଦେବଙ୍କୁ ଜଳାଭିଷେକ କରାଇବା ସହ ପ୍ରସାଦ ସେବନ କରିଛନ୍ତି। ଏହି ଅବସରରେ ବିଭିନ୍ନ ଶୈବପୀଠମାନଙ୍କରେ ଦାତବ୍ୟ ଅନୁଷ୍ଠାନ ଓ ବଦାନ୍ୟ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ମାଗଣା ପ୍ରସାଦ ବିତରଣର ବ୍ୟବସ୍ଥା କରାଯାଇଥିଲା।



## ଶିଖରେଶ୍ୱର ମନ୍ଦିରରେ କାଉଡ଼ିଆଙ୍କ ଭିଡ଼



ହାଟଡ଼ିହୀ,୨୮।୭(ସମିସ): ହାଟଡ଼ିହୀ ବ୍ଲକ ଶାସଙ୍ଗ ଗ୍ରାମରେ ଥିବା ଶୈବ ପୀଠ ଭାବେ ପରିଚିତ ଶିଖରେଶ୍ୱର ମନ୍ଦିରରେ ଆଜି ତୃତୀୟ ସୋମବାରରେ କାଉଡ଼ିଆଙ୍କ ବୋଲବମ ଭକ୍ତମାନେ ମନସ୍କାମନା ପୂରଣ ଲାଗି ଶିବ ଲିଙ୍ଗରେ ପାଣି ଢ଼ାଳିଛନ୍ତି। ଆଜି ଶାସଙ୍ଗ ଗ୍ରାମର ଶତାଧିକ କାଉଡ଼ିଆ ଫକିରପୁର ନିକଟସ୍ଥ ପୁଣ୍ୟତୋୟା ବୈତରଣୀରୁ ଜଳ କଳସ ଆଣି ଶିଖରେଶ୍ୱରଙ୍କ ନିକଟରେ ଜଳ ଲାଗି କରିଥିଲେ। ବୋଲବମ୍ ଭକ୍ତମାନେ ଭୋଳା ବାବା ପାର କରେଗା, ଜଟିଆ ବାବା ପାର କରେଗା ଧ୍ୱନିରେ ସମଗ୍ର ଗ୍ରାମଟି ପ୍ରକମ୍ପିତ କରିଥିଲେ। କାଉଡ଼ିଆମାନେ ଗ୍ରାମ ପରିକ୍ରମା କରିବା ବେଳେ ଗ୍ରାମର ମହିଳାମାନେ ଶଙ୍ଖ ହୁଳହୁଳି ଧ୍ୱନି ଦେବା ସହ ଧୂପଦୀପରେ ବନ୍ଦାପନା କରୁଥିବା ଦେଖିବାକୁ ମିଳିଥିଲା। ମିଲୁ ବିଶ୍ୱାଳ, ସରୋଜ କୁଅଁର, ଚନ୍ଦନ ସାମନ୍ତରାୟ, ଜଗନ୍ନାଥ ପାଢ଼ୀ, ରଙ୍କ ପାଢ଼ୀ, ମାନସ ପାଢ଼ୀ, ପ୍ରଭାତ ମଲ୍ଲିକ, ଆଲୋକ ବେହେରା, ବବୁଲ ବିଶ୍ୱାଳ, ତୁଷାର ବିଶ୍ୱାଳ, ଗଣେଷ ବିଶ୍ୱାଳ, ଜଡ଼ା ବିଶ୍ୱାଳ, ଶିବାନୀ ବିଶ୍ୱାଳ, ରବିନାରାୟଣ ବେହେରା, ବାପୁନ ବେହେରା, ପରେଶ ମଣ୍ଡଳ, ବିଭୁତି ଶା, ରୁଦ୍ରଜ୍ୟୋତି ଜେନା, ଶ୍ରେହାଂଶୁ ବିଶ୍ୱାଳ, ଶୁଭସ୍ମିତା ବିଶ୍ୱାଳ, ଦୀପ୍ତିମାନ ବିଶ୍ୱାଳ, ସାଇରମ ନାୟକ, ଗଗନ ବିଶ୍ୱାଳ, ବାବନ ବିଶ୍ୱାଳ, ସୁବାଷ ଜେନା, ତପନ ସାହୁ, କୃଷ୍ଣ ସାହୁ, ବଳରାମ ସାହୁ, ଅଜୁ ସାହୁ,ରାଜୁ ସାହୁ, ଲିପସା, ଇତିଶ୍ରୀ ବିଶ୍ୱାଳ, ପ୍ରଭୁ ବିଶ୍ୱାଳ, ଆୟୁଷ ଆର୍ଯ୍ୟମାନ ଅରଦିକ ଆର୍ଯ୍ୟମାନ, ସୁନୁ ନାୟକ, ସୁଶାନ୍ତ ବିଶ୍ୱାଳ, ବିଜୟ କୁମାର ବିଶ୍ୱାଳ, ସଂଜୟ କୁମାର ବିଶ୍ୱାଳ, ଅନନ୍ତ ସ୍ୱାଇଁ, ରାଜା ରାଉତ, ବାବିନି ଭୂୟାଁ, ସତ୍ୟବ୍ରତ ବେହେରା, ଚୈତନ ପୁହାଣ, ବିଜୟ ମହାନ୍ତଙ୍କ ସମେତ ଶତାଧିକ କାଉଡ଼ିଆ ସାମିଲ ହୋଇଥିଲେ।

## ନିଶାଦେଇ ସପ୍ତମ ଶ୍ରେଣୀ ଛାତ୍ରଙ୍କୁ ଅପହରଣ ଅଭିଯୋଗ

ରାମଚନ୍ଦ୍ରପୁର,୨୮।୭(ସମିସ): ଜଣେ ସପ୍ତମ ଶ୍ରେଣୀର ଛାତ୍ରକୁ ନିଶାଦେଇ ଅପହରଣ କଲେ ଦୁଇ ବାଇକ ଆରୋହୀ। ହାତଗୋଡ଼ ବନ୍ଧା ଅବସ୍ଥାରେ ବୁଦାମୂଳରୁ ତାଙ୍କୁ ଉଦ୍ଧାର କରାଯାଇଛି। କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ନୂଆଗାଁର କ୍ଷୀରୋଦ ବେହେରାଙ୍କ ନାବାଳକ ପୁଅ ଗତକାଲି ଅପରାହ୍ଣରେ ଗାଁ ରାସ୍ତାରେ ଯାଉଥିବା ବେଳେ ଦୁଇ ଯୁବକ ବାଇକରେ ଆସି ଏନଏଚକୁ ବାଟ କୁଆଡେ ପଚାରିଥିଲେ। ଏଥିସହ ଆମକୁ ଟିକେ ରାସ୍ତା ଦେଖାଇଦିଅ କହି ହଠାତ ସ୍ପ୍ରେ ମୁହଁରେ ପକାଇ ବାଇକରେ ନାବାଳକଙ୍କୁ ୨୦ ନମ୍ବର ଜାତୀୟ ରାଜପଥ ଦେଇ ଯାଜପୁର ଆଡକୁ ଦ୍ରୁତଗତିରେ ଯାଇଥିଲେ। ଧରାପଡ଼ିଯିବା ଆଶଙ୍କା କରି ଯାଜପୁର ଜିଲ୍ଲା କୋରେଇ ଥାନା କଣ୍ଟାଝରୀ ଗାଁ ନିକଟ ରାସ୍ତାକଡ଼ ବୁଦାମୂଳରେ ହାତଗୋଡ ବାନ୍ଧି ଫିଙ୍ଗିଦେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। କୌଶଳ କ୍ରମେ ନାବାଳକ ଖସି ଆସି ସ୍ଥାନୀୟ ହାରାମଣୀ ଢାବା କର୍ମଚାରୀଙ୍କୁ କହିବା ପରେ ତାଙ୍କ ପରିବାର ବର୍ଗଙ୍କୁ ଘଟଣା ସମ୍ପର୍କରେ ସୂଚନା ଦିଆଯାଇଥିଲା। ପରିବାର ଲୋକ ପହଞ୍ଚି ପୁଅକୁ ଉଦ୍ଧାର କରି ରାମଚନ୍ଦ୍ରପୁର ଥାନାରେ ଘଟଣା ସମ୍ପର୍କରେ ଏତଲା ଦାଏର କରିଥିଲେ। ଘଟଣା ସମ୍ପର୍କରେ ରାମଚନ୍ଦ୍ରପୁର ପୁଲିସ ୨୧୯/୨୫ରେ ଅପହରଣ ମାମଲା ରୁଜୁ କରି ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛି।

## ଝାଡ଼ାବାନ୍ତିରେ ୭ ଆକ୍ରାନ୍ତ ମେଡିକାଲରେ ଭର୍ତ୍ତି



ଆନନ୍ଦପୁର,୨୮।୭(ସମିସ): ତାଳପିଠା ଓ ରାସ୍ତାକଡ଼ର ଦହିବରା ଖାଇ ଗୋଟିଏ ପରିବାରର ୫ ଜଣଙ୍କ ସମେତ ୭ଜଣ ଆନନ୍ଦପୁର ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ଜଣାଯାଇଛି। ତାଳପିଠା ଖାଇବା ପରେ ଅମ୍ବାଗାଡ଼ିଆ ଗ୍ରାମର ଗୋଟିଏ ପରିବାରର ୫ମହିଳା ଝାଡ଼ାବାନ୍ତିରେ ଅସୁସ୍ଥ ହୋଇଥିଲେ। ଚିକିତ୍ସା ପାଇଁ ସେମାନେ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ରାସ୍ତାକଡ଼ରେ ବକ୍ରି ହେଉଥିବା ଦହିବରା ଖାଇ ୨ଜଣ ଭର୍ତ୍ତି ହୋଇଛନ୍ତି। ହାଟଡିହି ବ୍ଲକ୍ ଆମ୍ବଗଡିଆ ଗ୍ରାମର ବିରବର ଜେନାଙ୍କ ତିନିଝିଅ ଓ ଦୁଇ ନାତୁଣୀ ଘରେ ପ୍ରସ୍ତୁତ ହୋଇଥିବ ତାଳପିଠା ଖାଇଥିଲେ। ଗତକାଲି ଠାରୁ ଏମାନଙ୍କ ଦେହ ଅସୁସ୍ଥ ହେବାରୁ ସମସ୍ତଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେହିପରି ଯାଜପୁର ଜିଲ୍ଲା ଟମକା ଥାନା ଅଞ୍ଚଳରୁ ଦୁଇ ଜଣ ମହିଳା ରାସ୍ତାକଡ଼ରେ ବିକ୍ରି ହେଉଥିବା ଦହିବରା ଖାଇ ଝାଡ଼ାବାନ୍ତରେ ଆକ୍ରାନ୍ତ ହୋଇ ଆନନ୍ଦପୁର ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

## ଅଗଷ୍ଟ ପାଇଁ ଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀ ପ୍ରକାଶିତ

କେନ୍ଦୁଝର,୨୮।୭(ସମିସ): କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଅଗଷ୍ଟ ମାସ ପାଇଁ ମିଳିତ ସାଧାରଣ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୂଚୀ ପ୍ରକାଶ ପାଇଛି। ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ଶୁଣାଣିଗୁଡ଼ିକ ନିମ୍ନଲିଖିତ ତାରିଖ ଏବଂ ସ୍ଥାନରେ ସକାଳ ୧୦ଟାରୁ ଅପରାହ୍ଣ ୧ଟା ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଅଗଷ୍ଟ ୪ ତାରିଖ ସୋମବାର ଦିନ ଦରବାର ହଲ, କଲେକ୍ଟରେଟ୍, ୧୧ ତାରିଖ ସୋମବାର କେନ୍ଦୁଝର ବ୍ଲକ ଅଫିସ, ୧୮ ତାରିଖରେ ଅନନ୍ଦପୁର ବ୍ଲକ ଅଫିସ, ୨୫ ତାରିଖ ସୋମବାର ବାଂଶପାଳ ବ୍ଲକ୍ ଅଫିସ, ଝୁମ୍ପୁରା ଶୁଣାଣିର ପରିଚାଳନା ସୁନିଶ୍ଚିତ କରିବା ପାଇଁ, ବିଡିଓଙ୍କୁ ପାନୀୟ ଜଳ ପାଇଁ ସୁବିଧା ସହିତ ପର୍ଯ୍ୟାପ୍ତ ଆସନ ବ୍ୟବସ୍ଥା, ଅସୁସ୍ଥ ଏବଂ ଭିନ୍ନକ୍ଷମ ଅଂଶଗ୍ରହଣକାରୀଙ୍କ ବିଶେଷ ଯତ୍ନ ନେବାକୁ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ବିବିଧ ସମସ୍ୟାରେ ଆନନ୍ଦପୁର ମହାବିଦ୍ୟାଳୟ

### ସ୍ୱୟଂଶାସିତ ଓ ସରକାରୀ ମାନ୍ୟତା ମିଳିବ କେବେ?



ଆନନ୍ଦପୁର,୨୮।୭(ସମିସ): କେନ୍ଦୁଝର ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ଓ ଅଗ୍ରଣୀ ଶିକ୍ଷାନୁଷ୍ଠାନ ରୂପେ ଆନନ୍ଦପୁର ମହାବିଦ୍ୟାଳୟ ସମଗ୍ର ରାଜ୍ୟରେ ଖ୍ୟାତି ଅର୍ଜନ କରିଥିବା ବେଳେ ବିବିଧ ସମସ୍ୟା ଯୋଗୁଁ ଶିକ୍ଷାଦାନରେ ବାଧା ସୃଷ୍ଟି ହେଉଛି। ଏନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ୧୯୬୪ରେ ପ୍ରତିଷ୍ଠା ହୋଇଥିବା ଏହି ମହାବିଦ୍ୟାଳୟ ୬୧ ବର୍ଷ ଧରି ନିରନ୍ତର ଭାବେ ଗୁଣାତ୍ମକ ଶିକ୍ଷା ଦେଉଥିବାରୁ ବର୍ତ୍ତମାନ ଏହାର ଛାତ୍ରଛାତ୍ରୀଙ୍କ ସଂଖ୍ୟା ପ୍ରାୟ ୭୩ଶହରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୮୦ ପ୍ରତିଶତ ଛାତ୍ରଛାତ୍ରୀ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଏବଂ ସର୍ବମୋଟ ଛାତ୍ରଛାତ୍ରୀଙ୍କ ସଂଖ୍ୟାର ଶତକଡ଼ା ୭୦ ପ୍ରତିଶତ ଛାତ୍ରୀ ଏହି ମହାବିଦ୍ୟାଳୟରେ ଅଧ୍ୟୟନ କରନ୍ତି। ଏସବୁ ସତ୍ତ୍ୱେ ଏହି ମହାବିଦ୍ୟାଳୟର ଭିତ୍ତିଭୂମି ଆଶାନୁରୂପକ ଭାବେ ଅଗ୍ରଗତି ହୋଇପାରି ନାହିଁ ବୋଲି ଅଭିଯୋଗ ହେଉଛି। ଏହାରାଜ୍ୟର ଏକ ସର୍ବପୁରାତନ ମହାବିଦ୍ୟାଳୟ ହୋଇଥିଲେ ବି ସରକାରୀ ଓ ସ୍ୱୟଂଶାସିତ ମହାବିଦ୍ୟାଳୟର ମାନ୍ୟତା ପାଇନାହିଁ। ୭୦ ପ୍ରତିଶତ ବାଳିକା ଅଧ୍ୟୟନ କରୁଥିଲେ ମଧ୍ୟ ମାତ୍ର ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ପ୍ରତିବର୍ଷ ଛାତ୍ରୀଙ୍କ ପାଇଁ ନିଅଣ୍ଟିଆ ହେଉଥିବାରୁ ଏହାର କଳେବର ବୃଦ୍ଧି ହୋଇପାରିନାହିଁ। ଛାତ୍ରଛାତ୍ରୀଙ୍କ ନିମନ୍ତେ ଯଥେଷ୍ଟ ଶ୍ରେଣୀଗୃହ, ପରୀକ୍ଷା ପରିଚାଳନା ପ୍ରକୋଷ୍ଠ ନଥିବାରୁ ବିଶେଷ ଅସୁବିଧା ହେଉଥିବା ଜଣାଯାଇଛି। ମହାବିଦ୍ୟାଳୟରେ ଭୂତତ୍ତ୍ୱ ବିଜ୍ଞାନ, କମ୍ପ୍ୟୁଟର ସାଇନସ୍ ବିଭାଗ ଖୋଲିବାକୁ ସରକାରୀ ଦପ୍ତରୀରେ ବହୁବାର ଦାବି ହୋଇଥିଲେ ମଧ୍ୟ ତାହା ବିଭାଗୀୟ ଦପ୍ତରୀରେ ଚାପି ହୋଇଯାଇଛି। ସମାଜ ବିଜ୍ଞାନ, ମନୋବିଜ୍ଞାନ ଓ ଶିକ୍ଷା ଭଳି ମହତ୍ତ୍ୱପୂର୍ଣ୍ଣ ବିଭାଗ ଖୋଲିବାର ଆବଶ୍ୟକ୍ତା ଥିଲେ ମଧ୍ୟ ଏଥିପ୍ରତି ଅଣଦେଖା କରାଯାଇଛି। ଛାତ୍ରଛାତ୍ରୀଙ୍କ ସୁବିଧା ନିମନ୍ତେ ପ୍ରେକ୍ଷାଳୟ ନଥିବା ବେଳେ ଦୂରଦୁରାନ୍ତରୁ ଆସୁଥିବା ଅଧ୍ୟାପକ ଅଧ୍ୟାପିକାଙ୍କ ରହଣି ସୁବିଧା ନାହିଁ। ଏହି ମହାବିଦ୍ୟାଳୟରେ ସ୍ନାତକୋତ୍ତର ଶ୍ରେଣୀର ପାଠ୍ୟକ୍ରମ ନଥିବାରୁ ଅନେକ ମେଧାବୀ ଛାତ୍ରଛାତ୍ରୀ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଖେଳପଡ଼ିଆ ପାଇଁ ଯଥେଷ୍ଟ ଭିତ୍ତିଭୂମି ଥିଲେ ମଧ୍ୟ ଏହାର ଉନ୍ନତିକରଣ ହୋଇପାରିନାହିଁ। ସେହିପରି ଚତୁପାଶ୍ୱର୍ରେ ପାଚେରି ନଥିବାରୁ ଅନୁପ୍ରବେଶ ଅନ୍ୟ ଏକ ସମସ୍ୟା ରୂପେ ମୁଣ୍ଡ ଟେକିଛି। ଅଧ୍ୟାପକ ଅଧ୍ୟାପିକା ପଦ ଖାଲି ପଡ଼ିଥିବାରୁ ଶିକ୍ଷାଦାନ ବ୍ୟବସ୍ଥା କାମଚଳା ନୀତିରେ ଚାଲିଛି ବୋଲି ଅଭିଯାଗ ହେଉଛି। ଦିନକୁ ଦିନ ଏହି ମହାବିଦ୍ୟାଳୟ ପରିସରରେ କୋଠାବାଡ଼ି ଗଢି ଉଠୁଥିବାରୁ ସୌରଚାଳିତ ବିଦ୍ୟୁତକରଣ ଓ ସବୁ ସମୟରେ ଜଳଯୋଗାଣ ପ୍ରତି ସରକାରଙ୍କ ଦୃଷ୍ଟି ପଡୁ ନଥିବା ଚିନ୍ତାର କାରଣ ହୋଇଛି।

## ଫାଇନାନ୍ସ ଅଫିସରେ ତାଲା ପକାଇଲେ ମହିଳା

ଆନନ୍ଦପୁର,୨୮।୭(ସମିସ): ଆନନ୍ଦପୁର ପୌରାଞ୍ଚଳର ଘସିପୁରା ବଜାରସ୍ଥିତ ଏକ ଘରୋଇ ମୁଥୁଟ୍ ଫାଇନାନ୍ସ କାର୍ଯ୍ୟାଳୟ ପରିସରରେ ଆଜି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟିହୋଇ ସେହି ଅଫିସରେ ତାଲାପକାଇ ମହିଳାମାନେ ପ୍ରତିବାଦ ଜଣାଇଛନ୍ତି। ଅର୍ଥ ଲଗାଣକାରୀ ସଂସ୍ଥାର ପରିଚାଳକ ଋଣ ଅର୍ଥ ହେରଫେରକୁ ନେଇ ମହିଳାମାନେ ସମ୍ପୃକ୍ତ ଫାଇନାନ୍ସ କାର୍ଯ୍ୟାଳୟ ପରିସରରେ ବହୁବାର ଅସନ୍ତୋଷ ପ୍ରକାଶ କରିଥିଲେ। ସେହି ସଂସ୍ଥାର କେତେକ କର୍ମଚାରୀ ବିଭିନ୍ନ ସ୍ଥାନରୁ ଋଣ ଅର୍ଥ ଆଦାୟ କରି ଫେରାର ହେବା ଘଟଣାକୁ ନେଇ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଋଣ ଅର୍ଥକୁ ସୁଧ ସହିତ ମହିଳାମାନେ ପରିଶୋଧ କରିଥିବା ସତ୍ତ୍ୱେ ଫାଇନାନ୍ସ କର୍ମଚାରୀମାନେ ଏହି ଅର୍ଥକୁ ନେଇ ଋଣଧାରୀମାନଙ୍କୁ ବାରମ୍ବାର ହଇରାଣ କରିବା ସଙ୍ଗୀନ ଅଭିଯୋଗ ହୋଇଥିଲା। ଆଜି ଘଷିପୁରା ଶାଖା ପରିଚାଳକ ଅଫିସ ଭିତରେ ଥିବା ବେଳେ ମହିଳାମାନେ ବାହାରପଟୁ ସଟରରେ ତାଲା ପକାଇ ଦେଇଥିଲେ। ଅନ୍ୟପକ୍ଷରେ ଫେରାର ହୋଇଥିବା କର୍ମଚାରୀଙ୍କ ବିରୋଧରେ ଆଇନର ଆଶ୍ରୟ ନେଇଥିଲେ ମଧ୍ୟ କୌଣସି ସମସ୍ୟାର ସମାଧାନ ହୋଇପାରି ନାହିଁ। ତେବେ ଘରୋଇ ଫାଇନାନ୍ସ କମ୍ପାନୀମାନଙ୍କ ଠକାମୀର ଶିକାର ହେଉଛନ୍ତି ଋଣ ଧାରୀ। ଅନ୍ୟପକ୍ଷରେ ଏହି ସମସ୍ୟାର ସମାଧାନ ନହେଲେ ତାଲା ପକାଇ ଅଫିସ ଆଗରେ ବସି ରହିବେ ବୋଲି ଋଣଧାରୀ ମହିଳାମାନେ ଦାବି କରି ବସିଛନ୍ତି।



# କପିଳାସରେ ୪ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ

ଗଁଦିଆ,୨୮ ।୭ (ସମିସ)

ରାଜ୍ୟର ପ୍ରସିଦ୍ଧ ଶୈବପୀଠ ବାବା ଚନ୍ଦ୍ରଶେଖରଙ୍କ ବିଜେ କପିଳାସରେ ସୋମବାର ଶ୍ରାବଣ ତୃତୀୟ ସୋମବାର ୩ ଲକ୍ଷରୁ ଊର୍ଦ୍ଧ୍ୱ କାଉଡ଼ିଆଙ୍କ ସମାଗମ ହୋଇଥିଲା । ତେବେ ପ୍ରଶାସନ ପକ୍ଷରୁ ଘୋର ଅବ୍ୟବସ୍ଥାକୁ ନେଇ ଭକ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ପୀଠରେ ଭିଡ଼ ଏତେ ପରିମାଣରେ ବୃଦ୍ଧି ପାଇଥିଲା ଯାହାକି ପ୍ରଶାସନର ପୂର୍ବ ଆକଳନ ବାହାରେ ଥିଲା ।

## ପ୍ରଶାସନର ଘୋର ଅବ୍ୟବସ୍ଥା; ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ





ବାବା ଚନ୍ଦ୍ରଶେଖରଙ୍କଠାରେ ଜଳାଭିଷେକ ପାଇଁ ପୁରୁଷ, ମହିଳା ଓ ଛୋଟ ପିଲାମାନେ ଆସୁଥିବା ଦେଖିବାକୁ ମିଳିଥିଲା । ଢେଙ୍କାନାଳ ଜିଲ୍ଲା ସମେତ ପଡ଼ୋଶୀ ଯାଜପୁର, କଟକ, କେନ୍ଦୁଝର, ଭଦ୍ରକ, ଅନୁଗୋଳ, ପୁରୀ, ଜଗତସିଂହପୁର ତଥା ରାଜଧାନୀ ଭୁବନେଶ୍ୱର ଆଦି ସ୍ଥାନରୁ ଶ୍ରଦ୍ଧାଳୁ ଛୁଟିଆସିଥିଲେ । ପୀଠକୁ ୩ଟି ସଂଯୋଗ ରାସ୍ତା ଯଥା ଢେଙ୍କାନାଳ, ଟାଙ୍ଗୀ ଓ ଗଁଦିଆ ପଟରୁ ଶନିବାରଠାରୁ ରବିବାର ମଧ୍ୟରାତ୍ରି ପର୍ଯ୍ୟନ୍ତ କାଉଡ଼ିଆଙ୍କ ଲମ୍ବା ଧାଡ଼ି ଲାଗିରହିଥିଲା । ରବିବାର ପାଗ କୋହଲା ଥିବା ସହ ତୁହାକୁ ତୁହା ବର୍ଷା ଫଳରେ ଭକ୍ତମାନେ ବିଶେଷ କଷ୍ଟ ଅନୁଭବ ନ କରି ଲକ୍ଷ୍ୟ ପଥରେ ଆଗେଇ ଚାଲିଥଲେ । ମାତ୍ର ଏହି ପାଳିରେ ଏପରି ଭିଡ଼ ହେବ ବୋଲି ପ୍ରଶାସନର ଆକଳନ ଭୁଲ ହୋଇଥିଲା । ଦେବୋତ୍ତର ବିଭାଗ ପକ୍ଷରୁ ପୂର୍ବ ପରି କିଛି ହାତଗଣତି ଅସ୍ଥାୟୀ ଟେଣ୍ଟ ଓ ପାନୀୟ ଜଳ ବ୍ୟବସ୍ଥା କରାଯାଇଥିଲା । ସେହିପରି ବାରବାଙ୍କ ହେଉ କିମ୍ବା ପାହାଚ ପଥ, ଆଖିଦୃଶିଆ ଆଲୋକ ବ୍ୟବସ୍ଥା ନ ଥିବାରୁ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ପାନୀୟ ଜଳର ଘୋର ଅଭାବ ସ୍ପଷ୍ଟ ବାରି ହେଉଥିଲା । ଏଠାରେ ଯେତିକି ପାଣି ଟାଙ୍କି ଥିଲା ତାହା ସମୁଦ୍ରକୁ ଶଙ୍ଖେ ସଦୃଶ । ପୀଠରେ ନିୟୋଜିତ ବିଭିନ୍ନ ବିଭାଗର କର୍ମଚାରୀଙ୍କ ପରିଚୟପତ୍ର ନ ଥିବାରୁ ଭିଡ଼କୁ ନଜରରେ ରଖି ପୁଲିସ କଟକଣା ଜାରି ରଖିଥଲା । ଏଣୁ ବ୍ୟାପକ ଭାବରେ ପାନୀୟ ଜଳ ଉପଲବ୍ଧ ନ ଥିଲା । ଏହାର ସୁଯୋଗ ନେଇ କିଛି ବ୍ୟବସାୟୀ ଖୁଲମଖୁଲା ଚଢ଼ା ଦରରେ ଭକ୍ତଙ୍କୁ ପାଣି ବୋତଲ ବିକିଥିଲେ । ଜିଲ୍ଲା ପ୍ରଶାସନର ଏପରି ଅବ୍ୟବସ୍ଥା ନେଇ ଅନେକ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା । ରବିବାର ରାତିରୁ ବୃଷଭଙ୍କଠାରୁ ଆରମ୍ଭ କରି ଶିବପାର୍ବତୀ ଓ ଶ୍ରାବଣୀ ଲିଙ୍ଗରେ ଜଳାଭିଷେକ ଆରମ୍ଭ ହୋଇ ସୋମବାର ଅପରାହ୍ନ ପର୍ଯ୍ୟନ୍ତ ଚାଲିଥିଲା । ଭକ୍ତମାନେ ସିଂହଦ୍ୱାରାଠାରୁ ଲମ୍ବା ଧାଡ଼ିରେ ଠିଆହୋଇ ଠାକୁରଙ୍କ ଦର୍ଶନ କରିଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ଏସ୍‌ପି ଅଭିନବ ସୋନକର, ଉପଜିଲ୍ଲପାଳ ବିବୁଧ ଗଡ଼ନାୟକ, ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ସ୍ଥାନୀୟ ତହସିଲଦାର ସତ୍ୟଜିତ ମହାପାତ୍ର, ଅତିରିକ୍ତ ତହସିଲଦାର ସୌଭାଗ୍ୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଗଁଦିଆ ଥାନା ଅଧିକାରୀ ଶାନ୍ତନୁ କୁମାର ପ୍ରଧାନଙ୍କ ନେତୃତ୍ୱରେ ପୁଲିସ ମୁତୟନ ହୋଇଥିଲେ । ରବିବାର ଓଡ଼ିଶା ଉଚ୍ଚ ନ୍ୟାୟଳୟର ମୁଖ୍ୟ ବିଚାରପତି ପ୍ରଭୁଙ୍କ ଦର୍ଶନ କରିଥିଲେ ।

## ଡକାୟତି ଘଟଣାର ପର୍ଦ୍ଦାଫାଶ: ୮ ଗିରଫ



ତାଳଚେର,୨୮ ।୭ (ସମିସ): ଜୁଲାଇ ୯ ତାରିଖ ବିଳମ୍ବିତ ରାତିରେ ବାଘୁଆବୋଲ ଏବଂ ନବମିଶ୍ର କଲୋନୀର ତିନିଜଣଙ୍କଠାରୁ ଡକାୟତି ହୋଇଥିଲା । ଅଭୟ ପାଲ, ସେବକ ମିଶ୍ର ଓ ରାଜେଶ ସିଂହଙ୍କ ଅଭିଯୋଗ ଅନୁସାରେ ତାଳଚେର ଥାନାରେ ୩ଟି ମାମଲା ରୁଜୁହୋଇ ତଦନ୍ତ ଜାରି ରହିଥିଲା । ଏହି ଘଟଣାରେ ସମ୍ପୃକ୍ତ ୮ ଅଭିଯୁକ୍ତଙ୍କୁ ସୋମବାର ପୁଲିସ ଗିରଫ କରିଛି । ସେମାନେ ହେଲେ ଚାଳିଆକୁଟା ଅଞ୍ଚଳର ପ୍ରସନ୍ନ ଦାସ, ରେମୁଁଆର ରାହୁଲ ନାଏକ, ସିଦ୍ଧାର୍ଥ ଭୋଇ, ଅଙ୍ଗୁରୁଆର ଆଶିଷ ନାଏକ, ବାଘୁଆବୋଲର ସୁବଳ ଦଲେଇ, ସଚିନ ନାଏକ, ନନ୍ଦନ ନାଏକ ଏବଂ ବିକ୍ରମପୁର ଥାନା ଗୋବରା ମୁଣ୍ଡାସାହିର ସୋନୁ ଭଦ୍ରା । ଅଭିଯୁକ୍ତମାନେ ତାଳଚେର ବାଘୁଆବୋଲ ରେଲୱେ କ୍ରସିଂ ପାଖରେ ମାରଣାସ୍ତ୍ର ଦେଖାଇ ଏକ କାର ସହ ୬୦ ହଜାର ଟଙ୍କା, ଦୁଇଟି ମୋବାଇଲ, ଦୁଇଟି ଲାପଟପ୍, ସୁନା ଓ ରୁପା ଅଳଙ୍କାର ନେଇଯାଇଥିଲେ । ସେହିପରି ଅନ୍ୟଏକ କାର୍‌ରୁ ଡକାୟତି ଉଦ୍ୟମ କରିଥିଲେ । ପରେ ନବମିଶ୍ର କଲୋନୀ ନିକଟରେ ଏକ ଟ୍ରକ ନେଇଯାଇଥିଲେ । ରବିବାର ବିଳମ୍ବିତ ରାତିରେ ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଛି । ସେମାନେ ଏହି ଅପରାଧ ଘଟାଇଥିବା ସ୍ୱୀକାର କରିଛନ୍ତି । ସେମାନଙ୍କ ନିକଟରୁ ଡକାୟତି ହୋଇଥିବା ଉପରୋକ୍ତ ସାମଗ୍ରୀ ଜବତ କରିବା ସହ କୋର୍ଟ ଚାଲାଣ କରାଯାଇଥିବା ପୁଲିସ୍ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛି । ଏହି ଅପରାଧୀଙ୍କ ନାମରେ ପୂର୍ବରୁ ତାଳଚେର ଥାନାରେ ମାମଲା ରହିଥିବା ଜଣାପଡ଼ିଛି ।

## ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ହେଲେ ସୋନାଲି



ନାଲକୋ ନଗର,୨୮ ।୭ (ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟର ୧୩ଶ ସମାବର୍ତ୍ତନ ଉତ୍ସବରେ-୨୦୨୪ ବର୍ଷପାଇଁ+୩ ବାଣିଜ୍ୟ ବିଭାଗରେ ସୋନାଲି ସାହୁ ସର୍ବୋଚ୍ଚ ନମ୍ବର ରଖି ସ୍ୱର୍ଣ୍ଣ ପଦକ ପ୍ରାପ୍ତ କରିଛନ୍ତି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ସଞ୍ଜୟ କୁମାର ନାୟକ ଅତିଥି ଭାବେ ଯୋଗଦେଇ ସୋନାଲିଙ୍କୁ ପଦକ ପ୍ରଦାନ କରିଥିଲେ । ଅବସରପ୍ରାପ୍ତ ନାଲକୋ କର୍ମଚାରୀ ସୁଧାକର ସାହୁ ଓ ଶୋଭାଙ୍ଗିନୀ ସାହୁଙ୍କ ଝିଅ ସୋନାଲି ବିଗତ ଦିନରେ ନାଲକୋ ଦିଲ୍ଲୀ ପବ୍ଲିକ ସ୍କୁଲରେ ମାଟ୍ରିକରେ ୯୫.୪ ପ୍ରତିଶତ ଓ +୨ ବିଜ୍ଞାନରେ ୯୭.୪ ପ୍ରତିଶତ ନମ୍ବର ରଖି ଟପ୍ପର ହୋଇଥିଲେ ।

## ଶିଶୁ ଚାଲାଣ ରୋକିବାକୁ ସ୍ୱତନ୍ତ୍ର ଅଭିଯାନ




କିଶୋରନଗର,୨୮ ।୭ (ସମିସ): ବିଶ୍ୱ ଯୁବକେନ୍ଦ୍ର ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ ଓ ରେଲୱେ ପୁଲିସ୍ ମିଳିତ ଉଦ୍ୟମରେ ଅନୁଗୋଳ, ବଇଣ୍ଡା ରେଲୱେ ଷ୍ଟେସନ ଓ ଅନୁଗୋଳ, ତାଳଚେର ବସଷ୍ଟାଣ୍ଡରେ ବିଶ୍ୱମାନବ ଚାଲାଣ ନିରୋଧ ଦିବସ ଜୁଲାଇ ୩୦ ଉପଲକ୍ଷେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି । ଶିଶୁ ଚାଲାଣ ରୋକିବା ପାଇଁ କିପରି ପଦକ୍ଷେପ ନିଆଯାଇପାରିବ ସେ ଉପରେ ଟ୍ରେନ ଓ ବସ ଯାତ୍ରୀମାନଙ୍କୁ ସଚେତନ କରାଯାଇଥିଲା । ୧୪ ବର୍ଷରୁ କମ ବୟସର ଶିଶୁଙ୍କୁ କୌଣସି କାମରେ ନିୟୋଜିତ କରିବା ଏବଂ ୧୫ରୁ ୧୮ ବର୍ଷ ମଧ୍ୟରେ କିଶୋରଙ୍କୁ ବିପଦସଙ୍କୁଳ କାର୍ଯ୍ୟରେ ନିୟୋଜନ କରିବା ଦଣ୍ଡନୀୟ ଅପରାଧ । ଯଦି ଏପରି ପିଲାମାନଙ୍କୁ ସନ୍ଦେହଜନକ ପରିସ୍ଥିତିରେ ଯାତ୍ରା କରୁଥିବା ଦେଖନ୍ତି, ତୁରନ୍ତ ଶିଶୁ ସହାୟତା ନମ୍ବର ୧୦୯୮, ରେଳ ସହାୟତା ନମ୍ବର ୧୩୯ରେ ଯୋଗାଯୋଗ କରିବାକୁ କୁହାଯାଇଛି । ବ୍ୟକ୍ତିଗତ ସଚେତନତା, ରାଲି, ଲିଫଲେଟ ମାଧ୍ୟମରେ ଶିଶୁ ଚାଲାଣ ସମ୍ବନ୍ଧୀୟ ଖବର ଟ୍ରେନ ଓ ବସ ଯାତ୍ରୀମାନଙ୍କୁ ଅବଗତ କରାଯାଇଛି । ବିଭିନ୍ନ ଟ୍ରେନର ଜେନେରାଲ କୋଚ ଓ ବସ୍‌ରେ ଯାଞ୍ଚ କରାଯାଇ ଶିଶୁ ଚାଲାଣ ବନ୍ଦ ପାଇଁ ପଦକ୍ଷେପ ନିଆଯାଇଥିଲା । କାର୍ଯ୍ୟକ୍ରମରେ ବିଶ୍ୱ ଯୁବକେନ୍ଦ୍ରର ସଂଯୋଜିକା ପୂଜା ସ୍ୱାଇଁଙ୍କ ନେତୃତ୍ୱରେ ପ୍ରକଳ୍ପ ସହାୟକ ପପି ଦେହୁରୀ, ଦୀପି ଦେହୁରୀ, ସୋନାଲିସା ଶବର, ଲକ୍ଷ୍ମୀ ବେହେରା, ସୁନିତା ମାଝୀ, ପ୍ରଦୀପ ନାୟକ, ପୂର୍ଣ୍ଣଚନ୍ଦ୍ର କିସାନ ପ୍ରମୁଖ ସହଯୋଗ କରିଥିଲେ ।

## ଆଖଣ୍ଡଳମଣିଙ୍କ ପୀଠରେ ବିଶେଷ ପୂଜାର୍ଚ୍ଚନା



ଢେଙ୍କାନାଳ,୨୮ ।୭ (ସମିସ): ସ୍ଥାନୀୟଭାଗୀରଥିସାଗରକୂଳରେ ଥିବା ବାବା ଆଖଣ୍ଡଳମଣିଙ୍କ ପୀଠରେ ଶ୍ରାବଣ ମାସ ୩ୟ ସୋମବାର ବିଶେଷ ପୂଜାର୍ଚ୍ଚନା କରାଯାଇଛି । ପ୍ରାତଃରୁ ମଙ୍ଗଳ ଆଳତି, ମହାସ୍ନାନ, ବେଲପତ୍ର ବିଭିନ୍ନ ପୁଷ୍ପ ଓ ଭୋଗ ଲାଗି କରାଯାଇଥିଲା । ମଧ୍ୟାହ୍ନରେ ଅନ୍ନଧୂପ, ସନ୍ଧ୍ୟାରେ ଆଳତି ଓ ଘର୍ଷଣୀ କରାଯାଇ ମେଳା ବେଶ କରାଯାଇଥିଲା । ଚୁଡ଼ାଘସା ଓ ପଣା ଭୋଗ ଲାଗି କରାଯାଇଥିଲା । ପୂଜକ ତୁଷାର ରଞ୍ଜନ ମିଶ୍ର ଓ ବିଭୂତି ଭୂଷଣ ପଣ୍ଡା ପୂଜାର୍ଚ୍ଚନା କରିଥିଲେ ।

## ରଜଡଙ୍ଗ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

### ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କଲେ ୯ ୱାର୍ଡ ମେମ୍ବର



ପାଲଲହଡ଼ା,୨୮ ।୭ (ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ରଜଡଙ୍ଗ ପଞ୍ଚାୟତର ସରପଞ୍ଚ ଦିବ୍ୟାଭାରତୀ ସାମଲଙ୍କ ନାଁରେ ଅନାସ୍ଥା ପ୍ରସ୍ତାବ ଆଗତ କରିବା ପାଇଁ ସୋମବାର ପଞ୍ଚାୟତର ୯ ୱାର୍ଡ ମେମ୍ବର ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ୱାର୍ଡ ସଭ୍ୟ ଏବଂ ନାଏବ ସରପଞ୍ଚଙ୍କ ଅଭିଯୋଗ ଅନୁସାରେ ସରପଞ୍ଚ ସାମଲ ବିନା ପଞ୍ଚାୟତ ବୈଠକରେ ମନମୁଖି କାର୍ଯ୍ୟ କରୁଛନ୍ତି । ସଭାବହିରେ କିଛି ନ ଲେଖି ଧମକଚମକ ଦେଇ ଖୋଲା ଦସ୍ତଖତ ନେଉଛନ୍ତି । ସମସ୍ତ ୱାର୍ଡ ମେମ୍ବରଙ୍କ ଅଗୋଚରରେ ସିଏଫ୍‌ସି, ଏସ୍‌ଏଫ୍‌ସି ଅନୁଦାନକୁ ନିଜ ବାପା ଓ ଦେଢ଼ଶୁରଙ୍କ ଜରିଆରେ ଠିକାଦାରି କରୁଛନ୍ତି । ମନରେଗା କାର୍ଯ୍ୟଗୁଡ଼ିକୁ ଶ୍ରମିକ ବଦଳରେ ମେସିନ ଜରିଆରେ ନିଜେ କରୁଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଶ୍ରମିକଙ୍କ ମଜୁରି ହଡ଼ପ କରୁଛନ୍ତି । ଗଣତାନ୍ତ୍ରିକ ପଦ୍ଧତିକୁ ହତ୍ୟା କରୁଛନ୍ତି ବୋଲି ଅଭିଯୋଗରେ ଦର୍ଶାଯାଇଛି । ତେଣୁ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଉପଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି । ଅଭିଯୋଗପତ୍ରରେ ପଞ୍ଚାୟତର ନାଏବ ସରପଞ୍ଚ କୁଶଧ୍ୱଜ ସାମଲ, ୱାର୍ଡ ମେମ୍ବର ସୁକାନ୍ତି ସାମଲ, ହେମବତି ସାମଲ, ଭାବନୀ ନାଏକ, ସୁଜାତା ରାଉତ, ପାଣ୍ଡୁ ବେହେରା, ଅକ୍ଷୟ କିଷାନ, ଦିବାକର କିଷାନ, ପ୍ରଶାନ୍ତ କିଷାନ ଦସ୍ତଖତ କରିଛନ୍ତି । ଅନ୍ୟପଟେ ଆଇନ ଅନୁସାରେ ଅଭିଯୋଗର ତର୍ଜମା କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଉପଜିଲ୍ଲାପାଳ ପଟେଲ କହିଛନ୍ତି ।

## ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ଅନୁଗୋଳ,୨୮ ।୭ (ସମିସ): ପ୍ରଚଳିତ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ଅତିରିକ୍ତ ଚିକିତ୍ସା ସୁବିଧା ସହ ପେନସନ୍ ପ୍ରଦାନ ଓ ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ ପାଇଁ ସୋମବାର ଅନୁଗୋଳ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଉଦୟନାଥ ମହାପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ୨୦୨୫-୨୬ ବର୍ଷ ପାଇଁ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନା ନବୀକରଣ ନିମିତ୍ତ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି । ଏହି ଯୋଜନାରେ ପ୍ରତିବର୍ଷ ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ଯୋଡ଼ି ହେଉଛନ୍ତି । ଏହି ପରିପ୍ରେକ୍ଷୀରେ ପ୍ରଚଳିତ ସ୍ୱାସ୍ଥ୍ୟବୀମା ଯୋଜନାକୁ ଅଧିକ ହିତାଧିକାରୀ ବୃଦ୍ଧି କରିବା ପାଇଁ ସାମ୍ବାଦିକଙ୍କ ପିତାମାତା ଓ ୨୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଅବିବାହିତ ନିର୍ଭରଶୀଳ ସନ୍ତାନ ସନ୍ତତିଙ୍କୁ ଅନ୍ତର୍ଭୁକ୍ତ କରାଯିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ବୀମା ରାଶି ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବା ସହ ଆୟୁଷ୍ମାନ ଯୋଜନାରେ ସାମିଲ ହିତାଧିକାରୀଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରୁ ବାଦ୍ ଦିଆଯିବା ନିଷ୍ପତ୍ତିର ପୁନର୍ବିଚାର କରି ଶ୍ରୀମନ୍ଦିର ସେବାୟତଙ୍କ ଢାଞ୍ଚାରେ ସାମ୍ବାଦିକଙ୍କ କଲ୍ୟାଣ ପାଇଁ ଉଭୟ ଯୋଜନାର ସୁବିଧା ଉପଲବ୍ଧ କରାଯିବାକୁ ଦାବି କରାଯାଇଛି । ଦେଶର ୧୮ଟି ରାଜ୍ୟ ଭଳି ଓଡ଼ିଶାରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ମାସିକ ଅନ୍ୟୂନ ୧୫ ହଜାର ଟଙ୍କା ପେନସନ୍ ପ୍ରଦାନ ସହ ବୃତ୍ତିଗତ ସୁରକ୍ଷା ପାଇଁ ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ କରାଯିବାକୁ ଦାବି କରାଯାଇଛି । ଜିଲ୍ଲା ଶାଖା ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଡ. ରଶ୍ମିରଞ୍ଜନ ମିଶ୍ର, ବିଜୟ ଦେବତା, ପ୍ରିୟମାଧବ ଦାସ, ଚିତ୍ତରଞ୍ଜନ ପାଣି, କଷ୍ଟୁ ସାମଲ, ଦିବ୍ୟ ଶାନ୍ତନୁ ନାଥ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

## ବିଭିନ୍ନ ଶୈବପୀଠରେ କାଉଡ଼ିଆଙ୍କ ଭିଡ଼



ଭୁବନ,୨୮ ।୭ (ସମିସ): ଶ୍ରାବଣ ତୃତୀୟ ସୋମବାର ପାଇଁ ଭୁବନର ନୀଳକଣ୍ଠପୁର ବ୍ରାହ୍ମଣୀ ନଦୀଘାଟରେ ହଜାର ହଜାର କାଉଡ଼ିଆଙ୍କ ଭିଡ଼ ଲାଗିଥିଲା । କାଉଡ଼ିଆମାନେ ଏଠାରୁ ପବିତ୍ର ଜଳ ଉଠାଇ ମହାଦେବଙ୍କ ମସ୍ତକରେ ଲାଗି କରିବା ପାଇଁ ବାହାରି ଯାଇଥିଲେ । ଭୁବନର ବାବା ବୁଦ୍ଧେଶ୍ୱରଙ୍କ ପୀଠରେ କାଉଡ଼ିଆଙ୍କ ଭିଡ଼ ଲାଗିଥିଲା । କାଉଡ଼ିଆଙ୍କ ପାଇଁ ରବିବାର ରାତିରେ ପ୍ରସାଦ ସେବନ ଓ ରହିବାର ରହିବା ବ୍ୟବସ୍ଥା କରାଯାଇଥିଲା । ଭଜନ କୀର୍ତ୍ତନରେ ମନ୍ଦିର ପରିସରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ଏଠାରେ ୫ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା ।

## ସାମ୍ବାଦିକଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ହିନ୍ଦୋଳ,୨୮ ।୭ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ମାହଲୁଣ୍ଡା ପଞ୍ଚାୟତ କୃଷ୍ଣଚନ୍ଦ୍ରପୁର ଗ୍ରାମରେ ସାମ୍ବାଦିକ ଚୈତନ୍ୟ ସାମଲଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି । ଗ୍ରାମରେ କଂକ୍ରିଟ କାମ ଚାଲିଥିବା ବେଳେ ଠିକାଦାର ସିମେଣ୍ଟ ଓ ବାଲି ନ ଦେଇ ଖାଲି କ୍ରସର ଗୁଣ୍ଡରେ ନିମ୍ନମାନର କାମ କରୁଥିବା ଅଭିଯୋଗ ହୋଇଥିଲା । ସାମ୍ବାଦିକ ଚୈତନ୍ୟ ସାମଲ ଏ ସମ୍ପର୍କରେ ଠିକାଦାରଙ୍କ ପ୍ରତିନିଧି ମଣ୍ଟୁ ଆଚାର୍ଯ୍ୟଙ୍କୁ ପଚାରିବା ସହ କାର୍ଯ୍ୟର ଫଟୋ ଉଠାଇଥିଲେ । ତେବେ ମଣ୍ଟୁ ଏଥିରେ ଉତ୍ତ୍ୟକ୍ତ ହୋଇ ଚୈତନ୍ୟଙ୍କୁ ଦୁର୍ବ୍ୟବହାର କରିବା ସହ ଆକ୍ରମଣ କରି ତାଙ୍କ ମୋବାଇଲ ଫୋନ ଛଡ଼ାଇ ନେଇ ଫୋପାଡ଼ି ଦେଇଥିଲେ । ଆଉ କେବେ ଫଟୋ ଉଠାଇଲେ ହାଣି ଦେବାକୁ ଧମକ ଦେଇଥିଲେ । ଏ ନେଇ ଚୈତନ୍ୟ ବାଲିମି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି ।

## ଡା. ମଦନ ମୋହନ ହେଲେ ନୂତନ ସିଡିଏମଓ



ଅନଗୋଳ,୨୮ ।୭ (ସମିସ): ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ କ୍ରମେ ସୋମବାର ଡା. ଗୌରୀଶଙ୍କର ବଳଙ୍କ ସ୍ଥାନରେ ଡା. ମଦନ ମୋହନ ପ୍ରଧାନଙ୍କୁ ଅନୁଗୋଳ ସିଡିଏମଓ ଭାବେ ନିଯୁକ୍ତି ମିଳିଛି । ତାଳଚେର ଏଫ୍‌ସିଆଇ ଅଞ୍ଚଳରେ ଡେଙ୍ଗୁର ପ୍ରାଦୁର୍ଭାବ ଦେଖାଦେଇଥିବା ବେଳେ ଡା. ପ୍ରଧାନଙ୍କୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ମୁଖ୍ୟ ଭାବେ ଅବସ୍ଥାପିତ କରାଯାଇଛି । ଡା. ପ୍ରଧାନ ଦମନ ମଣିଷ ଭାବେ ଜଣାଶୁଣା । ୨୦୧୭ରେ ଦକ୍ଷିଣ ଓଡ଼ିଶା ସମେତ ଅନେକ ଜିଲ୍ଲାରେ ମ୍ୟାଲେରିଆ ବ୍ୟାପିଥିବା ବେଳେ ଏନ୍‌ଭିଡିସିପି, ଭୁବନେଶ୍ୱରରେ କାର୍ଯ୍ୟରତ ଡା. ପ୍ରଧାନ ଏବଂ ଅନ୍ୟ କେତେଜଣ ମିଶି ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ ଯୋଜନା କାର୍ଯ୍ୟକାରୀ କରିବାର ଖସଡ଼ା ପ୍ରସ୍ତୁତ କରିଥିଲେ । ଏହି ଯୋଜନା କାର୍ଯ୍ୟକାରୀ ହେବା ଦ୍ୱାରା ରାଜ୍ୟରେ ମ୍ୟାଲେରିଆ ନିୟନ୍ତ୍ରିତ ହୋଇଥିଲା । ଡା. ପ୍ରଧାନଙ୍କୁ ଏଥିପାଇଁ ଜାତିସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଡା. ପ୍ରଧାନ ତାଳଚେର ମାଟିର ସନ୍ତାନ । ତେଣୁ ମେଡିକାଲ କଲେଜର ଉନ୍ନତି ସହ ଜିଲ୍ଲା ଚିକିତ୍ସାଳୟର ସମସ୍ୟା ସମାଧାନ କରିବାରେ ସେ ଯଥେଷ୍ଟ ଧ୍ୟାନଦେବେ ବୋଲି ଆଶା କରାଯାଉଛି । ଅନ୍ୟପଟେ ଡା. ବଳଙ୍କୁ ଭୁବନେଶ୍ୱର ଜନସ୍ୱାସ୍ଥ୍ୟ ବିଭାଗକୁ ସ୍ଥାନାନ୍ତର କରାଯାଇଛି ।

● ପୌରପାଳିକାର ମାସିକ ବୈଠକ

## ପୋଖରୀ ପୁନରୁଦ୍ଧାର, ଡେଲି ମାର୍କେଟ ମରାମତି ଉପରେ ଗୁରୁତ୍ୱ

ଅନୁଗୋଳ,୨୮ ।୭ (ସମିସ): ଅନୁଗୋଳ ପୌରପାଳିକା ସଭା କକ୍ଷରେ ସୋମବାର ପରିଷଦର ମାସିକ ବୈଠକ ଅନୁଷ୍ଠିତ ହୋଇଛି । ନଗରପାଳ ଅକ୍ଷୟ କୁମାର ସାମନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ, ପଦସ୍ଥ ପୌର ଅଧିକାରୀ, ସଦସ୍ୟଙ୍କ ସମେତ ପୂର୍ତ୍ତ, ଜନସ୍ୱାସ୍ଥ୍ୟ, ଜଳସେଚନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ । ନଗରପାଳ ସାମନ୍ତ ପୁରୁଣା ବସ୍‌ଷ୍ଟାଣ୍ଡ ରାସ୍ତା ସମେତ ନଷ୍ଟ ହୋଇଥିବା ସହରର କିଛି ରାସ୍ତା ମରାମତି, ଡେଲି ମାର୍କେଟ ମରାମତି, ପୋଖରୀଗୁଡ଼ିକର ପୁରୁଦ୍ଧାର କରାଯିବ ବୋଲି କହିଥିଲେ । ଜନସ୍ୱାସ୍ଥ୍ୟ ବିଭାଗର ପାଣି ପାଇପ ବିଛା ଯୋଗୁଁ ସହରର ଅନେକ ରାସ୍ତା ନଷ୍ଟ ହୋଇଥିବାରୁ ସେ ସବୁକୁ ମଧ୍ୟ ମରାମତି କରାଯିବ । କେନାଲର ସାଇଫନ ଜାମ୍ ରହୁଥିବାରୁ ତାହାର ସଫେଇ କରାଯିବ ବୋଲି ସାମନ୍ତ ପ୍ରକାଶ କରିଥିଲେ । ଆଗାମୀ ସ୍ୱାୟତ୍ତ ଶାସନ ଦିବସକୁ ସରସ ସୁନ୍ଦର କରି ପାଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ବୈଠକରେ ସମସ୍ତ ପାରିଷଦ ଯୋଗଦେଇଥିଲେ ।

# ବିପଦସଙ୍କୁଳ ଅବସ୍ଥାରେ ନନ୍ଦିରା ବ୍ରିଜ

ଅନୁଗୋଳ,୨୮ ।୭ (ସମିସ)

■ ୮୦ ଦଶକରେ ନିର୍ମାଣ ହୋଇଥିଲା
■ ଭାରୀଯାନ ଗଲେ ଥରୁଛି, ଭାଙ୍ଗିଲାଣି ସୁରକ୍ଷା ବାଡ଼



ତାଳଚେର ସାର କାରଖାନାର ନିଜସ୍ୱ ମାଲ ପରିବହନ ପାଇଁ ୮୦ଦଶକରେ ଏଫସିଆଇ ସାର କାରଖାନାଠାରୁ ତେଣ୍ଟଲୋଇ ଗ୍ରାମ ଦେଇ ପ୍ରାୟ ୩ କିମି ରାସ୍ତା ବଳରାମ ପ୍ରସାଦ ଛକରେ ପୂର୍ତ୍ତ ବିଭାଗ ରାସ୍ତାକୁ ସଂଯୋଗ କରିଥିଲା । ଏହି ରାସ୍ତାର ନନ୍ଦିରା ଜୋରରେ ଏକ ବ୍ରିଜ ନିର୍ମାଣ ହୋଇଥିଲା । ପରବର୍ତ୍ତୀ ସମୟରେ ଉକ୍ତ ରାସ୍ତା କୁଲାଡ଼ ଗାଁ ନିକଟରେ ଜାତୀୟ ରଜପଥକୁ ସଂଯୋଗ ହୋଇଥିଲା । ଅନୁଗୋଳରୁ ନାଲକୋ ଦେଇ ଏଫସିଆଇ ଓ ତାଳଚେର ଅଞ୍ଚଳକୁ ଏହି ରାସ୍ତା ସୁଗମ ହେଲା । ମାତ୍ର ୨୦୦୦ ମସିହା ବେଳକୁ ଏଫସିଆଇ ସାର କାରଖାନା ବନ୍ଦ ହୋଇଯିବାରୁ ରାସ୍ତା ଅବସ୍ଥା ଜରାଜୀର୍ଣ୍ଣ ହୋଇପଡ଼ିଲା । ପରବର୍ତ୍ତୀ ସମୟରେ ଉକ୍ତ ରାସ୍ତାର ବଳରାମ ପ୍ରସାଦ ଛକରୁ ତାଳଚେର ପର୍ଯ୍ୟନ୍ତ ପ୍ରାୟ ୮/୧୦ କିମି ରାସ୍ତାର ରକ୍ଷଣା ବେକ୍ଷଣ ଏମସିଏଲ ଦ୍ୱାରା ହୋଇଆସୁଛି । ଅନୁଗୋଳରୁ ତାଳଚେର ଯାତାୟାତ ପାଇଁ ଏହି ରାସ୍ତା ଗୁରୁତ୍ୱ ବହନ କରୁଛି । ଇତିମଧ୍ୟରେ ଏଫସିଆଇ ସାର କାରଖାନା ପୁନରୁଦ୍ଧାର କାର୍ଯ୍ୟ ଶେଷ ହେବା ଉପରେ ପହଞ୍ଚିଛି । କାରଖାନା ପୁନରୁଦ୍ଧାର ଓ ପୁନଃନିର୍ମାଣ ପାଇଁ ଏହି ରାସ୍ତା ଦେଇ ବଡ଼ ବଡ଼ ଟ୍ରେଲର ଯୋଗେ ଯନ୍ତ୍ରାଂଶ ସବୁ ଆସିଛି । ତେବେ ଏହି ଯନ୍ତ୍ରାଂଶ ଆସିବା ବେଳେ ଗୋଟିଏ ଅତି ଭାରୀ ଯନ୍ତ୍ରାଂଶ ବୋଝେଇ କରି ଆଣିଥିବା ଟ୍ରେଲର ଏହି ବ୍ରିଜକୁ ବିପଦସଙ୍କୁଳ ଦର୍ଶାଇ ଜୋର ମଧ୍ୟରେ ସ୍ୱତନ୍ତ୍ର ଅସ୍ଥାୟୀ ରାସ୍ତା ନିର୍ମାଣ କରି ଜୋର ପାର କରାଯାଇଥିଲା । ଇତିମଧ୍ୟରେ ବ୍ରିଜ ନିର୍ମାଣକୁ ୪ ଦଶନ୍ଧି ବିତିଲାଣି । ଏବେ ଟ୍ରକ, ଟ୍ରେଲର ଆଦି ଭାରୀଯାନ ଯାତାୟାତ ବେଳେ ବ୍ରିଜ ଥରି ଉଠୁଛି । ବ୍ରିଜର ସୁରକ୍ଷା ବାଡ଼ ଭାଙ୍ଗିଗଲାଣି । ଫଳରେ ଯେକୌଣସି ସମୟରେ ଦୁର୍ଘଟଣା ଆଶଙ୍କା ଦେଖାଦେଇଛି । ଏହି ବ୍ରିଜକୁ ନୂତନ ଭାବେ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି ।



## କଳମଛୁଇଁ ଶିଶୁ ମନ୍ଦିରରେ ପୁଷ୍ପ ପ୍ରଦର୍ଶନୀ



ତାଳଚେର,୨୮ ।୭ (ସମିସ): ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶିଶୁ ବାଟିକା ବିଭାଗ ପକ୍ଷରୁ ଏକ ପୁଷ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦେହୁରୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଶିକ୍ଷାବିତ୍ ଦୁର୍ଯ୍ୟୋଧନ ସାହୁ ଓ କୋଷାଧ୍ୟକ୍ଷ ପଞ୍ଚାନନ ବେହେରା ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏଥିରେ ବିଭିନ୍ନ ପ୍ରକାର ପୁଷ୍ପ ସବୁ ପ୍ରଦର୍ଶନ କରାଯାଇଥିବା ବେଳେ ଆମ ଜୀବନରେ ଫୁଲମାନଙ୍କର ଭୂମିକା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରାଯାଇଥିଲା । ଶିଶୁ ବାଟିକା ବିଭାଗ ପ୍ରମୁଖ ଅର୍ଚ୍ଚନା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଆଚାର୍ଯ୍ୟା ସରସ୍ୱତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାତଃ ପର୍ଯ୍ୟାୟ ପ୍ରମୁଖ ଆଚାର୍ଯ୍ୟା ରୀତା ଭୂତିଆ, ବସନ୍ତ ମହାନ୍ତି, ପୁଷ୍ପାରାଣୀ ବେହେରା, ସବିତା ସାହୁ, ବୈଜୟନ୍ତୀ ସାହୁ, କଳ୍ପନା ସାହୁ, ରଞ୍ଜୁବାଳା ସାହୁ, ରାଗିଣୀ ସ୍ୱାଇଁ, କୁମୁଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳିତ

# ଗଛ ଲଗାଇ ଯତ୍ନ ନେଲେ ପ୍ରକୃତି ସୁରକ୍ଷିତ ରହିବ





ବାଲେଶ୍ୱର,୨୮।୭(ସମିସ)

ଦିନକୁ ଦିନ ପରିବେଶ ତଥା ପ୍ରକୃତି ବିଗିଡିବାରେ ଲାଗିଛି। ପରିବେଶ ଏବେ ଅସନ୍ତୁଳିତ ଅବସ୍ଥାରେ ରହିଛି। ବିକାଶ ନାମରେ ଜଙ୍ଗଲ ତଥା ଗଛ କାଟି ସଫା କରି ଦିଆଯାଉଛି। ଯେତିକି ଗଛ ଲଗାଯାଉନି ତାହାର ଦୁଇ ଗୁଣା ଗଛ କଟାଯାଉଛି। ଯଦି ଏବେଠୁ ପରିବେଶ ସୁରକ୍ଷା ତଥା ପ୍ରକୃତି ସଂରକ୍ଷଣ ଦିଗରେ କେହି ଚିନ୍ତା ନ କରନ୍ତି ତେବେ ଆଗକୁ ପରିସ୍ଥିତି ଜଟିଳ ହେବ। ସେଥିପାଇଁ ସମସ୍ତେ ଗୋଟିଏ ଲେଖାଏଁ ଗଛ ଲଗାଇ ତା'ର ଯତ୍ନ ନେଲେ ପ୍ରକୃତି ସଂରକ୍ଷଣ ହୋଇପାରିବ ବୋଲି ଆଜି 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ଆୟୋଜିତ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିବୃନ୍ଦ ମତବ୍ୟକ୍ତ କରିଛନ୍ତି।

ପରିବେଶ ସୁରକ୍ଷା ଓ ସଂରକ୍ଷଣ ପ୍ରତି ଜନସାଧାରଣଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁଲାଇ ୨୮ ତାରିଖକୁ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ରୂପେ ପାଳନ କରାଯାଉଛି। ପରପିଢ଼ିଙ୍କ ପରିବେଶ ସଂରକ୍ଷଣ ଆବଶ୍ୟକତାକୁ ଆଖି ଆଗରେ ରଖି ସଚେତନତାର ବାର୍ତ୍ତା ନେଇ ପଢୁଆଁପଦାସ୍ଥିତ 'ସକାଳ' ଓ 'ନନ୍ଦିଘୋଷ ଟିଭି' କାର୍ଯ୍ୟାଳୟ ନିକଟରେ ପ୍ରକୃତି ସଂରକ୍ଷଣ ଦିବସ ପାଳନ କରାଯାଇଛି। 'ସକାଳ' ଉତ୍ତର ଓଡ଼ିଶା ସଂସ୍କରଣ ମୁଖ୍ୟ ଅସୀମ ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଡ. ସତ୍ୟଜିତ ମିଶ୍ର ଏବଂ ବିଶିଷ୍ଟ ସମାଜସେବୀ ରମେଶ କୁମାର ଗୁପ୍ତା ଅତିଥି ଭାବେ ଯୋଗଦେଇ ସମସ୍ତଙ୍କୁ ଚାରା ବଣ୍ଟନ କରିଥିଲେ। ବିଶେଷକରି ପିଜୁଳି, ଅଁଳା, ଲେମ୍ବୁ, ଝାଉଁ, ଆମ୍ବ ଆଦି ବିଭିନ୍ନ ପ୍ରକାରର ଚାରା ପଦଯାତ୍ରୀଙ୍କୁ ବଣ୍ଟନ କରିବା ସହ ଗଛ ଲଗାଇବାକୁ ବାର୍ତ୍ତା ପ୍ରଦାନ କରାଯାଇଥିଲା। ପ୍ରତିଟି ଗଛ ଏକ ଆଶା, ଏକ ବିଶ୍ୱାସ, ଏକ ଭବିଷ୍ୟତ। ପ୍ରକୃତି ରକ୍ଷା କରିବା ଆମର ଦାୟିତ୍ୱ। ଗଛ ଲଗାନ୍ତୁ, ପରିବେଶ ବଞ୍ଚାନ୍ତୁ। ସବୁଜ ସୁନ୍ଦର ପରିବେଶ ସୃଷ୍ଟି ପାଇଁ ବ୍ୟାପକ ଚାରା ରୋପଣ ସହ ନିଜ ବାଡ଼ିରେ ମଧ୍ୟ ଗଛ ଲଗାଇବାକୁ ଏହି କାର୍ଯ୍ୟକ୍ରମରେ ଗୁରୁତ୍ୱ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନନ୍ଦିଘୋଷ ଟିଭିର ବ୍ୟୁରୋ ମୁଖ୍ୟ ସତ୍ୟଜିତ ସେନାପତି, ବିଜ୍ଞାପନ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଧୃତିସୁନ୍ଦର ପଣ୍ଡା, ଭିଡ଼ିଓ ଜର୍ଣ୍ଣାଲିଷ୍ଟ ଭବାନୀ ଶଙ୍କର ବେହେରା, 'ସକାଳ' ସହର ପ୍ରତିନିଧି ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି, ପ୍ରସାରଣ ବିଭାଗ ମୁଖ୍ୟ ରବିଚନ୍ଦ୍ର ବେହେରା, ଅଫିସ ସହାୟକ ରମେଶ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।








## କାର୍ଗିଲ୍ ବିଜୟ ଦିବସ ପାଳନ

ବାଲେଶ୍ୱର,୨୮।୭(ସମିସ): କାର୍ଗିଲ୍ ବିଜୟ ଦିବସ ଅବସରରେ ମୁଖ୍ୟାଳୟ ଛତିଶଗଡ଼ ଓ ଓଡିଶା ସବ୍ ଏରିଆ ଅଧୀନରେ ଚାନ୍ଦିପୁରସ୍ଥିତ ଷ୍ଟେସନ ମୁଖ୍ୟାଳୟରେ ଗୌରବଜନକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୦ରୁ ଅଧିକ ବୀର ନାରୀ, ବୀର ମାତା ଓ ପୂର୍ବତନ ସୈନିକଙ୍କ ବିଧବାମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଷ୍ଟେସନ୍ ମୁଖ୍ୟାଳୟ ବାଲେଶ୍ୱର ପ୍ରଶାସନିକ ଅଧିକାରୀ ଲେଫ୍ଟେନେଣ୍ଟ କର୍ଣ୍ଣେଲ ସନ୍ତୋଷ କୁମାର ପଣ୍ଡାଙ୍କ ନିର୍ଦ୍ଦେଶନା ଓ ଏସ୍ ଏସ୍ ଓ ଲେଫ୍ଟେନେଣ୍ଟ କର୍ଣ୍ଣେଲ ଆନନ୍ଦ ଚନ୍ଦ୍ର ବୋଇତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଉପସ୍ଥିତ ଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା ସୈନିକ୍ ବୋର୍ଡ ସଚିବ ଅମ୍ଳାନ ନାୟକ, ଓଡ଼ିଶା ରାଜସ୍ୱ ସେବା, ପୂର୍ବ ବିଧାୟିକା ଓ ଏୟାର୍ ଫୋର୍ସ ବଳିଦାନୀଙ୍କ ବିଧବା ସ୍ତ୍ରୀ ପ୍ରମିଳା ଗିରି, ଏସ୍ ବି ଆଇ ଚାନ୍ଦିପୁର ଶାଖା ପ୍ରବନ୍ଧକ, ଏସ୍.କେ. ପତି ଉପସ୍ଥିତ ଥିଲେ। ବାଲେଶ୍ୱର, ଭଦ୍ରକ, ମୟୁରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ଏକ୍ସ-ସର୍ଭିସମେନ୍ ଲିଗ୍ ମୁଖ୍ୟମାନେ ଓ ଭୂତପୂର୍ବ ସେନାନୀ ଉପସ୍ଥିତ ଥିଲେ। ସମସ୍ତ ବୀର ନାରୀ, ବିଧବା ଓ ଯୁଦ୍ଧ ଆହତ ସେନାନୀମାନଙ୍କୁ ବାଲେଶ୍ୱର ଜିଲ୍ଲାପାଳ ଓ ଅନ୍ୟ ଅତିଥିମାନଙ୍କ ହସ୍ତରେ ସ୍ମୃତିଚିହ୍ନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ପରେ ପେନସନ, ଚିକିତ୍ସା, କ୍ୟାଣ୍ଟିନ୍ ଏବଂ ଅନ୍ୟାନ୍ୟ ସୁବିଧା ଓ ଯୋଜନା ସମ୍ପର୍କରେ ସମସ୍ୟା ଉପସ୍ଥାପନ ହୋଇଥିଲା।




## ନବନିର୍ମାଣ ଯୁବଛାତ୍ର ସଂଗଠନର ଛାତ୍ର 'ଜାଗୃତି ଅଭିଯାନ'

ବାଲେଶ୍ୱର,୨୮।୭(ସମିସ): ନବନିର୍ମାଣ ଯୁବଛାତ୍ର ସଂଗଠନର ଛାତ୍ର 'ଜାଗୃତି ଅଭିଯାନ' ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ନିକଟରେ ଆଜି ଅନୁଷ୍ଠିତ ହୋଇଯାଇଛି। ଯୁବଛାତ୍ର ରାଜ୍ୟ ସଂଯୋଜକ ଏମ୍.ଡି ମନୱର ଅଲ୍ଲୀଙ୍କ ନେତୃତ୍ୱରେ ନବନିର୍ମାଣର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। କଲେଜ ମୁଖ୍ୟ ଫାଟକ ନିକଟରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଏକ ସଭା ଆୟୋଜନ ହୋଇଥିଲା। ଯୁବଛାତ୍ର ମାନଙ୍କୁ ଆହ୍ୱାନ କରି ମନୱର ଅଲ୍ଲୀ କହିଛନ୍ତି, ଆଜିର ଛାତ୍ରଛାତ୍ରୀ କାଲିର ଭବିଷ୍ୟତ। ଦେଶକୁ ଗଢ଼ି ତୋଳିବାରେ ସେମାନଙ୍କ ପ୍ରମୁଖ ଭୂମିକା ରହିଛି। କିନ୍ତୁ ଯୁବଛାତ୍ରଙ୍କ ଉପରେ କଲେଜ କ୍ୟାମ୍ପସରେ ଅତ୍ୟାଚାର ହେଉଛି। ସୌମ୍ୟାଶ୍ରୀ ଯେଉଁଳି ରାଜନୈତିକ ଷଡ଼ଯନ୍ତ୍ରର ଶୀକାର ହୋଇ ନିଜେ ଜଳିଗଲେ ସିନା, ଅନ୍ୟମାନଙ୍କୁ ପାଇଁ ଆଦର୍ଶ ହୋଇଛନ୍ତି। ଆମେ ତାଙ୍କୁ ସହୀଦର ମାନ୍ୟତା ଦେଇଛୁ। ତାଙ୍କ ସ୍ମୃତିରେ ସାରା ଓଡ଼ିଶାରେ ଏହି ଛାତ୍ର ଜାଗୃତି ଅଭିଯାନ ଆରମ୍ଭ ହୋଇଛି। ଛାତ୍ରଛାତ୍ରୀ ହାତକୁ ହାତ ମିଶାଇ ଏ ଦେଶର ମହାନ ମନୀଷୀ ସୁବାଷ ବୋଷ, ଭଗତ ସିଂ, ଚନ୍ଦ୍ରଶେଖର ଆଜାଦ୍, ଲାଲ ବାହାଦୂର ଶାସ୍ତ୍ରୀ, ମହାତ୍ମାଗାନ୍ଧୀଙ୍କୁ ଅନୁସରଣ କରି ଜୟପ୍ରକାଶଙ୍କ ରାସ୍ତାରେ ଛାତ୍ର ସମାଜ ଏକଜୁଟ ହେଲେ, ଛାତ୍ର ସମାଜ ମୁକ୍ତିର ପଥ ଦେଖିବ। ଅଗଷ୍ଟ ୪ ରୁ ୧୮ ଯାଏଁ ବାଲେଶ୍ୱରରୁ ଭୁବନେଶ୍ୱର ପଦଯାତ୍ରା ଚାଲିବ। ଏଥିରେ ସମସ୍ତ ଛାତ୍ରଛାତ୍ରୀମାନେ ସାମିଲ ହେବା ପାଇଁ ଶ୍ରୀ ଅଲ୍ଲୀ ନିବେଦନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜାହିର ଖାଁ, ରଞ୍ଜିତ ପଟ୍ଟନାୟକ, ଅତିନ୍ଦ୍ର ପଟ୍ଟନାୟକ, ସୂର୍ଯ୍ୟକାନ୍ତ ନାୟକ, ପ୍ରତିକାନ୍ତ ସେଠି, ସରଫ୍ରାଜ ସେକ ପ୍ରମୁଖ ଯୋଗ ଦେଇଥିଲେ।




## ରାଜେଶ ଦତ୍ତଙ୍କ ସ୍ମୃତିରେ କାଉଡ଼ିଆଙ୍କୁ ଖାଦ୍ୟ ବଣ୍ଟନ

ବାଲେଶ୍ୱର,୨୮।୭(ସମିସ): ଭୀମପୁରା କ୍ଲବ ପକ୍ଷରୁ ରବିବାର ସନ୍ଧ୍ୟାରେ କାଉଡ଼ିଆ ମାନଙ୍କୁ ଖାଦ୍ୟ ପ୍ରଦାନ କରାଯାଇଛି। ଶ୍ରାବଣ ମାସର ତୃତୀୟ ସୋମବାର କୁ ଲକ୍ଷ୍ୟ ରଖି କାଉଡ଼ିଆ ମାନେ ବାଲେଶ୍ୱର ସହରରୁ ରବିବାର ସନ୍ଧ୍ୟାରେ ବାହାରି ପଂଚଲିଙ୍ଗେଶ୍ୱର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ସେରଗଡ଼ ଛକରେ କ୍ଲବ ପକ୍ଷରୁ କ୍ଲବର ସଦସ୍ୟ ରାଜେଶ ଦତ୍ତଙ୍କ ସ୍ମୃତିରେ ଏଭଳି କାର୍ଯ୍ୟକ୍ରମ କରାଯାଇଛି। ରବିବାର ସନ୍ଧ୍ୟାରେ ସଦସ୍ୟ ମାନେ ବିଭିନ୍ନ ପ୍ରକାର ଖାଦ୍ୟ ସହ, ମିଲ୍କ ସେକ୍, ଚା, ପିଇବା ପାଣି ବାଣ୍ଟିବା ସହ କାଉଡ଼ିଆ ମାନଙ୍କ ଗୋଡ଼ ଏବଂ ହାତରେ ବ୍ୟଥାରୁ ଆରାମ ପାଇଁ ସ୍ପ୍ରେ ଲଗାଇଥିଲେ। ସମାଜସେବୀ ରିତିକ ଜି, ବାଲେଶ୍ୱର ପୌରପାଳିକାର କାଉନସିଲର ତଥା ରାଜାଙ୍କ ଭଉଣୀ ମିତା ପଟ୍ଟନାୟକ ଉପସ୍ଥିତ ରହି କାଉଡ଼ିଆ ମାନଙ୍କୁ ଖାଦ୍ୟ ପ୍ରଦାନ କରିଥିଲେ। ଅଭିଜିତ ରାଉତ, ଦୀପ୍ତିକାନ୍ତ ବିଶ୍ୱାଳ, ବିକ୍ରମ ବିଶ୍ୱାଳ, ରାକେଶ ଦତ୍ତ, ସୂର୍ଯ୍ୟକାନ୍ତ ପଣ୍ଡା, ତ୍ରିବିକ୍ରମ ପଣ୍ଡା, ବିକ୍ରମ ପଣ୍ଡା, ସଂଗ୍ରାମ ବିଶ୍ୱାଳ, ସେୱାଗ, ଜୟକୃଷ୍ଣ ସାହୁ, ସୂର୍ଯ୍ୟକାନ୍ତ ରାଉତ, ଚନ୍ଦ୍ରକାନ୍ତ ରାଉତ, ସିଦ୍ଧାର୍ଥ ରାଉତ, ଅଭିଷେକ ରାଉତ, ଜିତେନ୍ଦ୍ର ପଲେଇ, ସ୍ମାରକ ଦାଶ, ଭୀମପୁରା କ୍ଲବ ସଭ୍ୟ, ରାଜା ର ପରିବାର ବର୍ଗ ପ୍ରମୁଖ ଉପସ୍ଥିତ ରହିଥିଲେ।



## ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

ବାଲେଶ୍ୱର,୨୮।୭ (ସମିସ): ବାଲେଶ୍ୱର ମାହେଶ୍ୱରୀ ଯୁବ ସଂଗଠନ ଓ ଭୁବନେଶ୍ୱର ଆପୋଲୋ ହସ୍ପିଟାଲ ସହଯୋଗରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ମାହେଶ୍ୱରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ନ୍ୟୁରୋଲୋଜି, କାର୍ଡିଓଲୋଜି, ଅର୍ଥୋପେଡିକ୍ସ, ଅଙ୍କୋଲୋଜି ଓ ଇଏନ୍‌ଟି ବିଭାଗର ଚିକିତ୍ସକମାନେ ୮୦ ରୁ ଅଧିକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ମାହେଶ୍ୱରୀ ଯୁବ ସଂଗଠନ ଅଧ୍ୟକ୍ଷ ଗୋବିନ୍ଦ ରାଠୀ, ସଚିବ ସୌଭାଗ୍ୟ ଭୁତଡ଼ା, ଉପାଧ୍ୟକ୍ଷ ଶିବମ ମାରୁ ଓ କୋଷାଧ୍ୟକ୍ଷ କିଶନ ମୁନ୍ଦ୍ରାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ମାହେଶ୍ୱରୀ ସଭାର ଅଧ୍ୟକ୍ଷ ତେରା ରତନ ଭୁତଡ଼ା, ସଚିବ ପଙ୍କଜ ପେରୱାଲ ଓ ମନୋହର ପେରିୱାଲ ପ୍ରମୁଖ ସହଯୋଗ କରିଥିଲେ। ଆପୋଲୋ ହସ୍ପିଟାଲ ପକ୍ଷରୁ ଚନ୍ଦ୍ରଶେଖର ସାହୁ ଏହି ଅନୁଷ୍ଠାନରେ ସମନ୍ୱୟର ଭୂମିକା ନିଭାଇଥିଲେ।



## ୧୬ ପଞ୍ଚାୟତର ୧୮ ହଜାରରୁ ଅଧିକ ଲୋକ ପ୍ରଭାବିତ

ବାଲେଶ୍ୱର,୨୮।୭(ସମିସ): ଜିଲ୍ଲାର ବାସ୍ତା, ବାଲିଆପାଳ, ଜଳେଶ୍ୱର ଓ ଭୋଗରାଇ ବ୍ଲକରେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଦ୍ୱାରା ବ୍ୟାପକ ପ୍ରସ୍ତୁତି ଜାରି ରହିଛି। ବନ୍ୟା ଯୋଗୁଁ ଜିଲ୍ଲାର ୧୬ଟି ପଞ୍ଚାୟତର ୪୫ଟି ଗ୍ରାମ ପ୍ରଭାବିତ ହୋଇଥିବା ବେଳେ ୧୮୦୦୦ ରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ପ୍ରଭାବିତ ବ୍ଲକ ଗୁଡିକରେ ଚାରିଜଣ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ନିଜେ ଭୂମିସ୍ତରରେ ଉପସ୍ଥିତ ରହି ପରିସ୍ଥିତିର ପ୍ରତ୍ୟକ୍ଷ ନିରୀକ୍ଷଣ କରୁଛନ୍ତି। ଆଜି ସନ୍ଧ୍ୟା ୫ଟା ସୁଦ୍ଧା ୫,୧୯୨ ଲୋକଙ୍କୁ ଉଦ୍ଧାର କରାଯାଇ ୧୬ଟି ବନ୍ୟା ଆଶ୍ରୟସ୍ଥଳୀରେ ରଖାଯାଇ ମାଗଣା ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି। ଶତାଧିକ ପଶୁଙ୍କୁ ମଧ୍ୟ ଉଦ୍ଧାର କରାଯାଇଛି। ୨୫୦ କୁଇଣ୍ଟାଲ୍ ଚୁଡ଼ା, ୨୫ କୁଇଣ୍ଟାଲ୍ ଗୁଡ଼ ବଣ୍ଟନ ହୋଇଛି। ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ଦ୍ୱାରା ୧,୩୯,୦୦୦ ପାଣି ବୋତଲ୍ ପ୍ରଦାନ କରାଯାଇଛି। ୧୨ଟି ପାଣି ଟ୍ୟାଙ୍କର ମଧ୍ୟ ନିୟୋଜିତ ହେଇଥିଲା ବେଳେ ୫୧ଟି ଜଳଉତ୍ସ ମଧ୍ୟ ବିଶୋଧନ କରାଯାଇଛି। ସ୍ୱାସ୍ଥ୍ୟ ଟିମ୍‌ଗୁଡ଼ିକ ଦ୍ୱାରା ଔଷଧ, ଓଆରଏସ୍ ବଣ୍ଟନ ଏବଂ ଘରେଘରେ ଯାଇ ସେବା ପ୍ରଦାନ ହେଉଛି। ଗର୍ଭବତୀ ମହିଳାମାନେ ଚିହ୍ନଟ ହୋଇ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛନ୍ତି। ପଶୁ ଚିକିତ୍ସା ଦଳ ବନ୍ୟା ପ୍ରଭାବିତ ଅଞ୍ଚଳରେ ଟୀକାକରଣ ଶିବିର କରୁଛନ୍ତି। ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଏବଂ ଏସ ଆର୍ ସି ନିୟମିତ ସ୍ଥିତି ସମୀକ୍ଷା କରୁଥିଲା ବେଳେ ଅତିରିକ୍ତ ଏସ୍ ଆର୍ ଏସ୍ ମନୀଷ ଅଗ୍ରୱାଲ (ଆଇଏଏସ) ବାଲେଶ୍ୱର ଗସ୍ତରେ ଆସିଛନ୍ତି, କଲେକ୍ଟର ଓ ଆରକ୍ଷୀ ଅଧିକ୍ଷକଙ୍କ ସହ ଚାରୋଟି ପ୍ରଭାବିତ ବ୍ଲକର ପ୍ରତ୍ୟକ୍ଷ ସମୀକ୍ଷା କରିଛନ୍ତି।

## 'ଆର୍ଥିକ ସାକ୍ଷରତା: ଶିକ୍ଷା, ସଚେତନତା ଓ କୌଶଳ' କାର୍ଯ୍ୟକ୍ରମ




ବାଲେଶ୍ୱର,୨୮।୭(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟ, ଭାରତୀୟ ପୁଞ୍ଜି ବଜାର ବିନିମୟ ବୋର୍ଡ (ସେବି) ଓ ଜାତୀୟ ଷ୍ଟକ୍ ଏକ୍ସଚେଞ୍ଜ (ଏନଏସଇ)ର ମିଳିତ ସହଯୋଗରେ "ଆର୍ଥିକ ସାକ୍ଷରତା: ଶିକ୍ଷା, ସଚେତନତା ଓ କୌଶଳ' ବିଷୟରେ ଏକ ବିନିଯୋଗକାରୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସଭାପତିତ୍ୱ କରି, ତାଲିମ ମାଧ୍ୟମରେ ଯୁବ ପିଢ଼ିଙ୍କୁ ବାଣିଜ୍ୟିକ ପାଠ୍ୟକ୍ରମ ସହ ସଂଲଗ୍ନ ବ୍ୟବହାରିକ ଆର୍ଥିକ ଜ୍ଞାନ ଦେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ସେବି/ ଏନଏସଇ ଦ୍ୱାରା ଅନୁମୋଦିତ ବିଶେଷଜ୍ଞ ସନ୍ତୋଷ ନାୟକ ଯୋଗଦେଇ ଆର୍ଥିକ ସଞ୍ଚୟ , ମ୍ୟୁଚୁଆଲ୍ ଫଣ୍ଡରେ ବିନିଯୋଗ, ଷ୍ଟକ୍ ବଜାରର କାର୍ଯ୍ୟପଦ୍ଧତି ଓ ଦୀର୍ଘକାଳୀନ ଆର୍ଥିକ ଅଭିବୃଦ୍ଧିର ଯୋଜନା ଓ ଅବଧାରଣା ଇତ୍ୟାଦି ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଏଥିସହିତ ପାରସ୍ପରିକ ଆଲୋଚନାଚକ୍ରରେ ଅର୍ଥନୀତି ବିଭାଗ, ରାଜନୀତି ବିଜ୍ଞାନ ଓ ସମାଜଶାସ୍ତ୍ର ବିଭାଗର ଛାତ୍ରଛାତ୍ରୀ ଯୋଗଦେଇ ବିଭିନ୍ନ ଆର୍ଥିକ ଯୋଜନା, ବ୍ୟବସାୟିକ କ୍ଷେତ୍ରରେ ପ୍ରଚଳିତ ଡିଜିଟାଲ ଅଭ୍ୟାସ ଓ ବ୍ୟବସାୟ ବ୍ୟବସ୍ଥାରେ ଆସୁଥିବା ବ୍ୟାପକ ବାଧାବିଘ୍ନର ସମ୍ମୁଖୀନ ହେବା ନେଇ ବିବିଧିକରଣ ବିଷୟରେ ପ୍ରଶ୍ନ ପଚାରି ବୁଝିଥିଲେ। ଏହି କାର୍ଯ୍ୟକ୍ରମଟି ବିଶ୍ୱବିଦ୍ୟାଳୟର ବ୍ୟବସାୟ ପ୍ରଶାସନ ବିଭାଗ ଦ୍ୱାରା ସଂଗଠିତ ହୋଇଥିଲା ତଥା ବିଶ୍ୱବିଦ୍ୟାଳୟର କଲେଜ ଡେଭଲପମେଣ୍ଟ କାଉନସିଲର ସହଯୋଗରେ ସଂଚାଳିତ ହୋଇଥିଲା। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରାଙ୍କ ସମେତ ବାଣିଜ୍ୟ ବିଭାଗର ମୁଖ୍ୟ ଡ. ଆର୍ତ୍ତବନ୍ଧୁ ଜେନା, ମହାବିଦ୍ୟାଳୟ ଉନ୍ନୟନ ପରିଷଦର ନିର୍ଦ୍ଦେଶକ ଡ. ସନ୍ତୋଷ ଅଗ୍ରୱାଲ ଯୋଗଦେଇଥିଲେ।

## ସହରରେ ଖୋଲିଲାଣି ରାକ୍ଷୀ ଦୋକାନ

ଦର ୫ରୁ ହଜାରେ




ବାଲେଶ୍ୱର,୨୮।୭(ସମିସ)

ଆସୁଛି ରାକ୍ଷୀପୂର୍ଣ୍ଣିମା। ସ୍ନେହର ଡୋରିରେ ଭାଇ ହାତରେ ରାକ୍ଷୀ ବାନ୍ଧିବ ଭଉଣୀ। ଖଣ୍ଡିଏ ରେଶମୀ ଡୋର ଭାଇ-ଭଉଣୀଙ୍କ ପବିତ୍ର ସମ୍ପର୍କର ମୂକସାକ୍ଷୀ ହୋଇ ରହିବ। ଏଥିପାଇଁ ଚଳଚଞ୍ଚଳ ହୋଇପଡ଼ିଲାଣି ସହର, ବଜାର ଏବଂ ଅନ୍‌ଲାଇନ୍ ସପିଂ ସାଇଟ୍। ସେହିପରି ବାଲେଶ୍ୱର ସହରର ବିଭିନ୍ନ ଛକରେ ଖୋଲିଲାଣି ରାକ୍ଷୀ ଦୋକାନ। ସବୁ ଦୋକାନରେ ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ରକମ ରକମର ରାକ୍ଷୀ ଭରି ରହିଛି। ଷ୍ଟୋନ୍, କ୍ରିଷ୍ଟାଲ, ଚେନ୍, ଟେଡ୍ଡି, କାର୍ଟୁନ୍ ଓ ଫ୍ୟାନ୍‌ସି ତଥା ବ୍ରେସଲେଟ୍ ରାକ୍ଷୀ ଉପଲବ୍ଧ ହେଉଛି। ସେହିପରି କୁନି ପିଲାମାନଙ୍କ ପାଇଁ ଡୋରେମନ୍, ଛୋଟାଭୀମ୍, ମୋଟୁ ପତ୍‌ଲୁ, ସ୍ପାଇଡର ମ୍ୟାନ୍ ଭଳି କାର୍ଟୁନ୍ ରାକ୍ଷୀ ରହିଛି। ଏହାବ୍ୟତୀତ କିଛି ଦୋକାନରେ ଲବଙ୍ଗ, ଅଳେଇଚ, ସିନ୍ଦୂର, ଚାଉଳ, ଚନ୍ଦନ, ମିଶ୍ରି ଆଦି ସଜା ହୋଇଥିବା ରାକ୍ଷୀ ଥାଳି ବିକ୍ରି ହେଉଛି। ବଜାରରେ ବିଭିନ୍ନ ଡିଜାଇନ୍ ର ରାକ୍ଷୀ ଉପଲବ୍ଧ ହେଲାଣି। ତେବେ ପ୍ରତିବର୍ଷ ପରି ଏଥର ମଧ୍ୟ କିଛି ଟ୍ରେଣ୍ଡିଂ ରାଖି ଆଦି ଦୋକାନରେ ରହିଛି। ଦୋକାନରେ ୫ ଟଙ୍କାରୁ ଆରମ୍ଭ କରି ଏକ ହଜାର ଟଙ୍କା ମଧ୍ୟରେ ବିଭିନ୍ନ ପ୍ରକାରର ଆକର୍ଷଣୀୟ ରାକ୍ଷୀ ବିକ୍ରି ହେଉଛି। ଏବେଠୁ ମଧ୍ୟ ସମସ୍ତେ ରାଖି କିଣିବା ଆରମ୍ଭ କରିଦେଲେଣି। ବାଲେଶ୍ୱର ସହରର ଆଇଟିଆଇ ଛକ, ପୁଲିସ ଲାଇନ୍ ଛକ, ଷ୍ଟେସନ ଛକ, ତାରିଣୀ ଛକ, ଆଜିମାବାଦ, ସିନେମା ଛକ, କଲେଜ ଛକ, ଫାଣ୍ଡି ଛକ, ଚିଡ଼ିଆପୋଲ, ଫକୀରମୋହନ ଗୋଲେଇ, ନୂଆ ବଜାର, ବିବେକାନନ୍ଦ ମାର୍ଗ, ହେମକାପଦା ଛକ, ଗଡଗଡିଆ ଛକ, ମିର୍ଜା ପୋଖରୀ, ଗୋଳାପୋଖରୀ, ମୋତିଗଞ୍ଜ ଆଦି ସ୍ଥାନରେ ରାଖି ଦୋକାନ ଖୋଲି ସାରିଲାଣି। ପ୍ରତି ଦୋକାନରେ ୨ ଲକ୍ଷରୁ ଅଧିକ ଟଙ୍କାର ରାକ୍ଷୀ ବିକ୍ରି ପାଇଁ ଆସିଥିବା ଜଣାପଡିଛି। ବିଭିନ୍ନ ଡିଜାଇନ ସହ ସ୍ୱତନ୍ତ୍ର ଭାବେ ଫଟୋ ରାକ୍ଷୀ ମଧ୍ୟ ବିକ୍ରି ହେଉଛି। ଯେଉଁଥିପାଇଁ ସ୍ୱତନ୍ତ୍ର ଭାବେ ଅର୍ଡର୍ ଦେଲେ ତିଆରି କରାଯାଉଛି। ଏହାବ୍ୟତୀତ ଭାଇଟି ଦୂରରେ ଥିଲେ ଆଉ ଚିନ୍ତା କରିବାକୁ ପଡୁନାହିଁ। ଆଜିକାଲି ପ୍ରାୟ ସମସ୍ତଙ୍କ ଭରସା ଇ-ରାକ୍ଷୀ। ଅନଲାଇନ୍ ମାଧ୍ୟମରେ ପଠାଯାଉଛି ରାକ୍ଷୀ। ଏଥିରେ ସବୁରକମର ରାକ୍ଷୀ ସହିତ ମିଠା କିମ୍ବା ଚକୋଲେଟ୍, ସିନ୍ଦୂର, ଚାଉଳ ଆଦି ଥାଳିରେ ସଜା ହୋଇଆସୁଛି। ଯାହାକୁ ଅନଲାଇନ ମାଧ୍ୟମରେ ଅର୍ଡର କରି ସିଧାସଳଖ ଭାଇ ଥିବା ସ୍ଥାନରେ ପଠାଇଦେଲେ ତାହା ପହଞ୍ଚିଯାଉଛି।

